ପ୍ରଥମ ପାଠ

# କୁକୁଡ଼ା ପାଳନ



**ଦୂରଶିକ୍ଷା କାର୍ଯ୍ୟକ୍ରମ**

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩**

ନାମ..............................

କ୍ରମିକ ନଂ .......................

## ପ୍ରଥମ ପାଠ
## କେତେକ ଜାଣିବା କଥା

ଆମ ରାଜ୍ୟରେ ଶତକଡ଼ା ୮୦ ଭାଗ ଲୋକ ଗାଁଗଣ୍ଡାରେ ବାସ କରନ୍ତି ଏବଂ ସେମାନଙ୍କର ପ୍ରଧାନ ଜୀବିକା କୃଷି ଓ ପଶୁପକ୍ଷୀ ପାଳନ । ଆଜିକାଲି ଆମ ରାଜ୍ୟରେ ବହୁତ ଚାଷୀ ଓ ଶିକ୍ଷିତ ଯୁବକମାନେ କୁକୁଡ଼ା ପାଳନକୁ ପ୍ରଧାନ ବ୍ୟବସାୟ ରୂପେ ଆଦରି ନେଲେଣି ଏବଂ ଏହା ଦ୍ୱାରା କିଛିଟା ଆତ୍ମନିଯୁକ୍ତି ସଙ୍ଗେ ସଙ୍ଗେ ନିଜର ଆର୍ଥିକ ପରିସ୍ଥିତିକୁ ବଢ଼ାଇ ନେଲେଣି । ଏହିସବୁ ଜାତୀୟ ପକ୍ଷୀମାନଙ୍କ ମଧ୍ୟରେ କୁକୁଡ଼ା, ବତକ, ଟର୍କି, ଗିନି କୁକୁଡ଼ା, ଗୁଣ୍ଡୁରି (କ୍ୱେଲ୍), ରାଜହଂସ ଓ ଏମୁ ପ୍ରଭୃତି ଅନ୍ତର୍ଗତ । ଏମାନେ ଯୁଗ ଯୁଗ ଧରି ମଣିଷ ଦ୍ୱାରା ପାଳିତ ହୋଇ ମଣିଷକୁ ପ୍ରଚୁର ଅର୍ଥ ଓ ପୁଷ୍ଟିକର ଖାଦ୍ୟ ଯୋଗାଇ ଆସୁଅଛନ୍ତି ।

ଭାରତ ଉପମହାଦେଶୀୟ ଦେଶ ସମୁହ ଓ ଏହାର ସନ୍ନିକଟ କେତେକ ଦେଶ କୁକୁଡ଼ାର ଉତ୍ପତ୍ତିସ୍ଥଳ ବୋଲି ଜଣାଯାଏ । ଏହିସବୁ ଦେଶର ଜଙ୍ଗଲରେ ଏବେ ମଧ୍ୟ ଲାଲ ରୌପ୍ୟ ରଙ୍ଗର ଜଙ୍ଗଲି କୁକୁଡ଼ା ଦେଖିବାକୁ ମିଳେ । କାଳକ୍ରମେ ୟୁରୋପ ଓ ଆମେରିକାର ଉନ୍ନତ ଦେଶ ଗୁଡ଼ିକ ଭାରତୀୟ ଉପମହାଦେଶରୁ ଜଙ୍ଗଲି କୁକୁଡ଼ା ନେଇ ସେଠାରେ କୁକୁଡ଼ାଙ୍କର ବହୁବିଧ ଉନ୍ନତି କରିଛନ୍ତି । ଏଥିସହିତ ବିଭିନ୍ନ କିସମର ସ୍ୱତନ୍ତ୍ର ଅଣ୍ଡା ଉତ୍ପାଦନ ଓ ସ୍ୱତନ୍ତ୍ର ମାଂସ ଉତ୍ପାଦନକାରୀ କୁକୁଡ଼ା ଜାତି ବା ଅନୁଜାତି ସୃଷ୍ଟି କରିପାରିଛନ୍ତି ।

ଆମ ଦେଶର ପୁରାତନ କୁକୁଡ଼ା ପାଳନ ପଦ୍ଧତି ଅତି ଅନୁନ୍ନତ ଥିଲା । କୁକୁଡ଼ା ପାଳନ କାହାର ମୁଖ୍ୟ ବ୍ୟବସାୟ ନଥିଲା । ଲୋକମାନେ ଜାତିଆ କୁକୁଡ଼ା କଣ ଜାଣି ନଥିଲେ । ପୁରୁଣା ପ୍ରଥା ଅନୁସାରେ ଲୋକମାନେ ଅଳ୍ପ କେତୋଟି ଅଜାତିଆ

କୁକୁଡ଼ା ରଖୁଥିଲେ । ଦିନ ବେଳେ ସେମାନଙ୍କୁ ବାହାରକୁ ଛାଡ଼ି ଦିଆଯାଉଥିଲା । ସେମାନେ ବାହାରେ ବିଲବାଡ଼ି ନାଳ ନର୍ଦ୍ଦମା ବୁଲି ଯାହା ମିଳୁଥିଲା ଖାଉଥିଲେ ଏବଂ ସଞ୍ଜ ହେଲେ ମାଲିକର ଘରକୁ ଆସି ବାରଣ୍ଡାରେ ବା ଘରେ ଗୋଟିଏ ଛୋଟ ଆବରଣ ତଳେ ଆଶ୍ରୟ ନେଉଥିଲେ । ସେମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ଦିଆଯାଉ ନଥିଲା । ସେମାନେ ବର୍ଷକୁ ମାତ୍ର ଚାଳିଶ ପଚାଶଟି ଅଣ୍ଡା ଦେଉଥିଲେ । କୁକୁଡ଼ା ପାଳକର କୁକୁଡ଼ାଙ୍କ ରୋଗ ଓ ଔଷଧ ବିଷୟରେ କିଛି ଧାରଣା ନଥିଲା । ଯଦି କେବେ କୌଣସି ମହାମାରୀ ଆସୁଥିଲା ତେବେ କେତେ ଖଣ୍ଡ ଗାଁର ସବୁତକ କୁକୁଡ଼ା ମରିଯାଉଥିଲେ । କୁକୁଡ଼ା ପାଳକ ଯାହା କିଛି ଅଳ୍ପ ଅଣ୍ଡା ବିନା ଖର୍ଚ୍ଚରେ ପାଉଥିଲା ସେଥିରେ ସେ ସନ୍ତୁଷ୍ଟ ହେଉଥିଲେ । ଏହି ଦୁଇ ଦଶନ୍ଧିରେ ଭାରତରେ ବିଧିବଦ୍ଧ କୁକୁଡ଼ା ପାଳନ ଅନୁସୃତ ହେବାରୁ ଲୋକ ମାନଙ୍କର କୁକୁଡ଼ା ପାଳନ ପ୍ରତି ଆଗ୍ରହ ବଢ଼ିଲା ଓ ବର୍ତ୍ତମାନ ଏହା ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇପାରିଛି । ଯାହାଫଳରେ ବର୍ତ୍ତମାନ କ୍ଷୁଦ୍ରଚାଷୀ, ନାମମାତ୍ର ଚାଷୀ, ଭୂମିହୀନ ଶ୍ରମିକ ଏପରିକି ମହିଳା, ବାଳକ ଓ ବାଳିକାମାନେ କୁକୁଡ଼ା ପାଳନ କରି ପରିବାରର ଆୟବୃଦ୍ଧି ସଙ୍ଗେ ସଙ୍ଗେ ନିଜକୁ ମଧ୍ୟ ରୋଜଗାରକ୍ଷମ କରାଇ ପାରୁଛନ୍ତି ।

**କୁକୁଡ଼ା ପାଳନର ଉପକାରିତା –**

୧) କମ୍ ଖର୍ଚ୍ଚ ଓ କମ୍ ସମୟରେ ଚାଷୀ ତାର ଲାଭାଂସ ପାଇପାରିଥାଏ ।

୨) କୁକୁଡ଼ା ପାଳନ ପାଇଁ ଅଳ୍ପ ଜାଗା ଦରକାର । ତେଣୁ କ୍ଷୁଦ୍ରଚାଷୀ, ନାମମାତ୍ର ଚାଷୀ, ଭୂମିହୀନ କୃଷି ଶ୍ରମିକ, ଘରେ ବେକାର ରହୁଥିବା ସ୍ତ୍ରୀ ଲୋକ, ଅଧାରୁ ପାଠ ଛାଡ଼ିଦେବା ବାଳକ ଓ ବାଳିକା ମାନେ କୁକୁଡ଼ା ପାଳନ ସହଜରେ କରିପାରିବେ ।

୩) କୁକୁଡ଼ା ମଳ ଅତ୍ୟନ୍ତ ମୂଲ୍ୟବାନ ଖତ । ଏହା ଜମିର ଉର୍ବରତା ବଢ଼ାଇବା ସଙ୍ଗେ ସଙ୍ଗେ ଜମିରୁ ଅଧିକ ଉତ୍ପାଦନ ପାଇବାରେ ସାହାଯ୍ୟ କରିଥାଏ ।

୪) କୁକୁଡ଼ା ପାଳନ ସହ ଅନ୍ୟାନ୍ୟ ଆନୁସଙ୍ଗିକ ଶିଳ୍ପ ତଥା କୁକୁଡ଼ା ଛୁଆ ଉତ୍ପାଦନ ଶିଳ୍ପ, କୁକୁଡ଼ା ଦାନା ତିଆରି ଶିଳ୍ପ, କୁକୁଡ଼ା ପାଳନରେ ବ୍ୟବହୃତ ଉପକରଣ ଓ ଯନ୍ତ୍ରପାତି ଉତ୍ପାଦନ ଶିଳ୍ପ, କୁକୁଡ଼ା ଅଣ୍ଡା ଓ ମାଂସଜାତ ପଦାର୍ଥ ପ୍ରସ୍ତୁତି ଶିଳ୍ପ ଓ କୁକୁଡ଼ା ଦାନାରେ ବ୍ୟବହୃତ ବିଭିନ୍ନ ଉପାଦାନର ପ୍ରସ୍ତୁତି ପାଇଁ ବହୁତ ଲୋକଙ୍କୁ କର୍ମ ଯୋଗାଇବାରେ ସାହାଯ୍ୟ କରିଥାଏ ।



ଗତ ୨୦୦୩ ମସିହା ଗୃହପାଳିତ ପଶୁପକ୍ଷୀ ଗଣନା ଅନୁଯାୟୀ ଆମ ରାଜ୍ୟରେ ୧୮୯ ଲକ୍ଷ କୁକୁଡ଼ା ଅଛନ୍ତି ଏବଂ ବର୍ଷକୁ ୨୩୦୦ ଲକ୍ଷରୁ ଅଧିକ ଅଣ୍ଡା ମିଳୁଛି । କିନ୍ତୁ ହାରାହାରି ଜଣେ ଲୋକ ଗୋଟିଏ ବର୍ଷରେ ୪୨ଟି ଅଣ୍ଡା ଏବଂ ୧୨୦୦ ଗ୍ରାମ୍ ମାଂସ ଖାଇବାକୁ ପାଏ ଯାହା ଦେଶ ତଥା ଉନ୍ନତ ରାଜ୍ୟଠାରୁ ବହୁତ କମ୍ । ଆମ ରାଜ୍ୟରେ ବହୁତ ଅଣ୍ଡା ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗରୁ ଆସୁଛି ।

ଆମ ଦେଶ ପୃଥିବୀରେ ଅଣ୍ଡା ଉତ୍ପାଦନରେ ଚତୁର୍ଥ ଏବଂ କୁକୁଡ଼ା ମାଂସ ଉତ୍ପାଦନରେ ପଞ୍ଚମ ସ୍ଥାନ ଅଧିକାର କରିଛି । କିନ୍ତୁ ଜଣ ପିଛା ଅଣ୍ଡା ଓ କୁକୁଡ଼ା ମାଂସ ଉତ୍ପାଦନରେ ଆମେ ବହୁତ ପଛରେ ପଡ଼ିଅଛୁ । କେତେକ ଉନ୍ନତ ଦେଶ ଯଥା – ଇଂଲଣ୍ଡ, ଆମେରିକା, ଜାପାନ, ନେଦରଲ୍ୟାଣ୍ଡ୍ ପ୍ରଭୃତି ଦେଶରେ ବାର୍ଷିକ ଜଣ ପିଛା ହାରାହାରି ଅଣ୍ଡା ଖାଇବା ପରିମାଣ ୩୦୦ ଓ ବାର୍ଷିକ ମାଂସ ଖାଇବା ପରିମାଣ ୧୨ କିଲୋରୁ ଉର୍ଦ୍ଧ୍ୱ ଥିଲାବେଳେ ଆମ ରାଜ୍ୟରେ ହାରାହାରି ଜଣେ ଲୋକ ବର୍ଷକୁ ୪୨ ଟି ଅଣ୍ଡା ଓ ୧୨୦୦ ଗ୍ରାମ୍ ମାଂସ ଖାଇବାକୁ ପାଏ । ଏଥିରୁ ଆମ ଦେଶର ୧୨୦ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ କେତେ ପରିମାଣ ଅଣ୍ଡା ଓ ମାଂସ ଉତ୍ପାଦନ ବଢ଼ାଇବାକୁ ପଡ଼ିବ ତାହ ଅନୁମେୟ । ଆମ ଦେଶର ସୁଷମ ଖାଦ୍ୟ ଉପଦେଷ୍ଟା କମିଟିର ସୁପାରିଶ ଅନୁଯାୟୀ ଦେଶର ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ଦିନକୁ ଫାଳେ ଅଣ୍ଡା ଓ ୩୦ ଗ୍ରାମ୍ ମାଛ/ମାଂସ ଖାଇବା ଦରକାର, ଯଦ୍ୱାରା ଜଣଙ୍କ ପାଇଁ ବାର୍ଷିକ ୧୮୦ଟି ଅଣ୍ଡା ଓ ୧୦ କିଲୋରୁ ଅଧିକ ମାଛ ଓ ମାଂସ ଦରକାର । ଏହି ପରିପ୍ରେକ୍ଷୀରେ ଦେଶର କୁକୁଡ଼ା ପାଳନର ବ୍ୟାପକତା ଓ ଆବଶ୍ୟକତା ଯେ କେତେ ତାହା ସହଜରେ ଅନୁମେୟ ।

**ଖାଦ୍ୟ ଅଭାବରୁ ଅଣ୍ଡା ଓ ମାଂସର ଗୁରୁତ୍ୱ –**

ଆମ ଦେଶର ସୁଷମ ପୁଷ୍ଟିସାର ଖାଦ୍ୟ ଅଭାବରେ ଅନେକ ଲୋକ ବିଶେଷ କରି ଶିଶୁ, ଗର୍ଭବତୀ ମହିଳା, ଏପରିକି ଯୁବକଯୁବତୀମାନେ ମଧ୍ୟ ନାନା ପ୍ରକାର ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି । ପ୍ରାଣୀଜ ପୁଷ୍ଟସାର ଶରୀର ଗଠନ, ଶରୀର ରକ୍ଷଣା ବେକ୍ଷଣ ଓ ଶରୀର କ୍ଷୟ ପାଇଁ ନିହାତି ଦରକାର । ପ୍ରାଣୀଜ ପୁଷ୍ଟିସାର ଖାଦ୍ୟ ମଧ୍ୟରେ ଅଣ୍ଡା, ଦୁଗ୍ଧ, ମାଂସ ଓ ମାଛ ପ୍ରଧାନ ।

ଅଣ୍ଡା ଶରୀର ଗଠନ ଓ ଶରୀର ରକ୍ଷଣା ବେକ୍ଷଣ ପାଇଁ ଦରକାର ହେଉଥିବା ପ୍ରାୟ ସବୁ ପ୍ରକାର ସୁଷମ ଖାଦ୍ୟର ଏକ ପ୍ରାକୃତିକ ଉପାଦାନ । ସବୁ ବୟସର ଲୋକମାନେ ଏହାକୁ ସହଜରେ ହଜମ କରିପାରନ୍ତି । ଗୋଟିଏ ଅଣ୍ଡାରେ ୭୮ କିଲୋ କ୍ୟାଲୋରି ଶକ୍ତି ଅଛି । ଅଣ୍ଡା ଜୀବନିକା (ଭିଟାମିନ୍) ଓ ଧାତବ ଲବଣର ଗନ୍ତାଘର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରେ ଭିଟାମିନ୍ ଏ, ବି, ସି, ଡି ଓ ଇ ବହୁ ପରିମାଣରେ ଅଛି । ଏହାଛଡ଼ା କ୍ୟାଲ୍‌ସିୟମ୍, ଫସ୍‌ଫରସ୍, ଲୌହ, ମାଙ୍ଗାନିଜ ପ୍ରଭୃତି ଅତ୍ୟାବଶ୍ୟକ ଜୈବିକ ଧାତବ ଲବଣ ଅଣ୍ଡାର କେଶରରେ ପ୍ରଚୁର ପରିମାଣରେ ଅଛି । ପୁଷ୍ଟିସାର ଯୁକ୍ତ ଖାଦ୍ୟ ମଧ୍ୟରେ ଅଣ୍ଡା ସର୍ବୋତ୍କୃଷ୍ଟ । ତେଣୁ ଖାଦ୍ୟ ବା ପୋଷକକୁ ବୈଜ୍ଞାନିକମାନେ ଅଣ୍ଡାର ପୁଷ୍ଟିର ମାନ ହିସାବରେ ଧରି ଅନ୍ୟ ପୁଷ୍ଟିସାର ଖାଦ୍ୟର ମାନ ନିର୍ଦ୍ଧାରଣ କରିଥାଆନ୍ତି । ଏହାଛଡ଼ା ଅନ୍ୟାନ୍ୟ ପ୍ରାଣୀଜ ପୁଷ୍ଟିସାର ଖାଦ୍ୟ ତୁଳନାରେ ଅଣ୍ଡା ସବୁଠାରୁ ଶସ୍ତା ଓ ଅପମିଶ୍ରଣ ମୁକ୍ତ । ୫୫ ଗ୍ରାମ୍ ଓଜନର ଏକ ଅଣ୍ଡାରେ (ଖୋଳକୁ ବାଦ୍ ଦେଇ) ଥିବା ଖାଦ୍ୟସାର, ଜୀବନିକା ଓ ଧାତବଲବଣର ପରିମାଣ –

| | |
|---|---|
| ୧। ପୁଷ୍ଟିସାର (ପ୍ରୋଟିନ୍) | ୬.୨ ଗ୍ରାମ୍ |
| ୨। ସ୍ନେହସାର | ୫.୫ ଗ୍ରାମ୍ |
| ୩। ଶ୍ୱେତସାର | ୦.୫ ଗ୍ରାମ୍ |
| ୪। ଶକ୍ତି ପରିମାଣ | ୭୮ କିଲୋକ୍ୟାଲୋରୀ |
| ୫। ଧାତବ ପଦାର୍ଥ | ୦.୫୫ ଗ୍ରାମ୍ |



(ଫସ୍‌ଫରସ୍, କ୍ୟାଲ୍‌ସିୟମ୍, ସୋଡ଼ିଅମ୍)
ଆୟୋଡିନ୍, କ୍ଲୋରିନ୍, ଗନ୍ଧକ, ଜିଙ୍କ୍ ଓ
ତମ୍ବା ପ୍ରଭୃତି) ।

୬। ଜୀବନିକା (ଭିଟାମିନ୍)

| | |
|---|---|
| ଭିଟାମିନ୍ ଏ | ୫୬୦ ଆଇ.ୟୁ. |
| ଭିଟାମିନ୍ ଡି | ୫୦ ଆଇ.ୟୁ. |
| ଭିଟାମିନ୍ ଇ | ୧ ମି.ଗ୍ରା. |
| ଭିଟାମିନ୍ ବି (ଏକ) | ୦.୦୫ ମି.ଗ୍ରା. |
| ଭିଟାମିନ୍ ବି (ଦୁଇ) | ୦.୧୪ ମି.ଗ୍ରା. |
| କୋଲିନ୍ | ୨୯୧ ମି.ଗ୍ରା. |
| ଭିଟାମିନ୍ ବି (ଛଅ) | ୬୦ ମାଇକ୍ରୋ ଗ୍ରାମ୍ |
| ଭିଟାମିନ୍ ବି (ବାର) | ୦.୦୫ ଗ୍ରାମ୍ |
| ବାଇଓଟିନ୍ | ୫.୦୦ ଗ୍ରାମ୍ |
| ଫଲିକ୍ ଏସିଡ୍ | ୩.୦୦ ଗ୍ରାମ୍ |

**ଡିଜାଇନ୍ ଅଣ୍ଡା –**

ଆଜିକାଲି ଅଣ୍ଡାର ଗୁଣକୁ ବଢ଼ାଇବା ପାଇଁ ଖାଦ୍ୟରେ ବିଭିନ୍ନ ପ୍ରକାର ଦ୍ରବ୍ୟ ଦିଆଯାଇଛି । ଯଥା ଅଣ୍ଡାରେ ଅଧିକ ଆଣ୍ଟିକସିଡ଼ାଣ୍ଟକ୍ ପାଇଁ ଖାଦ୍ୟରେ ଭିଟାମିନ୍ ଘ ଓ ସେଲିନିୟମ୍ ଦିଆଯାଉଛି । ଆଜିକାଲିର ମାନବ ସମାଜ ଖାଦ୍ୟ ଓ ସ୍ୱାସ୍ଥ୍ୟ ପାଇଁ ଅଧିକ ଯତ୍ନବାନ୍ ତା ପାଇଁ କମ୍ କୋଲେଷ୍ଟିରଲ ଅଣ୍ଡା ମଧ୍ୟ ହୋଇପାରୁଛି ।

**କୁକୁଡ଼ା ମାଂସ –**

କୁକୁଡ଼ା ମାଂସ ସୁସ୍ୱାଦୁ, ପୁଷ୍ଟିକର ଓ ସହଜରେ ହଜମ ହୁଏ । ଏଥିରେ କମ୍ ପରିମାଣର ଚର୍ବି ଅଂଶ ଥିବାରୁ, ଏହା ରୋଗୀମାନଙ୍କୁ ମଧ୍ୟ ଖାଇବାକୁ ଦିଆଯାଏ । କୁକୁଡ଼ା ଅଣ୍ଡା ପରି ଏଥିରେ ପ୍ରଚୁର ପରିମାଣରେ ବିଭିନ୍ନ ପ୍ରକାରର ଖଣିଜ ଲବଣ ଓ

ଜୀବନିକା ଥାଏ । ଦେଶରେ ପ୍ରାଣୀଜ ପୁଷ୍ଟିସାର ଯୁକ୍ତ ଖାଦ୍ୟର ଅଭାବ ପୂରଣ ପାଇଁ ବ୍ରଏଲର କୁକୁଡ଼ା ପାଳନ ଦ୍ରୁତ ପ୍ରସାର ଲାଭ କରିଛି ।

**କୁକୁଡ଼ା ଖତ –**

କୁକୁଡ଼ା ଖତ ଏକ ମୂଲ୍ୟବାନ ସାର । ୫୦ଟି କୁକୁଡ଼ା ରହୁଥିବା ଘରୁ ବାର୍ଷିକ ୧ ଟନ୍ ଖତ ଲିଟର ଭାବରେ ବାହାରେ । କୁକୁଡ଼ା ମଳ ମିଶ୍ରିତ ଏକ ଟନ୍ ଲିଟରରେ ୧୩୦ କିଲୋ ଆମୋନିୟମ୍ ସଲ୍‌ଫେଟ୍, ୧୨୦ କିଲୋ ସୁପର ଫସ୍‌ଫେଟ୍, ୪୨ କିଲୋ ପୋଟାସ୍ ଓ ୨୮ କିଲୋ କାଲ୍‌ସିୟମ୍ ଥାଏ । ଏହାଛଡ଼ା ବହୁ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ମଧ୍ୟ ଥାଏ ।

**କୁକୁଡ଼ା ପାଳନର ରୂପରେଖ –**

ଛୋଟ ଆକାରର ହେଉ କିମ୍ବା ବଡ଼ ଆକାରର ହେଉ, କୁକୁଡ଼ା ଫାର୍ମ କରିବା ପାଇଁ ପ୍ରଥମେ ନିଜର ମାନସିକ ସ୍ଥିରତା ଓ ଦୃଢ଼ତା ଦରକାର । ଫାର୍ମ କରିବା ପୂର୍ବରୁ କୁକୁଡ଼ା ଫାର୍ମ ସମ୍ପର୍କୀୟ ନିମ୍ନଲିଖିତ ବିଷୟରେ ସମ୍ୟକ୍ ଧାରଣା ଥିବା ଉଚିତ୍ ।

**କେଉଁ ଜାଗାରେ କୁକୁଡ଼ା ଫାର୍ମ କରିବ –**

୧ । କେଉଁ ସ୍ଥାନରେ କୁକୁଡ଼ା ଫାର୍ମ କରିବ ତା ଉପରେ ସଫଳତା ଓ ବିଫଳତା ନିର୍ଭର କରେ । କୁକୁଡ଼ା ଫାର୍ମ କରିବା ପାଇଁ ଆବଶ୍ୟକ ଜମି ଅଳ୍ପ ଦାମ୍‌ରେ ହୋଇଥିବ । ଗମନା ଗମନର ସୁବିଧା, ନିକଟରେ ପାଣି ଓ ବିଜୁଳି ଯୋଗାଣର ସୁ–ବ୍ୟବସ୍ଥା ଓ ନିକଟରୁ ଅଣ୍ଡା ଓ ମାଂସ ବିକ୍ରୟର ବଜାର ଥିବା ଦରକାର । ଏହା ସାମାନ୍ୟ ଉଚ୍ଚା ଜାଗା ହେବା ଭଲ ଏବଂ ସନ୍ତସନ୍ତିଆ ହୋଇ ନଥିବ । ଜନବସତି ଠାରୁ ଦୂରରେ ରହିବା ଦରକାର ।

**କେଉଁ ଉଦ୍ଦେଶ୍ୟରେ କୁକୁଡ଼ା ପାଳନ କରିବ –**

୨ । କୁକୁଡ଼ା ପାଳନ ଦ୍ୱିବିଧ, ଯଥା – ଅଣ୍ଡା ପାଇଁ କୁକୁଡ଼ା ପାଳନ ଓ ମାଂସ ପାଇଁ କୁକୁଡ଼ା ପାଳନ । ତେଣୁ ଲୋକଙ୍କର ଚାହିଦା ଓ ବଜାରରେ ସୁବିଧା ଦେଖି କେଉଁ ପ୍ରକାର କୁକୁଡ଼ା ପାଳନ କରାଯିବ ତାହା ପ୍ରଥମେ ସ୍ଥିର କରିବା ଦରକାର ।



୩ । ଅନ୍ୟାନ୍ୟ ବ୍ୟବସାୟ ତୁଳନାରେ କୁକୁଡ଼ା ପାଳନ ଏକ ସ୍ୱତନ୍ତ୍ର ପ୍ରକାର ବ୍ୟବସାୟ । ଯେଉଁ ବ୍ୟକ୍ତି କୁକୁଡ଼ା ପାଳନ କରିବେ ତାର ନିଜର ଆତ୍ମବିଶ୍ୱାସ, ଇଚ୍ଛା ଓ ସାମର୍ଥ ଥିବା ଦରକାର । ତେଣୁ ପ୍ରଥମେ ଅଳ୍ପ କୁକୁଡ଼ା ରଖି କୁକୁଡ଼ା ପାଳନର ସମ୍ୟକ ଧାରଣା ଆସିଗଲେ, ଅଧିକ ସଂଖ୍ୟାରେ ନିୟମିତ କୁକୁଡ଼ା ପାଳନ କରାଯାଇପାରେ ।

**କୁକୁଡ଼ା ଫାର୍ମ ପାଇଁ ଆବଶ୍ୟକ ଅର୍ଥ –**

କୁକୁଡ଼ା ଫାର୍ମ ପାଇଁ ଅର୍ଥର ଆବଶ୍ୟକତା ଅଛି । କେତେକ ବ୍ୟକ୍ତି ନିଜର ସାମର୍ଥ୍ୟରୁ ଫାର୍ମ କରିପାରିବେ । କୁକୁଡ଼ା ଫାର୍ମ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଜାତୀୟକରଣ ବ୍ୟାଙ୍କ୍ ଓ ବିଭିନ୍ନ ଅନୁଦାନ ସଂସ୍ଥା ଦ୍ୱାରା ଆର୍ଥିକ ସୁବିଧା ଯୋଗାଇ ଦେଉଛନ୍ତି । ତେଣୁ ରାଜ୍ୟ ସରକାରଙ୍କର ପଶୁ ଚିକିତ୍ସା ଓ ପଶୁପାଳନ ବିଭାଗ, ରାଜ୍ୟ ସରକାରଙ୍କର କୁକ୍କୁଟ ଉନ୍ନୟନ ସମବାୟ ସଂସ୍ଥା ଓ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ସାହାଯ୍ୟ ନେଇପାରିବେ ।

**ପଶୁପକ୍ଷୀ ବୀମା –**

ଆଜିକାଲି କୁକୁଡ଼ା ଫାର୍ମରେ କୁକୁଡ଼ା ଦାମ୍‌ର ଶତକଡ଼ା ୪ ହାରରେ ବୀମା କରାଯାଇଛି । ଯଦି ଆକସ୍ମିକ ଫାର୍ମର କିଛି କ୍ଷତି ହେଲା ବୀମା କମ୍ପାନୀଠାରୁ ଅର୍ଥ ମିଳିଥାଏ । ଏହାର ସଦ୍ ଉପଯୋଗ କରିବା ଉଚିତ୍ । ଉନ୍ନତ ପ୍ରଣାଳୀରେ କୁକୁଡ଼ା ପାଳନ କରିବାକୁ ହେଲେ ନିମ୍ନଲିଖିତ ୫ ଗୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼ିବ ।

୧ । ଜାତିଆ ଅଣ୍ଡା ଉତ୍ପାଦନକାରୀ ଓ ମାଂସ ଉତ୍ପାଦନକାରୀ କୁକୁଡ଼ା ପାଳନ ।

୨ । ଆବଶ୍ୟକ ପରିମାଣ ସୁଷମ ବା ସନ୍ତୁଳିତ ଦାନାର ସୁବ୍ୟବସ୍ଥା ।

୩ । କୁକୁଡ଼ା ଫାର୍ମର ସୁପରିଚାଳନା, କୁକୁଡ଼ାଙ୍କର ଉପଯୁକ୍ତ ପାଳନ ଓ ଯତ୍ନ ।

୪ । ନିୟମିତ ରୋଗ ପ୍ରତିରୋଧକ ଓ ଚିକିତ୍ସାର ବ୍ୟବସ୍ଥା ।

୫ । ଉପଯୁକ୍ତ ସମୟରେ କୁକୁଡ଼ା ଅଣ୍ଡା ଓ ମାଂସ ବିକ୍ରୟ ସୁବ୍ୟବସ୍ଥା ।

## କୁକୁଡ଼ା ପାଳନରେ କ୍ଷତି କାହିଁକି ହୁଏ ?

୧। ଉନ୍ନତ ଜାତିଆ କୁକୁଡ଼ା ପାଳନ ନକଲେ ବାର୍ଷିକ ଅଣ୍ଡା ଉତ୍ପାଦନ ଓ ଆନୁଯାତିକ ମାଂସ ଉତ୍ପାଦନ ଠିକ୍ ଭାବରେ ହୁଏ ନାହିଁ । ଏଣୁ କୁକୁଡ଼ା ପାଳନ କଲେ ବାର୍ଷିକ ୩୦୦ ରୁ ୩୨୦ ଟି ଅଣ୍ଡା ଦେଇ ପାରୁଥିବା କୁକୁଡ଼ା ଛୁଆ ଓ ୩୫ ରୁ ୪୨ ଦିନ ମଧ୍ୟରେ ଦେଢ଼ କିଲୋ ଓଜନ ହୋଇ ପାରୁଥିବା ବ୍ରଏଲର ପାଳନ କରିବା ଉଚିତ୍ ।

୨। କୁକୁଡ଼ାମାନଙ୍କୁ ଯଦି କମ୍ ଖାଦ୍ୟ ଦିଆଯାଏ କିମ୍ବା ଉପଯୁକ୍ତ ପରିମାଣରେ ସୁଷମ ଖାଦ୍ୟ ଦିଆ ନଯାଏ, ତେବେ ତାଙ୍କ ଠାରୁ କମ୍ ଅଣ୍ଡା ମିଳିଥାଏ ଓ ବ୍ରଏଲରଙ୍କର ଶରୀର ବୃଦ୍ଧି ବାଧାପ୍ରାପ୍ତ ହୁଏ । ଫଳରେ କ୍ଷତି ହୁଏ । ସନ୍ତୁଳିତ ଦାନା ନ ପାଇଲେ କୁକୁଡ଼ାଙ୍କର ବୃଦ୍ଧି ଠିକ୍ ରୂପେ ହୋଇ ନଥାଏ ଏବଂ ଚାଷୀର କ୍ଷତି ହୋଇଥାଏ ।

୩। କୁକୁଡ଼ାଙ୍କର ଯତ୍ନ ଓ ପାଳନରେ କୌଣସି ତ୍ରୁଟି ହେଲେ ଯଥା ଲିଟରର ଉପଯୁକ୍ତ ଯତ୍ନ ନନେଲେ, ବୟସ ଅନୁସାରେ ଖାଦ୍ୟର ଗୁଣ ଓ ପରିମାଣ ଠିକ୍ ନଥିଲେ, ବ୍ରୁଡ଼ିଂରେ କୌଣସି ଦୋଷ ତ୍ରୁଟି ହେଲେ, ପରିଷ୍କାର ପାଣି ପିଇବାକୁ ନ ଦେଲେ, କୁକୁଡ଼ା ଘରେ ଆବଶ୍ୟକ ପରିମାଣ ଆଲୋକ, ବାୟୁ ଚଳାଚଳ ନଥିଲେ କିମ୍ବା କୁକୁଡ଼ା ଗୃହ ଓ ଉପକରଣ ପରିଷ୍କାର ପରିଚ୍ଛନ୍ନ ନ ରହିଲେ କୁକୁଡ଼ା ଫାର୍ମରେ କ୍ଷତି ହୋଇଥାଏ ।

୪। କୁକୁଡ଼ା ଘରର ମେଜିଆ ଯଦି ଠିକ୍ ଭାବରେ ହୋଇ ନଥାଏ, ତେବେ ମୂଷା ଉପଦ୍ରବ ବୃଦ୍ଧି ପାଏ । ମୂଷାମାନେ ଛୋଟ ଚିଆଁକୁ ମାରି ଖାଇ ଦିଅନ୍ତି । ବହୁ ପରିମାଣର ଦାନା ଖାଇ ଦିଅନ୍ତି ଓ ନଷ୍ଟ କରି ଦିଅନ୍ତି, ଫଳରେ ଫାର୍ମର ବହୁତ କ୍ଷତି ହୁଏ ।

୫। କୁକୁଡ଼ାମାନଙ୍କ ଠିକ୍ ସମୟରେ ଟୀକା ଦେଇ ଦେବା ଉଚିତ୍ । ନଚେତ ବହୁତ ମାରାତ୍ମକ ରୋଗ ଯଥା – ରାଣୀକ୍ଷେତ, ମରେକ୍ସ ଇତ୍ୟାଦି ରୋଗ ହୋଇ ଫାର୍ମର ବହୁତ କୁକୁଡ଼ା ମରିଯାଆନ୍ତି । ଫଳରେ ଫାର୍ମର ବହୁତ କ୍ଷତି ହୁଏ ।



୬। କୁକୁଡ଼ାମାନଙ୍କୁ ନିୟମିତ ଭାବରେ କୃମି ଲାଗି ନିରାକରଣ ଔଷଧ ଦେବା ଉଚିତ୍ । ନଚେତ ଅଣ୍ଡା ଉତ୍ପାଦନ କମିଯାଏ ଓ ଶରୀର ବୃଦ୍ଧି ମଧ୍ୟ ବାଧାପ୍ରାପ୍ତ ହୋଇ ଫାର୍ମର କ୍ଷତି ଘଟାଏ ।

୭। ରୋଗାକ୍ରାନ୍ତ, ଅଣ୍ଡା ଦେଇ ପାରୁନଥିବା କୁକୁଡ଼ା ଓ କୁଡୁକୀ କୁକୁଡ଼ାମାନଙ୍କୁ ତୁରନ୍ତ ଫାର୍ମରୁ ବହିଷ୍କାର କରିବା ଉଚିତ୍ । ନଚେତ୍ ସେମାନେ ଅଯଥାରେ ଦାନା ଖାଇ ଫାର୍ମର କ୍ଷତି କରାଇଥାଆନ୍ତି ।

୮। ଅଣ୍ଡା ଓ ମାଂସର ବିକ୍ରୟ ଠିକ୍ ସମୟରେ ନହୋଇ ପାରିଲେ, ତାହା ନଷ୍ଟ ହୋଇଯାଏ । ଅଧିକ ସମୟ ରହିଲେ ବ୍ରଏଲର କୁକୁଡ଼ା ଅଧିକ ଖାଇ କମ୍ ବଢ଼ନ୍ତି । ତେଣୁ ଫାର୍ମର ବହୁତ କ୍ଷତି ହୁଏ ।

## ପନ୍ଦର ଦିନ ବ୍ୟବଧାନରେ ୨୦୦ଟି ବ୍ରଏଲର ପାଳନର ବାର୍ଷିକ ଲାଭକ୍ଷତି

ପନ୍ଦର ଦିନ ବ୍ୟବଧାନରେ (୨୦୦+୧୦)ଟି ଲେଖାଏଁ ବ୍ରଏଲର କୁକୁଡ଼ା ଛୁଆ ପାଳିବା ପାଇଁ ଅଣାଯିବ । ପାଞ୍ଚ ସପ୍ତାହରୁ  ସାତ ସପ୍ତାହ ବୟସରେ ବ୍ରଏଲର କୁକୁଡ଼ା ବିକ୍ରୟ କରାଯିବ । ଏହିପରି ଭାବରେ ବର୍ଷକୁ ୨୦ ଦଳ କୁକୁଡ଼ା ଛୁଆ ପାଳନ କରି ବିକ୍ରୟ କରାଯିବ । କାରଣ ୨ ମାସ କୁକୁଡ଼ା ଘରକୁ ଖାଲି ରଖାଯାଏ । ଏହି ଫାର୍ମଟି ପାଇଁ କୁକୁଡ଼ା ପାଳନ ନିଜର ଜମି ବ୍ୟବହାର କରିବେ ଓ ନିଜେ ପରିଶ୍ରମ କରିବେ । ଘର ତିଆରି ପାଇଁ ଆବଶ୍ୟକ ଉପକରଣ ପ୍ରଥମ ଆଠ ସପ୍ତାହରେ ୪ଟି ଦଳ ବ୍ରଏଲର ଦାମ୍, ହାରାହାରି ଦାନା ଖର୍ଚ୍ଚ, ଔଷଧ ଖର୍ଚ୍ଚ ଓ ବୀମା ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି ପାଇଁ ଆବଶ୍ୟକ ମୂଳଧନ କୁକୁଡ଼ା ପାଳନ ସରକାରଙ୍କ ଠାରୁ କିମ୍ବା ସ୍ୱିକୃତି ପ୍ରାପ୍ତ କୌଣସି ବ୍ୟାଙ୍କ୍‌ରୁ ଋଣ ଆଣିବେ । ପ୍ରତି ବ୍ରଏଲର କୁକୁଡ଼ା ୫ ରୁ ୭ ସପ୍ତାହ ବୟସ ମଧ୍ୟରେ ୩ କି.ଗ୍ରା. ଦାନା ଖାଇ ଏକ କିଲୋ ୫୦୦ ଗ୍ରାମ୍ ଓଜନ ହେବ । ଶତକଡ଼ା ୫ ପ୍ରତିଶତ ମୃତ୍ୟୁ ହିସାବକୁ ନିଆଯିବ । କୁକୁଡ଼ା ଦାମ୍ କିଲୋ ପ୍ରତି ଟ୭୦.୦୦ ବିକ୍ରୟ କରାଯିବ ଓ ଦାନା କିଲୋ ପ୍ରତି ଟ୨୦.୦୦

ହିସାବରେ କିଣାଯାଏ ।

## କ) ମୂଳଧନ

### ୧ । ସ୍ଥାୟୀ ମୂଳଧନ :

**କୁକୁଡ଼ା ଘର :**

ପ୍ରତି ବ୍ରଏଲର କୁକୁଡ଼ା ପାଇଁ ଏକ ବର୍ଗଫୁଟ ହିସାବରେ ଦଳର ୪୦୦ ବ୍ରଏଲର କୁକୁଡ଼ା ପାଇଁ ୪୦୦ ବର୍ଗଫୁଟ ମେଜିଆ ଜାଗା ଘର ଦରକାର । ବର୍ଗଫୁଟ ୪୦୦ ଟଙ୍କା ହିସାବରେ ୪୦୦ ବର୍ଗଫୁଟର

| | |
|---|---|
| ଘର ପାଇଁ ଖର୍ଚ୍ଚ | ଟ.୧,୬୦,୦୦୦/- |
| ବିଦ୍ୟୁତ ବ୍ୟବସ୍ଥା | ଟ. ୬,୦୦୦/- |
| କୁକୁଡ଼ା ଉପକରଣ (୪୦୦ କୁକୁଡ଼ା ପାଇଁ କୁକୁଡ଼ା ପ୍ରତି ଟ୧୦/- ହିସାବରେ) | ଟ. ୪,୦୦୦/- |
| **ମୋଟ** | **ଟ.୧,୭୦,୦୦୦/-** |

### ୨ । ପୌନଃପୌନିକ ମୂଳଧନ (ପ୍ରଥମ ୭ ସପ୍ତାହ ପାଇଁ)

| | |
|---|---|
| (ବ୍ରଏଲର ଚିଆଁ ଦାମ୍ ବ୍ରଏଲର ଚିଆଁ ପ୍ରତି ଟ.୩୦/- ହିସାବରେ ୪୨୦ ଟି ବ୍ରଏଲର ଚିଆଁର ଦାମ୍ ଶତକଡ଼ା ୫ ମୃତ୍ୟୁହାର ହିସାବକୁ ନେଇ ପ୍ରତି ଦଳରେ ୫ ଟି ଲେଖାଏଁ ଅଧିକ ବ୍ରଏଲର କିଣାଯିବ ) | ଟ.୧୨,୦୦୦/- |

**ଦାନା ଖର୍ଚ୍ଚ**

| | |
|---|---|
| ଯେହେତୁ ପ୍ରଥମ ୭ ସପ୍ତାହରେ ୪ଟି ଦଳ ବିଭିନ୍ନ ବୟସର କୁକୁଡ଼ା ରହିବେ । କୁକୁଡ଼ା ପ୍ରତି ହାରାହାରି ୩ କିଲୋ ହିସାବରେ ଓ କିଲୋ ପ୍ରତି ଟ.୨୦/- ହିସାବରେ ୧୨୪୦ କିଲୋ ଦାନାର ଦାମ୍ | ଟ.୨୪,୦୦୦/- |



**ଔଷଧ ଖର୍ଚ୍ଚ**

| | |
|---|---|
| କୁକୁଡ଼ା ପ୍ରତି ଟ.୬/- ହିସାବରେ ୪୦୦ ବ୍ରଏଲର କୁକୁଡ଼ା ପାଇଁ ଔଷଧ ଖର୍ଚ୍ଚ | ଟ. ୨,୪୦୦/- |

**ବୀମା ଖର୍ଚ୍ଚ**

| | |
|---|---|
| କୁକୁଡ଼ା ପ୍ରତି ଟ.୧/- ହିସାବରେ ୪୨୦ଟି ବ୍ରଏଲର ପାଇଁ | ଟ. ୪୨୦/- |
| ବିଜୁଳି ଓ ଅନ୍ୟାନ୍ୟ ଖର୍ଚ୍ଚ କୁକୁଡ଼ା ପ୍ରତି ଟ୫.୦୦ ହିସାବରେ ୪୦୦ ବ୍ରଏଲର ପାଇଁ | ଟ. ୨,୦୦୦/- |
| **ମୋଟ** | **ଟ.୪୦,୮୨୦/-** |

**ମୋଟ ଆବଶ୍ୟକ ମୂଳଧନ –**

(୧) + (୨) = ୧,୭୦,୦୦୦ + ୪୦,୮୨୦ =ଟ.୨,୧୦,୮୨୦/-

## ଗ) ଏକ ବର୍ଷ ପାଇଁ ଖର୍ଚ୍ଚ :

### ୧ । ସ୍ଥାୟୀ ଖର୍ଚ୍ଚ :

| | |
|---|---|
| * ଋଣ କରିବା ମୂଳଧନ ଉପରେ ସୁଧ ଟ.୧୦/- ପ୍ରତିଶତ ହିସାବରେ ଟ.୧,୭୦,୦୦୦/- ର ବାର୍ଷିକ ସୁଧ | ଟ.୧୭,୦୦୦/- |
| * ଗୃହର ମୂଲ୍ୟ ହାନି (ଶତକଡ଼ା ୧୦ ହିସାବରେ) | ଟ.୧୬,୦୦୦/- |
| * ଉପକରଣ ମୂଲ୍ୟ ହାନି ଶତକଡ଼ା ୨୦ ହିସାବରେ | ଟ. ୮୦୦/- |
| **ମୋଟ** | **ଟ.୩୩,୮୦୦/-** |

### ୨ । ଅସ୍ଥାୟୀ ଖର୍ଚ୍ଚ :

* ଚିଆଁ ଦାମ୍ :

ଚିଆଁ ପ୍ରତି ଟ.୩୦/- ହିସାବରେ ୪୦୦୦ଟି ଟ.୧,୨୦,୦୦୦.୦୦
ଚିଆଁର କ୍ରୟ ମୂଲ୍ୟ (୨୦ଟି ବ୍ୟାଚ୍)

* **ଦାନା ଖର୍ଚ୍ଚ :**

ବ୍ରଏଲର କୁକୁଡ଼ା ପ୍ରତି ୩ କି.ଗ୍ରା. ଟ.୨,୪୦,୦୦୦.୦୦
ହିସାବରେ ୪୦୦୦ ବ୍ରଏଲର କୁକୁଡ଼ାଙ୍କ
ପାଇଁ ୧୨୦୦୦ କି.ଗ୍ରା ଦାନାକୁ କି.ଗ୍ରା.
ପ୍ରତି ଟ.୨୦/- ହିସାବରେ

* **ଔଷଧ ଖର୍ଚ୍ଚ :**

ବ୍ରଏଲର କୁକୁଡ଼ା ପିଛା ଟ୬/- ଟ.୨୪,୦୦୦/-
ଔଷଧ ଖର୍ଚ୍ଚ ହିସାବରେ

* **ବିଜୁଳି ଖର୍ଚ୍ଚ :**

ମାସିକ ଟ୩୦୦/- ହିସାବରେ ୧ ବର୍ଷକୁ ଟ. ୩,୬୦୦/-

* **ବୀମା ଖର୍ଚ୍ଚ :**

ବ୍ରଏଲର ପ୍ରତି ଟ.୧/- ହିସାବରେ ଟ. ୪,୦୦୦/-

* **ଲିଟର ଓ ଅନ୍ୟାନ୍ୟ ଖର୍ଚ୍ଚ :**

କୁକୁଡ଼ା ପ୍ରତି ଟ.୨/- ହିସାବରେ ଟ. ୮,୦୦୦/-
ଟ.୩,୯୯,୬୦୦/-

**ଘ) ମୋଟ ସ୍ଥାୟୀ ଅସ୍ଥାୟୀ ଖର୍ଚ୍ଚ :**

(୩୩,୮୦୦ + ୩,୯୯,୬୦୦) =ଟ.୪,୩୩,୪୦୦/-

**ଙ) ଆୟ :**

* ୪୦୦୦ ବ୍ରଏଲରର ଓଜନ ବ୍ରଏଲର ପ୍ରତି ଟ.୪,୮୦,୦୦୦/-
୧ କି.ଗ୍ରା. ୬୦୦ ଗ୍ରାମ୍ ହିସାବରେ କିଲୋ
ଟ.୭୫/- ହିସାବରେ ଆୟ



* **ଖାଲି ଅଖାର ଦାମ୍** ଟ. ୪,୮୦୦/-

ଅଖା ପ୍ରତି ଟ୨୦/- ହିସାବରେ ୨୪୦ଟି

* **କୁକୁଡ଼ା ଖତ :**

ବ୍ରଏଲର ପ୍ରତି ଟ.୧/- ହିସାବରେ ଖତର ମୂଲ୍ୟ ଟ. ୪,୦୦୦/-

**ମୋଟ ଆୟ = ଟ.୪,୮୮,୮୮୦/-**

ଚ) ମୋଟ ଲାଭ ୪,୮୮,୮୮୦-୪,୩୩,୪୦୦= ଟ. ୫୫,୪୮୦/-
ଛ) ବ୍ରଏଲର ପ୍ରତି ଲାଭ ଟ.୧୩.୮୦/-

**୧୦୦୦ଟି ଅଣ୍ଡାଦିଆ କୁକୁଡ଼ା ଫାର୍ମର ଲାଭକ୍ଷତି :**

ପ୍ରଥମେ ୧୦୬୦ଟି ଦିନିକିଆ ଅଣ୍ଡା ଦେବା ଜାତୀୟା କୁକୁଡ଼ା ଛୁଆ କିଣାଯିବ । କୁକୁଡ଼ା ପାଳନ ନିଜର ଜମିରେ ଉକ୍ତ ଫାର୍ମ ପ୍ରତିଷ୍ଠା କରିବ ଓ ନିଜେ କୁକୁଡ଼ା ଫାର୍ମରେ କାର୍ଯ୍ୟ କରିବେ । ଗୃହ ନିର୍ମାଣ ଉପକରଣ ଖର୍ଦ୍ଦି, କୁଅ ଖୋଳେଇ, ମୋଟର ପମ୍ପ, କୁକୁଡ଼ା ଛୁଆ ଖର୍ଦ୍ଦି ଓ କୁକୁଡ଼ା ଛୁଆ ୨୦ ସପ୍ତାହ ବିକ୍ରୟ ପର୍ଯ୍ୟନ୍ତ (ଅଣ୍ଡା ଦେବା ପର୍ଯ୍ୟନ୍ତ) ଆବଶ୍ୟକ ଦାନା, ଔଷଧ, ବୀମା ଖର୍ଚ୍ଚ ଆଦି ଋଣ ଆକାରରେ ଟଙ୍କା ଅଣାଯିବ କିମ୍ବା ନିଜସ୍ୱ ସମ୍ବଳକୁ ଖର୍ଚ୍ଚ କରାଯିବ, ମୂଳଧନ ଉପରେ ୧୨.୫ ହାରରେ ସୁଧ, ଗୃହ ଓ ଉପକରଣ ମୂଲ୍ୟହାନୀ ଆଦି ହିସାବକୁ ନିଆଯାଇ ଲାଭକ୍ଷତି ହିସାବ କରାଯିବ ।

**କ) ଆବଶ୍ୟକ ମୂଳଧନ :**

**୧ । ସ୍ଥାୟୀ ମୂଳଧନ :**

ଜମି : ଆବଶ୍ୟକ ଜମି, କୁକୁଡ଼ା ପାଳନ ନିଜେ ବହନ କରିବେ ।

ଘର : ବ୍ରୁଡିଂ ନିମିତ୍ତ ୫୦୦ ବର୍ଗଫୁଟ ମେଜିଆ ଜାଗା ଗୃହ, ବଢ଼ନ୍ତି ଓ ଅଣ୍ଡାଦିଆ କୁକୁଡ଼ା ପାଇଁ କୁକୁଡ଼ା ପ୍ରତି ୨ ବର୍ଗଫୁଟ ହିସାବରେ ୧,୦୦୦ କୁକୁଡ଼ା ପାଇଁ ୨,୦୦୦ ବର୍ଗଫୁଟ ଦାନା ରଖିବା ଘର ପାଇଁ ୩୦୦ ବର୍ଗଫୁଟ, ହିସାବରେ ମୋଟ ୨,୮୦୦

ବର୍ଗଫୁଟ ଗୃହର ଦାମ୍ ବର୍ଗଫୁଟ ପ୍ରତି ଟ୩୦୦/- ହିସାବରେ (ଟ.୩୦୦/- x ୨,୮୦୦)

=ଟ.୮,୪୦,୦୦୦/-

| | |
|---|---|
| * କୂଅ ଖୋଳେଇ | ଟ.୧୦,୦୦୦/- |
| * ମୋଟର ପମ୍ପ | ଟ. ୫,୦୦୦/- |
| * ବିଦ୍ୟୁତ୍ ବ୍ୟବସ୍ଥା | ଟ.୩,୦୦୦/- |
| * କୁକୁଡ଼ା ଉପକରଣ (କୁକୁଡ଼ା ପ୍ରତି ଟ୨୦/- ହିସାବରେ) | ଟ.୨୦,୦୦୦/- |
| **ମୋଟ** | **ଟ.୮,୭୮,୦୦୦/-** |

**୨ । ପୌନଃ ପୌନିକ ଖର୍ଚ୍ଚ ବା ଅସ୍ଥାୟୀ ମୂଳଧନ :**

| | |
|---|---|
| * କୁକୁଡ଼ା ଚିଆଁ ଦାମ୍ ଚିଆଁ ପ୍ରତି ଟ୧୦/- ହିସାବରେ ୧,୦୬୦ ଚିଆଁର ଦାମ୍ (ଶତକଡ଼ା ୬ ପ୍ରତିଶତ ମୃତ୍ୟୁ ହାରକୁ ମିଶାଇ ଅଧିକ ଛୁଆ କିଣାହେବ) | ଟ.୧୦,୬୦୦/- |
| * ଅଣ୍ଡା ଦେବା ପର୍ଯ୍ୟନ୍ତ ଦାନା ଖର୍ଚ୍ଚ କୁକୁଡ଼ା ପ୍ରତି ୭.୫ କିଲୋ ହିସାବରେ ୭,୫୦୦ କିଲୋ ଦାନା ଦାନାର ଦାମ୍ କିଲୋ ପ୍ରତି ଟ୨୦/- ହିସାବରେ | ଟ.୧,୫୦,୦୦୦/- |
| * ଔଷଧ ଖର୍ଚ୍ଚ କୁକୁଡ଼ା ପ୍ରତି ଟ୧୦/- ହିସାବରେ | ଟ.୧୦,୦୦୦/- |
| * ଲିଟର ଓ ଅନ୍ୟାନ୍ୟ ଖର୍ଚ୍ଚ କୁକୁଡ଼ା ପ୍ରତି ଟ.୫/- ହିସାବରେ | ଟ.୫,୦୦୦/- |
| * ବୀମା ଖର୍ଚ୍ଚ କୁକୁଡ଼ା ପ୍ରତି ଟ୨/- ହିସାବରେ | ଟ.୨,୦୦୦/- |
| ମୂଲିଆ ମଜୁରୀ କୁକୁଡ଼ା ପାଳନ ନିଜେ ଖଟିବେ | |
| * ବିଜୁଳି ଖର୍ଚ୍ଚ ମାସକୁ ଟ.୩୦/- ହିସାବରେ ୬ ମାସକୁ | ଟ. ୧,୮୦୦/- |
| **ମୋଟ** | **ଟ.୧,୭୯,୪୦୦/-** |
| **ବା** | **ଟ.୧,୮୦,୦୦୦/-** |



**ସମୁଦାୟ ଆବଶ୍ୟକ ମୂଳଧନ**

| | |
|---|---|
| (ଟ୮,୭୮,୦୦୦/- + ଟ୧,୮୦,୦୦୦/-) | ୧୦,୫୮,୦୦୦/- |
| ସରକାରୀ ଛାଡ଼ ଶତକଡ଼ା ୨୫ ଭାଗ | (-) ୨,୬୪,୦୦୦/- |
| **ମୂଳଧନ** | **ଟ.୭,୯୩,୫୦୦/-** |

**(ଖ) ସ୍ଥାୟୀ ଖର୍ଚ୍ଚ :**

| | |
|---|---|
| * ମୂଳଧନର ସୁଧ ଶତକଡ଼ା ୧୨.୫ ପ୍ରତିଶତ ହିସାବରେ | ଟ.୯୯,୧୮୮/- |
| * ଗୃହର ମୂଲ୍ୟହାନି ଶତକଡ଼ା ୧୦ ଭାଗ | ଟ.୮୪,୦୦୦/- |
| * କୁକୁଡ଼ା ଉପକରଣ ଓ ପମ୍ପ ଶତକଡ଼ା ୧୫ ପ୍ରତିଶତ ମୂଲ୍ୟ ହାନି ହିସାବରେ | ଟ. ୩,୭୫୦/- |
| **ମୋଟ** | **ଟ.୧,୮୬,୯୩୮/-** |
| **ବା** | **ଟ.୧,୮୭,୦୦୦/-** |

**୨ । ଅସ୍ଥାୟୀ ଖର୍ଚ୍ଚ :**

| | |
|---|---|
| * ଚିଆଁର ଦାମ୍ | ଟ. ୧୦,୬୦୦/- |
| * ଦାନା ଖର୍ଚ୍ଚ କୁକୁଡ଼ା ପ୍ରତି ୪୭ କିଲୋ ଓ କିଲୋ ପ୍ରତି ଟ.୨୦/- ହିସାବରେ (ଏକ ବର୍ଷ ପାଇଁ) | ଟ.୯,୪୦,୦୦୦/- |
| * ଔଷଧ ଖର୍ଚ୍ଚ : କୁକୁଡ଼ା ପ୍ରତି ଟ.୧୦/- ହିସାବରେ | ଟ.୧୦,୦୦୦/- |
| * ବିଜୁଳି ଖର୍ଚ୍ଚ - ମାସିକ ଟ.୩୦୦/- ହିସାବରେ ୧୮ ମାସ | ଟ. ୫,୪୦୦/- |
| * ବୀମା ଖର୍ଚ୍ଚ | ଟ. ୨,୦୦୦/- |
| * ଅନ୍ୟାନ୍ୟ ଖର୍ଚ୍ଚ - କୁକୁଡ଼ା ପ୍ରତି ଟ.୫/- ହିସାବରେ | ଟ. ୫,୦୦୦/- |
| | **ଟ.୯,୭୩,୦୦୦/-** |

୩। ମୋଟ ଖର୍ଚ୍ଚ (ସ୍ଥାୟୀ + ଅସ୍ଥାୟୀ) = ଟ.୧୧,୬୦,୦୦୦/-

**ଆୟ -**

* ଅଣ୍ଡା ବିକ୍ରୟରୁ ଆୟ - କୁକୁଡ଼ା ପ୍ରତି ହାରାହାରି ୨୯୦ ଟି ହିସାବରେ ଅଣ୍ଡା ଉତ୍ପାଦନ ଓ ଅଣ୍ଡା ପ୍ରତି ୪ ଟଙ୍କା ହିସାବରେ ଅଣ୍ଡାର ବିକ୍ରୟ ମୂଲ୍ୟ — ଟ.୧୧,୬୦,୦୦୦/-
* ଅଖା ବିକ୍ରୟରୁ ଆୟ ୬୭୦ ଟି ଟ.୧୮/- ହିସାବରେ — ଟ.୧୨,୦୬୦/-
* କୁକୁଡ଼ା ଖତ (୨୫ ଟନ୍) ଟ.୩୦୦/- ଟନ୍ ପ୍ରତି — ଟ. ୭,୫୦୦/-
* ଅଣ୍ଡା ଦେଇ ସାରିଲା ପରେ କୁକୁଡ଼ାର ବିକ୍ରୟ ମୂଲ୍ୟ କୁକୁଡ଼ା ପ୍ରତି ଟ.୪୦/- ହିସାବରେ ୯୦୦ କୁକୁଡ଼ାର ଦାମ୍ (ମୃତ୍ୟୁକୁ ବାଦ୍ ନେଇ) — ଟ.୩୬,୦୦୦/-

**ଟ.୧୨,୧୫,୫୬୦/-**

**ବା ଟ.୧୨,୧୫,୦୦୦/-**

**ଲାଭ -**

ମୋଟ ଲାଭ = ଟ.୧୨,୧୫,୦୦୦/- - ଟ.୧୧,୬୦,୦୦୦ =ଟ. ୫୫,୦୦୦/-

କୁକୁଡ଼ା ପ୍ରତି - ଟ. ୫୫/-

**କୁକୁଡ଼ା ପ୍ରତି ମାସିକ ଲାଭ - ଟ.୩.୦୫ ପ.**

*****


**ମୂଳ ବିଷୟବସ୍ତୁ**

ଡଃ ଶରତ ଚନ୍ଦ୍ର ମିଶ୍ର

ଡଃ ପ୍ରଶନ୍ନ କୁମାର ମିଶ୍ର

ଡଃ ପ୍ରବୀଣ କୁମାର ଦେହୁରୀ

**ସଂଶୋଧିତ ବିଷୟବସ୍ତୁ**

ଡଃ ନିରଞ୍ଜନ ପଣ୍ଡା

ପ୍ରାଧ୍ୟାପକ, ପ୍ରାଣୀ ପୁଷ୍ଟି ବିଭାଗ

ଓୟୁଏଟି, ଭୁବନେଶ୍ୱର



ଓ.ୟୁ.ଏ.ଟି. ପ୍ରେସ୍, ୫୦୦, ୨୦୧୪




ପ୍ରଥମ ପାଠ ପ୍ରଥମ

# କୁକୁଡ଼ା ପାଳନ (ପ୍ରଥମ ପାଠ)

# ଦୂରଶିକ୍ଷା କାର୍ଯ୍ୟକ୍ରମ

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩

ଦୟାକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଏହି କାଗଜରେ ଲେଖି ୭ ଦିନ ଭିତରେ ଆମ ପାଖକୁ ପଠାନ୍ତୁ ।

***ଆପଣଙ୍କ ପାଇଁ ପ୍ରଶ୍ନ***

ପ୍ର. ୧-କୁକୁଡ଼ାର ଉତ୍ପତ୍ତି ସ୍ଥଳ କେଉଁଠି ?

ଉ-

ପ୍ର. ୨-ଆମ ଦେଶରେ ଜଣେ ଲୋକ ବର୍ଷକୁ ହାରାହାରି କେତେ ଅଣ୍ଡା ଖାଇବାକୁ ପାଏ ?

ଉ-

ପ୍ର. ୩-ଜଣେ ଲୋକ ବର୍ଷକୁ କେତୋଟି ଅଣ୍ଡା ଖାଇବା ଦରକାର ?

ଉ-

ପ୍ର. ୪-କୁକୁଡ଼ା ମଳ ମିଶ୍ରିତ ଏକ ଟନ୍ ଲିଟରରେ କେତେ କିଲୋ ସୁପର ଫସ୍‌ଫେଟ୍ ଥାଏ ?

ଉ-

ପ୍ର. ୫-୫୫ ଗ୍ରାମ୍ ଓଜନର ଏକ ଅଣ୍ଡାରେ କେତେ ପୁଷ୍ଟିସାର ରହିଥାଏ ?

ଉ-

ଚାଷୀଙ୍କ ସ୍ୱାକ୍ଷର -

ଡାକ ଠିକଣା

କ୍ରମିକ ନଂ -

ତାରିଖ -

ଦ୍ୱିତୀୟ ପାଠ

# କୁକୁଡ଼ା ପାଳନ



**ଦୂରଶିକ୍ଷା କାର୍ଯ୍ୟକ୍ରମ**

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩**

ନାମ...............................

କ୍ରମିକ ନଂ ........................

## ଦ୍ୱିତୀୟ ପାଠ
## କୁକୁଡ଼ା ପାଳନ ପଦ୍ଧତି, କୁକୁଡ଼ା ଗୃହ ଓ ଉପକରଣ

କୁକୁଡ଼ା ପାଳନ ବିଭିନ୍ନ ପଦ୍ଧତିରେ କରାଯାଏ । ଯଥା – ମୁକ୍ତ ପ୍ରାଙ୍ଗଣ ପଦ୍ଧତି, ଅର୍ଦ୍ଧ ସଘନ କୁକୁଡ଼ା ପାଳନ ପଦ୍ଧତି ।

ଆଗ କାଳରେ ଲୋକମାନେ କୁକୁଡ଼ାମାନଙ୍କ ପାଇଁ ବିଧିବଦ୍ଧ ଗୃହ ନିର୍ମାଣ କରୁନଥିଲେ । କୁକୁଡ଼ାମାନଙ୍କ ବିସ୍ତୀର୍ଣ୍ଣ ଜାଗାରେ ଛାଡ଼ି ଦେଉଥିଲେ । ଏହି ପ୍ରକାର ପାଳନ ପଦ୍ଧତିକୁ ମୁକ୍ତ ପ୍ରାଙ୍ଗଣ ପଦ୍ଧତି କୁହାଯାଏ । କୁକୁଡ଼ାମାନେ ବାହାରେ ବୁଲି ପୋକ ଜୋକ ଓ ବାହାରେ ଥିବା ଶସ୍ୟରୁ ସେମାନଙ୍କର ଖାଦ୍ୟ ସଂଗ୍ରହ କରନ୍ତି । ଏଥିରେ କୁକୁଡ଼ାଙ୍କ ଖାଦ୍ୟ ପାଇଁ କିଛି ଖର୍ଚ୍ଚ କରିବାକୁ ପଡ଼େନାହିଁ । କୁକୁଡ଼ାମାନେ ବାହାରେ ବୁଲୁଥିବା ଯୋଗୁଁ ଅଧିକାଂଶ ସମୟ ହିଂସ୍ରଜନ୍ତୁମାନଙ୍କ ଆକ୍ରମଣର ଶିକାର ହୁଅନ୍ତି । ସହଜରେ ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହୁଅନ୍ତି । ବାହାରେ ଅଣ୍ଡା ଦେବା ଦ୍ୱାରା ଅଣ୍ଡାଗୁଡ଼ିକୁ କାଉ, ଚିଲ ପ୍ରଭୃତି ପକ୍ଷୀମାନେ ଖାଇଯିବାର ସମ୍ଭାବନା ଥାଏ । ବଣ ବୁଦା ମୂଳରେ ଅଣ୍ଡା ଦେବା ଦ୍ୱାରା ଅଣ୍ଡା ସଂଗ୍ରହରେ ମଧ୍ୟ ଅସୁବିଧା ଥାଏ । ଏହି ପଦ୍ଧତିରେ କୁକୁଡ଼ା ପାଳନ ବ୍ୟବସାୟିକ ଦୃଷ୍ଟିରୁ ଆଦୌ ଲାଭଜନକ ନୁହେଁ, ଏବେ ମଧ୍ୟ ଗାଁ-ଗହଳିରେ ଲୋକମାନେ ଏହିପରି କୁକୁଡ଼ା ପାଳନ କରୁଛନ୍ତି ।

ଏହାବ୍ୟତୀତ ଯେଉଁଠାରେ ସୀମିତ ପରିମାଣ ମୁକ୍ତ ପ୍ରାଙ୍ଗଣରେ ଥାଏ ସେଠାରେ ସାଧାରଣତଃ କୁକୁଡ଼ାମାନଙ୍କ ପାଇଁ କିଛିଟା ଗୃହର ବ୍ୟବସ୍ଥା ଥାଏ ଓ ଗୃହ ସମ୍ମୁଖରେ କୁକୁଡ଼ାଙ୍କ ବୁଲିବା ପାଇଁ କୁକୁଡ଼ା ପ୍ରତି ୪୦-୫୦ ବର୍ଗଫୁଟ ହିସାବରେ ଆବଦ୍ଧ ମୁକ୍ତ ଗୃହ ମଧ୍ୟରେ ଦାନା ଆକାରରେ କିଛିଟା ଖାଇବାକୁ ଦିଆଯାଏ ଓ କୁକୁଡ଼ାକୁ ବାହାରୁ କିଛି ଅଂଶ ଖାଦ୍ୟ ସଂଗ୍ରହ କରିବାକୁ ପଡ଼େ । ଏହାଦ୍ୱାରା ଖାଦ୍ୟ ବାବଦ ଖର୍ଚ୍ଚ କିଛି

ପରିମାଣ କମିଯାଏ । ଏହାକୁ ଅର୍ଦ୍ଧ ସଘନ ପାଳନ ପଦ୍ଧତି କୁହନ୍ତି । କାଳକ୍ରମେ ଭୂମିର ଅଭାବ ପଡ଼ିବାରୁ ଏହି ପ୍ରଣାଳୀରେ କୁକୁଡ଼ା ପାଳନ ସଙ୍କୁଚିତ ହୋଇଯାଇଛି ଏହା ବ୍ୟବସାୟିକ ଦୃଷ୍ଟିରୁ ଲାଭଜନକ ନୁହେଁ ।

ଗୃହ ମଧ୍ୟରେ ଆବଦ୍ଧ କରି କୁକୁଡ଼ାମାନଙ୍କୁ ଖାଦ୍ୟ, ପାଣି ଯୋଗାଇ ପାଳନ କରିବା ପଦ୍ଧତିକୁ ସଘନ କୁକୁଡ଼ା ପାଳନ ପ୍ରଣାଳୀ କୁହାଯାଏ । ଏହା ଦୁଇ ପ୍ରକାର ଯଥା – ଡିପ୍‌ଲିଟର ପାଳନ ପଦ୍ଧତି ଓ ପିଞ୍ଜରା ପାଳନ ପଦ୍ଧତି । ଡିପ୍‌ଲିଟର ପାଳନ ପଦ୍ଧତିରେ କୁକୁଡ଼ାମାନଙ୍କ ପାଇଁ ସ୍ୱତନ୍ତ୍ର ଘର ତିଆରି କରାଯାଏ । ଘରର ଚଟାଣରେ କରତ ଗୁଣ୍ଡ, ନଡ଼ା ଖଣ୍ଡ, ଚିନାବାଦାମ ଚୋପା, ଅଗାଡ଼ି କିମ୍ବା ଧାନ ଚଷୁ ଆଦି ଦୁଇ ତିନି ଇଞ୍ଚ ବହଳର ବିଛାଯାଇ କୁକୁଡ଼ାମାନେ ମଳତ୍ୟାଗ କରନ୍ତି । ଖାଇବା ପାଇଁ, ପାଣି ପିଇବା ପାଇଁ, ଅଣ୍ଡା ଦେବା ପାଇଁ ସ୍ୱତନ୍ତ୍ର ଉପକରଣମାନ ରଖାଯାଇଥାଏ । ଲିଟର ପାଇଁ ବ୍ୟବହୃତ ପଦାର୍ଥମାନ ସାଧାରଣତଃ ସହଜଲବ୍ଧ, ଅଳ୍ପ ମୂଲ୍ୟ ଓ ଏହାର ଜଳଶୋଷଣ ଶକ୍ତି ଅଧିକ ଦେବା ଉଚିତ୍ । ବାଲି, ଇଟାଗୁଣ୍ଡ, ମାଟି ଓ ପାଉଁଶ ଏଥିପାଇଁ ଅନୁପଯୁକ୍ତ ଓ କ୍ଷତିକାରକ ।

## କଣ୍ଟ୍ରାକ୍ଟ ଫାର୍ମିଙ୍ଗ ବା ଇଣ୍ଟିଗ୍ରେଟେଡ୍ ଫାର୍ମିଙ୍ଗ

ବର୍ତ୍ତମାନ ଏହି ପ୍ରଣାଳୀରେ କୁକୁଡ଼ା ଚାଷ ପାଇଁ ଚାଷୀମାନଙ୍କୁ ଚିଆଁ, ଦାନା, ଔଷଧ ଏବଂ ପରିଚାଳନା ସମ୍ବନ୍ଧିତ ସମସ୍ତ ତଥ୍ୟ ଚାଷୀମାନଙ୍କୁ କମ୍ପାନୀ ତରଫରୁ ମାଗଣା ଦିଆଯାଉଛି ଏବଂ ଚାଷୀମାନେ କୁକୁଡ଼ାମାନଙ୍କୁ ପାଳନ କରି ବଡ଼ କରି ସାରିବା ପରେ କମ୍ପାନୀମାନେ କୁକୁଡ଼ାକୁ ଚାଷୀଠାରୁ ନେଇ ଯାଉଛନ୍ତି ଏବଂ ପାଳନ ବାବଦରେ ଚାଷୀମାନଙ୍କୁ ପଇସା ମଧ୍ୟ ଦେଉଛନ୍ତି । ଯେଉଁ ଚାଷୀ ଭଲ ଭାବରେ ପାଳନ କରିବ, କମ୍ ମରିବେ, ବେଶୀ ଓଜନ ହେବେ, ସେମାନଙ୍କୁ କମ୍ପାନୀ ତାର ନିର୍ଦ୍ଧାରିତ ଦରରେ ଅଧିକ ପଇସା ଦେବେ । ଏହି ପ୍ରକାର ଚାଷ ଆମ ରାଜ୍ୟରେ ଦୁଇଟି କମ୍ପାନୀ ଚଳାଉ ଅଛନ୍ତି । ସେମାନେ ହେଲେ ପଶୁପତି ପୋଲଟ୍ରି ଯାହା କଟକର ଚୌଦ୍ୱାରା ନିକଟବର୍ତ୍ତୀ ଟାଙ୍ଗୀରେ ଅବସ୍ଥିତ ଏବଂ ଅନ୍ୟଟି ହେଲା ସୁଗୁଣା ପୋଲଟ୍ରି । ଏହି ଦୁଇ କମ୍ପାନୀ ମୁଖ୍ୟତଃ ମାଂସ ପାଇଁ କୁକୁଡ଼ା ପାଳନ କରିବା ପାଇଁ ଚାଷୀମାନଙ୍କୁ ଦେଉ ଅଛନ୍ତି ।



## ଡିପ୍‌ଲିଟର ପ୍ରଣାଳୀର ଉପକାରିତା

୧। ଏହି ପ୍ରଣାଳରୀ କୁକୁଡ଼ାମାନେ ବାହାରକୁ ନ ଯାଇ ସଦାସର୍ବଦା ଘର ମଧ୍ୟରେ ରହୁଥିବାରୁ ସେମାନଙ୍କୁ ବିଲୁଆ, କଟାସ ପ୍ରଭୃତି ହିଂସ୍ର ଜନ୍ତୁମାନଙ୍କ ଆକ୍ରମଣରୁ ରକ୍ଷା କରାଯାଇ ପାରେ ।

୨। ଅଣ୍ଡା ଉତ୍ପାଦନ ନିରାପଦରେ କରାଯାଇଥାଏ ।

୩। ରୋଗ ଆକ୍ରମଣରୁ ରକ୍ଷା ମିଳିଥାଏ ।

୪। କୁକୁଡ଼ା ଗୃହକୁ ପ୍ରତ୍ୟେକ ଦିନ ସଫା କରିବା ଆବଶ୍ୟକ ହୁଏନାହିଁ ।

୫। କୁକୁଡ଼ାମାନେ ନିରାପଦରେ ରହୁଥିବାରୁ, ନିୟମିତ ଭାବରେ ସୁଷମ ଖାଦ୍ୟ ଯୋଗାଇ ଦିଆଯିବା ଦ୍ୱାରା ବର୍ଷ ସାରା ଅଣ୍ଡା ମିଳିଥାଏ ।

୬। ଡିପ୍‌ଲିଟରରେ ପଟାସିୟମ୍, ମାଗ୍ନେସିୟମ୍, କାଲସିୟମ୍ ଆଦି ଜୈବିକ ସାର ଥିବାରୁ ଏହା କୃଷି କାର୍ଯ୍ୟରେ ଏକ ମୂଲ୍ୟବାନ୍ ସାର ଭାବରେ ବ୍ୟବହାର କରାଯାଏ ।

୭। ଡିପ୍‌ଲିଟର ବାତାନୁକୂଳ ଭାବେ କାର୍ଯ୍ୟ କରୁଥିବାରୁ ଖରାଦିନେ ଓ ଶୀତଦିନେ ତାପ ପ୍ରଭାବରୁ କୁକୁଡ଼ାମାନେ ନିଜକୁ ରକ୍ଷା କରିପାରନ୍ତି ।

୮। କୁକୁଡ଼ାମାନେ ଡିପ୍‌ଲିଟରରୁ ଜୈବିକ ପୁଷ୍ଟିସାର ଭଳି କେତେକ ଖାଦ୍ୟ ଓ ଜୀବନିକା ବି–୧୨ ସଂଗ୍ରହ କରନ୍ତି ।

## କୁକୁଡ଼ା ଗୃହ ଓ ଉପକରଣ

ଆଜିକାଲି ଅନେକ କୁକୁଡ଼ା ପାଳନ କୁକୁଡ଼ାମାନଙ୍କୁ ପିଞ୍ଜରା ଆବଦ୍ଧ କରି ପାଳନ କରିବାକୁ ପସନ୍ଦ କରୁଛନ୍ତି । ବିଭିନ୍ନ ପ୍ରକାରର ପିଞ୍ଜରା ଦେଖିବାକୁ ମିଳେ । ଏହି ପ୍ରଣାଳୀରେ ଅଳ୍ପ ସ୍ଥାନରେ ଥାକ ଥାକ କରି ପିଞ୍ଜରା ରଖି ଏଥିରେ ବହୁତ ଗୁଡ଼ିଏ କୁକୁଡ଼ା ପାଳନ କରାଯାଏ । ପ୍ରତ୍ୟେକ କୁକୁଡ଼ା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଏ । ଅଣ୍ଡା ଦେଉନଥିବା ଓ ରୋଗାକ୍ରାନ୍ତ କୁକୁଡ଼ାମାନଙ୍କୁ ସହଜରେ ଚିହ୍ନଟ କରିହୁଏ । ଅଣ୍ଡାଗୁଡ଼ିକ ପରିଷ୍କାର ରହେ । କୃମି ଓ ଅନ୍ୟାନ୍ୟ ରୋଗର ସମସ୍ୟା ବେଶି ନଥାଏ । କୁକୁଡ଼ାମାନଙ୍କ

ମଧ୍ୟରେ ପରସ୍ପର ଖୁମ୍ପାଖୁମ୍ପି ହେବା ବା ମରାମରି ହେବା କିମ୍ବା ଅଣ୍ଡା ଭକ୍ଷଣ କରିବାର ଆଶଙ୍କା ନଥାଏ । ଏହିସବୁ ସୁଫଳ ସହ ପିଞ୍ଜରା ପ୍ରଣାଳୀରେ ଆରମ୍ଭରୁ ପିଞ୍ଜରା ନିର୍ମାଣ ପାଇଁ ଖର୍ଚ୍ଚ ଅଧିକ ଥାଏ । କୁକୁଡ଼ାମାନେ ପିଞ୍ଜରାରେ ଆବଦ୍ଧ ହୋଇ ସଦାସର୍ବଦା ରହୁଥିବାରୁ ସେମାନଙ୍କର ଗୋଡ଼ ଶିଥିଳ ରୋଗ ଦେଖାଯାଏ । କୁକୁଡ଼ାମାନଙ୍କର ମଳ ସିଧାସଳଖ ପିଞ୍ଜରା ତଳେ ଗଦା ହୋଇ ରହୁଥିବାରୁ ଗୃହକୁ ଦୁର୍ଗନ୍ଧ କରିବାର ସମ୍ଭାବନା ବେଶି ଥାଏ ଏବଂ ମାଛି ଅଧିକ ହୁଅନ୍ତି । ତେଣୁ ସେଥିପ୍ରତି ଦୃଷ୍ଟି ଦେବା ଦରକାର ପଡ଼ିଥାଏ । ମଝିରେ ମଝିରେ ଏହି ମଳକୁ ବାହାର କରି ଦିଆଯାଏ କିମ୍ବା ମଳ ଉପରେ କୀଟନାଶକ ଔଷଧ ପକାଯାଏ ।

ବିଭିନ୍ନ ପ୍ରକାରର ପିଞ୍ଜରା ମିଳେ । ସାଧାରଣତଃ ପ୍ରତ୍ୟେକ କୁକୁଡ଼ାମାନଙ୍କର ଅଲଗା ଅଲଗା ପିଞ୍ଜରାରେ କିମ୍ବା ଦୁଇ ତିନୋଟି କୁକୁଡ଼ାଙ୍କୁ ଗୋଟିଏ ପିଞ୍ଜରାରେ ରଖାଯାଇପାରେ । ସେହି ଅନୁସାରେ ପିଞ୍ଜରାର କୋଠରୀ ତିଆରି ହୁଏ । ପ୍ରତି ପିଞ୍ଜରାରେ ଗୋଟିଏ ଲେଖାଏଁ କୁକୁଡ଼ା ରଖିବାକୁ ହେଲେ ୧୪ ଇଞ୍ଚ ଓସାର, ୧୬ ଇଞ୍ଚ ଲମ୍ବ ଓ ୧୭ ଇଞ୍ଚ ଉଚ୍ଚତା ବିଶିଷ୍ଟ କୋଠରୀ ଦରକାର । ଆଜିକାଲି ଗୋଟିଏ ପିଞ୍ଜରା କୋଠରୀରେ ଏକାଧିକ କୁକୁଡ଼ା ରଖାଯାଉଛି ଓ ଦୁଇତିନି ମହଲା ବିଶିଷ୍ଟ ପିଞ୍ଜରା ବ୍ୟବହାର କରଯାଉଛି । ପିଞ୍ଜରାଗୁଡ଼ିକ ପାହାଚ ହୋଇ ଏପରି ସଜା ହୋଇ ରଖାଯାଉଛି ଯେ ଗୋଟିଏ ମହଲାର ପିଞ୍ଜରା ମାନଙ୍କରେ ଥିବା କୁକୁଡ଼ାମାନଙ୍କ ମଳ ତଳ ମହଲାରେ ଥିବା କୁକୁଡ଼ାମାନଙ୍କ ଉପରେ ନ ପଡ଼ି ସିଧା ସଳଖ ତଳେ ପଡ଼େ । ସବା ତଳ ଥାକରେ ପିଞ୍ଜରାମାନ ଚଟାଣ ଠାରୁ ଅଢ଼େଇ ଫୁଟ କିମ୍ବା ତିନିଫୁଟ ଉଚ୍ଚରେ ଖଞ୍ଜା ଯାଇଥାଏ । ଏହାକୁ କାଲିଫର୍ଣ୍ଣିଆ ବା ଅଲ୍‌ଟ୍ରା ପିଞ୍ଜରା କୁହାଯାଏ ।

**କୁକୁଡ଼ା ଗୃହ**

ଅଧିକ ଅଣ୍ଡା ଓ ମାଂସ ଉତ୍ପାଦନ ନିମିତ୍ତ କୁକୁଡ଼ା ମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ସହିତ ଉତ୍ତମ ବାସଗୃହ ନିତାନ୍ତ ଆବଶ୍ୟକ । କୁକୁଡ଼ା ଫାର୍ମ ପ୍ରତିଷ୍ଠାନ କରିବାରେ କେବଳ ଘର ନିର୍ମାଣ ପାଇଁ ଅର୍ଦ୍ଧାଧିକ ପୁଞ୍ଜି ଖର୍ଚ୍ଚ ହୋଇଥାଏ । ଗୋଟିଏ ସ୍ଥାନରେ ଗୃହ ତିଆରି କରିସାରିଲା ପରେ ପୁଣି ଅନ୍ୟତ୍ର ସ୍ଥାନାନ୍ତରିତ କରିବା ବ୍ୟବସାପେକ୍ଷ । ତେଣୁ କୁକୁଡ଼ା ଗୃହ ତିଆରି କରିବା ପୂର୍ବରୁ ଉପଯୁକ୍ତ ସ୍ଥାନ ନିରୂପଣ



ପ୍ରତି ଧ୍ୟାନ ଦେବାକୁ ପଡ଼େ । ନିମ୍ନ ଲିଖିତ କେତେକ ବିଷୟକୁ ଦୃଷ୍ଟିରେ ରଖି ସ୍ଥାନ ନିରୂପଣ ଓ ଗୃହ ନିର୍ମାଣ କରିବାକୁ ହୁଏ ।

୧। କୁକୁଡ଼ା ଘର ଗୁଡ଼ିକ ଉଚ୍ଚା ଓ ଉତ୍ତମ ଜଳ ନିଷ୍କାସନ ହୋଇପାରୁଥିବା ସ୍ଥାନରେ ନିର୍ମିତ ହେବା ଉଚିତ୍ । ଖାଲ ଓ ସନ୍ତସନ୍ତିଆ ଜାଗା କୁକୁଡ଼ା ଫାର୍ମ ପାଇଁ ଅନୁପଯୁକ୍ତ ।

୨। ଏଠାରେ ଗମନାଗମନର ସୁବିଧା, ବିଜୁଳି ଶକ୍ତି ଓ ପାଣି ସହଜରେ ମିଳୁଥିବା ଆବଶ୍ୟକ ।

୩। ଏହାର ସନ୍ନିକଟ ସ୍ଥାନରେ କୁକୁଡ଼ା ଖାଦ୍ୟ, ଔଷଧ ସାମଗ୍ରୀ ଓ ଚିକିତ୍ସା ପାଇଁ ସୁବିଧା ଥିବା ଆବଶ୍ୟକ ।

୪। ଅଣ୍ଡା ଓ କୁକୁଡ଼ା ବିକ୍ରୟ ପାଇଁ ନିକଟରେ ବଜାର ଥିବା ଦରକାର ବା ସହର ସହିତ ଗମନାଗମନ ସୁବିଧା ଥିବା ଉଚିତ୍ ।

୫। କୁକୁଡ଼ା ଫାର୍ମ ପାଇଁ ଆବଶ୍ୟକ ଜମି ଶସ୍ତା ଦରର ହେବା ଦରକାର । ଘର ଡିହ କିମ୍ବା କଳକାରଖାନା ପାଇଁ ଉର୍ଦ୍ଦିଷ୍ଟ ଦାମିକା ଜମି କୁକୁଡ଼ା ଫାର୍ମ ପାଇଁ ଲାଭଦାୟକ ନୁହେଁ ।

୬। କୁକୁଡ଼ା ଘର ଜନବସତି ଠାରୁ ଦୂରରେ ରହିବା ଉଚିତ୍ ।

ଆମ ରାଜ୍ୟର ଜଳବାୟୁରେ କୁକୁଡ଼ା ଗୃହ ଗୁଡ଼ିକ ପୂର୍ବ ଓ ପଶ୍ଚିମ ହୋଇ ତିଆରି ହେବା ଉଚିତ୍ । ଯାହାଫଳରେ ଗୃହ ଭିତରକୁ ମୁକ୍ତ ବାୟୁ ସଞ୍ଚାଳିତ ହେବ । ଘର ଭିତର ଶୁଖିଲା ରହିବ ଓ ଘର ଭିତରକୁ ସିଧାସଳଖ ସୂର୍ଯ୍ୟାଲୋକ (ଖରା) ପ୍ରବେଶ କରିପାରିବ ନାହିଁ । କୁକୁଡ଼ା ଗୃହର ଆକାର କଅଣ ହେବ, ସେଥିରେ କୋଠରୀ ସଂଖ୍ୟା କେତେ ହେବ, ଘରର ରୂପରେଖ କିପରି ହେବ, ତାହା ବିନିଯୋଗ କରାଯାଇଥିବା ଅର୍ଥ ଏବଂ ବିକ୍ରି କରିବାର ଦକ୍ଷତା ଉପରେ ନିର୍ଭର କରେ ।

ବିଭିନ୍ନ ପ୍ରକାର (ବୟସର) କୁକୁଡ଼ାମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଗୃହ ତିଆରି କରାଯାଏ । ଯଥା – ଚିଆଁ ପାଳନ ବା ବ୍ରୁଡ଼ିଂ ଘର, ବଢ଼ନ୍ତା କୁକୁଡ଼ା ବା ଗ୍ରୋୟର ଘର, ଅଣ୍ଡାଦିଆ କୁକୁଡ଼ା ଘର । ବିନିଯୋଗ ପୁଞ୍ଜି ଓ କୁକୁଡ଼ା ଫାର୍ମର ଆକାରକୁ

ଦୃଷ୍ଟିରେ ରଖି ଅଲଗା ଅଲଗା ବୟସର କୁକୁଡ଼ାଙ୍କ ପାଇଁ ଉପର ବର୍ଣ୍ଣିତ କୁକୁଡ଼ା ଗୃହମାନ ନିର୍ମାଣ କରିବାକୁ ପଡ଼ିଥାଏ । ଯଦି ଅଳ୍ପ ଅର୍ଥ ବିନିଯୋଗ କରାଯାଏ ଓ ଅଳ୍ପ ସଂଖ୍ୟକ କୁକୁଡ଼ା ରଖାଯାଏ, ତାହାହେଲେ ଚିଆଁ ପାଳନ ପାଇଁ ଅଲଗା ଗୃହ ଏବଂ ବଢ଼ନ୍ତା ଓ ଅଣ୍ଡା ଦିଆ କୁକୁଡ଼ା ପାଇଁ ଅଲଗା ଗୃହ ତିଆରି କରାଯାଏ । କିନ୍ତୁ ବ୍ରଏଲର କୁକୁଡ଼ା ପାଳନ ପାଇଁ ସ୍ୱତନ୍ତ୍ର ଗୃହ ତିଆରି ନ କରି ଏକ ପ୍ରକାର ଗୃହରେ ଚିଆଁ ପାଳନ କରି ବିକ୍ରୟ ପର୍ଯ୍ୟନ୍ତ ରଖାଯାଏ । ଏହି ଘରେ ବ୍ରଏଲର କୁକୁଡ଼ାମାନଙ୍କ ପାଇଁ ବ୍ରୁଡିଂର ସୁବିଧା କରିବାକୁ ପଡ଼ିଥାଏ ଏବଂ ବୟସ ବଢ଼ିବା ଅନୁସାରେ କୁକୁଡ଼ାମାନଙ୍କୁ ଅଧିକା ଜାଗା ଦିଆଯାଇଥାଏ ।

କୁକୁଡ଼ାମାନଙ୍କର ବୟସ ଅନୁସାରେ କେତେ ମେଜିଆ ସ୍ଥାନ ଡିପ୍‌ଲିଟର ଗୃହରେ ଦରକାର ତାହା ନିମ୍ନରେ ଦିଆଗଲା ।

| **ବୟସ** | **ଅଣ୍ଡାଦିଆ କୁକୁଡ଼ା ପାଇଁ** | **କୁକୁଡ଼ା ମାଂସ ପାଇଁ (ବ୍ରଏଲର)** |
|---|---|---|
| ୦ ରୁ ୮ ସପ୍ତାହ | ୭୦୦ ବର୍ଗ ସେ.ମି. | ୯୦୦ ବର୍ଗ ସେ.ମି.ରୁ ୧୦୦୦ ବର୍ଗ ସେ.ମି. |
| ୯ ରୁ ୧୯ ସପ୍ତାହ | ୧୦୦୦ ବର୍ଗ ସେ.ମି. | ---- |
| ୨୦ ସପ୍ତାହରୁ ଉର୍ଦ୍ଧ୍ୱ | ୨୦୦୦ ରୁ ୨୫୦୦ ବର୍ଗ ସେ.ମି. | ---- |

ତେଣୁ ମାଂସ କୁକୁଡ଼ା ପାଳନ ପାଇଁ କୁକୁଡ଼ା ପ୍ରତି ୯୦୦ ରୁ ୧୦୦୦ ବର୍ଗ ସେ.ମି. କିମ୍ବା ୧ ବର୍ଗ ଫୁଟ ମେଜିଆ ଜାଗା ଦରକାର । ଅର୍ଥାତ୍ ୨୦ ଫୁଟ ଲମ୍ବ ଓ ୧୦ ଫୁଟ ଓସାରର ଘରେ ୨୦୦ ଟି ବ୍ରଏଲର ପାଳନ କରାଯାଇପାରିବ । ସେହିପରି ଡିପ୍‌ଲିଟର ପ୍ରଣାଳୀରେ ଗୋଟିଏ ଅଣ୍ଡାଦିଆ କୁକୁଡ଼ା ପାଇଁ ୨ ବର୍ଗଫୁଟରୁ ୨.୫ ବର୍ଗଫୁଟ (କିମ୍ବା ୨୦୦୦ ରୁ ୨୫୦୦ ବର୍ଗ ସେ.ମି.) ମେଜିଆ ଜାଗା ଦରକାର । ତେଣୁ ଉପରବର୍ଣ୍ଣିତ ୨୦୦ ବର୍ଗ ଫୁଟ ମେଜିଆ ସ୍ଥାନ ବିଶିଷ୍ଟ ଘରେ ୮୦ ରୁ ୧୦୦ଟି ଅଣ୍ଡାଦିଆ କୁକୁଡ଼ା ରଖାଯାଇପାରିବ । ଅଧିକ ସଂଖ୍ୟକ ଏକ



ପ୍ରକାର ଘର ନିର୍ମାଣ କଲେ, ଘରଠାରୁ ଘରର ବ୍ୟବଧାନ ୪୦ ରୁ ୫୦ ଫୁଟ ହେବା ଦରକାର । କିନ୍ତୁ ବିଭିନ୍ନ ପ୍ରକାରର ଘର ଯଥା – ଚିଆଁ ଗୃହ, ବଢ଼ନ୍ତା କୁକୁଡ଼ା ଗୃହ ଏବଂ ଅଣ୍ଡା ଦିଆ କୁକୁଡ଼ା ଗୃହ ମଧ୍ୟରେ ବ୍ୟବଧାନ ୧୦୦ ଫୁଟ ହେବା ଆବଶ୍ୟକ ।

କୁକୁଡ଼ା ଗୃହର ମୂଳଦୁଆ ଦୃଢ଼ ଓ ଭୂମିଠାରୁ ଉଚ୍ଚା ହେବା ଉଚିତ୍ । ଘରର ଚଟାଣ ମଜବୁତ୍ ହେବା ଉଚିତ୍ । ଚଟାଣ ଏପରି ହେବା ଉଚିତ୍ ଯେପରି ଏହା ସୁବିଧାରେ ସଫା ଓ ବିଶୋଧନ କରିହେଉଥିବ । ମୂଷାମାନଙ୍କ ଉପଦ୍ରବରୁ ରକ୍ଷା ମିଳୁଥିବ । ଚଟାଣରେ ଫାଟ ରହିବା ଅନୁଚିତ୍ । ତେଣୁ ପକ୍କା ବା କଙ୍କ୍ରିଟ୍ ଚଟାଣ ସର୍ବୋତ୍କୃଷ୍ଟ । ସାଧାରଣତଃ ଗାଁ ଗହଳିରେ ଚାଷୀମାନେ ମାଟି ଚଟାଣ ବ୍ୟବହାର କରିଥାନ୍ତି । ଏହା ଶସ୍ତା ଓ ସୁବିଧାରେ ହୋଇଥାଏ । ମାଟି ଚଟାଣ ଯୋଗୁଁ ସଫାସଫା କରିବାରେ ଓ ଘର ବିଶୋଧନ କରିବାକୁ ବହୁ ଅସୁବିଧା ହୁଏ । ବର୍ଷାଦିନେ ଘର ଭିତର ସନ୍ତସନ୍ତିଆ ରହେ, ଯାହାଦ୍ୱାରା ବିଭିନ୍ନ ପ୍ରକାର ରୋଗ ହେବାର ସମ୍ଭାବନା ଦେଖାଦିଏ । ମୂଷାମାନେ ଅବାଧରେ ଘର ଭିତରେ ପ୍ରବେଶ କରି ଚଟାଣ ନଷ୍ଟ କରିଦିଅନ୍ତି । କୁକୁଡ଼ା ଛୁଆ ଓ ଦାନା ଖାଇ ନଷ୍ଟ କରି ଚାଷୀମାନଙ୍କୁ କ୍ଷତିଗ୍ରସ୍ତ କରାଇଥାନ୍ତି ।

ଘରର କାନ୍ଥର ଉଚ୍ଚତା ୧ ଫୁଟରୁ ଦେଢ଼ ଫୁଟ ହେବା ଉଚିତ୍, ଯେପରି ବାହାର ବର୍ଷାପାଣି ଘର ଭିତରକୁ ପ୍ରବେଶ କରିପାରିବ ନାହିଁ । ଇଟା କିମ୍ବା ପଥର କାନ୍ଥ କରି ତା ଉପରେ ମଜବୁତ୍ ତାରଜାଲି ଛାତ ପର୍ଯ୍ୟନ୍ତ ଦିଆଯାଏ । ଘର ଭିତର ବିଭକ୍ତିକରଣ କାନ୍ଥ ସେହିପରି ହେବା ଉଚିତ୍ । ବିଭକ୍ତିକରଣ କାନ୍ଥ ଉପର ଜାଲି ସେତେ ମଜବୁତ ନ ହେଲେ ଚଳିବ ।

କୁକୁଡ଼ା ଘର ଛାତରେ ଆଜବେଷ୍ଟସ୍, ଟିଣ ଚାଦର ବା ଟାଇଲ ବ୍ୟବହାର କରାଯାଏ । କମ୍ ଖର୍ଚ୍ଚରେ ଛାତ ପାଇଁ ନଡ଼ା ଛପର କରାଯାଏ । କିନ୍ତୁ ଏପରି ଛାତରେ ବାର୍ଷିକ ରକ୍ଷଣାବେକ୍ଷଣ ଖର୍ଚ୍ଚ ଅଧିକ ହୋଇଥାଏ । ଘରପୋଡ଼ିର ଭୟ ଥାଏ । ବିରାଡ଼ି, କଟାସ ଓ ମୂଷାମାନଙ୍କର ଉପଦ୍ରବର ଭୟ ଥାଏ । ସମତଳ କଂକ୍ରିଟ୍ ଛାତ ବ୍ୟୟସାପେକ୍ଷ ।

ଆମ ରାଜ୍ୟରେ ବର୍ଷାଦିନେ ଅଧିକା ବର୍ଷା ହେଉଥିବାରୁ ଅଧିକା ଗଡ଼ାଣିଆ ଛାତ ଭଲ । ସବୁ ଦୃଷ୍ଟିରୁ ଦେଖିବାକୁ ଗଲେ ଆଜବେଷ୍ଟସ୍ କିମ୍ବା ଟାଇଲ୍ ଛାତ ସର୍ବୋତ୍କୃଷ୍ଟ । ଗ୍ରୀଷ୍ମଦିନେ ଆଜବେଷ୍ଟସ୍ କିମ୍ବା ଟାଇଲ୍ ଛାତକୁ ନଡ଼ା ଛପର କିମ୍ବା ତାଳବରଡ଼ା ଛାତ କରିଦେଲେ ଘର ଭିତରେ ଉତ୍ତାପ ୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ପର୍ଯ୍ୟନ୍ତ କମିଯାଏ । ସୁବିଧା ଥିଲେ ଖରାଦିନ ପୂର୍ବରୁ କୌଣସି ଲଟା ମଧ୍ୟ ମଡ଼ାଇ ଦିଆଯାଏ । କୁକୁଡ଼ା ଘର ମଝି ଉଚ୍ଚତା ୧୪ ଫୁଟରୁ ୧୬ ଫୁଟ ଓ କାନ୍ଥ ପାଖର ଉଚ୍ଚତା ୮ ଫୁଟ ହେବା ଉଚିତ୍ । ଛାତ, କାନ୍ଥର ବାହାରକୁ ୩ ଫୁଟ ଝୁଲିବା ଦରକାର, ଯାହାଫଳରେ ବର୍ଷା ଦିନର ଛିଟାପାଣି ଘର ଭିତରକୁ ପ୍ରବେଶ କରିପାରେ ନାହିଁ । ଘରର ଚଉଡ଼ା ୩୦ ଫୁଟରୁ ଅଧିକ ହେବା ଅନୁଚିତ୍ । ଏହାଠାରୁ ଅଧିକ ହେଲେ ବାୟୁ ଚଳାଚଳ ବ୍ୟାହତ ହୁଏ । ଘରର ଦୈର୍ଘ୍ୟ ଯେତେ ଅଧିକ ହେଲେ ଚଳିବ ।

**କୁକୁଡ଼ା ଗୃହ ଉପକରଣ**

କୁକୁଡ଼ା ଘରର ଉପକରଣ କହିଲେ, ଦାନାପାତ୍ର, ଜଳପାତ୍ର, ଅଣ୍ଡାଦିଆ ବସା, ବ୍ରୁଡର, ଚିଆଁଘେର ଓ କୁକୁଡ଼ା ଧରିବା ଆଙ୍କୁଶିକୁ ବୁଝାଏ । ଏଗୁଡ଼ିକ ସହଜଲଭ୍ୟ ଓ ଉପଯୁକ୍ତ ଆକାରର ହେବା ଉଚିତ୍ । ଏହା ସହଜ ଉପାୟରେ ସଫା କରିପାରୁଥିବା ଜିନିଷରେ ନିର୍ମିତ ହେବା ଦରକାର । ଏଗୁଡ଼ିକ ଘରେ ନିଜେ ତିଆରି କରିପାରିବେ କିମ୍ବା ବଜାରରୁ କିଣିପାରିବେ । କାଠ, ଟିଣ, ବାଉଁଶ ଓ କିରାସିନି ଟିଣ ଇତ୍ୟାଦି ଜିନିଷରୁ ତିଆରି କଲେ କମ୍ ଖର୍ଚ୍ଚ ପଡ଼େ । ଉନ୍ନତ ଉପକରଣ ବଜାରରୁ କିଣିଲେ ପ୍ରାଥମିକ ଖର୍ଚ୍ଚ ଅଧିକ ହୁଏ । ସଫା ସୁତୁରା କରିବା ସହଜ ହୁଏ ଓ ବେଶୀଦିନ ତିଷ୍ଠି ରହେ ।

**ଦାନାପାତ୍ର**

ବିଭିନ୍ନ ବୟସର କୁକୁଡ଼ାମାନଙ୍କ ପାଇଁ ବିଭିନ୍ନ ଆକାରର ଦାନାପାତ୍ର ଦରକାର । କେଉଁ ବୟସର କୁକୁଡ଼ାମାନଙ୍କ ପାଇଁ କେଉଁ ପ୍ରକାରର କେତେ ସଂଖ୍ୟକ ଦାନା ପାତ୍ର ଦରକାର, ତାହା କୁକୁଡ଼ା ମାନଙ୍କର ସଂଖ୍ୟାନୁଯାୟୀ ନିରୂପଣ କରାଯାଏ ।



| **ବୟସ** | **କୁକୁଡ଼ା ପ୍ରତି ଦାନାପାତ୍ର** |
|---|---|
| ୦ ରୁ ୨ ସପ୍ତାହ | ୨.୫ ସେ.ମି. ବା ୧ ଇଞ୍ଚ |
| ୩ ରୁ ୬ ସପ୍ତାହ | ୫ ସେ.ମି. ବା ୨ ଇଞ୍ଚ |
| ୭ ରୁ ୧୨ ସପ୍ତାହ | ୭.୫ ସେ.ମି. ବା ୩ ଇଞ୍ଚ |
| ୧୩ ରୁ ୧୯ ସପ୍ତାହ | ୧୦ ସେ.ମି. ବା ୪ ଇଞ୍ଚ |
| ୨୦ ସପ୍ତାହରୁ ଉର୍ଦ୍ଧ୍ୱ | ୧୨.୫ ସେ.ମି. ବା ୫ ଇଞ୍ଚ |

ସାଧାରଣତଃ ଦୁଇ ପ୍ରକାରର ଦାନାପାତ୍ର ବ୍ୟବହାର କରାଯାଏ । ୧) ବର୍ତ୍ତୁଳାକାର, ୨) ଡଙ୍ଗୀ ଆକାରର ଦାନାପାତ୍ର । ବର୍ତ୍ତୁଳାକାର ବା ଗୋଲାକାର ଦାନାପାତ୍ର ଛାତରୁ ଝୁଲାଇ ଦିଆଯାଏ । ଡଙ୍ଗୀ ଆକାର ଦାନା ପାତ୍ରକୁ ଚଟାଣ ଉପରେ, ଷ୍ଟାଣ୍ଡ ଉପରେ ରଖାଯାଏ ଓ ଏହାର ଉଚ୍ଚତା ଯେପରି କମ୍ ବେଶି କରାଯାଇ ପାରିବ ଷ୍ଟାଣ୍ଡରେ ସେପରି ବ୍ୟବସ୍ଥା କରାଯାଇଥାଏ । ଦାନାପାତ୍ରର ଉପର ଧାରର ଉଚ୍ଚତା କୁକୁଡ଼ାଙ୍କର ପିଠି ଉଚ୍ଚତାରେ ଝୁଲିବା ଦରକାର ବା ରହିବା ଦରକାର ।

ଡଙ୍ଗୀ ଦାନାପାତ୍ର ବ୍ୟବହୃତ ହେଉଥିଲେ ଦାନାପାତ୍ରର ଉଭୟ ପାର୍ଶ୍ୱର ଦୈର୍ଘ୍ୟ ମପାଯାଇ ବୟସାନୁସାରେ କେତୋଟି ଦାନାପାତ୍ର ଦରକାର ସ୍ଥିର କରାଯାଏ । ଗୋଟିଏ ୩ ଫୁଟ ଲମ୍ବ ଡଙ୍ଗୀ ଦାନାପାତ୍ରର ଉଭୟ ପାର୍ଶ୍ୱରେ ଲମ୍ବ ୩୬ x ୨ = ୭୨ ଇଞ୍ଚ । ଏହା ୦ ରୁ ୨ ସପ୍ତାହ ବୟସର ୭୨ଟି କୁକୁଡ଼ା ଛୁଆ ପାଇଁ କିମ୍ବା ୩ ରୁ ୬ ସପ୍ତାହର ୩୬ ଟି କୁକୁଡ଼ା ଛୁଆ ପାଇଁ ବ୍ୟବହାର କରାଯାଇପାରିବ । ସେହିପରି ଗୋଲାକାର ଦାନାପାତ୍ରର ପରିଧିକୁ ମାପି ତାହା କେଉଁ ବୟସୟ କୁକୁଡ଼ା ପାଇଁ କେତୋଟି ଦରକାର ତାହା ସ୍ଥିର କରାଯାଏ । ଡଙ୍ଗୀ ଦାନାପାତ୍ର ଉପରେ କୁକୁଡ଼ା ନ ବସିବ ପାଇଁ ଓ ଦାନାପାତ୍ର ଭିତରେ ଗୋଡ଼ ପୂରାଇ ଦାନା ନ ଖେଳାଇବା ପାଇଁ ଦାନାପାତ୍ର ଉପରେ ମୋଟା ତାରର ଗ୍ରୀଲ୍ ଦିଆଯାଇଥାଏ ।

**ଜଳପାତ୍ର**

କୁକୁଡ଼ାମାନେ ପାଣି ପିଇବା ପାଇଁ ଜଳପାତ୍ର ଦସ୍ତା, ଟିଣ, ମାଟି କିମ୍ବା ପ୍ଲାଷ୍ଟିକ୍‌ରେ

ତିଆରି ହୋଇପାରେ । ଘରେ ମିଳିଥିବା ଖାଲିଡବା ଖୋଲି ମୁହଁଠାରୁ ଅଧଇଞ୍ଚ ଛାଡ଼ି ସାମ୍ନା ସାମ୍ନି ଦୁଇଟି ଛିଦ୍ର କରାଯାଏ । ଦେଢ଼ ଇଞ୍ଚ ଉଚ୍ଚତା ବିଶିଷ୍ଟ ଫନ୍ଦ ଥିବା ଡବାର ବ୍ୟାସଠାରୁ ଦେଢ଼ ଇଞ୍ଚରୁ ଦୁଇ ଇଞ୍ଚ ଅଧିକ ଥିବା ସିଲ୍‌ଭର ଥାଳିଆ ଥିବା ଦରକାର । ଡବାରେ ପାଣି ଭରି ଥାଳିଆକୁ ଡବା ମୁହଁରେ ଢାଙ୍କି ଦିଆଯାଏ । ଥାଳିଆକୁ ବାମହାତ ପାପୁଲି ଏବଂ ଡବାର ତଳକୁ ଡାହାଣ ହାତର ପାପୁଲିରେ ଧରି ଓଲଟାଇ ଦେଲେ ଥାଳିଆରେ ଡବାର କଣାଥିବା ଉଚ୍ଚତା ପର୍ଯ୍ୟନ୍ତ ପାଣି ରହିବ । କୁକୁଡ଼ା ଥାଳିଆରୁ ଯେତେ ପାଣି ପିଇବେ ଡବାରୁ ଆସ୍ତେ ଆସ୍ତେ ପାଣି ଝରି ଥାଳିଆରେ ଯେତିକି ଉଚ୍ଚତାରେ ପାଣି ରହିବା କଥା ସେତିକି ପାଣି ଭରି ହୋଇଯିବ । ଏହି ନିୟମକୁ ଭିତ୍ତି କରି ଦସ୍ତା ତିଆରି ଓ ପ୍ଲାଷ୍ଟିକ୍ ତିଆରି ବିଭିନ୍ନ ଆକାରର ଜଳପାତ୍ର ବଜାରରେ ମିଳୁଅଛି ।

କୁମ୍ଭାର କଞ୍ଚା ମାଠିଆ ତିଆରି କଲାବେଳେ ମାଠିଆର ପେଟ ଭାଗରେ ୩ ଇଞ୍ଚ ବ୍ୟାସ ବିଶିଷ୍ଟ ତିନୋଟି କଣା ସମଦୂରତାରେ ତିଆରି କରି ଯୋଡ଼ିଦିଏ । ଏହାକୁ କୁକୁଡ଼ାଙ୍କ ପାଣି ପିଇବା ପାଇଁ ବ୍ୟବହାର କରାଯାଏ । ସାବଧାନ ସହକାରେ ଉକ୍ତ ମାଠିଆକୁ କୁକୁଡ଼ାଙ୍କ ପାଣି ପିଇବା ପାଇଁ ଖରାଦିନେ ବ୍ୟବହାର କଲେ ପାଣି ଥଣ୍ଡା ରୁହେ ଓ କୁକୁଡ଼ାମାନେ ପାଣି ପିଇବାକୁ ଭଲ ପାଆନ୍ତି । ଦାନାପାତ୍ର ପରି ଜଳପାତ୍ରର ସ୍ଥାନର ପରିମାଣ କୁକୁଡ଼ା ମାନଙ୍କ ବୟସ ବଢ଼ିବା ସଙ୍ଗେ ସଙ୍ଗେ ବଢ଼େ ।

| **କୁକୁଡ଼ାଙ୍କର ବୟସ** | **କୁକୁଡ଼ା ପ୍ରତି ଜଳପାତ୍ରର ସ୍ଥାନ** |
|---|---|
| ୦ ରୁ ୨ ସପ୍ତାହ | ଅଧ ଇଞ୍ଚ ବା ୧.୨୫ ସେ.ମି. |
| ୩ ରୁ ୫ ସପ୍ତାହ | ୦.୬ ଇଞ୍ଚ ବା ୧.୫ ସେ.ମି. |
| ୬ ରୁ ୧୨ ସପ୍ତାହ | ୦.୭୫ ଇଞ୍ଚ ବା ୨ ସେ.ମି. |
| ୧୩ ରୁ ୧୯ ସପ୍ତାହ | ୧ ଇଞ୍ଚ ବା ୨.୫ ସେ.ମି. |
| ୨୦ ସପ୍ତାହରୁ ଉର୍ଦ୍ଧ୍ୱ | ଦେଢ଼ ଇଞ୍ଚ ବା ୪ ସେ.ମି. |



ଯେପରି ଦାନାପାତ୍ରର ପରିଧିକୁ ମାପି କୁକୁଡ଼ାଙ୍କର ଦାନାପାତ୍ରର ସଂଖ୍ୟା ନିରୂପଣ କରାଯାଏ, ସେହିପରି ଜଳପାତ୍ରର ପରିଧିକୁ ମାପି କେଉଁ ବୟସର କେତେ କୁକୁଡ଼ାଙ୍କ ପାଇଁ କେତୋଟି ଜଳପାତ୍ର ଦରକାର ତାହା ସ୍ଥିର କରାଯାଏ ।

**ବ୍ରୁଡର**

କୁକୁଡ଼ା ଛୁଆ ଅଣ୍ଡାରୁ ଫୁଟିବା ପରଠାରୁ ୪ ରୁ ୫ ସପ୍ତାହ ବୟସ ପର୍ଯ୍ୟନ୍ତ ଅଧିକ ଉତ୍ତାପ ଆବଶ୍ୟକ କରନ୍ତି । ଏହି ସମୟରେ ବ୍ରୁଡର ସାହାଯ୍ୟରେ କୁକୁଡ଼ା ଛୁଆଙ୍କୁ ଉତ୍ତାପ ଯୋଗାଇ ଦିଆଯାଏ ।

ବିଭିନ୍ନ ପ୍ରକାରର ବ୍ରୁଡର ବଜାରରେ ମିଳୁଛି । ଗୋଟିଏ କୁକୁଡ଼ା ଛୁଆ ପାଇଁ ୫୦ ରୁ ୬୦ ବର୍ଗ ଇଞ୍ଚ ବ୍ରୁଡର ତଳ ଜାଗା ଦରକାର । ବ୍ରୁଡର ଆକାର ଅନୁଯାୟୀ କେତେ ଚିଆଁ ବ୍ରୁଡିଂ କରିବା ଦରକାର ତାହା ସ୍ଥିର କରାଯାଏ ।

ବିଭିନ୍ନ ପ୍ରକାରର ଓ ବିଭିନ୍ନ ଆକୃତିର ବ୍ରୁଡର ବଜାରରେ ମିଳୁଛି । ଯଥା – ଛତାକୃତି (ହୋଭର) ବ୍ରୁଡ଼ର, ବ୍ୟାଟେରୀ ବ୍ରୁଡର । ଏଗୁଡ଼ିକ ସାଧାରଣତଃ ଦସ୍ତାରେ ତିଆରି । ଆଜିକାଲି ସ୍ୱୟଂ ଚାଳିତ ବ୍ରୁଡର ମିଳିଲେଣି, ଯାହା ସ୍ୱୟଂଚାଳିତ ହୋଇ ଆବଶ୍ୟକ ଉତ୍ତାପ ଯୋଗାଏ । ଇନ୍‌ଫ୍ରାରେଡ୍ ବଲ୍‌ବ ମଧ୍ୟ ଆଜିକାଲି ବ୍ରୁଡିଂ ପାଇଁ ବ୍ୟବହାର କରାଯାଉଛି । ଏହା ଏକ ସ୍ୱତନ୍ତ୍ର ପ୍ରକାର ବଡ଼ ଇଲେକ୍‌ଟ୍ରିକ୍ ବଲ୍‌ବ ।

ଗାଁ ଗହଳିରେ ବାଉଁଶ ପାଡିଆ ଟୋକେଇରେ ଗୋବର ଲେପ ଦେଇ ମଝିରେ ଇଲେକ୍‌ଟ୍ରିକ୍ ବଲ୍‌ବ ଦେଇ ବ୍ରୁଡିଂ କରାଯାଏ । କାଠ ଡାବଲ ତଳେ ମଧ୍ୟ ଇଲେକ୍‌ଟ୍ରିକ୍ ବଲ୍‌ବ ଲଗାଇ ବ୍ରୁଡର ଭାବରେ ବ୍ୟବହାର କରାଯାଏ ।

**ଚିଆଁଘର**

ବ୍ରୁଡ଼ିଂ ବେଳେ ଚିଆଁମାନେ ଯେପରି ବ୍ରୁଡ଼ର ପାଖରୁ ବାହାରକୁ ନ ଆସି ପାରିବେ ସେଥିପାଇଁ ବ୍ରୁଡ଼ର ଚାରିପାଖରେ ୨ ଫୁଟ ଛାଡ଼ି ଗୋଲ ଭାବରେ ଘେର ଦିଆଯାଏ । ଏଥିପାଇଁ ୧ ଫୁଟରୁ ଦେଢ଼ ଫୁଟ ଉଚ୍ଚତା ବିଶିଷ୍ଟ ଦସ୍ତା ପ୍ଲେଟ୍ ମାନ ଖଞ୍ଜି ଗୋଲ ଭାବରେ ରଖାଯାଏ । ଗାଁ ଗହଳରେ ବାଉଁଶ ପାଡିଆ ପଟି, କାର୍ଡ଼ବୋର୍ଡ଼, ଡାବଲ ପଟା ଆଦି ଚିଆଁ ଘେର ଭାବରେ ବ୍ୟବହାର କରାଯାଏ ।

**ଅଣ୍ଡାବସା**

ଅଣ୍ଡାଦିଆ କୁକୁଡ଼ାଙ୍କ ଘରେ କୁକୁଡ଼ାମାନେ ଅଣ୍ଡା ଦେବା ପାଇଁ ସ୍ୱତନ୍ତ୍ର ଅଣ୍ଡା ବସା ରଖାଯାଏ । ଏହା ଦସ୍ତାରେ ତିଆରି ହୋଇଥାଏ । ଯଦ୍ୱାରା କୁକୁଡ଼ାମାନେ ଘରଭିତରେ ଏଣେ ତେଣେ ଅଣ୍ଡା ନ ଦେଇ ବସା ଭିତରେ ଅଣ୍ଡା ଦିଅନ୍ତି । ପ୍ରତ୍ୟେକ ୫-୬ ଟି ପେଣ୍ଠି ପାଇଁ ଗୋଟିଏ ଅଣ୍ଡା ବସା ଦରକାର ହୋଇଥାଏ । ଗାଁ ଗହଳିରେ ବଡ଼ ମାଟି ହାଣ୍ଡି ଅଣ୍ଡା ଦେବା ପାଇଁ ଅଣେଇ କରି ରଖାଯାଇପାରେ । ଯାହା ଭିତରେ କୁକୁଡ଼ା ମାନେ ପଶି ଅଣ୍ଡା ଦେଇପାରିବେ ।

**କୁକୁଡ଼ା ଧରିବା ଆଙ୍କୁଡ଼ା**

ରୋଗ ପରୀକ୍ଷା କରିବା, ଔଷଧ ଲଗାଇବା, ଟୀକା ଦେବା କିମ୍ବା କୁକୁଡ଼ାଙ୍କୁ ବିକ୍ରୟ କରିବା ପାଇଁ ଗୃହ ମଧ୍ୟରେ କୁକୁଡ଼ାଙ୍କୁ ଧରିବାକୁ ପଡ଼ିଥାଏ । ଏଥିପାଇଁ ଏକ ଲୁହା ଛଡ଼ର ଗୋଟିଏ ମୁଣ୍ଡରେ ଛୋଟ ଆଙ୍କୁଡ଼ା କରି ବ୍ୟବହାର କରାଯାଏ । ଏହି ଆଙ୍କୁଡ଼ା କୁକୁଡ଼ା ଗୋଡ଼କୁ ଧରିଥାଏ ।

*****


*ମୂଳ ବିଷୟ ବସ୍ତୁ*

**ଡଃ ଶରତ ଚନ୍ଦ୍ର ମିଶ୍ର**

**ଡଃ ପ୍ରସନ୍ନ କୁମାର ମିଶ୍ର**

**ଡଃ ପ୍ରବୀଣ କୁମାର ଦେହୁରୀ**

*ସଂଶୋଧିତ ବିଷୟବସ୍ତୁ*

**ଡଃ ନିରଞ୍ଜନ ପଣ୍ଡା**

ଡଃ ନିରଞ୍ଜନ ପଣ୍ଡା

ପ୍ରାଧ୍ୟାପକ, ପ୍ରାଣୀ ପୁଷ୍ଟି ବିଭାଗ

ଓୟୁଏଟି, ଭୁବନେଶ୍ୱର



ଓୟୁଏଟି ପ୍ରେସ୍, ୫୦୦, ୨୦୧୪




ଏଠାରୁ ଚିରନ୍ତୁ

## କୁକୁଡ଼ା ପାଳନ (ଦ୍ୱିତୀୟ ପାଠ)

# ଦୂରଶିକ୍ଷା କାର୍ଯ୍ୟକ୍ରମ

### ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩

ଦୟାକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଏହି କାଗଜରେ ଲେଖି ୭ ଦିନ ଭିତରେ ଆମ ପାଖକୁ ପଠାନ୍ତୁ ।

***ଆପଣଙ୍କ ପାଇଁ ପ୍ରଶ୍ନ***

ପ୍ର. ୧-ଲିଟର ପାଇଁ କେଉଁ କେଉଁ ପଦାର୍ଥ ବ୍ୟବହାର କରାଯାଏ ?

ଉ-

ପ୍ର. ୨- ୧୫ ସପ୍ତାହର ଅଣ୍ଡାଦିଆ କୁକୁଡ଼ା ପାଇଁ ଡିପ୍‌ଲିଟର ପ୍ରଣାଳୀରେ କେତେ ମେଜିଆ ସ୍ଥାନ ଦରକାର ?

ଉ-

ପ୍ର. ୩-ଗୋଟିଏ କୁକୁଡ଼ା ରଖିବା ପାଇଁ ପିଞ୍ଜରା କୋଠରୀର ଆକର କେତେ ହେବ ?

ଉ-

ପ୍ର. ୪-୧୦ ସପ୍ତାହର କୁକୁଡ଼ା ପାଇଁ ଦାନାପାତ୍ରର ଆକାର କେତେ ହେବା ଦରକାର ?

ଉ-

ପ୍ର. ୫-କୁକୁଡ଼ା ଛୁଆ କେତେ ସପ୍ତାହ ପର୍ଯ୍ୟନ୍ତ ବ୍ରୁଡ଼ର ଆବଶ୍ୟକ କରେ ?

ଉ-

ଚାଷୀଙ୍କ ସ୍ୱାକ୍ଷର -

ଡାକ ଠିକଣା

କ୍ରମିକ ନଂ -

ତାରିଖ -

ତୃତୀୟ ପାଠ

# କୁକୁଡ଼ା ପାଳନ



## ଦୂରଶିକ୍ଷା କାର୍ଯ୍ୟକ୍ରମ

ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩

ନାମ..............................
କ୍ରମିକ ନଂ .......................

## ତୃତୀୟ ପାଠ
# କୁକୁଡ଼ା ଛୁଆ ପାଳନ

ପ୍ରାକୃତିକ ଉପାୟରେ କୁଡୁକି କୁକୁଡ଼ା ତାର ପେଟ ଓ ଡେଣା ତଳେ ୧୦-୧୫ଟି ଅଣ୍ଡା ୨୧ ଦିନ ପର୍ଯ୍ୟନ୍ତ ରଖି ଛୁଆ ଫୁଟାଇବାର ନେଇଥାଏ । ଛୁଆ ଫୁଟାଇ ସାରିବା ପରେ ମଧ୍ୟ ସେ ଚିଆଁ ଲାଳନ ପାଳନ କରିଥାଏ । କୁକୁଡ଼ା ଛୁଆ ଅଣ୍ଡାରୁ ଫୁଟି ବାହାରି ସାରିଲା ପରେ ଉଷ୍ମତା ଆବଶ୍ୟକ କରେ । ମା କୁକୁଡ଼ାର ଡେଣା ଓ ପେଟତଳେ ରହି ଚିଆଁମାନେ ଉଷୁମ ପାଇଥାଆନ୍ତି, ପ୍ରଥମ ୪ ରୁ ୬ ସପ୍ତାହ ବୟସ ମା କୁକୁଡ଼ା ଚିଆଁ ମାନଙ୍କର ଦାୟିତ୍ୱ ବହନ କରି ସେମାନଙ୍କ ଲାଳନ ପାଳନ କରିଥାଏ । ଚିଆଁମାନଙ୍କର ଆବଶ୍ୟକତାକୁ ଉପଲବ୍ଧି କରି ବୈଜ୍ଞାନିକମାନେ ବର୍ତ୍ତମାନ ହଜାର ହଜାର ସଂଖ୍ୟାର କୁକୁଡ଼ା କୃତ୍ରିମ ଉପାୟରେ ମା କୁକୁଡ଼ାଙ୍କ ବିନା ସହାୟତାରେ ବଢ଼ାଇ ପାରୁଛନ୍ତି । ଯାହାଫଳରେ କୁକୁଡ଼ା ପାଳନ ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇପାରିବା ସଙ୍ଗେ ସଙ୍ଗେ ମନୁଷ୍ୟକୁ ପ୍ରଚୁର ପରିମାଣ ପୁଷ୍ଟିସାର ଓ ସୁସ୍ୱାଦୁ ଖାଦ୍ୟ ଯୋଗାଇ ଦେଇ ପାରିବା ସମ୍ଭବ ହୋଇପାରିଛି ।

### ଚିଆଁ ପାଳନ ପାଇଁ ପରିବେଶ

#### କ) ଉତ୍ତାପ

କୁକୁଡ଼ା ଛୁଆ ଅଣ୍ଡାରୁ ଫୁଟି ବାହାରିବା ପରେ ପ୍ରଥମ ସପ୍ତାହରେ ୯୫° ଫାରେନ୍‌ହାଇଟ୍ ଉତ୍ତାପ ଦରକାର କରେ । ତା ପରେ ପ୍ରତି ସପ୍ତାହରେ ୫° ଫାରେନ୍‌ହାଇଟ୍ ହାରରେ କମାଇ ୬ ସପ୍ତାହ ବୟସ ବେଳକୁ ୭୦° ଫାରେନ୍‌ହାଇଟ୍ ଦରକାର କରେ । ଆମ ରାଜ୍ୟରେ ଅଧିକାଂଶ ସ୍ଥାନରେ ବେଶୀ ଥଣ୍ଡା ହୁଏ ନାହିଁ,

ତେଣୁ ସେହି ସ୍ଥାନ ମାନଙ୍କରେ ଶୀତ ଦିନର ଦୁଇ ମାସ ବାଦ ଦେଲେ, ବର୍ଷର ଅନ୍ୟ ସମୟରେ ୧୫-୨୧ ଦିନ ପର୍ଯ୍ୟନ୍ତ ବ୍ରୁଡିଂ ଯଥେଷ୍ଟ ।

କୁକୁଡ଼ାମାନଙ୍କ କୃତ୍ରିମ ଉପାୟରେ ପାଳନ କଲେ ଛତାକୃତି ବ୍ରୁଡର ବା ଇନ୍‌ଫ୍ରାରେଡ୍ ବଲ୍‌ବ ଦରକାର ଯାହା କୁକୁଡ଼ା ଛୁଆମାନଙ୍କୁ ଉତ୍ତାପ ଯୋଗାଇ ଥାଏ । କୁକୁଡ଼ା ଛୁଆମାନଙ୍କୁ ବ୍ରୁଡିଂ ବେଳେ ଭଲ ଭାବରେ ନିରୀକ୍ଷଣ କଲେ, ସେମାନଙ୍କର ଉତ୍ତାପ ପାଇବା ଠିକ୍ ଅଛିକି ନା ଜାଣିହେବ । ଯଦି ଚିଆଁମାନେ ଉତ୍ତାପର ଉତ୍ସ ତଳେ ଋଣ୍ଡ ହୋଇ ଯାକିଯୁକି ହୋଇ କିମ୍ବା ମେଞ୍ଚା ହୋଇ ବସୁଥାଆନ୍ତି, ତାହାହେଲେ ଜାଣିବ ବ୍ରୁଡ଼ର ଉତ୍ତାପ କମ୍ ଅଛି ଓ ଚିଆଁ ମାନେ ଅଧିକ ଉତ୍ତାପ ଦରକାର କରୁଛନ୍ତି । ତେଣୁ ଉତ୍ତାପ ବଢ଼ାଇବା ପାଇଁ ଅଧିକ ଇଲେକ୍‌ଟ୍ରିକ୍ ବଲ୍‌ବ କିମ୍ବା ଅଧିକ ପାୱାରର ହିଟର କଏଲ ତାର ଲଗାଇବ । ଯଦି ଚିଆଁମାନେ ଉତ୍ତାପ ଉତ୍ସ ତଳକୁ ଆଦୌ ଆସୁନାହାନ୍ତି ଓ ବ୍ରୁଡର ବାହାରେ ରୁହନ୍ତି, ତାହାହେଲେ ଜଣାଯିବ ଉତ୍ତାପ ଅଧିକ ହୋଇଯାଇଛି ତେଣୁ ଉତ୍ତାପ କମାଇବା ପାଇଁ ବଲ୍‌ବ ସଂଖ୍ୟା କିମ୍ବା ବଲ୍‌ବର ୱାଟ୍ କମାଇବାକୁ ପଡ଼ିବ କିମ୍ବା ବ୍ରୁଡର କବାଟ ଖୋଲିବାକୁ ପଡ଼ିବ । ବ୍ରୁଡର ତଳେ ଓ ଉତ୍ତାପ ଉତ୍ସ ତଳେ ସବୁଆଡ଼େ ଖେଳାଇ ହୋଇ ଠିକ୍ ଭାବରେ ଖାଇବା ଓ ପାଣି ପିଇବାରେ ବ୍ୟସ୍ତ ଥିବା ଉତ୍ତମ ବ୍ରୁଡିଂର ଲକ୍ଷଣ ।

ଅଧିକ ଉତ୍ତାପରେ ଚିଆଁଙ୍କର ଶାରୀରିକ ବୃଦ୍ଧି ବାଧାପ୍ରାପ୍ତ ହୁଏ ଓ କମ୍ ଉତ୍ତାପରେ ଚିଆଁମାନେ ନିମୋନିଆ ରୋଗରେ ଆକ୍ରାନ୍ତ ହୋଇ ବହୁ ସଂଖ୍ୟାରେ ମରିଯାଆନ୍ତି । ସାଧାରଣତଃ ଚିଆଁ ପ୍ରତି ଦୁଇ ୱାଟ୍ ହିସାବରେ ୧୦୦ ଟି ଚିଆଁଙ୍କ ପାଇଁ ଦୁଇ ଗୋଟି ୧୦୦ ୱାଟ୍ ଇଲେକ୍‌ଟ୍ରିକ୍ ବଲ୍‌ବ ଦରକାର ।

### ଖ) ବାୟୁ ସଞ୍ଚାଳନ

ଚିଆଁମାନଙ୍କ ପାଇଁ ବିଶୁଦ୍ଧ ବାୟୁ ଅତ୍ୟନ୍ତ ଦରକାର । ଏହା ଚିଆଁକୁ ଅମ୍ଳଜାନ ଯୋଗାଏ, ଲିଟରକୁ ଓ ଘରକୁ ଶୁଖିଲା ରଖେ । ନଚେତ ଗୃହ ମଧ୍ୟରେ ଆମୋନିଆ



ଗ୍ୟାସ୍‌ର ପରିମାଣ ବଢ଼ିଯାଇ କୁକୁଡ଼ାଙ୍କର ବହୁତ କ୍ଷତି ଘଟାଏ ଓ ଲିଟର ଓଦାଳିଆ ରହିବା ଦ୍ୱାରା ବିଭିନ୍ନ ପ୍ରକାରର କୃମି ଜନିତ ରୋଗ, କକ୍‌ସିଡ଼ିଆ ରୋଗ ଓ କବକ (ଫିମ୍ପି) ଜନିତ ରୋଗମାନ ଦେଖାଯାଏ ।

### ଗ) ଆର୍ଦ୍ରତା

କୁକୁଡ଼ାଙ୍କ ଘରେ ୫୦-୬୦ ପ୍ରତିଶତ ଆର୍ଦ୍ରତା ଦରକାର । ଏହା ଠାରୁ କମ୍ କିମ୍ବା ବେଶି ହେଲେ, ଚିଆଁଙ୍କର ଶରୀର ବୃଦ୍ଧି ବାଧାପ୍ରାପ୍ତ ହୁଏ ଓ ବହୁତ କ୍ଷତି ହୁଏ । ଆର୍ଦ୍ରତା ଅଧିକ ହେଲେ, ଲିଟର ଶୁଖିପାରେ ନାହିଁ ଓ ଆର୍ଦ୍ରତା କମ୍ ହେଲେ ଲିଟର ଧୂଳିଆ ହୋଇଯାଏ ଏବଂ କୁକୁଡ଼ାଙ୍କର ଶ୍ୱାସ ଜନିତ ରୋଗ ଦେଖାଯାଏ ।

### ଘ) ତଳଜାଗା

ଚିଆଁଙ୍କର ବୟସ ଅନୁସାରେ ଘରର ତଳଜାଗା ବୃଦ୍ଧିର ଆବଶ୍ୟକତା ପଡ଼େ । କେଉଁ ବୟସର ଚିଆଁଙ୍କ ପାଇଁ କେଉଁ ମେଜିଆ ଜାଗା ଦରକାର ଗୃହ ନିର୍ମାଣ ଓ ଉପକରଣ ବିଭାଗରେ ଦର୍ଶାଯାଇଅଛି । ଆବଶ୍ୟକ ପରିମାଣଠାରୁ କମ୍ ମେଜିଆ ଜାଗା ହେଲେ ଚିଆଁମାନେ ଭଲ ବଢ଼ିପାରନ୍ତି ନାହିଁ । ସ୍ୱଜାତି ଭକ୍ଷଣ ଦୁର୍ଗୁଣମାନ ଦେଖାଦିଏ ଏବଂ ଚିଆଁମାନଙ୍କ ମଧ୍ୟରେ ଖୁମ୍ପାଖୁମ୍ପି ଓ ହଣାହଣି ହୋଇ ମୃତ୍ୟୁ ଘଟେ ।

### ଙ) ଆଲୋକ

ଦିନବେଳେ ଚିଆଁ ଘରକୁ ମୁକ୍ତ ଆଲୋକ ଯିବା ଦରକାର । ସିଧାସଳଖ ସୂର୍ଯ୍ୟାଲୋକ ପଡ଼ିବା ଉଚିତ୍ ନୁହେଁ । ଚିଆଁ ଘର ଅନ୍ଧାରୁଆ ରହିଲେ, ଚିଆଁମାନେ ଭଲ ବଢ଼ି ପାରନ୍ତି ନାହିଁ । ଖାଦ୍ୟ ଆହରଣ କମିଯାଏ । ଚିଆଁ ଘରେ ବ୍ରୁଡିଂ ଶେଷ ପର୍ଯ୍ୟନ୍ତ ଯେପରି ଘର ମଧ୍ୟରେ ଦୈନିକ ୨୩ ଘଣ୍ଟା ଆଲୋକ ଯାଉଥିବ, ସେଥିପାଇଁ ବ୍ୟବସ୍ଥା ରହିବା ଉଚିତ୍ । ହଠାତ୍ ଇଲେକ୍‌ଟ୍ରିକ୍ ବନ୍ଦ କିମ୍ବା ଅନ୍ଧାର ହୋଇଯିବା ଫଳରେ ଚିଆଁମାନଙ୍କର ଯେପରି କ୍ଷତି ନହୁଏ, ସେଥିପାଇଁ ଦୈନିକ ଏକ ଘଣ୍ଟା ଖଣ୍ଡେ ଇଲେକ୍‌ଟ୍ରିକ୍ ବନ୍ଦ କରି କିମ୍ବା ଅନ୍ଧାର କରି ଚିଆଁମାନଙ୍କୁ ହଠାତ୍ ଅନ୍ଧାର ହେବା ବିପଦରୁ ରକ୍ଷାପାଇବା ପାଇଁ ଅଭ୍ୟସ୍ତ କରାଇବା ଦରକାର ।

## ଚିଆଁ ପାଳନ ପାଇଁ ଆବଶ୍ୟକ ଉପକରଣ

ଚିଆଁ ପାଳନ ପାଇଁ ନିମ୍ନଲିଖିତ ଉପକରଣ ମାନ ଦରକାର ।

୧। ବ୍ରୁଡର

୨। ଚିଆଁଘର

୩। ଦାନା ପାତ୍ର

୪। ଜଳ ପାତ୍ର

୫। ଲିଟର

ଉପରୋକ୍ତ ଉପକରଣମାନଙ୍କର ଆବଶ୍ୟକତା ଓ ପରିମାଣ ଗୃହ ନିର୍ମାଣ ଓ ଉପକରଣ ବିଭାଗରେ ବିଷଦ୍ ଭାବରେ ବର୍ଣ୍ଣନା କରାଯାଇଛି ।

## କୁକୁଡ଼ା ଛୁଆ ଆଣିବା ପୂର୍ବରୁ ବ୍ୟବସ୍ଥା

କୁକୁଡ଼ା ଛୁଆ (ଚିଆଁ) ଆଣିବା ପୂର୍ବରୁ ଚିଆଁ ପାଳନ ପାଇଁ ଆବଶ୍ୟକ ଉପକରଣ ଗୁଡ଼ିକ ଭଲଭାବରେ ସଫା କରି ଫିନାଇଲ୍ କିମ୍ବା ପଟାସିୟମ୍ ପରମାଙ୍ଗାନେଟ ଆଦି ବିଶୋଧକ ସାହାଯ୍ୟରେ ବିଶୋଧନ କରାଯାଏ । ଖରାରେ ରଖାଯାଏ । ଘରର କାନ୍ଥ ଓ ମେଜିଆ ଖରାପ ହୋଇ ଯାଇଥିଲେ, ମରାମତି କରିବା ଉଚିତ୍ । ଘର କାନ୍ଥ ଓ ମେଜିଆ ସଫା ଓ ବିଶୋଧନ କରିସାରିବା ପରେ ଯଦି ସୁବିଧା ଥାଏ, ତାହାହେଲେ ଫ୍ଲେମ୍‌ଗନ କିମ୍ବା ବ୍ଲୋ ଲ୍ୟାମ୍ପ ସାହାଯ୍ୟରେ ପୋଡ଼ି ଦିଆଯାଏ, ତା ପରେ ଚୂନ ଲଗାଇ ପରିଷ୍କାର କରାଯାଏ । ଯଦି ସୁବିଧା ହୁଏ ତେବେ କୌଣସି କୀଟନାଶକ ଯଥା ମାଲାଥିଅନ୍ କିମ୍ବା ସୁମିଥିଆନ୍ (୦.୫ ପ୍ରତିଶତ ହିସାବରେ) ସ୍ପ୍ରେ କରାଯାଏ ।

ଚିଆଁ ଆଣିବାର ୨୪ ଘଣ୍ଟା ପୂର୍ବରୁ ଚିଆଁଘର ମଝିରେ ଶୁଖିଲା ଓ ବିଶୋଧିତ ଲିଟରକୁ ୨ ଇଞ୍ଚ ବହଳରେ ଖେଳାଯାଏ । ଚିଆଁଙ୍କ ସଂଖ୍ୟା ଅନୁଯାୟୀ ଚିଆଁ ଘରକୁ ଗୋଲାକାର ଭାବରେ ସଜାଯାଏ । ଲିଟର ଉପରେ ପୁରୁଣା ଖବରକାଗଜ ବିଛାଯାଏ । ତା ପରେ ପରିଷ୍କାର ବ୍ରୁଡରଟିକୁ ଚିଆଁ ପାଳନ ପାଇଁ ପ୍ରସ୍ତୁତି ଜାଗାର ମଝିରେ ରଖାଯାଏ । ଯେପରି ଚିଆଁ ଘେର ବ୍ରୁଡର ଠାରୁ ୨-୩ ଫୁଟ ଦୂରତାରେ ବ୍ରୁଡରକୁ



ଘେରି ରହିଥିବ । ଚିଆଁ ରଖିବା ପୂର୍ବରୁ ଲିଟର ଉପରେ ପୁରୁଣା ଖବରକାଗଜ ନ ପକାଇଲେ, ଚିଆଁମାନେ ଦାନା ଖାଇବା ପରିବର୍ତ୍ତେ ଲିଟର ଖାଇଦିଅନ୍ତି, ଯାହା ଫଳରେ କେତେକ ଚିଆଁଙ୍କର ମୃତ୍ୟୁ ହୁଏ ଏବଂ ଲିଟର ଉପରେ ଠିକ୍ ଭାବରେ ଚାଲିପାରନ୍ତି ନାହିଁ । ବ୍ରୁଡରର ଉତ୍ତାପ ଉତ୍ସକୁ କ୍ରିୟାଶୀଳ କରାଯାଏ । ଯେପରି ବ୍ରୁଡର ତଳ ଓ ଗୃହର ଉତ୍ତାପ ସମ ପରିମାଣରେ ଖେଳାଇ ହୋଇ ରହିବ ।

ଚିଆଁ ଆଣିବାର ୪ ଘଣ୍ଟା ପୂର୍ବରୁ କିମ୍ବା ଅଳ୍ପ ସମୟ ପୂର୍ବରୁ ଜଳପାତ୍ରରେ ଜଳ ଓ ଆବଶ୍ୟକୀୟ ଔଷଧ ମିଶାଇ ରଖାଯାଏ ଓ ବ୍ରୁଡର ତଳେ ଦାନା ଗୁଣ୍ଡ ଛିଞ୍ଚାଯାଏ । ଯଦି ଶୀତଦିନ ହୋଇଥାଏ, ତା ହେଲେ ପାଣି ଯାଗାକୁ ବ୍ରୁଡର ତଳେ ରଖିଲେ ତାହା ଉଷୁମ ହୋଇଥାଏ ।

## ଚିଆଁ ଆଣିବା ପରେ ଯତ୍ନ

### କ) ପ୍ରଥମ ସପ୍ତାହ ଲାଳନ ପାଳନ

୧। ଚିଆଁ ଆଣିବା ମାତ୍ରେ ଚିଆଁ ଆସ୍ତେ ଆସ୍ତେ ଗୋଟି ଗୋଟି କରି ପାଣି ପିଆଇ ବ୍ରୁଡର ତଳେ ଛାଡ଼ି ଦିଆଯାଏ ।

୨। ଆବଶ୍ୟକ ସଂଖ୍ୟକ ଜଳପାତ୍ର ଓ ଦାନାପାତ୍ର ବ୍ରୁଡରକୁ କେନ୍ଦ୍ର କରି ଚକର ଅକ୍ଷପରି ସଜାଇ ରଖାଯାଏ । ଯେପରି ଚିଆଁମାନେ ଦାନାପାତ୍ର ଓ ଜଳପାତ୍ରକୁ ଭଲଭାବେର ଚିହ୍ନିପାରିବେ ଓ ସହଜରେ ପାଣି ପାଇପାରିବେ ଓ ଦାନା ଖାଇପାରିବେ ।

୩। ପ୍ରଥମ ଦିନ ଦାନା ନ ଦେଇ ଖାଲିପାଣି ଦେଲେ ଚଳିବ ଓ କିଛି ସୁଜିଦାନା ବା ମକାଗୁଣ୍ଡ କାଗଜ ଉପରେ ପକାଇଲେ ଭଲ ।

୪। ପ୍ରଥମ ୫ ଦିନ ଦାନା ପାତ୍ରରେ ପୁରା ଦାନା ଭର୍ତ୍ତି କରି ଢାଙ୍କୁଣୀ ଦିଆଯାଏ ନାହିଁ ।

୫। ପଞ୍ଚମ ଦିନ ବୟସରେ ଚିଆଁମାନଙ୍କୁ ରାଣୀଖେତ ଏଫ୍ ଅନୁଜାତି ଟୀକା ଚିଆଁଙ୍କର ନାକପୁଡ଼ା କିମ୍ବା ଆଖିରେ ଗୋଟିଏ ଠୋପା ପକାଯାଏ ।

୬। ବ୍ରୁଡର ତଳର ଉତ୍ତାପ ୯୫° ଫାରେନ୍‌ହାଇଟ୍ ରଖାଯାଏ ।

୭। ପ୍ରଥମ ୭ ଦିନ ମଧ୍ୟରେ ଚିଆଁଙ୍କର ମୃତ୍ୟୁହାର ଅଧିକ ଥିବାରୁ ଚିଆଁଙ୍କ ପିଇବା ପାଣିରେ କିଛି ଭିଟାମିନ୍ ଔଷଧ ମିଶାଯାଏ । ଦରକାର ପଡ଼ିଲେ ଆଣ୍ଟିବାୟୋଟିକ୍ ମଧ୍ୟ ପିଇବା ପାଣିରେ ମିଶାଇ ଦିଆଯାଏ ।

୮। ଶୀତଦିନେ ଚିଆଁଘରର ଝରକାକୁ ପରିଷ୍କାର କନାରେ ବନ୍ଦ କରାଯାଏ, ଯେପରି ବାୟୁ ଚଳାଚଳ ବାଧାପ୍ରାପ୍ତ ନ ହୁଏ ।

୯। ଷଷ୍ଠ ଦିନରେ ବିଛାଯାଇଥିବା ଖବର କାଗଜକୁ କାଢ଼ି ବାହାରେ ପୋଡ଼ିଦିଆଯାଏ ।

୧୦। ପ୍ରତ୍ୟେକ ୨-୩ ଦିନ ବ୍ୟବଧାନରେ ଚିଆଁଘେରକୁ ବ୍ରୁଡର ଠାରୁ ଅଧିକ ଦୂରକୁ ଘୁଞ୍ଚାଯାଏ (ଦୈନିକ ୨ ଇଞ୍ଚ ହିସାବରେ) ।

୧୧। ଚିଆଁମାନେ ବ୍ରୁଡର ତଳେ କିପରି ଅବସ୍ଥାରେ ଚଳପ୍ରଚଳ କରୁଛନ୍ତି ଅନୁଧ୍ୟାନ କରି ବ୍ରୁଡର ଉତ୍ତାପ ଠିକ୍ ଅଛି କି ନା ସ୍ଥିର କରାଯାଏ ।

**ଖ) ଦ୍ୱିତୀୟ ସପ୍ତାହର କାର୍ଯ୍ୟାବଳୀ**

୧। ବ୍ରୁଡର ତଳର ଉତ୍ତାପ ପାଇଁ ୫° ଫାରେନ୍‌ହାଇଟ୍ କମ୍ ରହିବା ପାଇଁ ବ୍ୟବସ୍ଥା କରାଯାଏ । ଦ୍ୱିତୀୟ ସପ୍ତାହରେ ବ୍ରୁଡର ତଳ ଉତ୍ତାପ ୯୦° ଫାରେନ୍‌ହାଇଟ୍ ରହିବା ଦରକାର ।

୨। ଚିଆଁଙ୍କର ୧୦ ଦିନ ବୟସ ପର୍ଯ୍ୟନ୍ତ ଦାନାପାତ୍ରରେ ପୁରା ଭାବରେ ଦାନା ଦେଇ ଢାଙ୍କୁଣୀ ଘୋଡ଼ାଯାଏ । ତା ପରେ ଦାନା ପାତ୍ରରେ ଦୁଇ ତୃତୀୟାଂଶ ଦାନା ଭର୍ତ୍ତି କରାଯାଏ ।

୩। ଦଶମ ଦିନ ଚିଆଁ ଘେର କାଢ଼ି ଦିଆଯାଏ ।

୪। ଦାନାପାତ୍ର ଓ ଜଳପାତ୍ରର ଉଚ୍ଚତା ବଢ଼ାଯାଏ, ଯେପରି ଉଭୟ ପାତ୍ରର ଧାର ଚିଆଁଙ୍କର ପିଠି ଉଚ୍ଚରେ ରହିବ ।

୫। ଲିଟରକୁ ଦୁଇ ଦିନ ବ୍ୟବଧାନରେ କଣ୍ଟା ଫାଉଡ଼ାରେ ତଳ ଉପର କରି ଓଲଟପାଲଟ କରାଯାଏ ଯେପରି ଲିଟର ମୁଣ୍ଡା ଧରିବ ନାହିଁ ।



୬। ଦଶମ ଦିନରୁ ପଞ୍ଚଦଶ ଦିନ ମଧ୍ୟରେ ଚିଆଁଙ୍କର ଥଣ୍ଟ କାଟିଦେଲେ ପରସ୍ପର ମଧ୍ୟରେ ଖୁମ୍ପା ଖୁମ୍ପି ହେବା ଏବଂ ଥଣ୍ଟରେ ଦାନା ଖେଳାଇ ନଷ୍ଟ ହୋଇଯିବା କେତେକାଂଶରେ ବନ୍ଦ ହୋଇଯାଏ ।

୭। ୨-୩ ଦିନ ବ୍ୟବଧାନରେ ଦାନାପାତ୍ର ଓ ଜଳପାତ୍ରର ସ୍ଥାନ ପରିବର୍ତ୍ତନ କରିବା ଉଚିତ୍ ।

୮। ଜଳପାତ୍ର ରହୁଥିବା ସ୍ଥାନରେ ଓଦା ଲିଟରକୁ କାଢ଼ି, ଖୋଲି ଶୁଖିଲା ଲିଟର ଦେବା ଉଚିତ୍ ।

**ଗ) ତୃତୀୟ ସପ୍ତାହର କାର୍ଯ୍ୟାବଳୀ**

୧। ବ୍ରୁଡର ତଳ ଉତ୍ତାପ ୮୫° ଫାରେନ୍‌ହାଇଟ୍‌କୁ ଅଣାଯାଏ ।

୨। ଆଉ ଅଧିକ ଲିଟର ପକାଇ ଲିଟର ଉଚ୍ଚ (୨ ଇଞ୍ଚ) ପର୍ଯ୍ୟନ୍ତ କରାଯାଏ ।

୩। ଛୋଟ ଦାନା ପାତ୍ର ଓ ଜଳପାତ୍ର ବଦଳାଇ ମଧ୍ୟମ ଧରଣର ଦାନାପାତ୍ର ଓ ଜଳପାତ୍ର ବ୍ୟବହାର କରାଯାଏ ।

୪। ପୂର୍ବପରି ୨-୩ ଦିନ ବ୍ୟବଧାନରେ ଲିଟର ଓଲଟପାଲଟ କରାଯାଏ ।

୫। ୧୫-୧୬ ଦିନ ମଧ୍ୟରେ ଗୁମ୍ଫୋର ଟୀକା ଆଖି ବା ନାକ ପୁଡ଼ାରେ ଦେବା ଉଚିତ୍ ।

**ଘ) ଚତୁର୍ଥ ସପ୍ତାହର କାର୍ଯ୍ୟାବଳୀ**

୧। ବ୍ରୁଡର ତଳ ଉତ୍ତାପ ୮୦° ଫାରେନ୍‌ହାଇଟ୍‌କୁ ଅଣାଯାଏ ।

୨। ଜଳପାତ୍ର ଓ ଦାନାପାତ୍ରର ସଂଖ୍ୟା ବୃଦ୍ଧି କରିବାକୁ ପଡ଼େ ।

୩। ଚିଆଁଙ୍କର ୨୫ ରୁ ୨୭ ଦିନ ବୟସ ମଧ୍ୟରେ ଦୈନିକ କକ୍‌ସିଡ଼ିଆ ବିରୋଧି ଔଷଧ ପାଣିରେ ୫ ଦିନ ପକାଇବାକୁ ଦିଆଯାଏ ।

୪। ୩୦ ଦିନ ବୟସରେ ଆଉଥରେ ରାଣୀକ୍ଷେତ ଏବଂ ଅନୁଜାତି ଟୀକା ପୂର୍ବପରି ନାକପୁଡ଼ା କିମ୍ବା ଆଖିରେ ପକାଯାଏ ।

## ଙ) ପଞ୍ଚମ ସପ୍ତାହର କାର୍ଯ୍ୟାବଳୀ

୧। ଗ୍ରୀଷ୍ମଦିନେ ବ୍ରୁଡରକୁ ସମ୍ପୂର୍ଣ୍ଣ କାଢ଼ି ଦିଆଯାଏ ଓ ଶୀତଦିନେ ବ୍ରୁଡର ତଳ ଉତ୍ତାପ ୭୫° ଫାରେନ୍‌ହାଇଟ୍‌କୁ ଅଣାଯାଏ ।

୨। ଅଧିକ ଲିଟର ପକାଯାଏ ଯେପରି ଲିଟରର ଉଚ୍ଚ ଅଢ଼େଇରୁ ତିନି ଇଞ୍ଚ ପର୍ଯ୍ୟନ୍ତ ହେବ ।

୩। ଲିଟରରେ ପାଣି ପଡ଼ି କିମ୍ବା ବହୁତ କୁକୁଡ଼ା ମଳ ପଡ଼ି ମୁଣ୍ଡା ହେବାର ସମ୍ଭାବନା ଥାଏ । ତେଣୁ ଲିଟରରେ ଚୂନ ଗୁଣ୍ଡ ପ୍ରତି ୧୦୦ ବର୍ଗ ଫୁଟ ମେଜିଆ ଜାଗାରେ ୧ କିଲୋଗ୍ରାମ୍ ହିସାବରେ ମିଶାଯାଏ ।

୪। ଯଦି ଚିଆଁମାନଙ୍କ ମଧ୍ୟରେ ଶରୀର ବୃଦ୍ଧିର ବହୁତ ତାରତମ୍ୟ ଥାଏ, ତେବେ ଛୋଟ ଚିଆଁ ଓ ବଡ଼ ଚିଆଁକୁ ଅଲଗା ଅଲଗା କରି ଦିଆଯିବା ଉଚିତ୍ ।

## ଚ) ଷଷ୍ଠ ଓ ସପ୍ତମ ସପ୍ତାହର କାର୍ଯ୍ୟାବଳୀ

୧। ଏହି ସପ୍ତାହ ମଝିରେ ଚିଆଁମାନଙ୍କୁ କୁକୁଡ଼ା ବସନ୍ତ ଟୀକା ଦିଆଯାଏ ।

୨। ପୂର୍ବପରି ଆବଶ୍ୟକ ପରିମାଣ ଦାନାପାତ୍ର ଓ ଜଳପାତ୍ରର ସଂଖ୍ୟା ଦରକାର ପଡ଼ିଲେ ବଢ଼ାଯାଏ ।

୩। ଲିଟରର ଅତ୍ୟଧିକ ଯତ୍ନ ଦରକାର, ଯେପରି ଲିଟର ଶୁଖିଲା ଦେଖାଯାଉଥିବ ।

୪। କୁକୁଡ଼ା ମାନଙ୍କ ବଡ଼ ଦାନାପାତ୍ର ଓ ଜଳପାତ୍ର ବ୍ୟବହାର କରିବାକୁ ଦିଆଯାଏ ।

୫। ଏହି ବୟସରେ ବ୍ରଏଲର କୁକୁଡ଼ାକୁ ବିକ୍ରୟ କରିବାର ବ୍ୟବସ୍ଥା କରାଯାଏ ।

## ଛ) ଅଷ୍ଟମ ସପ୍ତାହର କାର୍ଯ୍ୟାବଳୀ

୧। ଅଣ୍ଡାଦିଆ କୁକୁଡ଼ାମାନଙ୍କୁ ଅଷ୍ଟମ ସପ୍ତାହରେ ରାଣୀକ୍ଷେତ ଆର୍.ଟୁ.ବି. ଟୀକା ଇଞ୍ଜେକ୍‌ସନ୍ ଡେଣାତଳ ଚର୍ମରେ ଦିଆଯାଏ ।

୨। ଯଥେଷ୍ଟ ସଫା ପାଣି ପିଇବାକୁ ଦିଆଯାଏ ।

୩। ଅଣ୍ଡାଦିଆ କୁକୁଡ଼ା ହୋଇଥିଲେ ଖାଦ୍ୟ କମାଇବାକୁ ପଡ଼ିଥାଏ ।



## ଚିଆଁ ପାଳନରେ ଲିଟରର ସ୍ୱତନ୍ତ୍ର ଯତ୍ନ

ଡିପ୍‌ଲିଟର ପ୍ରଣାଳୀରେ କୁକୁଡ଼ା ପାଳନ କଲେ, ଲିଟରର ଯତ୍ନ ଆବଶ୍ୟକ । କରତ ଗୁଣ୍ଡ, ଧାନ ଚଷୁ, ଆଖୁକତା ଗୁଣ୍ଡ, ନଡ଼ା ଖଣ୍ଡ ପ୍ରଭୃତିକୁ ଲିଟର ଭାବେ ବ୍ୟବହାର କରାଯାଏ । ଯେହେତୁ କୁକୁଡ଼ାମାନେ ଲିଟର ଉପରେ ରୁହନ୍ତି, ସେଠାରେ ମଳତ୍ୟାଗ କରନ୍ତି, ତେଣୁ ଲିଟରର ଯତ୍ନ ନିତାନ୍ତ ଆବଶ୍ୟକ । ଲିଟର ଓଦାଳିଆ ହୋଇଗଲେ, କୁକୁଡ଼ାଙ୍କର ବହୁତ କ୍ଷତି ହୁଏ । ଡିପ୍‌ଲିଟର ପ୍ରଣାଳୀ କୁକୁଡ଼ା ପାଳନରେ ଲିଟରର ଅବସ୍ଥା ଦେଖି, କୁକୁଡ଼ା ଗୃହ ପରିଚାଳନା ଠିକ୍ ଅଛି କି ନାହିଁ କହିହେବ । କୁକୁଡ଼ା ଘରେ ଶୁଖିଲା ଲିଟର ଓ ପରିଷ୍କାର ଲିଟର ଉପଯୁକ୍ତ ଗୃହ ପରିଚାଳନାର ମାନଦଣ୍ଡ । ନିମ୍ନଲିଖିତ ଉପାୟରେ ଲିଟରର ଯତ୍ନ ନେବା ଦରକାର ।

୧। ଚିଆଁ ଘରେ ଲିଟରକୁ ସର୍ବଦା ଶୁଷ୍କ ରଖିବା ଉଚିତ୍ ।

୨। ପ୍ରତି ୨–୩ ଦିନ ବ୍ୟବଧାନରେ ଲିଟରକୁ ତଳ ଉପର କରି ଘାଣ୍ଟ ।

୩। ଲିଟରକୁ ଓଦା କରିବାକୁ ଓ ମୁଣ୍ଡା ବାନ୍ଧିବାକୁ ଦିଅନାହିଁ ।

୪। ଯଦି କୁକୁଡ଼ାଙ୍କର ଆଙ୍ଗୁଠିରେ ଲିଟର ଗୋଟାଳିଆ ହୋଇ ଲାଗିରହେ, ତାହା ହେଲେ ଲିଟର ଖରାପ ଅର୍ଥାତ୍ ଓଦାଳିଆ ଅଛି ବୋଲି ଜଣାଯାଏ ।

୫। ଲିଟରକୁ ହାତ ପାପୁଲିରେ ଧରି ମୁଠା କରି ତଳକୁ ଛାଡ଼ିଦେଲେ ଯଦି ତାହା ଝୁରୁ ଝୁରିଆ ହୋଇ ଖସିପଡ଼େ, ତାହା ଭଲ ଲିଟର ବୋଲି ଜଣାଯାଏ । ଯଦି ମୁଣ୍ଡା ହୋଇ ଖସିପଡ଼େ, ତାହାହେଲେ ଲିଟର ଖରାପ ହୋଇଗଲାଣି ବୋଲି ଜଣାପଡ଼େ ।

୬। ଜଳପାତ୍ର ଓ ଦାନାପାତ୍ରର ସ୍ଥାନ ପରିବର୍ତ୍ତନ କରିବା ଦରକାର । ନଚେତ୍ ଏହାର କଡ଼ ଲିଟର ଆଗ ଖରାପ ହୋଇଯାଏ । ଯେଉଁ ଜାଗାରେ ଲିଟର ଓଦାଳିଆ ହୋଇଯାଇଛି, ସେଠାରୁ ତୁରନ୍ତ ତାହାକୁ କାଢ଼ିଦେଇ ନୂଆ ଲିଟର ପକାଯାଏ ।

୭। ବର୍ଷାଦିନେ ଲିଟର ଶୁଖିବାକୁ ଡେରି ହୁଏ କିମ୍ବା ଓଦାଳିଆ ରୁହେ । ତେଣୁ ଲିଟର ଅବସ୍ଥା ଦେଖି ଲିଟର ପରିବର୍ତ୍ତନ କରାଯାଏ କିମ୍ବା ଅଳ୍ପ ଓଦାଳିଆ ଥିଲେ, ପ୍ରତି ୧୦୦ ବର୍ଗଫୁଟ ମେଜିଆ ଜାଗାରେ ଏକ କିଲୋଗ୍ରାମ୍ ଶୁଖିଲା ଚୂନ ଗୁଣ୍ଡ ମିଶାଇଲେ, ଲିଟର ଶୁଖିଲା ରହିବା ସଙ୍ଗେ ସଙ୍ଗେ ଲିଟରରେ ଥିବା କେତେକ ଜୀବାଣୁ ଓ କୃମି ଅଣ୍ଡାମାନ ନଷ୍ଟ ହୋଇଯାଆନ୍ତି । ବଜାରରେ ମିଳୁଥିବା ଲିଟର ଗାର୍ଡ଼, ଲିଟର ମାଷ୍ଟର ଔଷଧ ଲିଟରକୁ ଶୁଖିଲା ରଖିବା ପାଇଁ ବ୍ୟବହାର କରାଯାଇଥାଏ ।

*****


*ମୂଳ ବିଷୟ ବସ୍ତୁ*

**ଡଃ ଶରତ ଚନ୍ଦ୍ର ମିଶ୍ର**

**ଡଃ ପ୍ରବୀଣ କୁମାର ଦେହୁରୀ**

**ଡଃ ପ୍ରସନ୍ନ କୁମାର ମିଶ୍ର**

*ସଂଶୋଧିତ ବିଷୟବସ୍ତୁ*

**ଡଃ ନିରଞ୍ଜନ ପଣ୍ଡା**

ପ୍ରାଧ୍ୟାପକ, ପ୍ରାଣୀ ପୁଷ୍ଟି ବିଭାଗ

ଓୟୁଏଟି, ଭୁବନେଶ୍ୱର



ଓ.ୟୁ.ଏ.ଟି. ପ୍ରେସ୍, ୫୦୦, ୨୦୧୪




## କୁକୁଡ଼ା ପାଳନ (ତୃତୀୟ ପାଠ)

# ଦୂରଶିକ୍ଷା କାର୍ଯ୍ୟକ୍ରମ

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩

ଦୟାକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଏହି କାଗଜରେ ଲେଖି ୭ ଦିନ ଭିତରେ ଆମ ପାଖକୁ ପଠାନ୍ତୁ ।

***ଆପଣଙ୍କ ପାଇଁ ପ୍ରଶ୍ନ***

ପ୍ର. ୧-କୁକୁଡ଼ା ଛୁଆ ପାଇଁ ପ୍ରଥମ ସପ୍ତାହରେ କେତେ ଉତ୍ତାପ ଦରକାର ?

ଉ-

ପ୍ର. ୨- କୁକୁଡ଼ା ଛୁଆ ବଢ଼ିବା ପାଇଁ କେତେ ଆର୍ଦ୍ରତା ଦରକାର ହୁଏ ?

ଉ-

ପ୍ର. ୩-କୁକୁଡ଼ା ଛୁଆ ପାଳନ ପାଇଁ କି କି ଉପକରଣ ଦରକାର ?

ଉ-

ପ୍ର. ୪-କୁକୁଡ଼ା କେତେ ବଡ଼ ହେଲେ ରାଣୀକ୍ଷେତ ରୋଗର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରଯାଏ ?

ଉ-

ପ୍ର. ୫-ଲିଟର ଓଦାଳିଆ ଥିଲେ କିପରି ଓଦାଳିଆ କରାଯିବ ?

ଉ-

ଚାଷୀଙ୍କ ସ୍ୱାକ୍ଷର -

ଡାକ ଠିକଣା

କ୍ରମିକ ନଂ -

ତାରିଖ -

ଚତୁର୍ଥ ପାଠ

# କୁକୁଡ଼ା ପାଳନ




**ଦୂରଶିକ୍ଷା କାର୍ଯ୍ୟକ୍ରମ**

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩**

ନାମ...............................

କ୍ରମିକ ନଂ .......................

## ଚତୁର୍ଥ ପାଠ
## କୁକୁଡ଼ା ଖାଦ୍ୟ ଓ ଖାଦ୍ୟଦେବା ପଦ୍ଧତି

କୁକୁଡ଼ା ପାଳନ ପାଇଁ ଯେଉଁ ଖର୍ଚ୍ଚ ହୁଏ, ତାହାର ୬୫ ରୁ ୭୦ ଭାଗ ଖର୍ଚ୍ଚ କେବଳ କୁକୁଡ଼ାଙ୍କ ଖାଦ୍ୟରେ ହିଁ ହୋଇଥାଏ । ଶରୀର ବୃଦ୍ଧି, ଅଣ୍ଡା ଓ ମାଂସ ଉତ୍ପାଦନ ପାଇଁ ଉପାଦାନ ଗୁଡ଼ିକ ଖାଦ୍ୟରୁ ହିଁ ମିଳିଥାଏ । ଗୋଟିଏ ଭଲ କୁକୁଡ଼ା ଖାଦ୍ୟରେ କୁକୁଡ଼ାର ଶରୀର ବୃଦ୍ଧି ଓ ଅଣ୍ଡା ଉତ୍ପାଦନ ପାଇଁ ଆବଶ୍ୟକ ହେଉଥିବା ସମସ୍ତ ଉପାଦାନ ଗୁଡ଼ିକ ଥିବା ଦରକାର । ଯେଉଁ ଖାଦ୍ୟରେ ଆବଶ୍ୟକ ମୁତାବକ ସମସ୍ତ ଉପାଦାନ ଥାଏ, ତାହାକୁ ସନ୍ତୁଳିତ ଖାଦ୍ୟ କୁହାଯାଏ । ସନ୍ତୁଳିତ ଖାଦ୍ୟ ନଦେଲେ କୁକୁଡ଼ା ବଞ୍ଚିଯାଇ ପାରେ । କିନ୍ତୁ ଯେତିକି ବଢ଼ିବା କଥା କିମ୍ବା ଯେତିକି ଅଣ୍ଡା ଦେବା କଥା ସେତିକି ଦିଏ ନାହିଁ । ସମୟ ସମୟରେ କୁକୁଡ଼ା ମଧ୍ୟ ଦୁର୍ବଳ ଓ ରୁଗ୍ଣ ହୋଇଯାଏ । ବିଶେଷ କରି ଘରେ ଆବଦ୍ଧ କରି କୁକୁଡ଼ା ପାଳନ ପାଇଁ ସନ୍ତୁଳିତ ଖାଦ୍ୟ ଦେବା ନିହାତି ଦରକାର । ଘର ଅଗଣାରେ କୁକୁଡ଼ା ପାଳନ ପାଇଁ କମ୍ ଖାଦ୍ୟ ଦରକାର ହୋଇଥାଏ ।

କୁକୁଡ଼ା ଦାନାରେ ଦରକାର ହେଉଥିବା ଉପାଦାନ ଗୁଡ଼ିକ ହେଲା – ଶ୍ୱେତସାର, ପ୍ରୋଟିନ୍ ବା ପୁଷ୍ଟିସାର, ଚର୍ବି ବା ତୈଳାଂଶ, ନାନା ପ୍ରକାର ଧାତବ ଲବଣ ଏବଂ ଭିଟାମିନ୍ । ଏହିସବୁ ଉପାଦାନ ଗୁଡ଼ିକ ପାଇବା ପାଇଁ କୁକୁଡ଼ା ଦାନାରେ ବିଭିନ୍ନ ପଦାର୍ଥ ମିଶାଯାଇଥାଏ । ଏହି ପଦାର୍ତ୍ତ ଗୁଡ଼ିକ ବିଭିନ୍ନ ପଦାର୍ଥ ମିଶାଯାଇ ଥାଏ । ଏହି ପଦାର୍ଥ ଗୁଡ଼ିକ ବିଭିନ୍ନ ଶ୍ରେଣୀଭୁକ୍ତ ହୋଇଥାଆନ୍ତି । ସେଗୁଡ଼ିକ ହେଲା – ୧) ଶସ୍ୟ ବୀଜ, ୨) ପିଡିଆ ଗୁଣ୍ଡ, ୩) ପ୍ରାଣୀଜ ପୁଷ୍ଟିସାର, ୪) କୁଣ୍ଡା ଓ ଚୋକଡ଼, ୫) ଲୁଣ, ୬) ଶାମୁକା ଖୋଳ ଗୁଣ୍ଡ ବା ଗେଙ୍ଗୁଟି ପଥର ଗୁଣ୍ଡ, ୭) ବିଶୋଧିତ ହାଡ଼ଗୁଣ୍ଡ

କିମ୍ବା ଡାଇକାଲସିୟମ୍ ଫସ୍‌ଫେଟ୍, ୮) ଖଣିଜ ଲବଣ ମିଶ୍ରଣ, ୯) ଏଣ୍ଟିବାଇଓଟିକ୍ସ, ୧୦) କକ୍‌ସିଡ଼ିଆ ନିରୋଧି ଔଷଧ, ୧୧) ଭିଟାମିନ୍ ।

ମକା, ବାଜରା, ଜୁଆର, ମାଣ୍ଡିଆ, ଗହମ, ଚାଉଳ, ଓଟ୍ ଇତ୍ୟାଦି ଶସ୍ୟ କୁକୁଡ଼ା ଦାନାରେ ଶ୍ୱେତସାର ଖାଦ୍ୟ ଭାବରେ ବ୍ୟବହୃତ ହୋଇଥାଏ । ଏହି ଖାଦ୍ୟ ହଜମ ହୋଇ କୁକୁଡ଼ାକୁ ଶକ୍ତି ଯୋଗାଇଥାଏ । କୁକୁଡ଼ାଙ୍କ ପାଇଁ ଶସ୍ୟମାନଙ୍କ ମଧ୍ୟରୁ ମକା ଉତ୍କୃଷ୍ଟ । ଏହା ସହଜରେ ହଜମ ହୋଇ ବେଶି ଶକ୍ତି ଯୋଗାଇଥାଏ । ହଳଦିଆ ମକା ଖାଇବାକୁ ଦେଲେ ଅଣ୍ଡାର ପିତ ହଳଦିଆ ହୋଇଥାଏ । ସାଧାରଣତଃ ଶତକଡ଼ା ୩୦-୬୦ ଭାଗ ପର୍ଯ୍ୟନ୍ତ ମକା ମିଶ୍ରିତ ଦାନାରେ ମିଶାଯାଇଥାଏ । ମାଣ୍ଡିଆକୁ ଖୁଆଇବା ପୂର୍ବରୁ ଗୁଣ୍ଡ କରି ଦେବା ଉଚିତ୍ । ଗୋଟା ମାଣ୍ଡିଆ ଖୁଆଇଲେ ହଜମ ନ ହୋଇ ମଳରେ ବାହାରିଯାଏ । ଏହାକୁ ଦାନାରେ ଶତକଡ଼ା ୧୦ ଭାଗ ପର୍ଯ୍ୟନ୍ତ ମିଶାଯାଇଥାଏ । ସମସ୍ତ ପ୍ରକାର ଶସ୍ୟ ବୀଜକୁ ଖଣ୍ଡ ଖଣ୍ଡ କରି ଦାନାରେ ମିଶାଇଲେ ଭଲ ହଜମ ହୋଇଥାଏ ।

ସୋୟବିନ୍, ଚିନାବାଦାମ, ରାଶି, ସୂର୍ଯ୍ୟମୁଖୀ, ଅଳସୀ, କୁସୁମୀ, ପିଡ଼ିଆଗୁଣ୍ଡ ଉଦ୍ଭିଦ ପୁଷ୍ଟିସାର ଖାଦ୍ୟ ଭାବରେ କୁକୁଡ଼ା ଦାନାରେ ବ୍ୟବହୃତ ହୋଇଥାଏ । ପୁଷ୍ଟିସାର ଜାତୀୟ ଖାଦ୍ୟ ଶରୀର ବୃଦ୍ଧି ଓ କ୍ଷୟ ପୂରଣରେ ଦରକାର ହୋଇଥାଏ । ଏହା ସଙ୍ଗେ ସଙ୍ଗେ ଅଣ୍ଡା ଉତ୍ପାଦନ ପାଇଁ ମଧ୍ୟ ଦରକାର ହୋଇଥାଏ । ଏମାନଙ୍କ ମଧ୍ୟରୁ ସୋୟାବିନ୍, ଚିନାବାଦାମ ଓ ରାଶି ପିଡ଼ିଆ ଗୁଣ୍ଡ ବହୁଳ ପରିମାଣରେ ବ୍ୟବହୃତ ହୋଇଥାଏ । ପିଡ଼ିଆ ଗୁଣ୍ଡ ମଧ୍ୟରୁ ସୋୟାବିନ୍ ସର୍ବୋତ୍କୃଷ୍ଟ । ଏଥିରେ ୪୦-୫୦ ପ୍ରତିଶତ ପୁଷ୍ଟିସାର ଥାଏ । ମିଶ୍ରିତ କୁକୁଡ଼ା ଦାନାରେ ସବୁବେଳେ ୨ ରୁ ଅଧିକ କିସମର ପିଡ଼ିଆ ଗୁଣ୍ଡ ମିଶାଇଲେ ଦାନାଟି ଅଧିକ ସନ୍ତୁଳିତ ହୋଇଥାଏ । ବିଭିନ୍ନ କିସମର ଦାନାରେ ପିଡ଼ିଆ ଗୁଣ୍ଡ ୧୫-୩୦ ପ୍ରତିଶତ ପର୍ଯ୍ୟନ୍ତ ମିଶାଯାଇଥାଏ ।

ମାଛ ଗୁଣ୍ଡ, ମାଂସ ଗୁଣ୍ଡ, ସିଲ୍କ ପୋକର ପ୍ୟୁପା ଇତ୍ୟାଦି ପ୍ରାଣୀଜ ପୁଷ୍ଟିସାର ଭାବରେ କୁକୁଡ଼ା ଦାନାରେ ବ୍ୟବହୃତ ହୋଇଥାଏ । ପ୍ରାଣୀଜ ପୁଷ୍ଟିସାର ଭାବରେ ମାଛଗୁଣ୍ଡ ସବୁଠାରୁ ଉତ୍କୃଷ୍ଟ । କାରଣ ଏହା ଏକ ସନ୍ତୁଳିତ ପୁଷ୍ଟିସାର ଅଟେ । ପିଡ଼ିଆ



ଗୁଣ୍ଡରେ ପରିଲକ୍ଷିତ ହୋଇଥିବା ଅଭାବଗୁଡ଼ିକ ପ୍ରାଣୀଜ ପୁଷ୍ଟିସାର ଉପାଦାନ ଗୁଡ଼ିକରେ ମିଳିଥାଏ । ପୁଷ୍ଟିସାର ବ୍ୟତୀତ ଭିଟାମିନ୍ ବି-୧୨, କାଲ୍‌ସିୟମ୍, ଫସ୍‌ଫରସ୍, ମାଙ୍ଗାନିଜ୍ ଓ ଆୟୋଡିନ୍ ପ୍ରଭୃତି ଖଣିଜ ପଦାର୍ଥ ଥାଏ । ଶୁଖୁଆ ଗୁଣ୍ଡ ଯେଉଁ ଶୁଖୁଆରୁ ତିଆରି ହୁଏ, ତାହା ପଚାସଢ଼ା ହେବା ଉଚିତ୍ ନୁହେଁ । ପଚାସଢ଼ା ହେଲେ ତାହା ବିଷାକ୍ତ ହୋଇଯାଏ । ଶୁଖୁଆ ଗୁଣ୍ଡରେ ୪୫-୬୦ ପ୍ରତିଶତ ପୁଷ୍ଟିସାର ଥାଏ ଏବଂ ଏହାକୁ ୫-୧୨ ପ୍ରତିଶତ ପର୍ଯ୍ୟନ୍ତ ଦାନାରେ ମିଶାଯାଇଥାଏ ।

ଧାନରୁ ବାହାରିଥିବା କୁଣ୍ଡା ବା ଚୋକଡ଼ ଦେଲେ ତାହା କୁକୁଡ଼ାଙ୍କୁ ଶକ୍ତି ଦେଇଥାଏ । ଏଥି ସଙ୍ଗେ ସଙ୍ଗେ ଏଥିରୁ ଫସ୍‌ଫରସ୍, ଲୌହ, ମାଙ୍ଗାନିଜ ଇତ୍ୟାଦି ଖଣିଜ ଏବଂ କେତେକ ଭିଟାମିନ୍ ମିଳିଥାଏ । ଏଗୁଡ଼ିକ ମଣିଷର ଖାଦ୍ୟ ନୁହେଁ, ତେଣୁ ଶସ୍ତାରେ ମିଳିଥାଏ । ତେଣୁ କୁକୁଡ଼ା ଦାନାରେ ମିଶାଇଲେ ଦାନାଟି ଶସ୍ତା ହୋଇଥାଏ । କୁକୁଡ଼ା ଦାନାରେ ଏହା ସର୍ବାଧିକ ୨୦ ପ୍ରତିଶତ ପର୍ଯ୍ୟନ୍ତ ମିଶାଯାଇଥାଏ । ଦେଖିବାକୁ ହେବ ଯେପରି କୁଣ୍ଡାର ଚଷୁ ନ ମିଶେ । କାରଣ ଚଷୁକୁ କୁକୁଡ଼ା ହଜମ କରି ପାରିବ ନାହିଁ । ପାଲିସ୍ କୁଣ୍ଡାରେ ସାଧାରଣତଃ ୧୫ ପ୍ରତିଶତ ତୈଳାଂଶ ଥାଏ । ଫଳରେ ଏହା ଶକ୍ତି ଯୋଗାଇଥାଏ । ଆଜିକାଲି ଏହି ତୈଳାଂଶକୁ କୁଣ୍ଡାରୁ ବାହାର କରାଯାଉଛି, ସେଥିପାଇଁ ତାହା ଅଧିକ ଦିନ ରହିପାରୁଛି ।

କୁକୁଡ଼ା ଦାନାରେ ଲୁଣ କମ୍ ହେଲେ ଭୋକ କମିଯାଏ ପର ଟାଆଁସିଆ ହୋଇଯାଏ, ଶରୀର ବୃଦ୍ଧି ଭଲ ହୁଏ ନାହିଁ, କୁକୁଡ଼ା ମାନେ ଅନ୍ୟର ପର ଖୁମ୍ପନ୍ତି ଏବଂ ପରସ୍ପରକୁ ଖୁମ୍ପି ଖାଇଯାଆନ୍ତି । ଦାନାରେ ଶତକଡ଼ା ୦.୫ ଭାଗ ଲୁଣ ରହିବା ଦରକାର ।

ଶାମୁକା ଖୋଳ ଗୁଣ୍ଡ କିମ୍ବା ଗେଙ୍ଗୁଟି ପଥର ଗୁଣ୍ଡରୁ କାଲ୍‌ସିୟମ୍ ମିଳିଥାଏ । କୁକୁଡ଼ା ଦାନାରେ ମିଶୁଥିବା ଅନ୍ୟାନ୍ୟ ଉପାଦାନ ଗୁଡ଼ିକରୁ କୁକୁଡ଼ା ଦରକାର ମୁତାବକ କ୍ୟାଲ୍‌ସିୟମ୍ ପାଇପାରେ ନାହିଁ । ଏଣୁ ଏଗୁଡ଼ିକ ମିଶାଇବା ନିହାତି ଦରକାର । ସାଧାରଣତଃ ଚିଆଁ ଦାନାରେ ଦେଢ଼ ପ୍ରତିଶତ ଏବଂ ଅଣ୍ଡା ଦେଉଥିବା କୁକୁଡ଼ାଙ୍କ ଦାନାରେ ୫ ପ୍ରତିଶତ ମିଶାଇବା ଉଚିତ୍ । ଏହାର ଅଭାବରେ ଅଣ୍ଡା ଦିଆ କୁକୁଡ଼ାମାନଙ୍କର ଅଣ୍ଡାର ଖୋଳପା ନରମ ହୋଇଥାଏ ।

ବିଶୋଧିତ ହାଡ଼ଗୁଣ୍ଡ କିମ୍ବା ଡାଇକାଲ୍‌ସିୟମ୍ ଫସ୍‌ଫେଟ୍, କାଲ୍‌ସିୟମ୍ ଓ ଫସ୍‌ଫରସ୍ ଉଭୟ ଖଣିଜ ଥାଏ । ଏଗୁଡ଼ିକ ସାଧାରଣତଃ ଫସ୍‌ଫରସ୍ ପାଇଁ ଦାନାରେ ମିଶାଯାଇଥାଏ । ହାଡ଼ଗୁଣ୍ଡ ବ୍ୟବହାର କଲେ ତାକୁ ବିଶୋଧନ କରିବା ଦରକାର । ନଚେତ୍ ସେଥିରେ ନାନା ପ୍ରକାର ରୋଗ ଜୀବାଣୁ ଥାଆନ୍ତି । ଏଗୁଡ଼ିକ ଦାନାରେ ୧ ରୁ ୧.୫ ପ୍ରତିଶତ ପର୍ଯ୍ୟନ୍ତ ମିଶାଯାଇଥାଏ । ଦାନାରେ ଅଳ୍ପ ପରିମାଣରେ ମିଶିଥିବା ଖଣିଜ ପଦାର୍ଥ ଗୁଡ଼ିକ ହେଲା, ଲୌହ, ମ୍ୟାଗ୍ନେସିୟମ୍, ଦସ୍ତା, ପଟାସିୟମ୍ ଓ ତାମ୍ର ଇତ୍ୟାଦି । ଉପର ଲିଖିତ ମତେ ଖଣିଜ ପଦାର୍ଥ ଗୁଡ଼ିକୁ ଅଲଗା ଅଲଗା କରି ଦାନାରେ ମିଶାଇଲେ ଚଳିବ । ନଚେତ୍ ବଜାରରେ ମିଳୁଥିବା ଖଣିଜ ମିଶ୍ରଣ କିଣି ୨.୫ ରୁ ୩ ପ୍ରତିଶତ ଦାନରେ ମିଶାଇବା ଦରକାର । କିନ୍ତୁ ଅଣ୍ଡା ଦେଉଥିବା କୁକୁଡ଼ାଙ୍କ ଦାନାରେ ଖଣିଜ ମିଶ୍ରଣ ବାଦ ଶାମୁକା ଗୁଣ୍ଡ ଅଥବା ଗେଙ୍ଗୁଟି ପଥର ଗୁଣ୍ଡ ୫ ପ୍ରତିଶତ ମିଶାଇବାକୁ ପଡ଼ିଥାଏ । କାରଣ ଅଣ୍ଡାର ଖୋଳ ତିଆରି ହେବା ପାଇଁ ଅଧିକ କ୍ୟାଲ୍‌ସିୟମ୍ ଦରକାର ହୋଇଥାଏ । ଖଣିଜ ଲବଣ ଗୁଡ଼ିକ ହାଡ଼ର ଗଠନ ଓ ବିକାଶ, ମାଂସପେଶୀର ଗଠନ, ହଜମ ଶକ୍ତି ବୃଦ୍ଧି ପାଇଁ ଦରକାର ହୋଇଥାଏ ।

କୁକୁଡ଼ା ମାନଙ୍କର ଦରକାର ହେଉଥିବା ଭିଟାମିନ୍ ମାନଙ୍କ ମଧ୍ୟରୁ ଦାନାରେ କିଛିଟା ଭିଟାମିନ୍ ମିଳୁଥିଲେ ମଧ୍ୟ ମିଶାଇବା ଦରକାର ପଡ଼ିଥାଏ । କାରଣ ଏଗୁଡ଼ିକ ଦରକାର ମୁତାବକ ଦାନାରେ ମିଶୁଥିବା ଉପାଦାନ ଗୁଡ଼ିକରୁ ମିଳି ନଥାଏ । ଶରୀରର ବୃଦ୍ଧି ପାଇଁ ଭିଟାମିନ୍ ଗୁଡ଼ିକ ଅଳ୍ପ ମାତ୍ରାରେ ଦରକାର ହୋଇଥାଏ ।

ଆଜିକାଲି ଦାନାରେ ପ୍ରାଣୀଜ ପୁଷ୍ଟିସାରର ବ୍ୟବହାର କମ୍ କରାଯାଉଛି । ସେଥିପାଇଁ ଉଦ୍ଭିଦ ପୁଷ୍ଟିସାର ପାଇଁ ବ୍ୟବହାର ହେଉଥିବା ପିଡ଼ିଆରେ ଅଭାବ ଥିବା ଆମିନୋଅମ୍ଳ ଯଥା ଲାଇସିନ୍ ଓ ମିଥିଓନିନ୍ ଦାନାରେ ମିଶାଯାଉଛି ।

ଏହା ବ୍ୟତୀତ ଦାନାରେ ବହୁତ ପ୍ରକାର ଅନ୍ୟାନ୍ୟ ଦ୍ରବ୍ୟ ମିଶାଯାଉଛି । ଆଣ୍ଟିବାୟୋଟିକ୍ ଖାଦ୍ୟରେ ଆଉ ମିଶାଯାଉ ନାହିଁ । ତା ବଦଳରେ ପ୍ରୋବାୟୋଟିକ୍ ଓ ପ୍ରିବାୟୋଟିକ୍ ମିଶାଯାଉଛି । ଖାଦ୍ୟ ଭଲ ହଜମ ପାଇଁ ଏବଂ ଅଧିକ ଫସ୍‌ଫରସ୍ ଖାଦ୍ୟରୁ ମିଳିବା ପାଇଁ ବିଭିନ୍ନ ପ୍ରକାର ଏନ୍‌ଜାଇମ୍ ମଧ୍ୟ କୁକୁଡ଼ା ଦାନାରେ ମିଶାଯାଉଛି । ଏହିସବୁ ମିଶାଗଲେ ଚିଆଁମାନେ ଶୀଘ୍ର ବଢ଼ନ୍ତି, ରୋଗରେ କମ୍ ଆକ୍ରାନ୍ତ ହୁଅନ୍ତି । ଫଳରେ ଉତ୍ପାଦନ କ୍ଷମତା ବଢ଼ିବା ସହିତ ଖାଦ୍ୟବିନିଯୋଗର ଦକ୍ଷତା ବଢ଼ିଥାଏ ।



ଜୀବନର ପ୍ରଥମ ୮–୧୦ ସପ୍ତାହ ମଧ୍ୟରେ ଚିଆଁମାନେ କକ୍‌ସିଡ଼ିଆ ବା ନାଳରକ୍ତ ଝାଡ଼ାରେ ଆକ୍ରାନ୍ତ ହେବାର ଆଶଙ୍କା ବେଶୀ ଥାଏ । ନାଳ ରକ୍ତ ଝାଡ଼ା କିପରି ନ ହେବ, ସେଥିପାଇଁ ଚିଆଁ ଦାନାରେ ପ୍ରତିଶେଧକ ଔଷଧ ମିଶାଯାଏ । ବଜାରରେ ମିଳୁଥିବା କେତେକ ଔଷଧର ନାମ ହେଲା – ଏମ୍‌ପ୍ରୋଲ୍ ପ୍ଲସ୍, ଡକ୍ ଡକ୍‌ସିଭଇନ୍, କକ୍‌ସିଲିଅନ୍, କକ୍‌ସିଷ୍ଟାକ୍, କକ୍‌ସିନିଲ୍ ଇତ୍ୟାଦି । ଏଗୁଡ଼ିକ ଏକ କ୍ୱିଣ୍ଟାଲ୍ ଦାନାରେ ୫୦ ଗ୍ରାମ୍ ହିସାବରେ ମିଶାଯାଇଥାଏ ।

ପ୍ରଥମରୁ ବର୍ଣ୍ଣିତ ସମସ୍ତ ଉପାଦାନ ବ୍ୟତୀତ କେତେକ ଅଣ ପାରମ୍ପରିକ ଉପାଦାନ ମଧ୍ୟ କୁକୁଡ଼ା ଦାନାରେ ମିଶାଯାଇଥାଏ । ପାରମ୍ପରିକ ଉପାଦାନ ଗୁଡ଼ିକ ବର୍ତ୍ତମାନ ବେଶୀ ପରିମାଣରେ ମିଳୁ ନାହିଁ । କାରଣ କେତେକ ଉପାଦାନ ମଣିଷ ଖାଇବା ପାଇଁ ବ୍ୟବହାର ହେଲାଣି ତ, କେତେକରୁ ସେଥିରେ ଥିବା ଖାଦ୍ୟସାର ଗୁଡ଼ିକ କାଢ଼ି ନିଆଯାଇ ଅଧିକ ଦାମ୍‌ରେ ବିକ୍ରି ହୋଇପାରୁଛି । କେତେକ ଅଣପାରମ୍ପରିକ ଉପାଦାନ ହେଲା ଶାଳ ମଞ୍ଜି ପିଡ଼ିଆ, ଆମ୍ବ ଟାକୁଆ କୋଇଲି, ତେନ୍ତୁଳି ମଞ୍ଜି, ବାବୁଲ୍ ମଞ୍ଜି, ଟାପିଓକା, ପୋଲାଙ୍ଗ ପିଡ଼ିଆ, ବେଙ୍ଗ, ଶୁଖୁଆ ଗୁଣ୍ଡ, ଶୁଖିଲା ରକ୍ତ ଗୁଣ୍ଡ ଇତ୍ୟାଦି । କୁକୁଡ଼ା ଦାନା ତିଆରି କରିବା ପୂର୍ବରୁ କେତେଗୁଡ଼ିଏ ବିଷୟ ପ୍ରତି ଧ୍ୟାନ ଦେବାକୁ ହୋଇଥାଏ । ସେଗୁଡ଼ିକ ହେଲା କେଉଁ ବୟସର କୁକୁଡ଼ା, ମାଂସ ପାଇଁ ନା ଅଣ୍ଡା ପାଇଁ । ବିଭିନ୍ନ ବୟସ ଏବଂ କିସମ ପାଇଁ କୁକୁଡ଼ା ମାନଙ୍କର ଦରକାର ହେଉଥିବା ଖାଦ୍ୟର ପରିମାଣ ଭିନ୍ନ ଅଟେ । ତେଣୁ ଆବଶ୍ୟକ ହେଉଥିବା ପରିମାଣକୁ ନେଇ ବିଭିନ୍ନ କିସମର ଦାନା ତିଆରି ହୋଇଥାଏ ।

## ସାରଣୀ-୧

## କେତୋଟି ଆଦର୍ଶ କୁକୁଡ଼ା ଦାନାର ସୂତ୍ର (ଅଣ୍ଡା ପାଇଁ)

| ଉପାଦାନ | ଚିଆଁ ୦-୮ ସପ୍ତାହ(%) | ବଢ଼ନ୍ତା କୁକୁଡ଼ା ୯-୨୦ ସପ୍ତାହ(%) | ଅଣ୍ଡାଦିଆ କୁକୁଡ଼ା ୨୧ସପ୍ତାହ-ଦେଢ଼ବର୍ଷ(%) |
|---|---|---|---|
| ମକା | ୫୫ | ୫୭ | ୫୮ |
| ବାଦାମ ପିଡ଼ିଆ | ୧୫ | ୭ | ୧୦ |
| ରାଶି ପିଡ଼ିଆ | ୧୦ | ୭ | ୧୦ |
| କୁଣ୍ଡା (ତେଲ ବାହାରିଥିବା) | ୭ | ୨୦ | ୮ |
| ଶୁଖୁଆ ଗୁଣ୍ଡ | ୧୦ | ୬ | ୬ |
| ଶାମୁକା ଗୁଣ୍ଡ | - | - | ୫ |
| ଖଣିଜ ଲବଣ (ଲୁଣ ମିଶ୍ରିତ) | ୩ | ୩ | ୩ |
| ଭିଟାମିନ୍ ଏ, ବି$_2$, ଡି$_3$, କେ (ହାଇବ୍ଲେଣ୍ଡ) | ୧୦ ଗ୍ରାମ୍ | ୧୦ ଗ୍ରାମ୍ | ୧୦ ଗ୍ରାମ୍ |
| ଭିଟାମିନ୍ ବି ମିଶ୍ରିତ | ୫୦ ଗ୍ରାମ୍ | ୫୦ ଗ୍ରାମ୍ | ୫୦ ଗ୍ରାମ୍ |

ଦାନାରେ ବ୍ୟବହୃତ ବିଭିନ୍ନ ଉପାଦାନର ସୁଲଭତା ଓ ମୂଲ୍ୟକୁ ବିଚାରକୁ ନେଇ ଦାନାର ସୂତ୍ର ବଦଳାଯାଇ ପାରେ । ସୂତ୍ର ବଦଳାଇବା ବେଳେ ଉପାଦାନ ଗୁଡ଼ିକରେ ରହୁଥିବା ଖାଦ୍ୟସାର ପରିମାଣକୁ ବିଚାରକୁ ନେଇ ବଦଳାଯାଏ । ଫଳରେ ଦାନରେ ଆବଶ୍ୟକ ହେଉଥିବା ଖାଦ୍ୟସାର ପରିମାଣ ଯେପରି ଠିକ୍ ରହେ ।

### କୁକୁଡ଼ାମାନଙ୍କୁ ଖାଦ୍ୟଦେବା ପଦ୍ଧତି ଓ ତା'ର ପରିଚାଳନା

କୁକୁଡ଼ା ପାଳନରେ ଅଧିକ ଲାଭବାନ ହେବା ପାଇଁ କୁକୁଡ଼ାମାନଙ୍କୁ ସୁଷମ ଖାଦ୍ୟ ଦେବା ସଙ୍ଗେ ସଙ୍ଗେ ଖାଦ୍ୟ ଦେବା ପଦ୍ଧତିର ସୁପରିଚାଳନା ମଧ୍ୟ ନିହାତି ଆବଶ୍ୟକ । ଦାନା ଯଦି ଉପଯୁକ୍ତ ପଦ୍ଧତିରେ କୁକୁଡ଼ା ମାନଙ୍କୁ ଯୋଗାଇ ନ ଦିଆଯାଏ, ତେବେ ଦାନା ନଷ୍ଟ ହେବା ସଙ୍ଗେ ସଙ୍ଗେ କୁକୁଡ଼ାମାନଙ୍କର ଆଶାନୁରୂପ ଓଜନ ବୃଦ୍ଧି ପାଇବାରେ ବାଧା ସୃଷ୍ଟି ହୁଏ । ପ୍ରଧାନତଃ ବ୍ରଏଲର ବା ମାଂସ ପାଇଁ କୁକୁଡ଼ା



ପାଳନରେ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କୁକୁଡ଼ାମାନଙ୍କୁ ଦାନା ଦେବା ପାଇଁ ଦାନାଧାନୀ ବ୍ୟବହାର କରାଯାଏ । ଏହାକୁ ଫିଡର କହନ୍ତି । ସାଧାରଣତଃ ବଜାରରେ ଦୁଇ ପ୍ରକାରର ଫିଡର ମିଳୁଅଛି । ଯଥା - ୧) ଟ୍ରଫ୍ ଫିଡର ବା ଲମ୍ବା ଖାଦ୍ୟନାଳୀ । ଏହା ଲମ୍ବା ଓ ଅପ୍ରସସ୍ଥ । ଦାନା ନଷ୍ଟ ନ ହେବା ପାଇଁ ଏହା ଉପରେ ଗ୍ରୀଲ୍ ଘୋଡଣୀ ବ୍ୟବହାର କରାଯାଏ । ଏହା ବିଭିନ୍ନ ମାପର ଅଛି, ଯଥା- ଚିଆଁଙ୍କ ପାଇଁ, ବଢ଼ନ୍ତା କୁକୁଡ଼ାଙ୍କ ପାଇଁ ଓ ବଡ଼ କୁକୁଡ଼ାଙ୍କ ପାଇଁ ଏହାର ମାପ ଅଲଗା । ୨) ଟିଉବ୍ ଫିଡର ବା ଗୋଲାକାର ଦାନାଧାରୀ - ଏହା ଗୋଲାକାର ଆକୃତିର । ଏହାର ଉପର ପଟେ ଖାଦ୍ୟ ଦେବା ପାଇଁ ବାଟ ଥାଏ । ଏହାକୁ ଏପରି ଟାଙ୍ଗିବାକୁ ପଡ଼ିଥାଏ ଯେପରି ଖାଦ୍ୟ ଧିରେ ଧିରେ ବା ଭିତରୁ ବାହାରିବ । ସାଧାରଣତଃ ଏହାର ପ୍ରାନ୍ତ କୁକୁଡ଼ାଙ୍କର ପିଠି ଉଚ୍ଚାରେ ରଖିବା ଉଚିତ୍ । ଏହା ଦୁଇ ପ୍ରକାରର । ଯଥା - ବଢ଼ନ୍ତା କୁକୁଡ଼ାଙ୍କ ପାଇଁ ଓ ବଡ଼ କୁକୁଡ଼ାଙ୍କ ପାଇଁ ।

### ପ୍ରତି କୁକୁଡ଼ାଙ୍କ ପାଇଁ ଦାନାଧାନୀରେ ସ୍ଥାନର ପରିମାଣ -

| କୁକୁଡ଼ାଙ୍କ ବୟସ | ପ୍ରତି କୁକୁଡ଼ା ପାଇଁ ଦାନାଧାନୀରେ ସ୍ଥାନ |
|---|---|
| ୧ ରୁ ୧୫ ଦିନ | ୧ ଇଞ୍ଚ ଲମ୍ବ (୨.୫ ସେ.ମି.) |
| ୧୫ ରୁ ୪୨ ଦିନ | ୧.୭୫ ଇଞ୍ଚ ଲମ୍ବ (୪.୫ ସେ.ମି.) |
| ୪୩ ରୁ ୮୪ ଦିନ | ୩ ଇଞ୍ଚ ଲମ୍ବ (୭.୫ ସେ.ମି.) |
| ୧୨ ସପ୍ତାହରୁ ଉର୍ଦ୍ଧ୍ୱ | ୫ ଇଞ୍ଚ ଲମ୍ବ (୧୨.୫ ସେ.ମି.) |

ଉପରୋକ୍ତ ଅନୁସାରେ ହିସାବ କରି କୁକୁଡ଼ାଙ୍କ ସଂଖ୍ୟା ଅନୁସାରେ ଦାନାଧାନୀ ଯୋଗାଇ ଦେବା ଉଚିତ୍ । ଦାନାଧାନୀଙ୍କ ସଂଖ୍ୟା କୁକୁଡ଼ାଙ୍କ ସଂଖ୍ୟା ତୁଳନାରେ କମ୍‌ହେଲେ ସେମାନଙ୍କ ଭିତରେ ଓଜନର ତାରତମ୍ୟ ହୋଇଥାଏ । କାରଣ ଦୁର୍ବଳ ଶ୍ରେଣୀର କୁକୁଡ଼ାମାନେ ସବଳ ଶ୍ରେଣୀର କୁକୁଡ଼ାମାନଙ୍କ ସହ ପ୍ରତିଯୋଗିତା କରି ଦାନା ଖାଇପାରନ୍ତି ନାହିଁ ଏବଂ ସମସ୍ତ କୁକୁଡ଼ା ଦାନା ଖାଇବାକୁ ସମାନ ସୁଯୋଗ ପାଇପାରନ୍ତି ନାହିଁ ।

**କୁକୁଡ଼ା ଛୁଆଙ୍କୁ ଦାନା ଦେବାବେଳେ କେତୋଟି ସାଧାରଣ ନିୟମ –**

୧। ଟ୍ରଫ୍‌ଫିଡର ବ୍ୟବହାର କରିବା ସମୟରେ ଦାନାଧାନୀକୁ କଦାପି ଅଧାରୁ ଅଧିକ ଦାନାରେ ଭର୍ତ୍ତି କରିବେ ନାହିଁ । କାରଣ ଗବେଷଣା ମାଧମରେ ଦାନା କ୍ଷତିର ପରିମାଣ ନିମ୍ନଲିଖିତ କ୍ରମେ କାର୍ଯ୍ୟ କରାଯାଉଛି ।

– ଦାନାଧାନୀ ପୁରା ଭର୍ତ୍ତି କରି ଖାଦ୍ୟ ଦେଲେ ଶତକଡ଼ା ୩୦ ଭାଗ ଦାନା ନଷ୍ଟ ହୋଇଥାଏ ।

– ଦାନାଧାନୀରେ ଦୁଇ–ତୃତୀୟାଂଶ ଭର୍ତ୍ତି କଲେ ଶତକଡ଼ା ୧୦ ଭାଗ ଦାନା ନଷ୍ଟ ହୁଏ ।

– ଦାନାଧାନୀର ଅଧା ଅଂଶ ଭର୍ତ୍ତି କଲେ ଶତକଡ଼ା ୩ ଭାଗ ଦାନା ନଷ୍ଟ ହୁଏ ।

– ମାତ୍ର ଦାନାଧାନୀର ଏକ ତୃତୀୟାଂଶ ଭର୍ତ୍ତି କଲେ ଶତକଡ଼ା ଏକ ଭାଗ ଦାନା ନଷ୍ଟ ହୁଏ । ତେଣୁ ଦାନା ଦେବାବେଳେ ଦାନାଧାନୀର ଏକ ତୃତୀୟାଂଶ ଭର୍ତ୍ତି କରି ଦାନା ଦେବା ଉଚିତ୍ ।

୨। କୁକୁଡ଼ା ଛୁଆ ଓ ବ୍ରଏଲରମାନଙ୍କୁ ଦିନକୁ ଥରେ ଦାନା ନଦେଇ ପ୍ରତିଦିନ ପ୍ରାୟ ୩–୪ ଥର ଲେଖାଏଁ ଦାନା ଦେବା ଉଚିତ୍ । ଅଣ୍ଡା ପାଇଁ ପାଳୁଥିବା କୁକୁଡ଼ାମାନଙ୍କୁ ୮–୧୦ ସପ୍ତାହ ପରେ ଦିନକୁ ଅନ୍ତତଃ ୨ ରୁ ୩ ଥର ଲେଖାଏଁ ଦାନାଧାନୀରେ ଦାନା ଦେବା ଦରକାର । ଏହାଦ୍ୱାରା କୁକୁଡ଼ାମାନେ ଅଧିକ ଦାନା ଖାଇବାକୁ ଉତ୍ସାହିତ ହୁଅନ୍ତି । ଅଧିକ ପରିଶ୍ରମ ହେଲେ ସୁଦ୍ଧା ଏହା କୁକୁଡ଼ାଙ୍କ ଓଜନ ବୃଦ୍ଧିରେ ସାହାଯ୍ୟ କରିଥାଏ । ପ୍ରଧାନତଃ ବ୍ରଏଲରରେ ଏହାର ଉପାଦେୟତା ଉଲ୍ଲେଖନୀୟ ।

୩। କୁକୁଡ଼ା ଘରର ଯେଉଁ ସ୍ଥାନରେ ଅଧିକ ପ୍ରାକୃତିକ ଆଲୋକ ପଡୁଥିବ ସେହି ସ୍ଥାନମାନଙ୍କରେ ଦାନାଧାନୀକୁ ରଖିବା ଆବଶ୍ୟକ ।

୪। ପ୍ରତିଥର ଦାନା ଦେବାବେଳେ ଦାନାଧାନୀର ଗୋଟିଏ ପାର୍ଶ୍ୱକୁ ଉଠାଇ ଆଗରୁ ବଳିଥିବା ଅବଶିଷ୍ଟାଂଶ ଦାନାକୁ ଗୋଟିଏ କଡ଼କୁ ନେଇଆସି ନୂଆ ଦାନା ଦେବ ଏବଂ ଏହି ଅବଶିଷ୍ଟାଂଶକୁ ନୂଆ ଦାନା ଉପରେ ଖେଳାଇ ଦେବ ।



୫। ଦାନାଧାନୀକୁ ଓ ଜଳଧାନୀକୁ ଏପରି ରଖିବେ ଯେପରି କୁକୁଡ଼ାମାନଙ୍କୁ ଅଧିକ ଚାଲିବାକୁ ନ ପଡ଼େ । ଆବଶ୍ୟକତା ଠାରୁ ଅଧିକ ବୁଲାବୁଲିରେ ସେମାନେ ଯେତିକି ଖାଦ୍ୟ ଖାଆନ୍ତି, ତାହା ସେମାନଙ୍କ ଓଜନ ବୃଦ୍ଧିରେ ନ ଲାଗି ଅଯଥା ଅପଚୟ ହୋଇଥାଏ । ତେଣୁ ଦାନା ଓ ପାଣିପାଇଁ ଯେପରି କୁକୁଡ଼ା ଛୁଆଙ୍କୁ ୧୦ ଫୁଟରୁ ଅଧିକ ଚାଲିବାକୁ ନ ପଡ଼େ, ସେଥିପ୍ରତି ଦୃଷ୍ଟି ଦେବା ଦରକାର । ପାଖରେ ଓ ସୁବିଧାରେ ଖାଦ୍ୟ ପାଇଲେ କୁକୁଡ଼ା ଛୁଆ ମୁଖ୍ୟତଃବ୍ରଏଲର ଛୁଆମାନେ ଅଧିକ ଖାଇଥାନ୍ତି ଓ ସେମାନଙ୍କର ଓଜନ ବୃଦ୍ଧି ଭଲ ହୋଇଥାଏ ।

୬। ପ୍ରତି ୨–୩ ଦିନରେ ଦାନାଧାନୀର ଓ ଜଳଧାନୀ ସ୍ଥାନ ବଦଳାଇ କିମ୍ବା ତା ତଳେ ଥିବା ଲିଟରକୁ ଏପଟ ସେପଟ କରି ଘାଣ୍ଟି ଦେବେ । ଏହାଦ୍ୱାରା ଲିଟର ଖରାପ ହୋଇ ଲିଟର ଜନିତ ରୋଗ ହେବାର ସମ୍ଭାବନା ନଥାଏ ।

୭। ଦାନାଧାନୀରେ ଯେପରି ଲିଟର ନ ମିଶେ ସେଥିପ୍ରତି ଦୃଷ୍ଟି ଦେବେ ।

୮। କୁକୁଡ଼ା ଛୁଆ ଆସ୍ତେ ଆସ୍ତେ ବଢ଼ିବା ସଙ୍ଗେ ସଙ୍ଗେ ଛୋଟ ଛୋଟ ଦାନାଧାନୀ ଓ ଜଳଧାନୀ ପରିବର୍ତ୍ତେ ବଡ଼ ଆକାରର ଦାନାଧାନୀ ଓ ଜଳଧାନୀ ଯୋଗାଇ ଦେବା ଉଚିତ୍ ।

୯। ଯଥେଷ୍ଟ ସଫା ପାଣି ଦିନକୁ ୨ ଥର କୁକୁଡ଼ାଙ୍କୁ ଦେବା ଦରକାର ।

**କୁକୁଡ଼ା ଛୁଆଙ୍କୁ ପ୍ରଥମ ୩–୪ ଦିନ ଦାନାଦେବା ପଦ୍ଧତି –**

୧। କୁକୁଡ଼ା ଛୁଆମାନେ ଅଣ୍ଡାରୁ ଫୁଟିବା ପରେ ପ୍ରଥମ ୨୪ ଘଣ୍ଟା ଦାନା ନ ଖାଇ ରହିପାରନ୍ତି । ଏହି ସମୟରେ ଦାନା ସେମାନଙ୍କର ଦରକାର ହୋଇ ନଥାଏ । କୁକୁଡ଼ା ଛୁଆଙ୍କୁ ହାଚେରୀରୁ ଆଣି ଫାର୍ମରେ ପହଞ୍ଚିବାକୁ ବେଶି ସମୟ ଲାଗୁଥିଲେ, ପ୍ରଥମେ କୁକୁଡ଼ା ଛୁଆଙ୍କୁ ପାଣି ସହ ଗ୍ଲୁକୋଜ ଡି ବା ଇଲେକ୍ଟ୍ରୋରାଲ୍ ପାଉଡର ମିଶାଇ ପିଇବାକୁ ଦେବା ଉଚିତ୍ । ଏହା ସେମାନଙ୍କ ଶକ୍ତି ଯୋଗାଇ ଥାଏ ।

୨। କୁକୁଡ଼ା ଛୁଆଙ୍କ ପ୍ରଥମ ୩–୪ ଦିନ ବ୍ରୁଡ଼ର ତଳେ ଓ ଲିଟର ଉପରେ କାଗଜ ଚାରିଆଡ଼େ ବିଛାଇ ଛଡ଼ାଯାଏ । କୁକୁଡ଼ା ଛୁଆମାନେ ନୂଆ ଖାଦ୍ୟ ଖାଇ ଶିଖୁଥିବା ସମୟରେ ଯେପରି ଲିଟର ନ ଖାଆନ୍ତି ସେଥିପାଇଁ ବ୍ରୁଡ଼ର ତଳେ ବିଛାଯାଇଥିବା

କାଗଜ ଉପରେ ଦ୍ୱିତୀୟ ଦିନଠାରୁ (ଚିକ୍ ମାଶ୍) କୁକୁଡ଼ାଛୁଆଙ୍କ ଦାନାକୁ ବିଞ୍ଚି କରି ଯୋଗାଇ ଦେବା ଆବଶ୍ୟକ । ମାତ୍ର ପ୍ରଥମ ଦିନଠାରୁ କୁକୁଡ଼ାଛୁଆ ପାଣି ପିଇବା ଅପରିହାର୍ଯ୍ୟ । ତେଣୁ କୁକୁଡ଼ା ଛୁଆକୁ ପାଣି ପିଇବା ପାଇଁ ଅଭ୍ୟସ୍ତ ମଧ୍ୟ କରାଇବା ଦରକାର ।

୩। ଦ୍ୱିତୀୟ ଦିନଠାରୁ ଉପରୋକ୍ତ ଭାବେ ଦାନା ଦେବା ସଙ୍ଗେ ସଙ୍ଗେ ଦାନାଧାନୀରେ ମଧ୍ୟ ଦାନା ଦେବାକୁ ହୋଇଥାଏ । କୁକୁଡ଼ା ଛୁଆମାନଙ୍କ ପାଇଁ ମିଳୁଥିବା ଦାନାଧାନୀ (ଚିକ୍‌ଫିଡର)ରେ ଦାନା ଦେବା ଉଚିତ୍ ।

୪। ଛୁଆମାନଙ୍କ ପ୍ରଥମେ ୩-୪ ଦିନ ଦାନାଧାନୀରେ ଦାନା ପୁରା ଭର୍ତ୍ତି କରି ଦେବାକୁ ହୋଇଥାଏ । ଫଳରେ ସେମାନେ ଦାନାଧାନୀରୁ ଦାନା ଖାଇବାକୁ ଶିଖିଥାନ୍ତି ।

୫। କୁକୁଡ଼ା ଛୁଆମାନେ ଦାନାଧାନୀରେ ଦାନା ଖାଇବା ଆରମ୍ଭ କଲେ କାଗ ଉପରେ ଆଉ ଦାନା ବିଞ୍ଚିକରି ଦେବା ଦରକାର ନାହିଁ ।

୬। କୁକୁଡ଼ା ଛୁଆମାନଙ୍କୁ ଅତିଗୁଣ୍ଡ ଚିକ୍‌ମାଶ ଦେବା ଉଚିତ୍ ନୁହେଁ । କାରଣ ଏହିପରି ଦାନା ତଣ୍ଟିରେ ଲାଗି କୁକୁଡ଼ାଛୁଆଙ୍କୁ ମୃତ୍ୟୁମୁଖରେ ପକାଇଥାଏ ।

୭। ପ୍ରଥମ କେତେଦିନ ଦାନାଧାନୀ ଓ ଜଳଧାନୀକୁ ବ୍ରୁଡର ତଳ ଧାର ପାଖେ ପାଖେ ରଖିବା ଆବଶ୍ୟକ ଏବଂ ଆସ୍ତେ ଆସ୍ତେ ଦରକାର ମୁତାବକ ଦୂରକୁ ରଖିବା ଦରକାର ।

୮। କୁକୁଡ଼ାଛୁଆଙ୍କୁ ଛୋଟ ଛୋଟ ଜଳଧାନୀରେ ପାଣି ଦେବା ଉଚିତ୍ । ଅଳ୍ପ ସଂଖ୍ୟକ ବଡ଼ ଆକାରର ଜଳଧାନୀ ଅପେକ୍ଷା ବେଶୀ ସଂଖ୍ୟକ ଛୋଟ ଆକାରର ଜଳଧାନୀ କୁକୁଡ଼ାଛୁଆଙ୍କ ଯୋଗାଇ ଦେବା ପ୍ରୟୋଜନ ।

ଉପରୋକ୍ତ ଧାରାରେ କୁକୁଡ଼ାଛୁଆଙ୍କୁ ଦାନା ଓ ଜଳଦେଲେ କୁକୁଡ଼ାଙ୍କର ଶରୀର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଅଯଥା ଦାନା ନଷ୍ଟ ହୁଏ ନାହିଁ ।



## କୁକୁଡ଼ାପାଳନ ପାଇଁ ଜାତୀୟା କୁକୁଡ଼ା ଓ ଭିନ୍ନ ଭିନ୍ନ କୁକୁଡ଼ା ମିଳୁଥିବା ଜାଗାର ନାମ

ପ୍ରଧାନତଃ କୁକୁଡ଼ା ପାଳନ ଦୁଇ ପ୍ରକାର । ଅଣ୍ଡା ପାଇଁ କୁକୁଡ଼ା ପାଳନ ଏବଂ ମାଂସ ପାଇଁ କୁକୁଡ଼ା ପାଳନ । ଏହି ଦୁଇ ପ୍ରକାର ମଧ୍ୟରେ ପାର୍ଥକ୍ୟ କେବଳ ମଂାସ ପାଇଁ କୁକୁଡ଼ା ପାଳନ କଲେ କୁକୁଡ଼ା ଗୁଡ଼ିକ ଦେଢ଼ମାସରୁ ଦୁଇମାସ ମଧ୍ୟରେ ପ୍ରାୟ ଦେଢ଼ କିଲୋରୁ ଦୁଇ କିଲୋ ଓଜନର ହୋଇ ମାଂସ ଉପଯୋଗୀ ହୋଇପାରନ୍ତି । କିନ୍ତୁ ଅଣ୍ଡା ପାଇଁ ମିଳୁଥିବା ସ୍ୱତନ୍ତ୍ର ଜାତିର କୁକୁଡ଼ାକୁ ଅଣ୍ଡା ଉତ୍ପାଦନ ପାଇଁ ପାଳନ କରାଯାଏ । ନିଜର ଗୁଣ ଯୋଗୁଁ କୁକୁଡ଼ାମାନେ ମାଂସ ପାଇଁ ଉଦ୍ଦିଷ୍ଟ କୁକୁଡ଼ା ଦାନାକୁ ମାଂସରେ ଏବଂ ଅଣ୍ଡା ପାଇଁ ଉଦ୍ଦିଷ୍ଟ କୁକୁଡ଼ା ଦାନାକୁ ଅଣ୍ଡାରେ ପରିଣତ କରିବାରେ ଅଧିକ ସକ୍ଷମ ହୁଅନ୍ତି । ଫଳରେ ଅଣ୍ଡାଦିଆ କୁକୁଡ଼ାର ଦେହର ଓଜନ ବର୍ଷସାରା ପ୍ରାୟ ସମାନ ଓ କମ୍ ଥାଏ । କିନ୍ତୁ ମାଂସ ପାଇଁ ଉର୍ଦ୍ଦିଷ୍ଟ କୁକୁଡ଼ାର ଓଜନ ବଢ଼ିଚାଲେ ।

କୁକୁଡ଼ା ପାଳନ କରି ଲାଭବାନ ହେବାକୁ ହେଲେ ଆମ୍ଭମାନଙ୍କୁ ମୁଖ୍ୟତଃ ପାଞ୍ଚୋଟି ବିଷୟ ପ୍ରତି ସଚେତନ ରହିବାକୁ ପଡ଼ିବ ।

୧। ଅଧିକ ଅଣ୍ଡା କିମ୍ବା ମାଂସ ଉତ୍ପାଦନକ୍ଷମ ଜାତିର କୁକୁଡ଼ା ପାଳନ ।

୨। ଉପଯୁକ୍ତ ପରିମାଣର ସନ୍ତୁଳିତ ଦାନାର ସୁବ୍ୟବସ୍ଥା ।

୩। କୁକୁଡ଼ା ମାନଙ୍କର ସୁପରିଚାଳନା ଓ କୁକୁଡ଼ାମାନଙ୍କର ଉପଯୁକ୍ତ ଯତ୍ନ ।

୪। ନିୟମିତ ରୋଗ ପ୍ରତିଷେଧକ ବ୍ୟବସ୍ଥା ଓ ଚିକିତ୍ସାର ସୁବ୍ୟବସ୍ଥା ।

୫। ଉପଯୁକ୍ତ ସମୟରେ କୁକୁଡ଼ା ଅଣ୍ଡା କିମ୍ବା ମାଂସ ବିକ୍ରୟର ସୁବ୍ୟବସ୍ଥା ।

ଆମ୍ଭେ ଏଠାରେ ଉପରୋକ୍ତ ପାଞ୍ଚୋଟି ବିଷୟରୁ ପ୍ରଥମ ବିଷୟ ଉପରେ ଆଲୋଚନା କରୁଅଛୁ ।

**ଅଧିକ ଅଣ୍ଡା କିମ୍ବା ମାଂସ ଉତ୍ପାଦନକ୍ଷମ କୁକୁଡ଼ା –**

ଆମ୍ଭେ ଏଠାରେ କେତେଗୁଡ଼ିଏ ଉନ୍ନତ ଧରଣର ଜାତୀୟା କୁକୁଡ଼ାମାନଙ୍କ ବିଷୟରେ ଆଲୋଚନା କରୁଅଛୁ, ଯେଉଁମାନେ ସେମାନଙ୍କର ସ୍ୱତନ୍ତ୍ର ଗୁଣ ଯୋଗୁଁ ଅଧିକ ଅଣ୍ଡା କିମ୍ବା ମାଂସ ଉତ୍ପାଦନ କରିବାରେ ସକ୍ଷମ ଅଟନ୍ତି ।

**୧ । ପ୍ଲାଏମାଉଥ୍ ରକ୍ –**

ଏହି ଜାତିର କୁକୁଡ଼ାମାନଙ୍କୁ ଅଣ୍ଡା ଏବଂ ମାଂସ ଉଭୟ ପାଇଁ ପାଳନ କରାଯାଇଥାଏ । ଗୋଟିଏ ବୟସ୍କ ଗଞ୍ଜାର ଓଜନ ସାଢ଼େ ୪ କେ.ଜି. ଏବଂ ଗୋଟିଏ ମାଇ କୁକୁଡ଼ାର ଓଜନ ସାଧାରଣତଃ ସାଢ଼େ ୩ କେ.ଜି. ହୋଇଥାଏ । କିନ୍ତୁ ଗୋଟିଏ ପେଣ୍ଠିର ଓଜନ ଅଢ଼େଇରୁ ତିନି କେ.ଜି. ହୋଇଥାଏ । ଏହି ଜାତିର କୁକୁଡ଼ା ଧଳା କିମ୍ବା ଚିତିରି ରଙ୍ଗର ହୋଇଥାଆନ୍ତି । ଚିତିରି ପ୍ଲାଏ ମାଉଥ ରକ୍‌ର ଦେହରେ ଧଳା ଏବଂ କଳା ରଙ୍ଗ ପଟା ପଟା ହୋଇ ପଡ଼ିଥାଏ ଓ ନଳୀଗୋଡ଼ରେ କଳା କଳା ବିନ୍ଦୁ ରହିଥାଏ ।

**୨ । ରୋଡ଼ ଆଇଲାଣ୍ଡ ରେଡ୍ –**

ଏମାନେ ମଧ୍ୟ ଉଭୟ ଉଦ୍ଦେଶ୍ୟ ପାଇଁ ପାଳନ କରାଯାଇ ଥାଆନ୍ତି । ଏମାନେ ସାଧାରଣତଃ ଲାଲରଙ୍ଗର ହୋଇଥାଆନ୍ତି ଏବଂ ଇଷତ୍ ଲାଲ ରଙ୍ଗର ଅଣ୍ଡା ଦେଇଥାଆନ୍ତି । ଏମାନଙ୍କର ଆଖି ଏବଂ କାନର ରଙ୍ଗ ଲାଲ ଓ ଗୋଡ଼ର ରଙ୍ଗ ଘନ ହଳଦିଆ ହେବା ସଙ୍ଗେ ସଙ୍ଗେ ଲାଞ୍ଜରେ ଗାଢ଼ ଲାଲ ସହିତ କଳାରଙ୍ଗର ପର ରହିଥାଏ । ଗୋଟିଏ ବଡ଼ ଗଞ୍ଜାର ଓଜନ ଚାରି କେଜି ହେବା ବେଳେ ମାଈର ଓଜନ ତିନି କେଜି ହୋଇଥାଏ ।

**୩ । ନିୟୁ ହାମ୍ପସାୟାର –**

ଏହି କୁକୁଡ଼ାଟି ଆମେରିକାର ନିଉହାମ୍ପସାୟର ଜାଗାରୁ ଉତ୍ପନ୍ନ ହୋଇଛି । ଏମାନଙ୍କ ଭଲ ଗୁଣ ହେଲା ଏମାନେ ଶୀଘ୍ର ଅଣ୍ଡା ଦିଅନ୍ତି । ଶୀଘ୍ର ଏମାନଙ୍କର ପର ବଢ଼େ । ଏମାନେ ବହୁତ ଅଣ୍ଡା ଦିଅନ୍ତି ଏବଂ ଏମାନେ ମଧ୍ୟ ଭଲ ମାଂସ ଉତ୍ପାଦନ କରିଥାଆନ୍ତି । ଗୋଟିଏ ବଡ଼ ଗଞ୍ଜାର ଓଜନ ୪ କେ.ଜି. ଏବଂ ମାଈର ଓଜନ ୩ କେ.ଜି. ହୋଇଥାଏ ।

**୪ । ୱାନ୍ ଡୋଟ୍ –**

ଏହି କୁକୁଡ଼ା ମାନଙ୍କର ଗୁଣ ରୋଡ଼ ଆଇଲାଣ୍ଡ ରେଡ୍ କୁକୁଡ଼ା ମାନଙ୍କର ଗୁଣ ସହିତ ସମାନ ।

ଆମ ଦେଶରେ ମିଳୁଥିବା ଉଭୟ ଗୁଣ ସମ୍ପନ୍ନ କୁକୁଡ଼ାମାନେ ହେଲେ ବ୍ରହ୍ମା, କୋଚିନ, ନାଗସାନ୍ ଇତ୍ୟାଦି ।



**ଲେଗ୍ ହର୍ଣ୍ଣ –**

ଏମାନେ ପ୍ରଥମେ ବିଦେଶରେ ଉତ୍ପନ୍ନ ହୋଇଥିଲେ । ଏହି ଜାତିର କୁକୁଡ଼ାମାନେ ସାଧାରଣତଃ ଅଣ୍ଡା ପାଇଁ ପାଳନ କରାଯାଇ ଥାଆନ୍ତି । ଏମାନେ ବିଭିନ୍ନ ରଙ୍ଗରେ ମିଳୁଥିଲେ ହେଁ ଧଳା ରଙ୍ଗର ଲେଗହର୍ଣ୍ଣ ଅଣ୍ଡା ପାଇଁ ପ୍ରସିଦ୍ଧି ଲାଭ କରିଅଛି । ଏହି ଜାତିର କୁକୁଡ଼ା ମାନଙ୍କର ବିଶେଷ ଗୁଣ ହେଲା ସେମାନେ ଖୁବ୍ ଶୀଘ୍ର ଅଣ୍ଡା ଦେଇ ଥାଆନ୍ତି । ଏମାନଙ୍କର ଚୂଳ ଲମ୍ବା ଓ ଗୋଡ ଲମ୍ବା ନାଳିଆ । ଏମାନେ କୁଡୁକି ବସନ୍ତି ନାହିଁ । ବର୍ଷକୁ ପ୍ରାୟ ୩୦୦ ରୁ ୩୨୦ ପର୍ଯ୍ୟନ୍ତ ଧଳା ଅଣ୍ଡା ଦେଇଥାଆନ୍ତି । ଗୋଟିଏ ବୟସ୍କ ଗଞ୍ଜାର ଓଜନ ଅଢ଼େଇ କେଜି ହୋଇଥିବା ବେଳେ ଗୋଟିଏ ମାଈର ଓଜନ ଦେଢ଼ରୁ ଦୁଇ କେଜି ପର୍ଯ୍ୟନ୍ତ ହୋଇଥାଏ ।

**ମିନରକା –**

ଏହି କୁକୁଡ଼ାମାନେ ସ୍ପେନ୍‌ରୁ ଉତ୍ପନ୍ନ ହୋଇଛନ୍ତି । ଏହିମାନଙ୍କୁ ମଧ୍ୟ ଅଣ୍ଡା ପାଇଁ ପାଳନ କରାଯାଇଥାଏ । ଏମାନଙ୍କର ନଳୀଗୋଡ଼, ଥଣ୍ଟର ରଙ୍ଗ କଳା ଏବଂ ଆଙ୍ଗୁଳି ସବୁ କଳା ରଙ୍ଗର ହୋଇଥାଏ । ଗୋଟିଏ ବଡ଼ ଗଞ୍ଜା ସାଢ଼େ ତିନି କେଜି ଏବଂ ଗୋଟିଏ ବୟସ୍କ ମାଈ ତିନି କେଜି ଓଜନ ହୋଇଥାଆନ୍ତି । ଅନ୍ୟ ଅଣ୍ଡାଦିଆ କୁକୁଡ଼ାମାନଙ୍କ ମଧ୍ୟରୁ ଆଙ୍କୋନା, ହ୍ୱାଇଟ୍ ଫେସ୍ ବ୍ଲାକ୍ ଷ୍ପେନିସ୍, ବ୍ଲୁ ଆଣ୍ଡାଲୁସିଆନ୍ ଅନ୍ୟତମ ଅଟନ୍ତି ।

**ଅରପିଙ୍ଗଟନ୍ –**

ଏହି ଜାତିର କୁକୁଡ଼ାମାନଙ୍କୁ କେବଳ ମାଂସ ପାଇଁ ପାଳନ କରାଯାଇଥାଏ । ଏମାନଙ୍କ ଠାରୁ ମଧ୍ୟ ବିଭିନ୍ନ ଉପଜାତିର କୁକୁଡ଼ା ଯଥା – ବ୍ଲାକ୍ ଅରପିଙ୍ଗଟନ୍, ବ୍ଲୁ ବଫ୍ ଅରପିଙ୍ଗଟନ୍, ହ୍ୱାଇଟ୍ ଅରପିଙ୍ଗଟନ୍ ଏବଂ ବ୍ଲୁ ଅରପିଙ୍ଗଟନ୍ ଉତ୍ପନ୍ନ କରାଯାଇଅଛି । ଗୋଟିଏ ବଡ଼ ଗଞ୍ଜାର ଓଜନ ୪–୫ କେଜି ହୋଇଥିବା ବେଳେ ଗୋଟିଏ ମାଈର ଓଜନ ୩–୪ କେଜି ହୋଇଥାଏ ।

**କରନିସ –**

ଏହି ଜାତିର କୁକୁଡ଼ାମାନଙ୍କୁ ମଧ୍ୟ ମାଂସ ପାଇଁ ପାଳନ କରାଯାଇଥାଏ । ସାଧାରଣତଃ ଦୁଇ ପ୍ରକାର କରନିସ୍ ଦେଖାଯାଇଥାନ୍ତି । ଯଥା – ଧଳା କରନିସ୍ ଏବଂ ଲାଲ୍ କରନିସ୍ । ଗୋଟିଏ ଗଞ୍ଜାର ଓଜନ ୪–୫ କେଜି ହୋଇଥିବା ବେଳେ ଗୋଟିଏ ମାଈର ଓଜନ ୩–୪ କେଜି ଏବଂ ଗୋଟିଏ ପେଣ୍ଠିର ଓଜନ ୨–୩ କେଜି ହୋଇଥାଏ ।

ଅନ୍ୟ ଜାତିର ମାଂସ ପାଇଁ ମିଳୁଥିବା କୁକୁଡ଼ାମାନେ ହେଲେ ମସେକ୍ସ, ଡରକିଙ୍ଗ୍, ରେଡକ୍ୟାପ୍ ଓ ଅଷ୍ଟ୍ରାଲପ କୁକୁଡ଼ାମାନଙ୍କୁ ମଧ୍ୟ ଅଣ୍ଡା ଉତ୍ପାଦନ ପାଇଁ ରଖାଯାଇଥାଏ ।

ଆମ ଦେଶରେ ଦେଶି କୁକୁଡ଼ା, ଯେଉଁମାନେ ମାଂସ ପାଇଁ ବ୍ୟବହୃତ ହୋଇଥାଆନ୍ତି ସେମାନେ ହେଲେ ଆସିଲ୍, ଚିଟାଗଞ୍ଜ, କଡକ୍ ନଥ ଏବଂ ବର୍‌ସା । ବର୍ତ୍ତମାନ ଉପରେ ବର୍ଣ୍ଣନା କରାଯାଇଥିବା ଅଣ୍ଡା ପାଇଁ ଓ ମାଂସ ପାଇଁ କୁକୁଡ଼ାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ବୈଜ୍ଞାନିକ ପ୍ରଣାଳୀରେ ସଙ୍ଗମ କରାଯାଇ ଉନ୍ନତ ଧରଣର ସଙ୍କର ଜାତୀୟ ଅଣ୍ଡା ଦେବା କୁକୁଡ଼ା ଓ ମାଂସ ଉପଯୋଗୀ କୁକୁଡ଼ାମାନ ବାହାର କରାଯାଇ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଅଛି । ମାଂସ ପାଇଁ କୁକୁଡ଼ା ମାନେ ଦେଢ଼ରୁ ଦୁଇମାସ ମଧ୍ୟରେ ଦେଢ଼ରୁ ଦୁଇକେଜି ହେବାବେଳେ ଅଣ୍ଡାଦିଆ କୁକୁଡ଼ାମାନେ ବର୍ଷକୁ ୩୦୦ ରୁ ୩୨୦ ପର୍ଯ୍ୟନ୍ତ ଅଣ୍ଡା ଦେଉଅଛନ୍ତି । ଅଣ୍ଡା ପାଇଁ ଭିନ୍ନ ଭିନ୍ନ ସଙ୍କର ଜାତୀୟ କୁକୁଡ଼ାମାନଙ୍କର ନାମ ଏବଂ ମିଳୁଥିବା ଜାଗାର ଠିକଣା ତଳେ ଦିଆଗଲା ।

| କୁକୁଡ଼ାମାନଙ୍କର ନାମ | ମିଳୁଥିବା ଜାଗର ନାମ ଓ ଠିକଣା |
|---|---|
| ୧। ସେଭର (ଷ୍ଟାର କ୍ରସ୍–୨୮୮) | ମେସର୍ସ ଅପସରା ଷ୍ଟାର ଚିକ୍ ବ୍ରିଡର<br>୨୯–ଏ ବ୍ରଡଷ୍ଟ୍ରିଟ୍, କଲିକତା–୨୯ |
| ୨। ପୁନା ପରଲସ୍ | ମେସର୍ସ ପୁନା ପରଲସ୍ ପୋଲଟ୍ରି ବ୍ରିଡିଂଫାର୍ମ<br>ଏଣ୍ଡ ହାଚେରୀ, ୨୫୫/୯–ଏ ହଡ଼୍‌ପସାର<br>ପୁନା – ୪୧୧୦୨୮ |
| ୩। ଆରବୋରେ କରସ୍<br>ଗ୍ରେ ହର୍ଣ୍ଣ–୨୬ | ମେସର୍ସ ଆର ବୋରକର ଫାର୍ମ ଇଣ୍ଡିଆ ଲିମିଟେଡ୍<br>୧୦, ଅଲିପୁର ରୋଡ୍, ନୂଆଦିଲ୍ଲୀ–୬ |
| ୪। ମାଇଚିକ୍ସ | ମେସର୍ସ ଷ୍ଟେଟ୍ ପୋଲଟ୍ରି ବ୍ରିଡିଂ ଫାର୍ମ<br>ହିସାର ଘାଟ, ବାଙ୍ଗାଲୋର |
| ୫। କି ଷ୍ଟୋନ୍ (ହ୍ୱାଇଟ ଆଣ୍ଡ<br>ଗୋଲଡେନ୍) | ମେସର୍ସ କେରା ଫାର୍ମ, ଏରୋଜ ଆପାର୍ଟମେଣ୍ଟ<br>୫୬, ନେହେରୁ ପ୍ଲେସ୍, ନୂଆଦିଲ୍ଲୀ |
| ୬। ହାଇସେକ୍ସ | ମେସର୍ସ ଭି ଏଣ୍ଡ ପି. ଓ. ଜାଣ୍ଟି ଆଲି<br>ଲୁଧିଆନା, ପଞ୍ଜାବ |
| ୭। ଡେକାଲ୍ୟାବ୍ | ମେସର୍ସ ସୁଦର୍ଶନ ହାଚେରୀ<br>ଚାରମିନାର ରୋଡ୍, ହାଇଦ୍ରାବାଦ |
| ୮। (କ) ରୋଡ଼ୋ ହ୍ୱାଇଟ୍<br>(ଖ) କଳିଙ୍ଗ ବ୍ରାଉନ୍ | ସେଣ୍ଟ୍ରାଲ୍ ପୋଲଟ୍ରି ବ୍ରିଡ଼ିଂ ଫାର୍ମ, ଭୁବନେଶ୍ୱର<br>ସେଣ୍ଟ୍ରାଲ୍ ପୋଲଟ୍ରି ବ୍ରିଡ଼ିଂ ଫାର୍ମ, ଭୁବନେଶ୍ୱର |
| ୯। ଏଚ୍.ଏଚ୍.–୨୬୦ | ସେଣ୍ଟ୍ରାଲ୍ ପୋଲଟ୍ରି ବ୍ରିଡ଼ିଂ ଫାର୍ମ<br>ହିସାର ଘାଟ, ବାଙ୍ଗାଲୋର |
| ୧୦। ଆଇ.ଏଲ୍.ଆଇ–୮୦ | ସେଣ୍ଟ୍ରାଲ ଏଭିଆନ୍ ରିସର୍ଚ୍ଚ ଇନିଷ୍ଟିଚ୍ୟୁଟ୍<br>ଇଜ୍ଜତ ନଗର, ବରେଲି, ଉତ୍ତର ପ୍ରଦେଶ |
| ୧୧। ବ୍ୟାବ୍ କକ୍ ବି–୩୦୦ | ମେସର୍ସ ବ୍ୟାବକକ୍, ଭେଙ୍କଟେଶ୍ୱର ହ୍ୟାଚେରୀ<br>ପ୍ରାଇଭେଟ୍ ଲିମିଟେଡ୍, ଭି. ଇଞ୍ଜାପୁର,<br>ପୋ– ସାରୁର ନଗର, ହାଇଦ୍ରାବାଦ–୩୫ |
| ୧୨। ସୋନା–୭୪ | ମେସର୍ସ ଇଞ୍ଜନ ପୋଲଟ୍ରି ଫାର୍ମ<br>୨୫୭, ଇସମାଇଲ ନଗର, ମିରଟ<br>ଉତ୍ତର ପ୍ରଦେଶ |
| ୧୩। ବିଭି–୩୦୦ | ଇଷ୍ଟର୍ଣ୍ଣ ହ୍ୟାଚେରୀ ପ୍ରାଇଭେଟ ଲିମିଟେଡ୍<br>ଏନ୍–୧/୭୬, ନୟାପଲ୍ଲୀ, ଭୁବନେଶ୍ୱର |

## ମାଂସ ପାଇଁ ମିଳୁଥିବା ସଙ୍କର ଜାତୀୟ କୁକୁଡ଼ାମାନଙ୍କର ନାମ ଓ ମିଳୁଥିବା ଜାଗାର ଠିକଣା

| | | |
|---|---|---|
| ୧। | ସେଭର ଷ୍ଟାର ବ୍ରୋ | ମେସର୍ସ ଅପସରା ଷ୍ଟାର ଚିକ୍ସ ବ୍ରିଡରସ୍<br>୨୯-ଏ, ବ୍ରଡଷ୍ଟ୍ରିଟ୍, କଲିକତା-୨୯ |
| ୨। | ବି-୭୭ | ୧) ସେଣ୍ଟ୍ରାଲ ଏଭିଆନ୍ ରିସର୍ଚ୍ଚ ଇନିଷ୍ଟିଚ୍ୟୁଟ୍<br>ଇଜ୍ଜତ ନଗର, ବରେଲି, ଉତ୍ତର ପ୍ରଦେଶ<br>୨) ଏ.ଭି.ଏମ୍. ହାଚେରୀ, କୋଏମ୍ବାଟୁର |
| ୩। | ପଲବ୍ରୋ ସମ୍ରାଟ | ମେସର୍ସ ପୁନା ପରଲସ୍ ପୋଲଟ୍ରି<br>ବ୍ରିଡ଼ିଂ ଫାର୍ମ ଆଣ୍ଡ ହାଚେରୀ, ପୁନା-୪୧୧୦୨୮ |
| ୪। | ସିନ୍ଥେଟିକ୍ କ୍ରସ୍‌ବ୍ରେଡ୍<br>ରଙ୍ଗିନ ଚିକ୍ସ | ପ୍ରୋଜେକ୍ଟ ଡାଇରେକ୍ଟୋରେଟ<br>ପୋଲଟ୍ରି ଇଂପ୍ରୁଭମେଣ୍ଟ, ଭେଟେରିନାରୀ କଲେଜ<br>ଭୁବନେଶ୍ୱର |
| ୫। | କଳିଙ୍ଗ କବ୍ | କଳିଙ୍ଗ ହାଚେରୀ, ଭୁବନେଶ୍ୱର |
| ୬। | ହାଇବ୍ରୋ | ବିଜୟା ପୋଲଟ୍ରି ଫାର୍ମ, ଚୌଦ୍ୱାର, କଟକ<br>ରୁଚି ପୋଲଟ୍ରି ଫାର୍ମ, ଚୌଦ୍ୱାର, କଟକ |
| ୭। | ଭେନ୍‌କବ୍ | ଇଷ୍ଟର୍ଣ୍ଣ ହାଚେରୀ, ଏନ୍-୧, ପ୍ଲଟ ନମ୍ବର-୭୬<br>ନୟାପଲ୍ଲୀ, ଭୁବନେଶ୍ୱର |
| ୭। | ସେଭର (ଷ୍ଟାର ବ୍ରୋ) | ସିଂହ ପୋଲଟ୍ରି ଫାର୍ମ, ଶହୀଦ ନଗର, ଭୁବନେଶ୍ୱର |
| ୮। | କ୍ରସ୍‌ବ୍ରେଡ୍ ରଙ୍ଗୀନ ଚିକ୍ସ | ଭେଟେରିନାରୀ କଲେଜ, ଭୁବନେଶ୍ୱର |
| ୯। | କେରା ବ୍ରୋ | ମେସର୍ସ କେରାଫାର୍ମସ, ଡବ୍ଲୁ-୧୪୫<br>ଗ୍ରେଟର କୈଳାସ, ନୂଆଦିଲ୍ଲୀ |
| ୧୦। | ହୁବାର୍ଡ଼ | ମେସର୍ସ ହୁବାର୍ଡ଼ ପୋଲଟ୍ରି ଫାର୍ମ ଆଣ୍ଡ୍ ହାଚେରୀ<br>ମେଦିନାପୁର, କଲିକତା |

*****

*ମୂଳ ବିଷୟ ବସ୍ତୁ*
**ଡଃ ଶରତ ଚନ୍ଦ୍ର ମିଶ୍ର**
**ଡଃ ପ୍ରବୀଣ କୁମାର ଦେହୁରୀ**
**ଡଃ ପ୍ରସନ୍ନ କୁମାର ମିଶ୍ର**

*ସଂଶୋଧିତ ବିଷୟବସ୍ତୁ*
**ଡଃ ନିରଞ୍ଜନ ପଣ୍ଡା**
ପ୍ରାଧ୍ୟାପକ, ପ୍ରାଣୀ ପୁଷ୍ଟି ବିଭାଗ
ଓୟୁଏଟି, ଭୁବନେଶ୍ୱର

ଓୟୁଏଟି ପ୍ରେସ୍, ୫୦୦, ୨୦୧୪



ଏଠାରୁ କାଟନ୍ତୁ

# କୁକୁଡ଼ା ପାଳନ (ଚତୁର୍ଥ ପାଠ)
# ଦୂରଶିକ୍ଷା କାର୍ଯ୍ୟକ୍ରମ

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩

ଦୟାକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଏହି କାଗଜରେ ଲେଖି ୭ ଦିନ ଭିତରେ ଆମ ପାଖକୁ ପଠାନ୍ତୁ ।

***ଆପଣଙ୍କ ପାଇଁ ପ୍ରଶ୍ନ***

ପ୍ର. ୧-କେଉଁ ଶସ୍ୟ କୁକୁଡ଼ା ଦାନାରେ ଶ୍ୱେତସାର ଖାଦ୍ୟ ଭାବେ ବ୍ୟବହୃତ ହୋଇଥାଏ ?

ଉ-

ପ୍ର. ୨- କୁକୁଡ଼ା ଦାନାରେ ଶତକଡ଼ା କେତେ ଭାଗ ଲୁଣ ରହିବା ଦରକାର ?

ଉ-

ପ୍ର. ୩- ଗୋଟିଏ ୪୮ ଦିନିଆ କୁକୁଡ଼ା ପାଇଁ ଦାନାଧାନୀର ଲମ୍ବ କେତେ ହେବା ଦରକାର ?

ଉ-

ପ୍ର. ୪-ଲେଗ୍‌ହର୍ଣ୍ଣ ଜାତୀୟ କୁକୁଡ଼ା ବର୍ଷକୁ କେତୋଟି ଅଣ୍ଡା ଦେଇଥାନ୍ତି ?

ଉ-

ପ୍ର. ୫-କରନିସ୍ ଜାତିର କୁକୁଡ଼ାର ଓଜନ କେତେ ?

ଉ-

ଚାଷୀଙ୍କ ସ୍ୱାକ୍ଷର -

ଡାକ ଠିକଣା

କ୍ରମିକ ନଂ -

ତାରିଖ -

ପଞ୍ଚମ ପାଠ

# କୁକୁଡ଼ା ପାଳନ



**ଦୂରଶିକ୍ଷା କାର୍ଯ୍ୟକ୍ରମ**

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩**

ନାମ.................................

କ୍ରମିକ ନଂ ........................

## ପଞ୍ଚମ ପାଠ

## କୁକୁଡ଼ାମାନଙ୍କର ରୋଗ, ତା'ର ପ୍ରତିକାର ଓ ଟୀକାଦେବା ପଦ୍ଧତି

କୁକୁଡ଼ା ଫାର୍ମରେ ରୋଗ ଦେଖାଗଲେ, କୁକୁଡ଼ା ଚାଷୀର ପ୍ରଥମ କର୍ତ୍ତବ୍ୟ ହେଉଛି, ରୋଗର ନିରାକରଣ ପାଇଁ ଆଶୁଚିକିତ୍ସା କରିବା । ପରେ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ରୋଗକୁ ଫାର୍ମରୁ ସମୂଳେ ବିନାଶ କରିବା ଉଚିତ୍ । ଆଶୁ ଚିକିତ୍ସା କରିବାକୁ ହେଲେ, ପ୍ରତ୍ୟେକ କୁକୁଡ଼ା ଚାଷୀଙ୍କର କୁକୁଡ଼ାର ବିଭିନ୍ନ ରୋଗ ବିଷୟରେ ସମ୍ୟକ ଧାରଣା ରହିବା ଉଚିତ୍ । ସେହି ହେତୁ ଏଠାରେ କୁକୁଡ଼ାମାନଙ୍କର ବିଭିନ୍ନ ରୋଗ ବିଷୟରେ ଚାଷୀମାନଙ୍କ ପାଇଁ ସମ୍ୟକ୍ ଧାରଣା ଦିଆଯାଇଅଛି । ସାଧାରଣତଃ କୁକୁଡ଼ାମାନଙ୍କ ଦେହରେ ଭୂତାଣୁ ଜନିତ, ଜୀବାଣୁ ଜନିତ, କୃମି ଜନିତ ଏବଂ ଜୀବସାର ଅଭାବ ଜନିତ ରୋଗମାନ ଦେଖାଯାଇଥାଏ ।

### ଜୀବାଣୁଜନିତ ରୋଗ

**୧ । ଅମ୍ଫାଲାଇଟିସ୍ –**

ଏହି ରୋଗ ଦ୍ୱାରା ସଦ୍ୟ ଫୁଟିଥିବା କୁକୁଡ଼ାଛୁଆ ମାନେ ମରିଯାଆନ୍ତି । ଏହି ରୋଗ ଇ.କୋଲି ସହିତ ଅନ୍ୟ ଜୀବାଣୁ ଯଥା ଷ୍ଟାଫାଲୋକୋକାଏ ଏବଂ ସିଡୋମୋନାସ୍ ମିଶି ରୋଗ ସୃଷ୍ଟି କରିଥାନ୍ତି । ଏହି ରୋଗ ଦ୍ୱାରା ୧ ରୁ ୨ ସପ୍ତାହ ବୟସର ଛୁଆମାନେ ବେଶୀ ଆକ୍ରାନ୍ତ ହୋଇଥାନ୍ତି । କିନ୍ତୁ ୧ ସପ୍ତାହ ବୟସ ମଧ୍ୟରେ ଅନେକ ଛୁଆ ମରିଯାଆନ୍ତି ।

ଏହି ରୋଗ ସାଧାରଣତଃ କୁକୁଡ଼ା ଛୁଆ ମେସିନ୍‌ରୁ କୁକୁଡ଼ା ଛୁଆମାନଙ୍କୁ ସଂକ୍ରମିତ ହୋଇଥାଏ । ଏହା ଏକ ଜୀବାଣୁ ଜନିତ ରୋଗ । ଏହି ରୋଗର ଜୀବାଣୁମାନେ କୁକୁଡ଼ା ଛୁଆର ଶୁଖିନଥିବା ନାଭିବାଟେ ଶରୀରକୁ ପ୍ରବେଶ କରିଥାଆନ୍ତି । ଅତ୍ୟଧିକ

ଗରମ ବା ଅତ୍ୟଧିକ ଥଣ୍ଡା ହେଲେ କିମ୍ବା ଛୁଆ ଫୁଟା ମେସିନ୍ ଭିତରେ ଆର୍ଦ୍ରତାର ତାରତମ୍ୟ ଦେଖାଦେଲେ, ଏହି ରୋଗର ପ୍ରାଦୁର୍ଭାବ ବଢ଼ିଥାଏ ।

**ଲକ୍ଷଣ –**

ଏହି ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ଚିଆଁମାନେ ଉତ୍ତାପ ଉତ୍ସ ତଳେ ରୁଣ୍ଡ ହୁଅନ୍ତି । ଛୁଆ ଫୁଟିବାର ୩ ଦିନ ମଧ୍ୟରେ ଅନେକ ଛୁଆ ମରିଯାଆନ୍ତି । ବେଳେବେଳେ ୧୦ ଦିନ ପର୍ଯ୍ୟନ୍ତ ମରିବା ଲାଗିରହେ । ଆକ୍ରାନ୍ତ ଛୁଆମାନଙ୍କର ପେଟ ଫୁଲିଯାଏ ଏବଂ ନରମ ଲାଗେ ।

ଏହି ରୋଗ ହେଲେ ଛୁଆମାନେ ଦୁର୍ବଳିଆ ହୁଅନ୍ତି । ପାଣି କିମ୍ବା ଖାଦ୍ୟ ଖାଇପାରନ୍ତି ନାହିଁ । ତଳେ ପଡ଼ି ରହନ୍ତି । ମରିବା ଛୁଆକୁ କାଟି ଦେଖିଲେ, ଛୁଆର ପେଟ ଭିତରେ ଅଣ୍ଡାର କେଶର ଦେଖାଯାଏ ଏବଂ ପେଟ ଭିତରେ ହଳଦିଆ ରଙ୍ଗର ପୂଜ ଥାଏ । ଛୁଆ ଫୁଟା ମେସିନ୍‌କୁ ଭଲ ଭାବରେ ବିଶୋଧନ କରି ସଫା ଅଣ୍ଡା ବସାଇଲେ ଏହି ରୋଗ ହୋଇ ନଥାଏ । ଆକ୍ରାନ୍ତ ଛୁଆମାନଙ୍କୁ ଫୁରାଜୋଲିଡନ୍ କିମ୍ବା ନାଇଟ୍ରୋଫୁରାନ୍ ଔଷଧ ୭–୧୦ ଦିନ ଖାଇବାକୁ ଦେଲେ ରୋଗ ଭଲ ହୋଇଯାଏ ।

**୨ । କୁକୁଡ଼ା ହଇଜା (ଫାଉଲା କଲେରା) –**

ଏହା ପାସ୍ତୁରେଲା ନାମକ ଏକ ଜୀବାଣୁ ଦ୍ୱାରା ହୋଇଥାଏ । ଏହି ରୋଗ ମଳଦ୍ୱାରା, ସଂକ୍ରମିତ ହୋଇଥିବା ପାଣି ଏବଂ ଦାନା ଦ୍ୱାରା ବ୍ୟାପିଥାଏ । ଏହି ରୋଗ ଖୁବ୍ ଜୋର୍‌ରେ ହୋଇଥିଲେ କୌଣସି ଲକ୍ଷଣ ଦେଖାଇବା ପୂର୍ବରୁ କୁକୁଡ଼ାମାନଙ୍କର ଚୂଳ ଗାଢ଼ ରଙ୍ଗ ଦେଖାଯାଏ । କୁକୁଡ଼ାମାନେ ଖାଇବା ଓ ପିଇବା ବନ୍ଦ କରିଦିଅନ୍ତି ଓ କୁକୁଡ଼ାମାନଙ୍କର ଝାଡ଼ା ରୋଗ ହୋଇଥାଏ । ଯଦି ଏହି ରୋଗ କମ୍ ମାତ୍ରାରେ ହୋଇଥାଏ, ତାହେଲେ କୁକୁଡ଼ାମାନେ ଶୀଘ୍ର ମରନ୍ତି ନାହିଁ । କିନ୍ତୁ ଚୂଳ ଏବଂ ଗୋଡର ଗଣ୍ଠି ଫୁଲିଯାଏ । ସବୁଜ ରଙ୍ଗର ଝାଡ଼ା ହୁଏ । ନାକ ପୁଡ଼ା ଫୁଲିଯାଏ । କୁକୁଡ଼ାମାନେ ଛୋଟା ହୋଇଯାଆନ୍ତି । ବେଳେବେଳେ ବେକ ମୋଡ଼ି ହୋଇଯାଏ । ଯଦି ଗୋଟିଏ ମଲା କୁକୁଡ଼ାକୁ କାଟି ଦିଆଯାଏ ତେବେ ଶରୀରର ବିଭିନ୍ନ ଭାଗରେ ରକ୍ତ କ୍ଷରଣ



ହେଉଥିବାର ଦେଖାଯାଏ । କଲିଜା ଶିଝିଗଲା ପରି ଦେଖାଯାଏ ଏବଂ ଧଳା ଧଳା ବିନ୍ଦୁ ଦେଖାଯାଏ ।

**ଚିକିତ୍ସା –**

ଏହି ରୋଗକୁ ଟେରାମାଇସିନ୍ କିମ୍ବା ଷ୍ଟ୍ରେପ୍‌ଟୋମାଇସିନ୍ କିମ୍ବା ଟେରାମାଇସିନ୍ ସହିତ ସଲ୍‌ଫା ମିଶାଇ ଖାଇବାକୁ ଦେଲେ ଭଲ କରାଯାଇ ପାରିବ । ଅତ୍ୟଧିକ ରୋଗ ଅବସ୍ଥାରେ ଇଞ୍ଜେକ୍‌ସନ୍ ଆକାରରେ ଏହି ଔଷଧ ଦିଆଯାଇପାରେ । ଟେରାମାଇସିନ୍ ଏଲ୍.ଏ. ୦.୫ ମିଲିଲିଟର ଔଷଧ ମାଂସ ତଳେ ଇଞ୍ଜେକ୍‌ସନ୍ ଆକାରରେ ପ୍ରତି କୁକୁଡ଼ାଙ୍କୁ ଥରେ ଦେଲେ ଏହି ରୋଗ ଭଲ ହୋଇଥାଏ ।

**ପ୍ରତିଷେଧ –**

ଏହି ରୋଗ ନ ହେବା ପାଇଁ ପ୍ରତିଷେଧ ଟୀକା ମଧ୍ୟ ଦିଆଯାଇଥାଏ । ପ୍ରତି କୁକୁଡ଼ାକୁ ୦.୨୫ ମିଲିଲିଟର ଟୀକା ଚମଡ଼ା ତଳେ ୫–୬ ସପ୍ତାହ ବୟସର କୁକୁଡ଼ାମାନଙ୍କୁ ଇଂଜେକ୍‌ସନ୍ ଆକାରରେ ଦେବା ଦରକାର, ୮–୯ ସପ୍ତାହ ବା ତାଠାରୁ ଉର୍ଦ୍ଧ୍ୱ ବୟସର କୁକୁଡ଼ାମାନଙ୍କୁ ୦.୫ ମିଲିଲିଟର ଟୀକା ପ୍ରତି କୁକୁଡ଼ାଙ୍କ ପାଇଁ ଦେବା ଦରକାର ।

**୩ । ସି.ଆର୍.ଡି. (ମାଇକୋପ୍ଲାଜ୍‌ମା) ରୋଗ –**

ଏହି ରୋଗ ଗୋଟିଏ ରୋଗୀ କୁକୁଡ଼ା ଠାରୁ ଅନ୍ୟ କୁକୁଡ଼ାଙ୍କୁ ପବନ, କାମ କରୁଥିବା ଲୋକର ଜୋତା ଓ ଲୁଗାପଟା ଦ୍ୱାରା ବ୍ୟାପିଥାଏ । ଏହି ରୋଗ ମଧ୍ୟ ମାଆକୁ ହୋଇଥିଲେ ଅଣ୍ଡା ମାଧ୍ୟମରେ ଛୁଆକୁ ବ୍ୟାପିଥାଏ । ସାଧାରଣତଃ ସୁସ୍ଥ ଛୁଆମାନଙ୍କୁ ଏହି ରୋଗ ହୋଇଥାଏ ।

**ଲକ୍ଷଣ –**

ଏହି ରୋଗ ହେଲେ କୁକୁଡ଼ାମାନଙ୍କର ଶରୀରରେ ଥିବା ପବନ ପକେଟ୍‌କୁ ନଷ୍ଟ କରିଦିଏ । ଏହି ରୋଗ ମଧ୍ୟ ବେଳେ ବେଳେ ଅନ୍ୟ ଜୀବାଣୁ ସହିତ ମିଶି ହୋଇଥାଏ । ଯାହାଦ୍ୱାରା ଏହି ରୋଗ ହେଲେ, କୁକୁଡ଼ା ଛୁଆ ଛିଙ୍କେ, କାନରୁ ପାଣି ବହେ ଓ ବେକ

ଉପରକୁ କରି ନିଶ୍ୱାସ ଜୋର୍‌ରେ ନିଏ । ଏହି କୁକୁଡ଼ାକୁ କାଟି ଦେଖିଲେ, ତାଙ୍କର ଶରୀରରେ ଥିବା ପବନ ପକେଟରେ ଛେନା ଭଳି ପୂଜ ରହିଥାଏ । ପୂଜ ଭଳିଆ ପଦାର୍ଥ ନାକ ଓ ନିଶ୍ୱାସ ପ୍ରଶ୍ୱାସ ପଥମାନଙ୍କରେ ଥାଏ । ଏହି ରୋଗ ହେଲେ ୭ ରୁ ୧୪ ଦିନ ପରେ ଅଣ୍ଡା ଉତ୍ପାଦନ ଶତକଡ଼ା ୫୦ ଭାଗ କମିଯାଇଥାଏ । ବଡ଼ କୁକୁଡ଼ାମାନଙ୍କ ଠାରେ ଏହି ରୋଗ ଅଛିକି ନାହିଁ ତାହା ରକ୍ତ ପରୀକ୍ଷା ଦ୍ୱାରା ଜଣାପଡ଼େ ।

ଅନ୍ୟ ଶ୍ୱାସ ଜନିତ ରୋଗ ତୁଳନାରେ ଏହି ରୋଗ ଅନ୍ୟ କୁକୁଡ଼ାମାନଙ୍କୁ ଆସ୍ତେ ଆସ୍ତେ ବ୍ୟାପେ । ଆଖିରେ ପୂଜ ଭଳି ପଦାର୍ଥ ଦେଖାଯାଏ ଏବଂ ଆଖି ଫୁଲିଯାଏ ।

**ଚିକିତ୍ସା –**

ଏହି ରୋଗକୁ ପେନିସିଲିନ୍, ଷ୍ଟ୍ରେପ୍‌ଟୋମାଇସିନ୍ କିମ୍ବା ଟ୍ରୋସାଇକ୍ଲିନ୍ ଦ୍ୱାରା ଭଲ କରାଯାଇପାରେ । ଏହି ରୋଗକୁ ଟାଲୋସିନ୍ ୫୦ ଗ୍ରାମ୍ ପ୍ରତି ଟନ୍ ଖାଦ୍ୟରେ ମିଶାଇ ୩୨ ସପ୍ତାହ ପର୍ଯ୍ୟନ୍ତ ଖୁଆଇଲେ, ନିୟନ୍ତ୍ରଣ କରାଯାଇପାରେ । ତା ପରେ ୩୦ ଗ୍ରାମ୍ ପ୍ରତି ଟନ୍ ଦାନାରେ ମିଶାଇ ଅଣ୍ଡା ଦେବା ଶେଷ ପର୍ଯ୍ୟନ୍ତ ଖୁଆଯାଏ । କିନ୍ତୁ ମାଂସ ପାଇଁ କୁକୁଡ଼ା ମାନଙ୍କୁ ସବୁବେଳେ ଏହି ରୋଗରୁ ମୁକ୍ତ ରଖିବା ଆବଶ୍ୟକ । ୦.୫ ରୁ ୧.୦ ପ୍ରତିଶତ ଟାଇଲୋସିନ୍ ପିଇବା ପାଣିରେ ମିଶାଇ ୩ ରୁ ୫ ଦିନ ପିଇବାକୁ ଦେଲେ ଏହି ରୋଗ ଭଲ ହୋଇଥାଏ ।

ଟିଆମୁଟିନ୍ ନାମକ ଔଷଧ ମଧ୍ୟ ଚିକିତ୍ସା ରୂପେ ବ୍ୟବହାର କରାଯାଇଥାଏ । ପ୍ରତି ୧୦୦୦ ଛୁଆ ପାଇଁ ପ୍ରଥମ ୬ ସପ୍ତାହ ବୟସରେ ୫ ଗ୍ରାମ୍ ଔଷଧ ୧୨ ରୁ ୧୫ ଲିଟର ପାଣିରେ ମିଶାଇ ୪, ୫ ଓ ୬ ଦିନ ବୟସରେ ପିଇବାକୁ ଦେବା ଦରକାର ଏବଂ ଆଉଥରେ ୨୧ ଦିନ ବୟସରେ ୨୭.୫ ଗ୍ରାମ୍ ୫୦ ରୁ ୬୦ ଲିଟର ପାଣିରେ ପିଇବାକୁ ଦେବା ଦରକାର । ଏହି ଦୁଇଥର ଚିକିତ୍ସା ପାଇଁ ସମୁଦାୟ ୪୨.୫ ଗ୍ରାମ୍ ଟିଆମୁଟିନ୍ ଔଷଧ ପ୍ରତି ୧୦୦୦ ଛୁଆଙ୍କ ପାଇଁ ଦରକାର ହୋଇଥାଏ ।



**ପ୍ରତିଷେଧ –**

ଏମ୍.ଜି.ଏସ୍. – ୬ ଟୀକା ୮ ରୁ ୧୦ ସପ୍ତାହ ବୟସରେ ଦେଲେ ବଡ଼ ସମୟରେ ଅଧିକ ଅଣ୍ଡା ଦିଅନ୍ତି ଓ ଛୁଆମାନେ ନ ମରି ଭଲ ବଢ଼ନ୍ତି ।

**୪ । କୁକୁଡ଼ା ଆନ୍ତ୍ରିକ ଜ୍ୱର –**

ଏହି ରୋଗ ଅଣ୍ଡା ଦ୍ୱାରା ଛୁଆମାନଙ୍କୁ ବ୍ୟାପିଥାଏ । ଏହା ଏକ ଜୀବାଣୁ ଜନିତ ରୋଗ । ମୂଷାମାନେ ଏହି ରୋଗର ବାହକ ଅଟନ୍ତି । ଏହି ରୋଗ ହେଲେ, କୁକୁଡ଼ାମାନଙ୍କର ଝାଡ଼ା ହୋଇଥାଏ ଏବଂ କୁକୁଡ଼ାମାନଙ୍କର ମଳଦ୍ୱାର ଚାରିପଟରେ ପରମାନଙ୍କରେ ଧଳା ଧଳା ଝାଡ଼ା ଲାଗିଥାଏ । କୁକୁଡ଼ାମାନେ ଅସୁସ୍ଥ ହେଲା ପରି ବ୍ୟବହାର କରନ୍ତି । ବିଜ୍ଞାନାଗାରରେ ଏହି ରୋଗ ସହଜରେ ଚିହ୍ନି ହୁଏ । ଛୁଆମାନେ ପ୍ରଥମ ସପ୍ତାହ ବୟସରେ ବହୁତ ପରିମାଣରେ ରୋଗରେ ପଡ଼ି ମରିଯାଆନ୍ତି । ଏହି ରୋଗକୁ ନିରାକରଣ କରିବା ପାଇଁ ଦାନାରେ ନେଫ୍‌ଟିନ୍ ୨୦୦ ଗ୍ରାମ୍ ପ୍ରତି ଏକ ଟନ୍ ଖାଦ୍ୟରେ ମିଶାଇ ୧–୩ ସପ୍ତାହ ପର୍ଯ୍ୟନ୍ତ ଖାଇବାକୁ ଦେବା ଉଚିତ୍ । ତା ଛଡ଼ା ସଂକ୍ରମିତ ହୋଇଥିବା କୁକୁଡ଼ାମାନଙ୍କୁ ଫ୍ୟୁରାସଲ ୨ ଗ୍ରାମ୍ ଏକ ଲିଟର ପାଣିରେ ୫ ଦିନ ଏବଂ ପରେ ଏକ ଗ୍ରାମ୍ ଏକ ଲିଟର ପାଣିରେ ୫ ଦିନ ଦେଲେ ଏହି ରୋଗ ଭଲ ହୋଇଥାଏ ।

**୫ । ଅଲ୍‌ସରେଟିଭ୍ ଏଣ୍ଟେରାଇଟିସ୍ –**

ଏହା କ୍ଲଷ୍ଟ୍ରିଡିଅମ୍ ନାମକ ଏକ ପ୍ରକାର ଜୀବାଣୁ ଦ୍ୱାରା ହୋଇଥାଏ । ଏହା ରୋଗୀ କୁକୁଡ଼ାଙ୍କର ମଳଦ୍ୱାରା ବ୍ୟାପିଥାଏ । ଏହି ଜୀବାଣୁ ମାଟିରେ ଏବଂ ଲିଟରରେ ବହୁତ ଦିନ ପର୍ଯ୍ୟନ୍ତ ବଞ୍ଚିରହି ପାରନ୍ତି ।

**ଲକ୍ଷଣ –**

ଏହି ରୋଗ ହେଲେ ଛୁଆ ଓ ବଢ଼ନ୍ତା କୁକୁଡ଼ାମାନଙ୍କର ହଠାତ୍ ମୃତ୍ୟୁ ହୁଏ । କୌଣସି ଲକ୍ଷଣ ଏମାନେ ଦେଖାଇ ନଥାନ୍ତି । ସମୟେ ସମୟେ ଝାଡ଼ା ଏବଂ ରକ୍ତ ଝାଡ଼ା ମଧ୍ୟ ହୋଇଥାଏ । ଗୋଟିଏ ଆକ୍ରାନ୍ତ କିମ୍ବା ମଲା କୁକୁଡ଼ାକୁ କାଟି ଦେଖିଲେ,

ଗଭୀର ଘା ସବୁ କ୍ଷୁଦ୍ରାନ୍ତ ନଳୀରେ ବିଭିନ୍ନ ସ୍ଥାନରେ ଦେଖାଯାଏ । ଏହି ଘା ଗୁଡ଼ିକ ହଳଦିଆ, ଗୋଲାକାର ଏବଂ ଘା ଗୁଡ଼ିକର ଅନ୍ତନଳୀକୁ ଫୁଟାଇ ଦେଇଥାଆନ୍ତି । ହଠାତ୍ ଏହି ରୋଗରେ ଆକ୍ରାନ୍ତ ହେଲେ ରକ୍ତ ଝାଡ଼ା ହୋଇଥାଏ ଯାହାକୁ ଚାଷୀମାନେ କକ୍‌ସିଡ଼ିଆ ବୋଲି ମନେ କରି ସେଥିପାଇଁ ଔଷଧ ଦେଇଥାଆନ୍ତି । କିନ୍ତୁ ଏହି ରୋଗ କକ୍‌ସିଡ଼ିଆ ନ ହେବା ପାଇଁ ଯେଉଁ ଔଷଧ ଦିଆଯାଇଥାଏ, ସେଥିରେ ଭଲ ହୁଏ ନାହିଁ । ଫଳରେ କୁକୁଡ଼ାମାନେ ମରିଯାଆନ୍ତି ।

**ଚିକିତ୍ସା** –

ଏହି ରୋଗକୁ ଉପଯୁକ୍ତ ପରିମାଣରେ ବ୍ୟାସିଟ୍ରାସିନ୍, ପେନିସିଲିନ୍ ଷ୍ଟ୍ରେପ୍ଟୋମାଇସିନ୍ କିମ୍ବା ଫ୍ୟୁରାଜଲିଡୋନ୍ ଦାନା କିମ୍ବା ପାଣି ମାଧ୍ୟମରେ ଖୁଆଇ ଭଲ କରାଯାଏ ।

**୬ । ଥଣ୍ଡା ରୋଗ –**

ଏହା ଏକ ପ୍ରକାର ଜୀବାଣୁ ଦ୍ୱାରା ହୋଇଥାଏ । ଯାହାକୁ ହିମୋଫାଇଲସ୍ ଗଲିନେରମ୍ କହନ୍ତି । ଏହି ରୋଗ ଖୁବ୍ କମ୍ ସମୟରେ ସମସ୍ତଙ୍କୁ ବ୍ୟାପିଥାଏ ।

**ଲକ୍ଷଣ** –

ଏହି ରୋଗ ହେଲେ, ନାସା ରନ୍ଧ୍ର ଫୁଲିଯାଏ ଓ ନାକରୁ ସବୁବେଳେ ପାଣି ଭଳି ପଦାର୍ଥ ବାହାରେ । ମୁହଁ ଖୁବ୍ ଯୋର୍‌ରେ ଫୁଲିଯାଏ । ଆଖି ଫୁଲିଯାଏ । ସମୟ ସମୟରେ ଗୋଟିଏ କିମ୍ବା ଦୁଇଟିଯାକ ଆଖି ଫୁଲି ବନ୍ଦ ହୋଇଯାଏ । ଏହି ରୋଗ ହେଲେ ଅଣ୍ଡା ଉତ୍ପାଦନ କମିଯାଏ ଏବଂ କୁକୁଡ଼ା ଅଣ୍ଡା ଦେବାର ସର୍ବୋଚ୍ଚ ସୀମାରେ ପହଞ୍ଚିପାରେ ନାହିଁ । ସମୟେ ସମୟେ କୁକୁଡ଼ାମାନେ ଛିଙ୍କିଥାଆନ୍ତି ।

ଏହି ରୋଗ ସବୁ ବୟସର କୁକୁଡ଼ାମାନଙ୍କୁ ହୋଇଥାଏ । କିନ୍ତୁ ବଡ଼ କୁକୁଡ଼ାମାନଙ୍କ ଠାରେ ରୋଗର ଲକ୍ଷଣ ଅଧିକ ଦେଖାଦିଏ । ଅଣ୍ଡା ଉତ୍ପାଦନ ୧୦ ରୁ ୪୦ ପ୍ରତିଶତ କମିଯାଏ । କିନ୍ତୁ ୨–୩ ସପ୍ତାହ ପରେ ବଢ଼ିଥାଏ । ନାକରୁ ବାହାରୁଥିବା ପଦାର୍ଥ ଅତି ଦୁର୍ଗନ୍ଧ ହୋଇଥାଏ ।



**ଚିକିତ୍ସା** –

ଆକ୍ରାନ୍ତ କୁକୁଡ଼ାମାନଙ୍କୁ ସଲ୍‌ଫା ଡାଇମେଥୋକ୍‌ସିନ୍ ପାଣିରେ କିମ୍ବା ଅକ୍‌ସିଟେଟ୍ରୋସାଇକ୍ଲିନ୍ କିମ୍ବା ଏରିଥ୍ରୋମାଇସିନ୍ ପାଣିରେ ଦିଆଯାଇ ଭଲ କରାଯାଇଥାଏ । ସମୂହ ଚିକିତ୍ସା ପାଇଁ ଏନେରୋଫ୍ଲକ୍ସାସିନ୍, ପି ଫ୍ଲକ୍ସାସିନ୍, ଫ୍ଲୁ ମେକୁଇନ୍ ଔଷଧକୁ ବ୍ୟବହାର କଲେ ସୁଫଳ ମିଳିଥାଏ । ଏହା ସହିତ ଭିଟାମିନ୍ 'ଏ' ଓ 'ଇ' ମଧ୍ୟ ପାଣିରେ ଦିଆଯାଇଥାଏ ।

**୭ । ପୁଲୋରୋମ ରୋଗ –**

ଏହି ରୋଗ ସାଧାରଣତଃ ଛୁଆମାନଙ୍କୁ ବେଶୀ ଦେଖାଦିଏ । ଏହି ରୋଗ ଅଣ୍ଡାଦ୍ୱାରା ମାଆ କୁକୁଡ଼ାଠାରୁ ଛୁଆମାନଙ୍କୁ ବ୍ୟାପିଥାଏ ଏବଂ ସାଧାରଣତଃ ଅଣ୍ଡା ଫୁଟା ମେସିନ୍ ଭିତରେ ଛୁଆମାନେ ମରିଯାଆନ୍ତି । ଏହି ରୋଗ ଏକ ଜୀବାଣୁ "ସାଲ୍‌ମୋନେଲା ପୁଲୋରୋମ" ଦ୍ୱାରା ହୋଇଥାଏ । ଏହି ରୋଗ ଦ୍ୱାରା ଅନ୍ୟ ପକ୍ଷୀ ଯଥା ଟର୍କି, କୁଏଲ୍, ବତକ, ଘରଚଟିଆ ଓ ପାରାମାନେ ମଧ୍ୟ ଆକ୍ରାନ୍ତ ହୋଇଥାଆନ୍ତି ।

**ଲକ୍ଷଣ** –

କିଛି ଲକ୍ଷଣ ଦେଖାଇବା ପୂର୍ବରୁ ସଦ୍ୟ ଫୁଟିଥିବା ଛୁଆମାନେ ମରିଯାଆନ୍ତି । ଅନ୍ୟ ଲକ୍ଷଣ ଭିତରେ ଆକ୍ରାନ୍ତ ଛୁଆମାନେ ଉତ୍ତାପ ଉତ୍ସ ନିକଟରେ ରୁଣ୍ଡ ହୁଅନ୍ତି, ଖାଦ୍ୟ ଖାଇନଥାନ୍ତି, ଧଳା ଝାଡ଼ା ହୋଇଥାଏ, ସଂକ୍ରମିତ ପାଣି ଓ ଖାଦ୍ୟ ଦ୍ୱାରା ମଧ୍ୟ ଏହି ରୋଗ ବ୍ୟାପିଥାଏ । ଏହି ରୋଗ ହେଲେ ପ୍ରଥମ ସପ୍ତାହରେ ଅତ୍ୟଧିକ ମୃତ୍ୟୁ ହାର ହୋଇଥାଏ ଏବଂ ଆସ୍ତେ ଆସ୍ତେ କମିଯାଇ ୫ ସପ୍ତାହ ବେଳକୁ ମରିବା ବନ୍ଦ ହୋଇଯାଏ । ବେଳେବେଳେ ମୃତ୍ୟୁ ହାର ୫୦ ରୁ ୧୦୦ ପ୍ରତିଶତ ହୋଇଥାଏ । ଯେଉଁ କୁକୁଡ଼ା ବଞ୍ଚି ରହନ୍ତି ସେମାନେ ଏହି ରୋଗର ବାହକ ହୋଇଥାଆନ୍ତି । ରକ୍ତ ପରୀକ୍ଷା ଦ୍ୱାରା ମଧ୍ୟ ଏହି ରୋଗ ଜଣାପଡ଼େ ।

**ଚିକିତ୍ସା –**

ଏହି ରୋଗକୁ ଚିକିତ୍ସା କରିବା ପାଇଁ ନାଇଟ୍ରୋଫୁରାନ୍ କିମ୍ବା ସଲ୍ଫାମିରାଜିନ୍ ବ୍ୟବହାର କରିବା ଦରକାର । ଅନ୍ୟ ଆଣ୍ଟିବାୟୋଟିକ୍ ଦ୍ୱାରା ମଧ୍ୟ ଚିକିତ୍ସା କରାଯାଇପାରେ । କିନ୍ତୁ ବଞ୍ଚିଥିବା କୁକୁଡ଼ାମାନେ ଏହି ରୋଗର ବାହକ ହୋଇଥିବାରୁ ସବୁ କୁକୁଡ଼ାମାନଙ୍କୁ ଫାର୍ମରୁ ବାହାର କରିଦେବା ଦରକାର । ରକ୍ତ ପରୀକ୍ଷା ପରେ ଯେଉଁ କୁକୁଡ଼ାମାନେ ଏହି ରୋଗର ବାହକ ହୋଇ ନଥିବେ ସେମାନଙ୍କୁ ଫାର୍ମରେ ରଖିବା ଦରକାର ।

## ଭୂତାଣୁଜନିତ ରୋଗ

ଭୂତାଣୁମାନେ ମଧ୍ୟ କୁକୁଡ଼ାମାନଙ୍କ ଠାରେ ଅନେକ ପ୍ରକାରର ରୋଗ ସୃଷ୍ଟି କରିଥାଆନ୍ତି ।

**୧ । ଏଭିଆନ୍ ଏନ୍ ସେଫାଲୋମାଇଲାଇଟିସ୍ –**

ଏହି ରୋଗ ମୁଖ୍ୟତଃ କୁକୁଡ଼ାମାନଙ୍କ ଠାରେ ଦେଖାଯାଇଥାଏ ଏବଂ ଅନ୍ୟ ପକ୍ଷୀମାନେ ମଧ୍ୟ ଏହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି ।

ଏହା ଏକ ଭୂତାଣୁଜନିତ ରୋଗ ଅଟେ । ଏହି ରୋଗ ଅଣ୍ଡାଦ୍ୱାରା ଆକ୍ରାନ୍ତ ମାଈକୁକୁଡ଼ା ଠାରୁ ଛୁଆ କୁକୁଡ଼ାମାନଙ୍କୁ ଆସିଥାଏ । ଆକ୍ରାନ୍ତ କୁକୁଡ଼ା ମାନଙ୍କର ମଳରେ ମଧ୍ୟ ଏହି ଭୂତାଣୁମାନେ ଥାଆନ୍ତି ଏବଂ ସେମାନେ ଅନ୍ୟ କୁକୁଡ଼ାଙ୍କ ଠାରେ ରୋଗ ସୃଷ୍ଟି କରାଇଥାଆନ୍ତି । ଛୋଟ କୁକୁଡ଼ା ଛୁଆ ୧ ରୁ ୨ ସପ୍ତାହ ବୟସରେ ବେଶୀ ମାତ୍ରାରେ ଆକ୍ରାନ୍ତ ହୋଇଥାଆନ୍ତି ।

**ଲକ୍ଷଣ –**

ଏହି ରୋଗ ସାଧାରଣତଃ ଛୁଆମାନଙ୍କ ଠରେ ୧୭ ରୁ ୨୧ ଦିନ ବୟସ ମଧ୍ୟରେ ଦେଖାଯାଏ । ଏହି ରୋଗ ହେଲେ କୁକୁଡ଼ାମାନେ ଠିକ୍ ଭାବରେ ଚାଲିପାରନ୍ତି ନାହିଁ । ଗୋଡ଼ ଆଣ୍ଠୁ ଦ୍ୱାରା ବସି ରହନ୍ତି । ସମୟେ ସମୟେ ପକ୍ଷାଘାତ ମଧ୍ୟ ହୋଇଯାଏ । ଛୁଆମନେ ଚାଲିବା ପାଇଁ ଅକ୍ଷମ ହୋଇଥାଆନ୍ତି । ମୁଣ୍ଡ ଏବଂ ବେକ ଥରେ ।



ବେଳେବେଳେ କୁକୁଡ଼ାମାନେ ଆକ୍ରାନ୍ତ ହେବାର ବହୁତ ସପ୍ତାହ ପରେ ଅନ୍ଧ ହୋଇଯାଆନ୍ତି । କିନ୍ତୁ ବଡ଼ କୁକୁଡ଼ାଙ୍କ ଠାରେ ଏହି ରୋଗ ହେଲେ ଝାଡ଼ା ହୋଇଥାଏ । ଅଣ୍ଡା ଉତ୍ପାଦନ ହ୍ରାସ ପାଇଥାଏ । ଏହି ଅଣ୍ଡା ଉତ୍ପାଦନ ହ୍ରାସ ୨୧ ଦିନ ପର୍ଯ୍ୟନ୍ତ ଲାଗିରହେ । ଏହି ରୋଗ ହେଲେ ପ୍ରଥମ ଦିନରୁ ଛୁଆମାନେ ମରିଥାଆନ୍ତି । ବେଳେବେଳେ କିଛି ସପ୍ତାହ ପରେ ମଧ୍ୟ କୁକୁଡ଼ାମାନେ ମରିଯାଆନ୍ତି । ଏହି ରୋଗ ହେଲେ ମୃତ୍ୟୁହାର ୨ ରୁ ୧୦ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ, ବେଳେବେଳେ ୫୦ ପ୍ରତିଶତକୁ ମଧ୍ୟ ବଢ଼ିଥାଏ ।

**ଚିକିତ୍ସା –**

ଏହି ରୋଗ ପାଇଁ କୌଣସି ଚିକିତ୍ସା ନାହିଁ । ଯେଉଁ କୁକୁଡ଼ାମାନେ ସ୍ନାୟୁଜନିତ ଲକ୍ଷଣ ଦେଖାନ୍ତି ସେମାନଙ୍କୁ ତୁରନ୍ତ ବାହାର କରି ବିକ୍ରି କରି ଦେବା ଉଚିତ୍ । ଏହି ରୋଗକୁ କୁକୁଡ଼ାମାନେ ଅଣ୍ଡା ଦେବା ପୂର୍ବରୁ ଟୀକା ଦେଇ ନିରାକରଣ କରାଯାଏ । ଯେତେବେଳେ କୁକୁଡ଼ାମାନଙ୍କୁ ୧୦–୧୬ ସପ୍ତାହ ବୟସ ହୋଇଥାଏ ସେତେବେଳେ ଏହି ଟୀକା ପିଇବା ପାଣିରେ ମିଶାଇ କୁକୁଡ଼ାମାନଙ୍କୁ ପିଇବାକୁ ଦିଆଯାଇଥାଏ । ଯେଉଁ ଜାଗାରେ ଏହି ରୋଗର ପ୍ରାଦୁର୍ଭାବ ଥାଏ ସେହି ସ୍ଥାନମାନଙ୍କରେ ଏହି ଟୀକା ଦେବା ଉଚିତ୍ ।

**୨ । କୁକୁଡ଼ା ବସନ୍ତ –**

ଏହା ଏକ ଭୂତାଣୁଜନିତ ରୋଗ ଅଟେ । ଏହି ରୋଗ ସାଧାରଣତଃ ଆକ୍ରାନ୍ତ କୁକୁଡ଼ା ଅନ୍ୟ କୁକୁଡ଼ାମାନଙ୍କ ସହିତ ମିଶିବା ଦ୍ୱାରା ବ୍ୟାପିଥାଏ । ଯଦି ଶରୀରର ଚମଡ଼ା କୌଣସି ସ୍ଥାନରେ ଖଣ୍ଡିଆ ହୋଇ ଥାଏ ତେବେ ଏହି ଭୂତାଣୁକୁ ଗୋଟିଏ କୁକୁଡ଼ା ଠାରୁ ଅନ୍ୟ କୁକୁଡ଼ାଙ୍କ ପାଖକୁ ନେଇଥାଆନ୍ତି ।

କୁକୁଡ଼ା ବସନ୍ତ ଭୂତାଣୁ ସବୁ ବୟସର କୁକୁଡ଼ାମାନଙ୍କୁ ହୋଇଥାଏ । ସାଧାରଣତଃ ଏହି ରୋଗ ୪ ରୁ ୫ ମାସ ବୟସ ପରେ ଦେଖାଯାଏ । ମାଂସପାଇଁ କୁକୁଡ଼ାଙ୍କ ଠାରେ ଏହି ରୋଗ ବେଶୀ ଦେଖାଦିଏ ଏବଂ ଏହା ଖରା ଓ ବସନ୍ତ ଋତୁରେ ହୋଇଥାଏ ।

ଏହି ରୋଗର ଭୂତାଣୁ ଆକ୍ରାନ୍ତ କୁକୁଡ଼ାଠାରୁ ମସାଦ୍ୱାରା ଅନ୍ୟ କୁକୁଡ଼ାମାନଙ୍କୁ ମଧ୍ୟ ବ୍ୟାପିଥାଏ । ଏହି ଭୂତାଣୁ ମାସ ମାସ ବା ବର୍ଷକ ପର୍ଯ୍ୟନ୍ତ ବଞ୍ଚିରହେ ।

**ଲକ୍ଷଣ**

ଏହି ରୋଗ ତିନି ପ୍ରକାର ଭାବେ ଦେଖାଯାଇଥାଏ । ଯଥା ଶୁଷ୍କ ଆଖିରେ ଏବଂ ଓଦାଳିଆ । ଶୁଖିଲା ବସନ୍ତ ହେଲେ ପ୍ରଥମେ ମୁହଁ, ଚୂଳ ଗୋଡ଼ ପ୍ରଭୃତିରେ ଛୋଟ ଛୋଟ ଫୋଟକା ପରି ବାହାରି ଥାଏ । ତା ପରେ ଫୋଟକା ଗୁଡ଼ିକ ଫାଟିଯାଇ ଭାତୁଡ଼ି ଭଳିଆ ପଦାର୍ଥ ଶରୀରରେ ସୃଷ୍ଟି କରିଥାଆନ୍ତି । ଏହି ଭାତୁଡ଼ି ଦୁଇ ସପ୍ତାହ ପର୍ଯ୍ୟନ୍ତ ଶରୀରରେ ରହିଥାଏ । ଏହି ପ୍ରକାର ବସନ୍ତ ହେଲେ କୁକୁଡ଼ାମାନଙ୍କର ଅଣ୍ଡା ଉତ୍ପାଦନ ଶତକଡ଼ା ୧୦-୧୫ ଭାଗ ହ୍ରାସ ପାଇଥାଏ । କିନ୍ତୁ ଏଥିରେ କୁକୁଡ଼ା ଖୁବ୍ କମ୍ ମରନ୍ତି । ଓଦଳିଆ ବସନ୍ତ ହେଲେ ଶତକଡ଼ା ୫୦ ଭାଗ କୁକୁଡ଼ା ମରିଯାଆନ୍ତି । ଏହି ପ୍ରକାର ବସନ୍ତ ହେଲେ ପ୍ରଥମେ ଧଳା ଭାତୁଡ଼ି ଭଳିଆ ପଦାର୍ଥ, ପାଟି ନାକପୁଡ଼ା ଓ କଣ୍ଠ ନଳୀରେ ହୋଇଥାଏ । କ୍ରମେ କ୍ରମେ ଏହି ଭାତୁଡ଼ିର ଆକାର ବଢ଼ିଥାଏ ଏବଂ ଏହା ହଳଦିଆ ରଙ୍ଗରେ ପରିଣତ ହୋଇଥାଏ । ଆଖିରେ ଏହି ରୋଗ ହେଲେ ଆଖି ଫୁଲିଯାଏ, ଛେନା ଭଳିଆ ପଦାର୍ଥ ଆଖିର ପତା ତଳେ ଜମିରହେ । ଦୁଇ ପତା ବନ୍ଦ ହୋଇଯାଏ ଏବଂ ଶେଷରେ କୁକୁଡ଼ା ଅନ୍ଧ ହୋଇଯାଏ । ଏହି ରୋଗରେ ବୃକକ୍ ଫୁଲିଯାଏ । ଶୁଖିଲା ବସନ୍ତରେ ଅନ୍ୟ ବସନ୍ତ ଅପେକ୍ଷା କମ୍ ମରିଥାଆନ୍ତି ।

**ଚିକିତ୍ସା –**

ଏହି ରୋଗକୁ ଟୀକା ଦ୍ୱାରା ନିରାକରଣ କରାଯାଇଥାଏ । କୁକୁଡ଼ାମାନଙ୍କୁ ୬ ସପ୍ତାହ ବୟସ ହେଲାବେଳକୁ ଏହି ଟୀକା ଦିଆଯାଇଥାଏ । ଏହି ଟୀକାକୁ ଛୁଞ୍ଚିରେ ଫୁଟାଇ ପାଦର ଚମଡ଼ାରେ ଦିଆଯାଏ କିମ୍ବା ଗୋଡ଼ର ଚମଡ଼ା ଉପରେ ତୂଳା ଦ୍ୱାରା ଘସି ଦିଆଯାଏ । ଏବେ ମଧ୍ୟ ଏହି ଟୀକାକୁ ୦.୨ ମିଲିଲିଟର ମାଂସ ତଳେ ମଧ୍ୟ ଇଂଜେକ୍ସନ୍ ଆକାରରେ ଦିଆଯାଏ । ଏହି ଟୀକା ଦେଲେ କୁକୁଡ଼ା ବସନ୍ତରୁ ୧ ବର୍ଷ ପର୍ଯ୍ୟନ୍ତ ରକ୍ଷା କରିଥାଏ ।



ଆକ୍ରାନ୍ତ କୁକୁଡ଼ା ମାନଙ୍କୁ ଭଲ କୁକୁଡ଼ାମାନଙ୍କ ଠାରୁ ଅଲଗା କରି ରଖିବା ଦରକାର ଏବଂ ଭଲ କୁକୁଡ଼ାଙ୍କୁ ସାଙ୍ଗେ ସାଙ୍ଗେ ଟୀକା ଦେବା ଦରକାର ।

**ରାଣୀକ୍ଷେତ ରୋଗ –**

ଏହା ଏକ ଭୂତାଣୁଜନିତ ରୋଗ ଅଟେ । ଏହି ରୋଗରେ ଭୂତାଣୁମାନେ ଝାଡ଼ା ଓ କଫରେ ଥାଆନ୍ତି ଓ ଏହା ସାଧାରଣତଃ ପବନ ଦ୍ୱାରା ବ୍ୟାପିଥାଏ । ସଂକ୍ରମିତ ଜିନିଷପତ୍ର, ଖାଦ୍ୟ, ଲୁଗାପଟା ଦ୍ୱାରା ମଧ୍ୟ ଏହି ରୋଗ ବ୍ୟାପିଥାଏ । ବର୍ଷାଋତୁରେ ଏହି ରୋଗ ବେଶୀ ଦେଖାଯାଏ । ଆକ୍ରାନ୍ତ କୁକୁଡ଼ା ମାନଙ୍କୁ କୁକୁର ଓ ବିରାଡ଼ି ଖାଇଲେ ସେମାନେ ମଧ୍ୟ ତାଙ୍କ ଝାଡ଼ାରେ ଏହି ଭୂତାଣୁ ବାହାରକୁ ଛାଡ଼ି ଥାଆନ୍ତି । ଯାହାକି ୫ ଦିନରୁ ୫ ମାସ ପର୍ଯ୍ୟନ୍ତ ବାୟୁ ମଣ୍ଡଳରେ ରହେ । ଟର୍କିମାନେ ମଧ୍ୟ ତାଙ୍କ ଝାଡ଼ାରେ ଏହି ଭୂତାଣୁକୁ ବାହାରକୁ ଛାଡ଼ିଥାଆନ୍ତି ଯାହା ଏକ ବର୍ଷ ପର୍ଯ୍ୟନ୍ତ ବାହାରେ ରହିଥାଏ । ମଣିଷମାନେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଲେ ସେମାନଙ୍କର ଆଖିଧରା, ମୁଣ୍ଡବିନ୍ଧା ଏବଂ ଥଣ୍ଡାରୋଗ ହୋଇଥାଏ । ମାଟିରେ ଏହି ଭୂତାଣୁ ୮ ରୁ ୨୨ ଦିନ ପର୍ଯ୍ୟନ୍ତ ରହିପାରେ । ବେଳେବେଳେ ଏହି ରୋଗ ମଧ୍ୟ ଖରାଦିନେ ହୋଇଥାଏ । ଯେ କୌଣସି ବୟସରେ ଏହି ରୋଗ ଦେଖା ଦେଇଥାଏ ।

**ଲକ୍ଷଣ –**

ଏହି ରୋଗ ହେଲେ କୁକୁଡ଼ାମାନେ ବହୁତ ସଂଖ୍ୟାରେ ମୃତ୍ୟୁମୁଖରେ ପଡ଼ିଥାଆନ୍ତି । ଏହି ରୋଗ ହେଲେ କୁକୁଡ଼ାମାନେ ଧକାନ୍ତି, କାଶନ୍ତି କଣ୍ଠ ଘଟ ଘଟ କରି ଗୋଟିଏ ଜାଗାରେ ଠୁଳ ହୋଇ ଘୁମାଇ ବସନ୍ତି । ନିସ୍ତେଜ ଜଣାପଡ଼ନ୍ତି । ଏହି ରୋଗ ଖୁବ୍ ଶୀଘ୍ର ସବୁ କୁକୁଡ଼ାଙ୍କୁ ବ୍ୟାପିଥାଏ । ସମୟେ ସମୟେ କୁକୁଡ଼ାମାନେ ମୁଣ୍ଡ ଘୁମାଇ ଥାଆନ୍ତି । ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି, କାଶନ୍ତି, ଛିଙ୍କନ୍ତି, ଖାଇବା ଛାଡ଼ି ଦିଅନ୍ତି । ହଠାତ୍ ଅଣ୍ଡା ଉତ୍ପାଦନ ବନ୍ଦ ହୋଇଯାଏ । ଏହି ରୋଗ ହେବାର ୧୨ ରୁ ୨୪ ଘଣ୍ଟା ମଧ୍ୟରେ କୁକୁଡ଼ାମାନେ ମରିଯାଆନ୍ତି । ଗୋଟିଏ ମଲା କୁକୁଡ଼ାକୁ କାଟି ଦେଖିଲେ ଖାଦ୍ୟଗ୍ରନ୍ଥିର ଉପର ଓ ଭିତର ପଟେ ବିନ୍ଦୁ ବିନ୍ଦୁ ରକ୍ତକ୍ଷରଣ ହୋଇଥାଏ ।

**ଚିକିତ୍ସା –**

ଏହି ରୋଗ ପାଇଁ କୌଣସି ଚିକିତ୍ସା ନାହିଁ । ତଥାପି ଯେଉଁ ଘରେ ଏହି ରୋଗ ଦେଖାଯାଏ, ଯଦି ବହୁତ ପରିମାଣରେ ଏହି ରୋଗ ନଥାଏ ତେବେ ଏହି ରୋଗ ପ୍ରତିଷେଧକ ଟୀକା ଅନ୍ୟ କୁକୁଡ଼ାମାନଙ୍କୁ ଦେଇଦେଲେ କୁକୁଡ଼ା ଘରେ ରୋଗର ପ୍ରାଦୁର୍ଭାବକୁ ନିୟନ୍ତ୍ରଣ କରାଯାଇପାରେ । କିନ୍ତୁ ଆକ୍ରାନ୍ତ ହୋଇଥିବା କୁକୁଡ଼ାମାନଙ୍କ ପାଇଁ କୌଣସି ଚିକିତ୍ସା ନାହିଁ । ଏହି ରୋଗ ଦେଖାଯିବା ମାତ୍ରେ ରୋଗ ନ ହୋଇଥିବା କୁକୁଡ଼ାମାନଙ୍କୁ ଟୀକା ଦେଇଦେବା ଉଚିତ୍ । ଏହି ରୋଗ ନ ହେବା ପାଇଁ କୁକୁଡ଼ାମାନଙ୍କୁ ଜନ୍ମ ହେବାର ୫ ଦିନ ମଧ୍ୟରେ ଏବଂ ଆଉଥରେ ୨୮ ଦିନରେ ଟୀକା ଦିଆଯାଇଥାଏ । ତାପରେ ୮ ସପ୍ତାହ ବେଳକୁ ଇଞ୍ଜେକ୍ସନ୍ ଆକାରରେ ଏହି ଟୀକା ଦେବାକୁ ପଡ଼ିଥାଏ ।

**ଏଭିଆନ୍ ଇନ୍‌ଫ୍ଲୁଏଞ୍ଜା ବା ଫାଉଲ ପ୍ଲେଗ୍ ରୋଗ –**

ସବୁ ପକ୍ଷୀ ମାନଙ୍କୁ ଏହି ରୋଗ ହୋଇଥାଏ । ଏହା ଏଚ୍.୫ ଏନ୍–୧ ଭୂତାଣୁ ଦ୍ୱାରା ବ୍ୟାପିଥାଏ । ଆକ୍ରାନ୍ତ କୁକୁଡ଼ାମାନଙ୍କ ଠାରୁ ଏହି ରୋଗର ଭୂତାଣୁ ଲାଳ, ନାକରୁ ବାହାରୁଥିବା ପାଣି ଓ ମଳ ଦ୍ୱାରା ବାହାରକୁ ଆସିଥାଏ । ଏହି ରୋଗ ପବନ, ପାଣି ଏବଂ ବାହକ ପକ୍ଷୀମାନଙ୍କ ଦ୍ୱାରା ବ୍ୟାପିଥାଏ । ଏହି ଭୂତାଣୁ କୁକୁଡ଼ା ଖତରେ ୧୦୦ ଦିନ ପର୍ଯ୍ୟନ୍ତ ରହିପାରେ । ନିଶ୍ୱାସ ଦ୍ୱାରା ଏହି ଭୂତାଣୁ ଶରୀରକୁ ଯାଇ ରୋଗ ସୃଷ୍ଟି କରିଥାଏ ।

ଏହି ରୋଗରେ ତୀବ୍ରତା ଉପରେ ମୃତ୍ୟୁହାର ନିର୍ଭର କରିଥାଏ । ଯଦିରୋଗର ତୀବ୍ରତା ଅଧିକ ଥାଏ ତାହାଲେ ମୃତ୍ୟୁହାର ୨–୧୨ ଦିନ ମଧ୍ୟରେ ଶତକଡ଼ା ୧୦୦ ପ୍ରତିଶତ ହୋଇଥାଏ । ଏହି ଭୂତାଣୁ ଫାର୍ମରେ ପ୍ରବେଶ କଲାପରେ ଏହା ଅନ୍ୟ କୁକୁଡ଼ାମାନଙ୍କୁ ଫାର୍ମ ଉପକରଣ, ଅଣ୍ଡା ଟ୍ରେ, ଦାନା ଟ୍ରକ୍, ଫାର୍ମରେ କାମ କରୁଥିବା ଲୋକ ଏବଂ ପ୍ରତ୍ୟେକ୍ଷ ସଂସ୍ପର୍ଶରେ ବ୍ୟାପିଥାଏ ।



**ଲକ୍ଷଣ –**

ଏହି ରୋଗ ହେଲେ ପକ୍ଷୀମାନେ ନିସ୍ତେଜ ହୋଇପଡ଼ନ୍ତି । ପର ଟାଆଁଶ ହୋଇଯାଏ, ଖାଦ୍ୟ ଖାଇ ନଥାନ୍ତି, ଅତ୍ୟଧିକ ଶୋଷ ହୁଏ । ଅଣ୍ଡା ଉତ୍ପାଦନ କମିଯାଏ, ପାଣିରେ ଝାଡ଼ା ହୁଏ, ବଡ଼ କୁକୁଡ଼ା ମାନଙ୍କର ଚୂଳ ଫୁଲିଯାଏ, ଆଖି ଫୁଲିଯାଏ, ଚୂଳ ଏବଂ ପ୍ରଚୁଳ ନେଳି ପଡ଼ିଯାଏ, ବେଳେବେଳେ ଝାଡ଼ା ସବୁଜ ରଙ୍ଗର ଏବଂ ପତଳା ହୁଏ ପରେ ଧଳା ଝାଡ଼ା ହୋଇଥାଏ । ଶରୀର ବିଭିନ୍ନ ଅଙ୍ଗରେ ରକ୍ତ ସ୍ରାବ ହୋଇଥାଏ । ଏହି ରୋଗ ହେଲେ ଖୋଳ ନଥିବା ଅଣ୍ଡା ଦିଅନ୍ତି, ୨୪–୪୮ ଘଣ୍ଟା ଭିତରେ କୁକୁଡ଼ାମାନେ ମରିଯାଆନ୍ତି, ଏହି ରୋଗ ବେଳେବେଳେ ରାଣୀକ୍ଷେତ ରୋଗ ବୋଲି ଭ୍ରମ ସୃଷ୍ଟି କରିଥାଏ । ଏଣୁ ଏହି ରୋଗକୁ ଲାବୋରେଟୋରିରେ ପରୀକ୍ଷା କରି ଜାଣିହୋଇଥାଏ ।

**ଚିକିତ୍ସା –**

ଏହି ରୋଗ ପାଇଁ ଫଳପ୍ରଦ ଔଷଧ ନାହିଁ । ତେବେ ଟାମିଫ୍ଲୁ, ରିଲେଞ୍ଜା ଇତ୍ୟାଦି ଔଷଧ ମଣିଷମାନଙ୍କୁ ଏହି ରୋଗରୁ ରକ୍ଷା ପାଇବା ପାଇଁ ଦିଆଯାଏ । ଏହି ରୋଗ କୁକୁଡ଼ାମାନଙ୍କ ଠାରୁ ମଣିଷ ମାନଙ୍କୁ ବ୍ୟାପୁ ଥିବାରୁ, ଏହି ରୋଗ ପରିଚାଳନା ବେଳେ ସାବଧାନତା ପ୍ରତି ଦୃଷ୍ଟି ଦେବା ଦରକାର । ଏହି ରୋଗ ସନ୍ଦେହ ହେଲେ ହାତରେ ଗ୍ଲୋଭ୍ସ ଏବଂ ମୁହଁରେ ମୁଖା ପିନ୍ଧି ଫାର୍ମରେ କାମ କରିବା ଦରକାର ।

**ପ୍ରତିଷେଧ –**

ଇନ୍‌ଆକ୍ଟିଭେଟେଡ୍ ଅଏଲ୍ ଇମ୍‌ଲସନ୍ ଟୀକା କୁକୁଡ଼ାମାନଙ୍କୁ ଆକ୍ରାନ୍ତ ସମୟରେ ଏବଂ ପ୍ରତିଷେଧକ ହିସାବରେ ଦିଆଯାଇଥାଏ । ଯାହାଫଳରେ ମୃତ୍ୟୁହାରକୁ ରୋକାଯାଇପାରେ । ଏଚ୍.–୫, ଏନ୍.–୩ ଏବଂ ଏଚ୍.–୫ ଏନ୍.–୨ ଷ୍ଟ୍ରେନ୍ ଟୀକାକୁ ଏଚ୍.–୫ ଏନ୍.–୧ ଭୂତାଣୁ ବିରୁଦ୍ଧରେ ଟୀକା ଭାବେ ମଧ ବ୍ୟବହାର କରାଯାଇଥାଏ ।

କୁକୁଡ଼ା ଫାର୍ମରେ ଜୈବ ସୁରକ୍ଷା ପ୍ରତି ଧ୍ୟାନ ଦେଲେ ଏହି ରୋଗକୁ ପ୍ରଶମିତ କରାଯାଇପାରେ ।

**ମରେକ୍ସ ରୋଗ –**

ଏହା ଏକ ଭୂତାଣୁ ଜନିତ ରୋଗ । ଏହି ରୋଗ ମୁଖ୍ୟତଃ କୁକୁଡ଼ା ମାନଙ୍କୁ ହୋଇଥାଏ ।

ଯେ କୌଣସି ବୟସରେ ଚିଆଁମାନେ ଏହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି କିନ୍ତୁ ୪ ସପ୍ତାହ ବୟସରେ ଏହି ରୋଗ ଦ୍ୱାରା ବେଶୀ ଆକ୍ରାନ୍ତ ହୋଇଥାଆନ୍ତି ।

**ଲକ୍ଷଣ –**

ଏହି ରୋଗର ଲକ୍ଷଣ ସାଧାରଣତଃ ଦେଢ଼ ମାସରୁ ଅଢ଼େଇ ମାସ ମଧ୍ୟରେ ଦେଖାଯାଏ । ମୁଖ୍ୟତଃ ୩ ମାସ ବୟସରେ ଏହି ରୋଗର ଲକ୍ଷଣ ବେଶୀ ଦେଖାଯାଏ । ଏହି ରୋଗ ହେଲେ କୁକୁଡ଼ାମାନେ ହଠାତ୍ ମରିଯାଆନ୍ତି ବେଳେବେଳେ ନିସ୍ତେଜ ହୋଇଯାଆନ୍ତି ଏବଂ ଶ୍ୱାସ ଜନିତ କଷ୍ଟ ପାଆନ୍ତି ଏବଂ ୩ ମାସ ବୟସ ବେଳକୁ ଏଣେ ତେଣେ ଚାଲନ୍ତି, ପକ୍ଷଘାତ ଗୋଟିଏ ଗୋଡ଼ ବା ଉଭୟ ଗୋଡ଼କୁ ହୋଇଥାଏ । ଡେଣାଗୁଡ଼ିକ ଓହଳି ପଡ଼ନ୍ତି । ସରଭାଇକାଲ୍ ସ୍ନାୟୁ ଆକ୍ରାନ୍ତ ହୋଇଥାଏ । ସେଥିପାଇଁ ମୁଣ୍ଡର ଉପର ପଟ ତଳକୁ ଝୁଲିପଡ଼େ । ଆଖି ଧଳା ପଡ଼ିଯାଏ, ସିଆଟିକା ସ୍ନାୟୁ ଆକ୍ରାନ୍ତ ହେବା ଫଳରେ ପକ୍ଷଘାତ ରୋଗ ଦେଖାଦିଏ । ମଲା କୁକୁଡ଼ାକୁ କାଟି ଦେଖିଲେ ଯକୃତ, ପ୍ଲିହା, ଫୁସ୍‌ଫୁସ୍, ମାସଂପେଶୀ, ହୃଦୟ, ବୃକକ୍, ପ୍ରେଭେଣ୍ଟ୍ରିକୁଲସ୍ ଅନ୍ତଃନଳୀରେ ଟ୍ୟୁମର ଦେଖାଯାଏ । ଏହି ରୋଗର ଲକ୍ଷଣରୁ ରୋଗ ଚିହ୍ନଟ ହୋଇଥାଏ ।

**ଚିକିତ୍ସା –**

ଏହି ରୋଗ ହେଲେ ଭଲ ହୁଏ ନାହିଁ ଏବଂ ବହୁତ କୁକୁଡ଼ା ମରିଯାଆନ୍ତି । ତେଣୁ ଏହି ରୋଗ ନ ହେବା ପାଇଁ ଦିନିକିଆ ଛୁଆଙ୍କୁ ଟୀକା ଦେବା ଦରକାର । ଏହି ଟୀକା ୦.୨ ମିଲିଲିଟର ବେକ ପାଖ ଚମଡ଼ା ତଳେ ଇଂଜେକ୍‌ସନ୍ ଆକାରରେ ଦେବାକୁ ପଡ଼ିଥାଏ ।

**ଗୁମ୍ଭୋରୋ ରୋଗ –**

ଏହା ଏକ ଭୂତାଣୁ ଜନିତ ରୋଗ ଅଟେ । ୨ ରୁ ୭ ସପ୍ତାହର କୁକୁଡ଼ା ଛୁଆମାନେ ଏହି ରୋଗରେ ବେଶୀ ଆକ୍ରାନ୍ତ ହୋଇଥାଆନ୍ତି । ଏହି ରୋଗ ସଂକ୍ରମିତ ପାଣି ଓ



ଦାନା ଦ୍ୱାରା ବ୍ୟାପିଥାଏ । ମଶାମାନେ ମଧ୍ୟ ଏହି ରୋଗ ବ୍ୟାପିବାରେ ସାହାଯ୍ୟ କରିଥାଆନ୍ତି ।

**ଲକ୍ଷଣ –**

ଏହି ରୋଗ ଫାର୍ମରେ ଦେଖାଦେଲେ ଶତକଡ଼ା ୮୦ ରୁ ୧୦୦ ଭାଗ କୁକୁଡ଼ା ଆକ୍ରାନ୍ତ ହୋଇଥାନ୍ତି କିନ୍ତୁ ମୃତ୍ୟୁହାର ଶତକଡ଼ା ୧୦ ରୁ ୩୦ ଭାଗ ହୋଇଥାଏ । ଏହି ରୋଗ ହେଲେ କୁକୁଡ଼ାମାନେ ଆଖି ବନ୍ଦ କରି ନିସ୍ତେଜ ହୋଇ ବସି ରହନ୍ତି । ଶରୀରର ଉତ୍ତାପ ବଢ଼ିଯାଏ । କୁକୁଡ଼ାମାନେ ଥରନ୍ତି ଓ ଧଳା ଝାଡ଼ା ହୁଏ । ଏହି ରୋଗରେ ପ୍ରଥମ ୩–୪ ଦିନ ମଧ୍ୟରେ ଅନେକ କୁକୁଡ଼ା ମରିଥାଆନ୍ତି ଏବଂ ଆସ୍ତେ ଆସ୍ତେ ମୃତ୍ୟୁହାର କମିଯାଏ ।

ଆକ୍ରାନ୍ତ କୁକୁଡ଼ାକୁ କାଟି ଦେଖିଲେ ଏହାର ବର୍ଶା, ଫୁଲ ବଡ଼ ଆକାରର ହୋଇଥାଏ ଏବଂ ତାକୁ କାଟିଲେ ତା ଭିତରୁ ପୂଜ ବାହାରେ । ବେଳେ ବେଳେ ତା ଭିତରେ ରକ୍ତ କ୍ଷରଣ ହୋଇଥାଏ । ସାତ ଦିନ ବେଳକୁ ବର୍ଶାର ଆକାର କମିଯାଏ, ବୃକକ୍ ଫୁଲିଯାଏ ଏବଂ ସେତା ଦେଖାଯାଏ । ମାଂସରେ ଏବଂ ରକ୍ତରେ ରକ୍ତକ୍ଷରଣ ଦେଖାଯାଏ । ଲକ୍ଷଣ ଦେଖି ଏହି ରୋଗ ଚିହ୍ନଟ ହୋଇଥାଏ । ରକ୍ତ ପରୀକ୍ଷା ଦ୍ୱାରା ମଧ୍ୟ ଏହି ରୋଗ ଜଣାପଡ଼େ ।

**ଚିକିତ୍ସା –**

ଏହି ରୋଗର କୌଣସି ଚିକିତ୍ସା ନାହିଁ । ଏହି ରୋଗ ନ ହେବା ପାଇଁ କୁକୁଡ଼ାମାନଙ୍କୁ ଟୀକା ଦେବା ନିହାତି ଦରକାର । କୁକୁଡ଼ା ଫାର୍ମରେ ଜୈବ ସୁରକ୍ଷା ପ୍ରତି ଧ୍ୟାନ ଦେଲେ ଏହି ରୋଗକୁ କେତେକାଂଶରେ ପ୍ରତିହତ କରାଯାଇପାରେ । ଏହି ରୋଗ ହେଲାବେଳେ ଫାର୍ମରେ ବେଶୀ କୁକୁଡ଼ା ରଖିବା ଉଚିତ୍ ନୁହେଁ ଏବଂ ଫାର୍ମକୁ ସଫା କରି କିଛି ଦିନ ପର୍ଯ୍ୟନ୍ତ କୁକୁଡ଼ା ମୁକ୍ତ କରି ରଖିବା ଦରକାର । ଅଣ୍ଡା ପାଇଁ ଏବଂ ମାଂସ ପାଇଁ କୁକୁଡ଼ା ମାନଙ୍କୁ ୧୪ ରୁ ୧୮ ଦିନ ବୟସରେ ଆବିଡ଼ି ଇଣ୍ଟରମିଡ଼ିଏଟ୍ ଷ୍ଟ୍ରେନ୍ ଟୀକା ଆଖିରେ ଦେବା ଦରକାର କିମ୍ବା ୦.୧ ମିଲିଲିଟରରେ କୁକୁଡ଼ା ପ୍ରତି ପାଣିରେ ମିଶାଇ

ଦିଆଯାଇଥାଏ । କିନ୍ତୁ ଅଣ୍ଡା ଦିଆ କୁକୁଡ଼ାମାନଙ୍କୁ ଏହି ଟୀକାକୁ ଆଉଥରେ ୨୮ ରୁ ୩୨ ଦିନ ଏବଂ ୪୨ ରୁ ୪୬ ଦିନରେ ପାଣିରେ ଦେବା ଦରକାର ।

ରୋଗ ପ୍ରତିଷେଧକ ଶକ୍ତି ବଢ଼ାଇବା ପାଇଁ କୁକୁଡ଼ାମାନଙ୍କୁ ଲିଭାମିସିଲ୍ ସନ୍ଧ୍ୟାବେଳେ ୨–୩ ଦିନ ଦେବା ଦରକାର । ଏଥିସହିତ ଭିଟାମିନ୍ ଇ ଖାଇବାକୁ ଦେଲେ ମଧ୍ୟ ଉପକାର ମିଳିଥାଏ ।

## କୃମିଜନିତ ରୋଗ

### ଗୋଲକୃମି –

ଏହି କୃମିମାନେ ଏବଂ ଏମାନଙ୍କର ଅଣ୍ଡାଗୁଡ଼ିକ ମଧ୍ୟ ଝାଡ଼ାରେ ଦେଖାଯାଆନ୍ତି । ଏହି ରୋଗ ହେଲେ କୁକୁଡ଼ାମାନଙ୍କର ଅଣ୍ଡା ଉତ୍ପାଦନ ହ୍ରାସ ପାଏ । ଖାଦ୍ୟ ଖାଇବା କମିଯାଏ । ଅତ୍ୟଧିକ ପରିମାଣରେ କୃମିମାନେ କ୍ଷୁଦ୍ରାନ୍ତ ଭିତରେ ରହି ଏହାକୁ ବନ୍ଦ କରିଦେବା ଫଳରେ କୁକୁଡ଼ାମାନେ ମରିଯାଆନ୍ତି ଗୋଟିଏ ମଲା କୁକୁଡ଼ାକୁ କାଟି ଦେଖିଲେ, କୃମିମାନେ କୁକୁଡ଼ାର କ୍ଷୁଦ୍ରାନ୍ତ ଭିତରେ ଦେଖାଯାଆନ୍ତି ।

### ଚିକିତ୍ସା –

ପାଇପେରାଜିନ୍ କିମ୍ବା ହେଲ୍‌ମାସିଡ୍ ପ୍ରଭୃତି ଔଷଧକୁ ଗୋଟିଏ ବଡ଼ କୁକୁଡ଼ାକୁ ଅଧା ଶିଶି କରି ଖାଇବାକୁ ଦେଲେ କୃମିମାନେ ମରିଯାଆନ୍ତି ତେଣୁ ଅଣ୍ଡାଦିଆ କୁକୁଡ଼ାମାନଙ୍କୁ ପ୍ରତିମାସରେ ତାଙ୍କର ଠିକ୍ ଅନୁପାତ ହିସାବରେ ଥରେ ଖାଇବାକୁ ଦେବା ଉଚିତ୍ ।

### ଫିତା କୃମି –

ଏହି ରୋଗରେ କୃମିମାନେ ପେଟ ଭିତରେ ଅନ୍ତନାଳୀରେ ଥାଆନ୍ତି । ଏମାନେ ରହିବା ଦ୍ୱାରା କୁକୁଡ଼ାଙ୍କ ଶରୀରରୁ ରକ୍ତ ଶୋଷି ଖାଇଯାଆନ୍ତି । ଯାହାଫଳରେ କୁକୁଡ଼ାମାନଙ୍କ ଠାରେ ରକ୍ତହୀନତା ରୋଗ ଦେଖାଯାଏ ଓ ତାଙ୍କର ଓଜନ କମିଯାଏ । ଅଣ୍ଡା ଉତ୍ପାଦନ ହ୍ରାସ ପାଏ । ଗୋଟିଏ ମଲା କୁକୁଡ଼ାକୁ କାଟି ଦେଖିଲେ, ଏମାନଙ୍କ ଅନ୍ତନାଳୀ ମଧ୍ୟରେ ଏହି କୃମି ଖାଲି ଆଖିରେ ଦେଖାଯାଆନ୍ତି ।



### ଚିକିତ୍ସା

ଏହି ରୋଗକୁ ବିଭିନ୍ନ ଔଷଧ ଯଥା – ବୁଟିନୋଭେଟ୍, ଡାଇସିସ୍‌ଟାଲ ଟେନିଲ ପ୍ରଭୃତି ଔଷଧ ଦେଇ ଭଲ କରାଯାଇଥାଏ ।

### କକ୍ସିଡ଼ିଆ ରୋଗ –

ଏହା ଏକ ପ୍ରକାର ଆଇମେରିଆ ନାମକ ପ୍ରୋଟୋଜୋଆ ଦ୍ୱାରା ହୋଇଥାଏ । ଏହା କୁକୁଡ଼ାମାନଙ୍କର ଏକ ପ୍ରଧାନ ରୋଗ ଅଟେ । କୁକୁଡ଼ା ଏହି ରୋଗର ଆକ୍ରାନ୍ତ ହେବାର ୪–୬ ଦିନ ମଧ୍ୟରେ ରୋଗ ବାହାରକୁ ଜଣାପଡ଼େ ।

### ଲକ୍ଷଣ –

ଏହି ରୋଗ ହେଲେ, କୁକୁଡ଼ାମାନେ ରକ୍ତହୀନତା ଭୋଗ କରି ବାହାରକୁ ଶେତା ପଡ଼ିଯିବା ପରି ଦେଖାଯାଆନ୍ତି । ନିସ୍ତେଜ ହୋଇ ଏକାଠି ବସି ରହନ୍ତି, ରକ୍ତଝାଡ଼ା ହୋଇଥାଏ । ଶରୀର ବୃଦ୍ଧି ଅତିମାତ୍ରାରେ ହ୍ରାସ ପାଇ ଓଜନ କମିଯାଏ । କୁକୁଡ଼ାମାନେ ବହୁତ ହାଲୁକା ହୋଇଯାଆନ୍ତି । ଅଣ୍ଡା ଦିଆ କୁକୁଡ଼ାମାନଙ୍କର ଅଣ୍ଡାଦେବା ଶକ୍ତି କମିଯାଏ ଓ ଅଣ୍ଡା ଉତ୍ପାଦନ କମିଯାଏ । ଏହି ରୋଗରେ ଆକ୍ରାନ୍ତ ହୋଇଥିବା କୁକୁଡ଼ାମାନଙ୍କୁ କାଟି ଦେଖିଲେ, ପେଟ ଭିତରେ ଅନ୍ତନାଳୀ ସବୁ ବହୁତ ଜୋରରେ ଫୁଲିଯାଇ ଥାଆନ୍ତି ଏବଂ ଏହା ଭିତରେ ରକ୍ତମିଶା ଝାଡ଼ା ରହିଥାଏ ଓ ଅନ୍ତଃନଳୀର ଭିତର ପଟେ ଛୋଟ, ଧଳା, ଲାଲ ବିନ୍ଦୁମାନ ରହିଥାଏ ।

### ଚିକିତ୍ସା –

ଏହି ରୋଗକୁ ଭଲ କରିବା ପାଇଁ ଅନେକ ପ୍ରକାର ଔଷଧ ବଜାରରେ ମିଳୁଛି । ଯଥା – ୧) ଆଂପ୍ରୋଲ, ଏହାକୁ ପାଣିରେ ତିନିଦିନ ଦେଇ ଆଂପ୍ରୋଲ ପ୍ଲସ୍ ୫ ଦିନ ଦିଆଯାଏ, ୨) ୨୫% ଆପ୍ରୋଲ ୫୦୦ ଗ୍ରାମ୍ ଏକଟନ୍ ଦାନାରେ ମିଶାଇ ଖାଇବାକୁ ଦିଆଯାଏ । ଏହିପରି ଅନ୍ୟ ଔଷଧ ଯଥା – ବାଇଫ୍ୟୁରାନ, ସଲମେଣ୍ଟ, ଷ୍ଟିନୋରଲ ଫ୍ୟୁରାସଲ ପ୍ରଭୃତି ବଜାରରେ ମିଳୁଅଛି । ଫ୍ୟୁରାସଲ କିମ୍ବା ଷ୍ଟିନୋରଲ ଆଶୁ ଚିକିତ୍ସା

ରୂପେ ଏକ ଗ୍ରାମ୍‌କୁ ଏକ ଲିଟର ପାଣିରେ କୁକୁଡ଼ାଙ୍କୁ ଦେଇ ନିକଟସ୍ଥ ପଶୁ ଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ୍ । ଏହାଛଡ଼ା ସୁପରକକ୍ସ କିମ୍ବା ରାନ୍‌କକ୍ସ ଔଷଧ ପାଣିରେ ଦେଲେ ଏହି ରୋଗ ଭଲ ହୋଇଯାଏ ।

**କୁକୁଡ଼ାମାନଙ୍କର ଉକୁଣୀ, ମାଇଟ୍ ଓ ଟିକ୍ସ –**

କୁକୁଡ଼ାମାନଙ୍କର ଦେହରେ ଏଗୁଡ଼ିକ ହେଲେ, ଏମାନେ ଦେହ ସଲସଲ କରିବା ଫଳରେ କୁକୁଡ଼ାମାନେ ଶାନ୍ତିରେ ରହିପାରନ୍ତି ନାହିଁ ଏବଂ ଏହାଦ୍ୱାରା ଗୋଟିଏ କୁକୁଡ଼ା ଅନ୍ୟ କୁକୁଡ଼ାକୁ ଖୁମ୍ପି ଖଣ୍ଡିଆ କରି ଦେଇଥାଏ ।

**ଚିକିତ୍ସା** –

ମାଲାଥିଅନ ୦.୫% ଏକ ଗାଲନ ପାଣିରେ ମିଶାଇ ୧୦୦୦ ବର୍ଗଫୁଟ ଜାଗାରେ ଘରର ଛାତ, କାନ୍ଥ, ଅଣ୍ଡାଦିଆ ବସା, ଖତ ଏବଂ କୁକୁଡ଼ାଙ୍କ ଦେହରେ ସ୍ପ୍ରେ କରିଦେଲେ ଏମାନେ ମରିଯାଆନ୍ତି । ଏହି ଚିକିତ୍ସା ପ୍ରତିମାସରେ ଥରେ କରିବା ଉଚିତ୍ । ଏମାନେ ସମୂଳେ ନଷ୍ଟ ହୋଇଯିବା ପର୍ଯ୍ୟନ୍ତ ଏହା କରିବା ଦରକାର ।

**ଜୀବସାର ଅଭାବ ଜନିତ ରୋଗ –**

**ଜୀବସାର 'କ' –** ଜୀବସାର 'କ' ବା ଭିଟାମିନ୍ 'ଏ' ଅଭାବ ହେଲେ କୁକୁଡ଼ା ମାନଙ୍କର ନିମ୍ନଲିଖିତ ଲକ୍ଷଣମାନ ଦେଖାଯାଏ । ବଡ଼ କୁକୁଡ଼ାମାନଙ୍କର ଓଜନ କମିଯାଇ କୁକୁଡ଼ାମାନେ ଶୁଖିଯାଆନ୍ତି । ରୁମ ସବୁ ଝଡ଼ିପଡ଼େ କିମ୍ବା ପରର ଚିକ୍‌କଣ ଅଂଶ ନଷ୍ଟ ହୋଇଯାଏ । ଅଣ୍ଡା ଉତ୍ପାଦନ ହ୍ରାସ ପାଏ । ଆଖି ଫୁଲିଯାଏ । ବେଳେ ବେଳେ ଅନ୍ଧ ମଧ୍ୟ ହୋଇଯାଆନ୍ତି । ଅଣ୍ଡାରୁ ଛୁଆ ଫୁଟିବା ଶକ୍ତି କମିଯାଏ । କିନ୍ତୁ ଛୋଟ ଛୁଆମାନଙ୍କର ଶରୀର ବୃଦ୍ଧି ହ୍ରାସ ପାଏ । ଛୁଆମାନେ ଘୁମାଇବା ଭଳି ନିସ୍ତେଜ ରହନ୍ତି । ଦୁର୍ବଳିଆ ହୋଇ ଯାଆନ୍ତି । ଶେତା ପଡ଼ିଯାଆନ୍ତି ଓ ବେଳେବେଳେ ବାତ ମାରିଲା ପରି ହୁଅନ୍ତି । ଆଖିରୁ ପାଣି ବହେ ଓ ନଳୀ ଗୋଡ଼ ଶେତା ପଡ଼ିଯାଏ ।



**ଚିକିତ୍ସା –**

ବଜାରରେ ମିଳୁଥିବା ଭିଟାମିନ୍ 'ଏ' ପାଣିରେ କିମ୍ବା ଦାନାରେ ମିଶାଇ କୁକୁଡ଼ାକୁ ଖାଇବାକୁ ଦେବା ଉଚିତ୍ ।

**ଜୀବସାର 'ଖ' –** ଭିଟାମିନ୍ 'ବି' ର ଅଭାବରେ କୁକୁଡ଼ାମାନଙ୍କର ଖାଇବା କମିଯାଏ ଓ ଓଜନ ମଧ୍ୟ କମିଯାଏ । ଗୋଡ ଦୁର୍ବଳିଆ ହୋଇ କୁକୁଡ଼ାମାନେ ଛୋଟା ହୋଇଯାଆନ୍ତି । ବେଳେବେଳେ ପଡ଼ିରହନ୍ତି ଯେ ଉଠିପାରନ୍ତି ନାହିଁ । ବେକ ଉପରକୁ ଟେକି ଠିଆ ହୁଅନ୍ତି, ଧିରେ ଧିରେ ନିଶ୍ୱାସ ନିଅନ୍ତି । ବେଳେବେଳେ ଝାଡ଼ା ହୋଇଥାଏ ଏବଂ ଗୋଡର ଆଙ୍ଗୁଳି ସବୁ ବଙ୍କା ହୋଇଯାଏ । ଅଣ୍ଡା ଉତ୍ପାଦନ ହ୍ରାସ ପାଏ । ସମୟେ ସମୟେ ଗୋଡର ଗଣ୍ଠି ସବୁ ଫୁଲିଯାଏ, ଭଲ ପର ଉଠେ ନାହିଁ । ଶରୀରର ଚମଡ଼ା ଫୁଲିଯାଏ ଏବଂ ବେଳେବେଳେ କୁକୁଡ଼ାମାନେ ଡେଇଁ ଡେଇଁକା ଚାଲନ୍ତି ଏବଂ ଚାଲିବାର କିଛି ଢଙ୍ଗ ନଥାଏ । ରକ୍ତହୀନତା ମଧ୍ୟ ଦେଖା ଦେଇଥାଏ । ଅଣ୍ଡାରୁ ଛୁଆ ଫୁଟିବା ଶକ୍ତି ମଧ୍ୟ କମିଯାଏ ।

**ଚିକିତ୍ସା** –

ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର 'ବି' କମ୍ପ୍ଲେକ୍ସକୁ ୧୫–୨୦ ମିଲିଲିଟର ହିସାବରେ ୧୦୦ ଛୁଆଙ୍କ ପ୍ରତି ୮–୧୦ ଦିନ ଅନ୍ତରରେ ଖାଇବାକୁ ଦେଲେ ଏହି ରୋଗ ଭଲ ହୋଇଯାଏ ।

**ଜୀବସାର ଘ –**

ଜୀବସାର 'ଘ' ବା ଭିଟାମିନ୍ 'ଡି' ର ଅଭାବ ହେଲେ କୁକୁଡ଼ା ମାନଙ୍କର ବୃଦ୍ଧି ଘଟେ ନାହିଁ । ଗୋଡ଼ ଦୁର୍ବଳିଆ ହୋଇଯାଇ ବଙ୍କା ହୋଇଯାଏ । ଅଣ୍ଡାଦିଆ କୁକୁଡ଼ାଙ୍କର ଅଣ୍ଡାର ଖୋଳ ବହୁତ ପତଳା ବା ମାନ କମିଥାଏ । ପର ଭଲ ଉଠେ ନାହିଁ ।

**ଚିକିତ୍ସା –**

ବଜାରରେ ମିଳୁଥିବା ଏହି ଭିଟାମିନ୍‌କୁ ପାଣିରେ କିମ୍ବା ଦାନାରେ ମିଶାଇ ଖାଇବାକୁ ଦେଲେ ଏହି ରୋଗ ଭଲ ହୋଇଯାଏ ।

## ଖଣିଜ ପଦାର୍ଥ ଅଭାବ ଜନିତ ରୋଗ –

### କ୍ୟାଲ୍‌ସିୟମ୍ ବା ଚୂନ –

ଏହାର ଅଭାବରେ କୁକୁଡ଼ାଙ୍କର ଗୋଡ଼ ଦୁର୍ବଳ ହୋଇଯାଏ । ଅଣ୍ଡାଦିଆ କୁକୁଡ଼ାମାନଙ୍କର ଖୋଳ ଶକ୍ତ ନ ହୋଇ ନରମ ବା ପତଳା ହୋଇଯାଏ । ଗୋଡ ବଙ୍କା ହୋଇଯାଏ ଓ ଅଣ୍ଡା ଉତ୍ପାଦନ କମିଯାଏ ।

**ଚିକିତ୍ସା** –

ଦାନାରେ ଶାମୁକା ଗୁଣ୍ଡ ମିଶାଇ ଖାଇବାକୁ ଦେଲେ ଏହା ଭଲ ହୋଇଯାଏ ।

**ମାଙ୍ଗାନିଜ୍** –

ଏହାର ଅଭାବରେ କୁକୁଡ଼ାମାନେ ସାଧାରଣତଃ ଛୋଟା ହୋଇଯାଆନ୍ତି ଏବଂ ପକ୍ଷାଘାତରେ ଆକ୍ରାନ୍ତ ହୋଇଥାଆନ୍ତି । ଶରୀରର ହାଡ଼ ବହୁତ ପତଳା ହୋଇଯାଏ । ଦାନାରେ ମାଙ୍ଗାନିଜକୁ ଉପଯୁକ୍ତ ମାତ୍ରାରେ ଦେଇ ଏହି ରୋଗ ନିରାକରଣ କରାଯାଇଥାଏ ।

**ଲୁଣ** –

ଏହାର ଅଭାବ ହେଲେ କୁକୁଡ଼ାଙ୍କର ଶରୀର ବୃଦ୍ଧି ହୋଇ ନଥାଏ । ବେଳେବେଳେ କୁକୁଡ଼ାମାନେ ନିଜ ନିଜ ଭିତରେ ଖୁମ୍ପା ଖୁମ୍ପି ହୋଇ ଖଣ୍ଡିଆ ଖାବରା ହୋଇଥାଆନ୍ତି । ଲୁଣର ମାତ୍ରା ଅଧିକ ହୋଇଗଲେ କୁକୁଡ଼ାମାନଙ୍କର ଝାଡ଼ା ରୋଗ ହୋଇଥାଏ ଓ ପେଟରେ ପାଣି ଜମି ପେଟ ଫୁଲିଯାଏ, ଫଳରେ କୁକୁଡ଼ାମାନେ ମରିଯାଆନ୍ତି । ତେଣୁ କୁକୁଡ଼ା ଦାନାରେ ଉପଯୁକ୍ତ ମାତ୍ରାରେ ଲୁଣ ମିଶାଇ ଖାଇବାକୁ ଦେଲେ ଏହି ପ୍ରକାର ଜଟିଳତା ଦୂର ହୋଇଯାଏ ।



## ଅଣ୍ଡା ଦେଉଥିବା କୁକୁଡ଼ାଙ୍କୁ ଟୀକା ଦେବାର ନିୟମାବଳୀ

| ବୟସ | ଟୀକାର ନାମ | ଟୀକା ଦେବା ପଦ୍ଧତି |
|---|---|---|
| ଚିଆଁଙ୍କର ପ୍ରଥମ ଦିନ ବା ଅଣ୍ଡା ଫୁଟିବା ଦିନ | ମରେକ୍ସ ଟୀକା | ବେକତଳ ଚମଡ଼ାରେ |
| ପଞ୍ଚମ ଦିନଠାରୁ ସପ୍ତମ ଦିନ ବୟସ ମଧ୍ୟରେ | ରାଣୀକ୍ଷେତ ଏଫ୍ ଅନୁଯାତି ଟୀକା କିମ୍ବା ରାଣିକ୍ଷେତ ଲାସେଟା ଅନୁଜାତି ଟୀକା | ନାକ ପୁଡ଼ାରେ ପିଇବା ପାଣିରେ |
| ୧୪–୧୮ ଦିନ ବୟସ ମଧ୍ୟରେ | ଗୁମ୍ବୋ ଟୀକା | ଆଖିରେ ଡ୍ରପର ସାହାଯ୍ୟରେ |
| ୨୧–୨୮ ଦିନ ବୟସ ମଧ୍ୟରେ | ଆଇ.ବି. ଟୀକା* | ଆଖିରେ ଡ୍ରପର ସାହାଯ୍ୟରେ |
| ୩୦–୩୫ ଦିନ ବୟସ ମଧ୍ୟରେ | ରାଣୀକ୍ଷେତ ଏଫ୍ ଅନୁଯାତି କିମ୍ବା ଲାସୋଟା | କାନ ପୁଡ଼ାରେ ପିଇବା ପାଣିରେ |
| ୪୨–୪୯ ଦିନ ବୟସ ମଧ୍ୟରେ | କୁକୁଡ଼ା ବସନ୍ତ ଟୀକା | ଡେଣା ତଳେ, ଜଙ୍ଘ ଅଂଶରୁ ଲୋମ ଛିଣ୍ଡାଇ,ଟୀକା ଘସି ଦିଆଯାଏ,କିମ୍ବା ପାଦରେ ଫୋଡ଼ି କିମ୍ବା ମାଂସରେ ଟୀକା ଦିଆଯାଏ । |
| ୫୬–୭୫ ଦିନ ବୟସ ମଧ୍ୟରେ | ଆର୍.ଟୁ.ବି. ଟୀକା | ଚମଡ଼ା ତଳେ ଇଞ୍ଜେକ୍ସନ୍ ଭାବରେ |
| ୧୪–୧୬ ସପ୍ତାହ ମଧ୍ୟରେ | ଆଇ.ବି. ଟୀକା* (୨ୟ ଥର) | ଆଖିରେ ପୂର୍ବପରି |
| ୧୭–୧୮ ସପ୍ତାହ ମଧ୍ୟରେ | କୁକୁଡ଼ା ବସନ୍ତ ଟୀକା (୨ୟ ଥର) | ପୂର୍ବଭଳି |
| ୧୯–୨୦ ସପ୍ତାହ ମଧ୍ୟରେ | ଆର୍.ଟୁ.ବି. ସହିତ ଆଇ.ବି.ଡ଼ି. ଟୀକା | ପୂର୍ବପରି ଇଞ୍ଜେକ୍ସନ୍ ଭାବରେ |
| ୩୫–୪୦ ସପ୍ତାହ ମଧ୍ୟରେ | ଆର୍.ଟୁ.ବି. ସହିତ ଆଇ.ବି.ଡ଼ି. ଟୀକା | ପୂର୍ବପରି |

## ମାଂସ ପାଇଁ କୁକୁଡ଼ା ମାନଙ୍କ ନିମନ୍ତେ ଟୀକା ଦେବା ପଦ୍ଧତି

| | | |
|---|---|---|
| ଚିଆଁଙ୍କର ପ୍ରଥମ ଦିନ ବା ଅଣ୍ଡା ଫୁଟିବା ଦିନ | ମରେକ୍ସ ଟୀକା | ବେକ ପାଖ ଚମଡ଼ା ତଳେ ଇଞ୍ଜେକ୍ସନ୍ ଭାବରେ |
| ୫-୭ ଦିନ ବୟସରେ | ରାଣୀକ୍ଷେତ ଏଫ୍ ଅନୁଯାତି ଟୀକା କିମ୍ବା ରାଣୀକ୍ଷେତ ଲାସୋଟା ଅନୁଯାତି ଟୀକା | ନାକ ପୁଡ଼ାରେ<br>ପିଇବା ପାଣିରେ |
| ୧୪-୧୮ ଦିନ ବୟସରେ | ଗୁମ୍ବୋ ଟୀକା | ଆଖିରେ |
| ୨୮-୩୦ ଦିନ ବୟସରେ | ରାଣୀକ୍ଷେତ ଏଫ୍ ଅନୁଜାତି କିମ୍ବା ରାଣୀକ୍ଷେତ ଲାସୋଟା ଟୀକା | ନାକ ପୁଡ଼ାରେ<br>ପିଇବା ପାଣିରେ |
| ୩୦-୩୫ ଦିନ ବୟସରେ | ଗୁମ୍ବୋ ଟୀକା | ଆଖିରେ |
| ୪୨-୪୯ ଦିନ ବୟସ ମଧ୍ୟରେ | କୁକୁଡ଼ା ବସନ୍ତ ଟୀକା | ଡେଣା ତଳେ କିମ୍ବା ଜଙ୍ଘରୁ ଲୋମ ଛିଣ୍ଡାଇ ଟୀକାକୁ ଘସି ଦିଆଯାଏ କିମ୍ବା ପାଦ ତଳେ ଛୁଞ୍ଚିରେ ଫୋଡ଼ି ଟୀକା ଦିଆଯାଏ କିମ୍ବା ମାଂସ ତଳେ ଦିଆଯାଏ । |

ଉପରର * ଚିହ୍ନିତ ରୋଗ ଫାର୍ମରେ ନ ଥିଲେ ଏହି ଟୀକା ଦେବା ଅନାବଶ୍ୟକ । ରୋଗ ଚିକିତ୍ସା ପୂର୍ବରୁ ପଶୁ ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ ।

*****


*ମୂଳ ବିଷୟ ବସ୍ତୁ*

**ଡଃ ଶରତ ଚନ୍ଦ୍ର ମିଶ୍ର**

**ଡଃ ପ୍ରବୀଣ କୁମାର ଦେହୁରୀ**

**ଡଃ ପ୍ରସନ୍ନ କୁମାର ମିଶ୍ର**

*ସଂଶୋଧିତ ବିଷୟବସ୍ତୁ*

**ଡଃ ପ୍ରସନ୍ନ କୁମାର ମିଶ୍ର**

ପ୍ରଫେସର, କୁକ୍କୁଟ ବିଜ୍ଞାନ ବିଭାଗ

ଓୟୁଏଟି, ଭୁବନେଶ୍ୱର



ଓୟୁଏଟି ପ୍ରେସ୍, ୫୦୦, ୨୦୧୪




ଏଠାରୁ କାଟନ୍ତୁ

## କୁକୁଡ଼ା ପାଳନ (ପଞ୍ଚମ ପାଠ)

# ଦୂରଶିକ୍ଷା କାର୍ଯ୍ୟକ୍ରମ


**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩


ଦୟାକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଏହି କାଗଜରେ ଲେଖି ୭ ଦିନ ଭିତରେ ଆମ ପାଖକୁ ପଠାନ୍ତୁ ।

### *ଆପଣଙ୍କ ପାଇଁ ପ୍ରଶ୍ନ*

ପ୍ର. ୧-କୁକୁଡ଼ା ହଇଜା ରୋଗ କାହା ଦ୍ୱାରା ବ୍ୟାପିଥାଏ ?

ଉ-

ପ୍ର. ୨- କୁକୁଡ଼ାର ଆନ୍ତ୍ରିକ ଜ୍ୱର ଭଲ ହେବା ପାଇଁ କଣ କରିବେ ?

ଉ-

ପ୍ର. ୩- କୁକୁଡ଼ାର ରାଣୀକ୍ଷେତ ରୋଗ କିପରି ବ୍ୟାପେ ?

ଉ-

ପ୍ର. ୪-ଜୀବସାର ଘ ଅଭାବ ହେଲେ କୁକୁଡ଼ାଙ୍କର କି ଅସୁବିଧା ହୁଏ ?

ଉ-

ପ୍ର. ୫-କୁକୁଡ଼ା ବସନ୍ତ ଟୀକା କେତେବେଳେ ଦିଆଯାଏ ?

ଉ-

ଚାଷୀଙ୍କ ସ୍ୱାକ୍ଷର -


ଡାକ ଠିକଣା

କ୍ରମିକ ନଂ -

ତାରିଖ -

ଷଷ୍ଠ ପାଠ

# କୁକୁଡ଼ା ପାଳନ



**ଦୂରଶିକ୍ଷା କାର୍ଯ୍ୟକ୍ରମ**

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**
**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩**

ନାମ...............................
କ୍ରମିକ ନଂ .......................

## ଷଷ୍ଠ ପାଠ
## ବତକ ପାଳନ

ବତକ ପାଳନ ସାଧାରଣତଃ ଦୁଇଟି ଉଦ୍ଦେଶ୍ୟ ନେଇ କରାଯାଇଥାଏ । ଗୋଟିଏ ହେଲା ଅଣ୍ଡା ପାଇଁ ଏବଂ ଅନ୍ୟଟି ହେଲା ମାଂସ ପାଇଁ । ଓଡ଼ିଶାରେ ଏପର୍ଯ୍ୟନ୍ତ ବତକ ପାଳନର ପ୍ରସାର ହୋଇପାରି ନାହିଁ । ତେଣୁ ବତକ ପାଳନ ପ୍ରତି ଲୋକେ ଆଗ୍ରହ ପ୍ରକାଶ କଲେ, ଅଣ୍ଡା ଓ ମାଂସ ଉତ୍ପାଦନ ବଢ଼ିପାରିବ । କୁକୁଡ଼ା ପାଳନ ଅପେକ୍ଷା ବତକ ପାଳନରେ ଅନେକ ସୁବିଧା ରହିଅଛି, ସେଗୁଡ଼ିକ ହେଲା –

୧। ଗୋଟିଏ ବର୍ଷରେ ବତକ କୁକୁଡ଼ା ଅପେକ୍ଷା ୪୦ ରୁ ୫୦ ଅଧିକ ଅଣ୍ଡା ଦେଇଥାଏ ।
୨। ବତକ ଅଣ୍ଡାର ଓଜନ କୁକୁଡ଼ା ଅଣ୍ଡା ଅପେକ୍ଷା ୧୫ ରୁ ୨୦ ଗ୍ରାମ୍ ଅଧିକ ।
୩। ବତକ ପାଳନରେ କୁକୁଡ଼ା ପାଳନ ଅପେକ୍ଷା କମ୍ ଯତ୍ନ ନେବାକୁ ପଡ଼ିଥାଏ ।
୪। ବତକମାନେ ଦାନା ଖାଇବା ସଙ୍ଗେ ସଙ୍ଗେ ସବୁଜ ପତ୍ର, ପୋକ, ଗେଣ୍ଡା, ଜିଆ ଏବଂ ଅନେକ ପ୍ରକାରର ଜଳଜ ପଦାର୍ଥ ଖାଇଥାନ୍ତି ।
୫। କୁକୁଡ଼ା, ଟର୍କୀ ଅବା ଅନ୍ୟ ପକ୍ଷୀମାନଙ୍କ ପାଇଁ ବ୍ୟବହୃତ ହେଉ ନଥିବା ଖାଦ୍ୟ ବତକମାନଙ୍କର ଖାଦ୍ୟ ଉପଯୋଗୀ ହୋଇଥାଏ ।
୬। ବତକମାନେ ସାଧାରଣ ପରିବେଶରୁ ଅଧିକ ଖାଦ୍ୟ ସଂଗ୍ରହ କରିଥାନ୍ତି ।
୭। କୁକୁଡ଼ା ଠାରୁ ବତକର ଉତ୍ପାଦନ ଜନିତ କ୍ଷମତାର ସମୟ ଅଧିକ ।
୮। ବତକ ଦ୍ୱିତୀୟ ଏବଂ ତୃତୀୟ ବର୍ଷରେ ଭଲ ଅଣ୍ଡା ଦେଇଥାଏ ।
୯। ବତକ ପାଳନ ପାଇଁ ଘର ତିଆରି ଖର୍ଚ୍ଚ କମ୍ ପଡ଼ିଥାଏ ।

୧୦ । ବତକଠାରେ ରୋଗ ପ୍ରତିରୋଧକ ଶକ୍ତି ଥିବାରୁ ଖୁବ୍ କମ୍ ରୋଗ ଧରେ ।

୧୧ । କୁକୁଡ଼ା ପରି ଭୟଙ୍କର ରାଣୀକ୍ଷେତ ଏବଂ ଏଭିଆନ୍ ଇନ୍‌ଫ୍ଲୁଏନ୍‌ଜା ବତକଠାରେ ଦେଖାଯାଏ ନାହିଁ ।

୧୨ । ସନ୍ତସନ୍ତିଆ ବା ପାଣି ଜମି ରହୁଥିବା ଯାଗାରେ ବତକ ପାଳନ କରାଯାଇପାରେ ।

୧୩ । ବତକମାନେ ଶତକଡ଼ା ୯୫ ରୁ ୯୮ ଭାଗ ଅଣ୍ଡା ସକାଳ ୯ଟା ପୂର୍ବରୁ ଦେଇ ଦିଅନ୍ତି । ଫଳରେ ଅଣ୍ଡା ସଂଗ୍ରହ କରିବାକୁ ସୁବିଧା ହୁଏ ।

୧୪ । ବତକମାନଙ୍କୁ ସକାଳେ ପୋଖରୀକୁ ଯିବା ଏବଂ ସନ୍ଧ୍ୟାରେ ଘରକୁ ଫେରିବା ଅଭ୍ୟାସ କରାଇବାକୁ ବେଶି କଷ୍ଟ ପଡ଼େ ନାହିଁ ।

**ବତକମାନଙ୍କର ଜାତି** –

ବ୍ୟବହାର ଦୃଷ୍ଟିରୁ ବତକମାନଙ୍କୁ ମୁଖ୍ୟତଃ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ ।

୧ । ଅଣ୍ଡା ପାଇଁ ଉପଯୁକ୍ତ ବତକ ।

୨ । ମାଂସ ପାଇଁ ଉପଯୁକ୍ତ ବତକ ।

ଅଣ୍ଡା ପାଇଁ ଉପଯୁକ୍ତ ବତକ ଓ ମାଂସ ପାଇଁ ଉପଯୁକ୍ତ ବତକ ପରସ୍ପର ଠାରୁ ଗୁଣରେ ଭିନ୍ନ । ଅଣ୍ଡା ପାଇଁ ଉପଯୁକ୍ତ ବତକମାନେ ସାଧାରଣତଃ ଆକାରରେ ସାନ ଓ ହାଲୁକା । କିନ୍ତୁ ମାଂସ ପାଇଁ ଉପଯୁକ୍ତ ବତକମାନେ ଆକାରରେ ବଡ଼ ଓ ଓଜନିଆ ।

**ଅଣ୍ଡା ପାଇଁ ଉପଯୋଗୀ ବତକ** –

ଏ ପ୍ରକାର ବତକମାନଙ୍କ ମଧ୍ୟରେ ଖାକି କ୍ୟାମ୍ପବେଲ୍, ଇଣ୍ଡିଆନ୍ ରନର ଓ ବଫ୍‌ଅରପିଙ୍ଗ୍‌ଟନ୍ ଆଦି ପ୍ରଜାତିର ବତକମାନେ ମୁଖ୍ୟ ।

**ଖାକି କ୍ୟାମ୍ପବେଲ୍** –

ଏହାର ଶରୀର ଓସାରିଆ, ଗଭୀର ଏବଂ କମ୍ ଲମ୍ବା । ଅଗ୍ରଭାଗ ଚଉଡ଼ା ଓ ସୁଗୋଲ । ପୁଚ୍ଛ ସରୁ, ଛୋଟ ଏବଂ ଟିକିଏ ଉପରକୁ ଉଠିଥାଏ । ଏହି ପ୍ରଜାତିର ବତକ ଗଞ୍ଜାର ମୁଣ୍ଡ, ବେକ ଓ ଡେଣା ସାମାନ୍ୟ କଳା ଓ ଆଂଶିକ ଗାଢ଼ ରଙ୍ଗର ।



ଏହି ଜାତିର ପେଣ୍ଢୀମାନେ ହାରାହାରି ବର୍ଷକୁ ପ୍ରାୟ ୩୦୦ ଅଣ୍ଡା ଦିଅନ୍ତି । କେତେକ କ୍ଷେତ୍ରରେ ସେମାନେ ଆହୁରି ବେଶି ଅଣ୍ଡା ମଧ୍ୟ ଦିଅନ୍ତି ଏବଂ ବର୍ଷସାରା ସବୁଦିନ ପ୍ରାୟ ଅଣ୍ଡା ଦିଅନ୍ତି । ତିନି ପ୍ରକାର ଖାକି କ୍ୟାମ୍ପବେଲ୍ ଦେଖାଯାଆନ୍ତି, ଯଥା – ଖାକି, ଧଳା ଓ କଳା ମିଶା ଖାକି । ବୟସ୍କ ଗଞ୍ଜାର ଓଜନ ୨.୨ ରୁ ୨.୪ କେ.ଜି. ଓ ପେଣ୍ଢୀର ଓଜନ ୨ ରୁ ୨.୨ କେ.ଜି. ।

**ଇଣ୍ଡିଆନ୍ ରନର** –

ଏହି ପ୍ରଜାତିର ବତକମାନଙ୍କର ବାସସ୍ଥଳୀ ପୂର୍ବଭାରତୀୟ ଅଞ୍ଚଳ । ଏହି ଶ୍ରେଣୀର ବତକମାନେ ଖାକି କ୍ୟାମ୍ପବେଲ୍ ବତକମାନଙ୍କ ଅପେକ୍ଷା ସାମାନ୍ୟ କମ୍ ଅଣ୍ଡା ଦିଅନ୍ତି । ଏମାନେ ଖାକି କ୍ୟାମ୍ପବେଲ୍ ବତକମାନଙ୍କ ଅପେକ୍ଷା ଆକାରରେ ଛୋଟ । ହାରାହାରି ପ୍ରାୟ ୨୫୦ ରୁ ୩୦୦ ପର୍ଯ୍ୟନ୍ତ ଅଣ୍ଡା ଦିଅନ୍ତି । ଏମାନଙ୍କର ମୁଖ୍ୟ ଗୁଣ ହେଲା, ଏମାନେ ଉପରକୁ ସିଧା ହୋଇ ବସନ୍ତି । ଏମାନେ ପ୍ରାୟ ତିନି କିସମର, ଯଥା– ଧଳା, ଚିତ୍ରିତ ଓ ଧଳା ଧୂସର । ଏହି ପ୍ରଜାତିର ବତକ ଗଞ୍ଜାର ଓଜନ ୧.୪ ରୁ ୧.୬ କିଲୋ ଓ ପେଣ୍ଢୀମାନଙ୍କର ଓଜନ ପ୍ରାୟ ୧.୪–୨.୦ କିଲୋଗ୍ରାମ୍ ।

**ବଫ୍‌ଅରପିଙ୍ଗ୍‌ଟନ୍** –

ଏହି ପ୍ରକାର ବତକମାନଙ୍କର ପରର ରଙ୍ଗ ବଫ୍ ରଙ୍ଗର । ଏମାନେ ତିନୋଟି ଉଦ୍ଦେଶ୍ୟରେ ପାଳିତ ହୁଅନ୍ତି । ଯଥା – ଅଣ୍ଡା ପାଇଁ, ମାଂସ ପାଇଁ ଓ ସୌଖିନ୍ ପୋଷା ପକ୍ଷୀ ହିସାବରେ ପୋଷିବା ପାଇଁ । ଏମାନେ ଖାକି କ୍ୟାମ୍ପବେଲ୍ ବତକ ପରି ବସନ୍ତି ଓ ଚାଲନ୍ତି କିନ୍ତୁ ଅଣ୍ଡା ଦେବା ସମୟରେ ଏମାନଙ୍କର ପେଟ ଅଂଶ ଭୂମିକୁ ଛୁଏଁ । ଗଞ୍ଜାଗୁଡ଼ିକ ୨.୨ ରୁ ୩.୩ କି.ଗ୍ରା. ଓ ପେଣ୍ଢୀ ଗୁଡ଼ିକ ୨.୨ ରୁ ୩.୧ କି.ଗ୍ରା. ଓଜନ ହୋଇଥାନ୍ତି । ଏମାନେ ବାର୍ଷିକ ପ୍ରାୟ ୨୦୦ ପର୍ଯ୍ୟନ୍ତ ଅଣ୍ଡା ଦିଅନ୍ତି ।

**ମାଂସ ପାଇଁ ବତକ** –

ମାଂସ ପ୍ରଜାତିର ବତକମାନେ ଆକାରରେ ବଡ଼ ଓ ଓଜନିଆ । ଏମାନଙ୍କ ମଧ୍ୟରୁ ଧଳା ପେକିନ୍, ମସ୍କୋଭି, ମିନିକସ୍, ଏଲିସ୍ ବରୀ, ରୋଏନ୍ ଓ ପେନିନ୍ ଆଦି ପ୍ରଧାନ ।

**ଧଳା ପେକିନ୍ –**

ଏହି ପ୍ରଜାତିର ବତକମାନଙ୍କର ପ୍ରଥମ ବାସସ୍ଥଳୀ ଚୀନ୍ ଦେଶ । ଏମାନେ ମାଂସ ଉତ୍ପାଦନ ପାଇଁ ପୃଥିବୀ ପ୍ରସିଦ୍ଧ । ଏମାନଙ୍କର ପର ଧଳା ଏବଂ ଶରୀର ଲମ୍ବା, ଓସାରିଆ, ଗଭୀର ଓ ଛାତି ଓସାରିଆ । ଏମାନଙ୍କର ଚର୍ମ ହଳଦିଆ, ପାଦ ଆଙ୍ଗୁଠି ଲାଲ୍ କମଳା ରଙ୍ଗର, ଚଞ୍ଚୁ ହଳଦିଆ କମଳା ରଙ୍ଗର । ଏମାନେ ଖୁବ୍ ଶୀଘ୍ର ବଢ଼ନ୍ତି । ବାର୍ଷିକ ପ୍ରାୟ ୧୫୦ ଟି ଅଣ୍ଡା ଦିଅନ୍ତି । ଗଞ୍ଜାମାନଙ୍କର ଓଜନ ୪ କି.ଗ୍ରା. ଓ ପେଣ୍ଠିମାନଙ୍କର ଓଜନ ପ୍ରାୟ ୩ କି.ଗ୍ରା. ।

**ମସ୍କୋଭି –**

ଏହି ପ୍ରଜାତିର ବତକମାନଙ୍କର ପ୍ରଥମ ବାସସ୍ଥଳୀ ଦକ୍ଷିଣ ଆଫ୍ରିକାର ମସ୍କୋଭି ଅଞ୍ଚଳ । ଏହା ଏକ ସ୍ୱତନ୍ତ୍ର ପ୍ରଜାତି ବା ଉପଜାତିର ବତକ । ଏମାନଙ୍କ ସହ ଅନ୍ୟ ବତକମାନଙ୍କର ସଙ୍ଗମ ଫଳରେ ଯେଉଁ ଛୁଆ ଉତ୍ପନ୍ନ ହୁଅନ୍ତି, ସେମାନେ ସମସ୍ତେ ବାଞ୍ଝୀ ହୁଅନ୍ତି । ତେଣୁ ସେମାନଙ୍କୁ ଖଚର ବତକ କୁହାଯାଏ । ମୁହଁ ପରହୀନ, ଗଞ୍ଜାଙ୍କର ମୁଣ୍ଡରେ ଗୋଟିଏ ଖୁଣ୍ଟା ଥାଏ । ଲିଙ୍ଗ ଅନୁସାରେ କୌଣସି ନିର୍ଦ୍ଦିଷ୍ଟ ସ୍ୱର ନଥାଏ । ଗଞ୍ଜାମାନଙ୍କର ଓଜନ ୫.୫ କିଲୋ ଓ ପେଣ୍ଠୀମାନଙ୍କର ଓଜନ ୩ କିଲୋ ଅଟେ । ଗଞ୍ଜାମାନେ ୧୬ ସପ୍ତାହ ବୟସ ମଧ୍ୟରେ ୪ କିଲୋଗ୍ରାମ୍ ଓଜନ ହୁଅନ୍ତି । ଏମାନେ ସାଧାରଣ ବାଡ଼ ମଧ୍ୟ ଉଡ଼ିପାରନ୍ତି । ଏହି ପ୍ରଜାତିର ବତକମାନଙ୍କର ଅଣ୍ଡା ଉଷୁମେଇ ଛୁଆ ଫୁଟିବାକୁ ସାଧାରଣ ବତକଠାରୁ ଅଧିକ ସମୟ ଲାଗେ, ଅର୍ଥାତ୍ ୩୫ ଦିନ ସମୟ ଲାଗେ । ତିନି ପ୍ରକାର ମସ୍କୋଭି ବତକ ଦେଖାଯାଆନ୍ତି, ଯଥା – ଧଳା, କଳା ଓ ନୀଳ ।

**ମନିକସ –**

ଏହାର ରଙ୍ଗ ଧଳା, ଆକାରରେ ଛୋଟ, ଦେଢ଼ ମାସରେ ପ୍ରାୟ ଦେଢ଼ କିଲୋ ଓଜନ ହୁଅନ୍ତି । ଏହାକୁ ମାଂସ ପାଇଁ ପାଳନ କରାଯାଏ । ମାଂସ ଏହାର ସୁସ୍ୱାଦୁ । ଆମ ଦେଶରେ ଏହି ପ୍ରକାରର ବତକମାନଙ୍କର ଚାହିଦା ଅଛି ।



**ଏଲିସ୍‌ବରୀ –**

ଏହି ପ୍ରଜାତିର ବତକମାନଙ୍କର ବାସସ୍ଥଳୀ ଇଂଲଣ୍ଡ । ଏମାନେ ଦେଖିବାକୁ ଧଳା ଓ ଆକାରରେ ବଡ଼ । ଏମାନଙ୍କର ହାଡ଼ଗୁଡ଼ିକ ହାଲୁକା, ଏମାନେ କମ୍ ରୋଗ ସହିପାରନ୍ତି, କାରଣ ଏମାନେ ଟିକେ ଅଧିକ ସୁକୁମାରିଆ । ବତକ ଗଞ୍ଜାମାନଙ୍କର ଓଜନ ୪.୫ କିଲୋ ଓ ପେଣ୍ଠୀମାନଙ୍କର ଓଜନ ୪ କିଲୋଗ୍ରାମ୍ ।

**ରୋଏନ –**

ଏହି ପ୍ରଜାତି ବତକମାନଙ୍କର ବାସସ୍ଥଳୀ ଫ୍ରାନ୍ସ । ଏମାନେ ଇଂଲଣ୍ଡ ଓ ଫ୍ରାନ୍ସରେ ଭାରି ଲୋକପ୍ରିୟ ଓ ଦେଖିବାକୁ ଭାରି ସୁନ୍ଦର । ଏମାନେ ଖୁବ୍ ଡେରିରେ ପ୍ରାପ୍ତ ବୟସ୍କ ହୁଅନ୍ତି, କିନ୍ତୁ ଅଣ୍ଡା କମ୍ ଦିଅନ୍ତି । ଅଣ୍ଡା ଦେଖିବାକୁ ସବୁଜ ରଙ୍ଗର । ଅଣ୍ଡାରେ ନିଷେଚନ ହାର କମ୍ । ଏମାନଙ୍କର ନଳୀ ଗୋଡ଼ ଓ ପାଦ କମଳା ରଙ୍ଗର । ଏମାନଙ୍କର ରଙ୍ଗ ଶାଗୁଆ ।

**ବତକମାନଙ୍କର ଗଞ୍ଜା ଓ ପେଣ୍ଠୀକୁ କିପରି ଚିହ୍ନିବେ –**

୧। ସ୍ୱର – ବତକ ପେଣ୍ଠୀମାନେ ସର୍ବଦା କ୍ୱା କ୍ୱା ଶବ୍ଦ କରନ୍ତି । କିନ୍ତୁ ଗଞ୍ଜାମାନେ ସେମିତି ଶବ୍ଦ କରନ୍ତି ନାହିଁ ।

୨। ଲାଞ୍ଜପର – ବତକ ଗଞ୍ଜାମାନଙ୍କର କେତେକ ଲାଞ୍ଜପର ଅଗ୍ରଆଡ଼କୁ ମୋଡ଼ି ହୋଇଥାଏ । କିନ୍ତୁ ପେଣ୍ଠୀମାନଙ୍କର ସେମିତି ନଥାଏ ବରଂ ସିଧା ଥାଏ (ମେସ୍କୋଭି ଗଞ୍ଜା ଓ ପେଣ୍ଠୀ ଉଭୟଙ୍କର ସିଧା ଥାଏ) ।

୩। ପରର ରଙ୍ଗ – ରଙ୍ଗୀନ୍ ପ୍ରଜାତିର ବତକମାନଙ୍କର ଗଞ୍ଜାଗୁଡ଼ିକ ପେଣ୍ଠୀମାନଙ୍କ ଅପେକ୍ଷା ଗାଢ଼ ରଙ୍ଗର, କିନ୍ତୁ ପ୍ରଜନନ ବେଳେ ଗଞ୍ଜାମାନଙ୍କର ରଙ୍ଗ ମଧ୍ୟ ମଳିନ ପଡ଼ିଆସେ । ଖାକି କ୍ୟାମ୍ପବେଲ୍ ଗଞ୍ଜାମାନଙ୍କ ବେକରେ ସ୍ୱତନ୍ତ୍ର ଧରଣର ନୀଳ ଆଂଶିକ ଗାର ଥାଏ । କିନ୍ତୁ ପେଣ୍ଠୀମାନଙ୍କ ବେକରେ ଚକୋଲେଟ୍ କିମ୍ବା ବାଦାମୀ ରଙ୍ଗର ପର ଥାଏ ।

୪। ଗୁହ୍ୟ ପରୀକ୍ଷା – ଦିନିକିଆ ବତକ ଛୁଆମାନଙ୍କର ଗୁହ୍ୟ ପରୀକ୍ଷା କରି ସେମାନଙ୍କର ଜନନେନ୍ଦ୍ରିୟ ଦେଖି ମାଈ ଓ ଅଣ୍ଡିରା ଚିହ୍ନଟ କରାଯାଏ । ଏଥିପାଇଁ ସ୍ୱତନ୍ତ୍ର ଧରଣର ପ୍ରଶିକ୍ଷଣ ଆବଶ୍ୟକ ।

**ବତକ ଛୁଆ ପାଳନ –**

ପ୍ରାକୃତିକ ଉପାୟରେ ବତକ କିମ୍ବା କୁଡୁକି କୁକୁଡ଼ା ତାର ପେଟ ଓ ଡେଣା ତଳେ ୧୦–୧୫ ଗୋଟି ବତକ ଅଣ୍ଡା ୨୮ ଦିନ ପର୍ଯ୍ୟନ୍ତ ରଖି ଛୁଆ ଫୁଟାଇବାର ଦାୟିତ୍ୱ ନେଇଥାଏ । କିନ୍ତୁ ମସ୍କୋଭି ବତକ ଅଣ୍ଡା ଫୁଟିବାକୁ ୩୫ ଦିନ ସମୟ ଲାଗେ । କୁକୁଡ଼ା ଅଣ୍ଡା ତୁଳନାରେ ବତକ ଅଣ୍ଡା ଫୁଟାଇବାକୁ ଅଧିକ ଆର୍ଦ୍ରତା ଦରକାର ହୁଏ । ବତକ ଅଣ୍ଡା ବଡ଼ ହୋଇଥିବାରୁ ଗୋଟିଏ କୁଡୁକି କୁକୁଡ଼ା ବା ବତକ ଯେତିକି କୁକୁଡ଼ା ଅଣ୍ଡା ଉଷୁମେଇଁ ଥାଏ ତା ଠାରୁ ୨–୩ ଟି କମ୍ ବତକ ଅଣ୍ଡା ଉଷୁମେଇ ଥାଏ । ବତକ ଛୁଆ ଅଣ୍ଡାରୁ ଫୁଟି ବାହାରି ସାରିଲା ପରେ ଉଷ୍ମତା ଆବଶ୍ୟକ କରେ । ମା ବତକ ବା ବତକ ଛୁଆ ଫୁଟାଇଥିବା କୁକୁଡ଼ାର ଡେଣା ଓ କଡ଼ ତଳେ ରହି ବତକ ଚିଆଁମାନେ ଉଷୁମ ପାଇଥାଆନ୍ତି । ବତକ ଚିଆଁର ଆବଶ୍ୟକତାକୁ ଉପଲବ୍ଧି କରି ବୈଜ୍ଞାନିକମାନେ ବର୍ତ୍ତମାନ ହଜାର ହଜାର ସଂଖ୍ୟାର ବତକ କୃତ୍ରିମ ଉପାୟରେ ବଢ଼ାଇ ଲାଳନ ପାଳନ କରି ପାରୁଛନ୍ତି । ଯାହା ଫଳରେ ବତକ ପାଳନ ବର୍ତ୍ତମାନ ଲାଭଜନକ ଧନ୍ଦାରେ ପରିଗଣିତ ହୋଇ ପାରିବା ସଙ୍ଗେ ସଙ୍ଗେ ମନୁଷ୍ୟକୁ ପୁଷ୍ଟିକର ଓ ସୁସ୍ୱାଦୁ ଖାଦ୍ୟ ଯୋଗାଇ ଦେବା ସମ୍ଭବ ହୋଇପାରୁଛି ।

## ବତକ ଚିଆଁ ପାଳନ ପାଇଁ ପାରିବେଶିକ ଅବସ୍ଥା –

**ଉତ୍ତାପ –**

ବତକ ଛୁଆ ଅଣ୍ଡାରୁ ଫୁଟି ବାହାରିବା ପରେ ପ୍ରଥମ ସପ୍ତାହରେ ୯୦ ଡିଗ୍ରୀ ଫାରେନ୍‌ହାଇଟ୍ ଉତ୍ତାପ ଦରକାର କରେ । ତା ପରେ ପ୍ରତି ସପ୍ତାହରେ ୫ ଡିଗ୍ରୀ ଫାରେନ୍‌ହାଇଟ୍ କମ୍ ଉତ୍ତାପ ହାରରେ ଚତୁର୍ଥ ସପ୍ତାହ ବେଳକୁ ୭୫ ଡିଗ୍ରୀ ଫାରେନ୍‌ହାଇଟ୍ ଉତ୍ତାପ ଆବଶ୍ୟକ କରେ ।

ବତକ ଛୁଆକୁ କୃତ୍ରିମ ଉପାୟରେ ପାଳନ କଲେ, ଛତାକୃତି ବ୍ରୁଡ଼ର କିମ୍ବା ଇନ୍‌ଫ୍ରାରେଡ୍ ବଲ୍‌ବ ଦରକାର । ଯାହା ବତକ ଛୁଆକୁ ଉତ୍ତାପ ଯୋଗାଇଥାଏ । ବତକ ଛୁଆଙ୍କୁ ଭଲଭାବରେ ନିରୀକ୍ଷଣ କଲେ ସେମାନଙ୍କର ଉତ୍ତାପ ଠିକ୍ ଅଛି କି ନାହିଁ ଜଣାପଡ଼ିବ । ଯଦି ବତକ ଛୁଆମାନେ ତାପର ଉତ୍ସ ତଳେ ରୁଣ୍ଡ ହୋଇ ଜାକି



ଜୁକି ହୋଇ ବସୁଥାନ୍ତି, ତାହେଲେ ଜାଣିବ ବ୍ରୁଡ଼ରର ଉତ୍ତାପ କମ୍ ଅଛି ଓ ବତକ ଚିଆଁମାନେ ଅଧିକ ଉତ୍ତାପ ଦରକାର କରୁଛନ୍ତି । ଯଦି ବତକ ଛୁଆମାନେ ଉତ୍ତାପ ଉତ୍ସ ତଳକୁ ଆଦୌ ଆସୁନାହାନ୍ତି ଓ ବ୍ରୁଡର ବାହାରେ ରହୁଛନ୍ତି, ତେବେ ଜଣାଯାଏ ଯେ, ଉତ୍ତାପ ଅଧିକ ହୋଇାଯାଇଛି । ତେଣୁ ଉତ୍ତାପ କମାଇବାକୁ ପଡ଼ିଥାଏ । ଯଦି ବତକ ଛୁଆମାନେ ବ୍ରୁଡର ଉତ୍ସତଳେ ସବୁଆଡ଼େ ଖେଳାଇ ହୋଇ ବୁଲୁଥାନ୍ତି ତା ହେଲେ ଉତ୍ତାପ ଠିକ୍ ଅଛି ବୋଲି ଜଣାଯାଏ । ଅଧିକ ଉତ୍ତାପ କିମ୍ବା କମ୍ ଉତ୍ତାପ ହେଲେ, ବତକ ଛୁଆମାନଙ୍କର ଶାରୀରିକ ବୃଦ୍ଧି ବାଧାପ୍ରାପ୍ତ ହୁଏ । କମ୍ ଉତ୍ତାପରେ ବତକ ଚିଆଁମାନେ ବ୍ରୁଡର ନିମୋନିଆ ରୋଗରେ ଆକ୍ରାନ୍ତ ହୋଇ ବହୁ ସଂଖ୍ୟାରେ ମରିଯାଆନ୍ତି । ରୁଣ୍ଡହୋଇ ଜାକିଜୁକି ହେବା ଫଳରେ ଦଳାଚକଟାରେ ବହୁତ ବତକ ଚିଆଁ ଶ୍ୱାସରୁଦ୍ଧ ହୋଇ ମଧ ମରିଯାଆନ୍ତି ।

**ବାୟୁ ସଞ୍ଚାଳନ –**

ବତକ ଚିଆଁମାନଙ୍କ ପାଇଁ ବିଶୁଦ୍ଧ ବାୟୁ ନିତାନ୍ତ ଦରକାର, ଯାହା ବତକ ଚିଆଁମାନଙ୍କୁ ଅମ୍ଳଜାନ ଯୋଗାଏ ଓ ଘରକୁ ଶୁଖିଲା ରଖିବାରେ ସାହାଯ୍ୟ କରେ । ନଚେତ୍ ଘରର ଆମୋନିଆ ବାଷ୍ପର ସାନ୍ଦ୍ରତା ବଢ଼ିଯାଇ ଚିଆଁମାନଙ୍କର ପ୍ରଭୂତ କ୍ଷତି ଘଟିଥାଏ ।

**ଆର୍ଦ୍ରତା –**

ବତକ ଚିଆଁ ଘରେ ୫୦ ରୁ ୬୦ ପ୍ରତିଶତ ଆର୍ଦ୍ରତା ଦରକାର । ଏହାଠାରୁ କମ୍ କିମ୍ବା ବେଶି ହେଲେ ବତକ ଚିଆଁଙ୍କର କ୍ଷତି ଘଟାଏ । ଆର୍ଦ୍ରତା ଅଧିକ ହେଲେ ଲିଟର ଶୁଖିପାରେ ନାହିଁ । ଆର୍ଦ୍ରତା କମ୍ ହେଲେ ଲିଟର ଧୂଳିଆ ହୋଇ ବତକ ଚିଆଁଙ୍କର ଶ୍ୱାସପ୍ରଶ୍ୱାସ ଜନିତ ରୋଗ କରାଏ । ଆର୍ଦ୍ରତା କମିଗଲେ ବତକମାନଙ୍କର ପର ଭଲ ଭାବରେ ବଢ଼େ ନାହିଁ ।

**ଆଲୋକ –**

ଦିନବେଳେ ଚିଆଁ ଘରକୁ ମୁକ୍ତ ଆଲୋକ ଯିବା ଦରକାର, ସିଧାସଳଖ ସୂର୍ଯ୍ୟାଲୋକ ପଡ଼ିବା ଉଚିତ୍ ନୁହେଁ । ଚିଆଁମାନଙ୍କୁ ବ୍ରୁଡ଼ିଂ ସରିବା ପର୍ଯ୍ୟନ୍ତ ଦିନକୁ ୨୩ ଘଣ୍ଟା

ଆଲୋକ ଦେବାର ବ୍ୟବସ୍ଥା କରିବାକୁ ପଡ଼ିଥାଏ । ବତକ ବ୍ରୁଡ଼ିଂ ଘର ଅନ୍ଧାରୁଆ ହେଲେ ବତକ ଚିଆଁମାନେ ଭଲ ଭାବରେ ବଢ଼ିପାରନ୍ତି ନାହିଁ, ଯଦି କୌଣସି ଇଲେକ୍ଟ୍ରିକ୍ ବଲ୍‌ବ ଭାଙ୍ଗିଗଲା ଅବା ପୋଡ଼ିଗଲା, ତା ହେଲେ ତୁରନ୍ତ ଗୋଟିଏ ବଲ୍‌ବ ଲଗାଇବା ଦରକାର ।

**ତଳଜାଗା ବା ମେଜିଆ ଜାଗା –**

ବତକ ଛୁଆମାନଙ୍କ ବୟସ ଅନୁସାରେ ଘରର ତଳଜାଗା ଦରକାର ହୁଏ । କେଉଁ ଅନୁସାରେ ବତକ ଛୁଆ ପାଳନ କରାଯାଉଛି, ବୟସ ଅନୁସାରେ ଭିନ୍ନ ଭିନ୍ନ ମେଜିଆ ଜାଗା ଦରକାର । ଆବଶ୍ୟକ ପରିମାଣ ଠାରୁ କମ୍ ତଳଜାଗା ହେଲେ, ବତକମାନେ ଭଲ ବଢ଼ିପାରନ୍ତି ନାହିଁ । ତେଣୁ ମାଂସ ଉତ୍ପାଦନ ଓ ଅଣ୍ଡା ଉତ୍ପାଦନ ବାଧାପ୍ରାପ୍ତ ହୁଏ ।

| ବୟସ | ଡିପ୍‌ଲିଟର ତଳ (ବତକ ଚିଆଁ ପ୍ରତି) | ତାରଜାଲି ତଳ (ବତକ ଚିଆଁ ପ୍ରତି) |
|---|---|---|
| ୦–୧ ସପ୍ତାହ | ୬ ବର୍ଗ ଇଞ୍ଚ | ୩ ବର୍ଗ ଇଞ୍ଚ |
| ୧–୨ ସପ୍ତାହ | ୯ ବର୍ଗ ଇଞ୍ଚ | ୪ ବର୍ଗ ଇଞ୍ଚ |
| ୨–୩ ସପ୍ତାହ | ୧୨ ବର୍ଗ ଇଞ୍ଚ | ୫ ବର୍ଗ ଇଞ୍ଚ |
| ୩–୭ ସପ୍ତାହ | ୨–୨୧/୨ ବର୍ଗ ଫୁଟ | ୧୧/୨ ବର୍ଗ ଫୁଟ |
| ବଡ଼ ବତକ | ୪–୫ ବର୍ଗ ଫୁଟ | |

**ଦାନାପାତ୍ର ଓ ଜଳପାତ୍ର –**

ବତକ ଚିଆଁଙ୍କର ବୟସ ଓ ଆକାର ଅନୁସାରେ ଦାନାପାତ୍ରର ସ୍ଥାନ ଦରକାର ହୁଏ । ସେହି ଅନୁସାରେ କେଉଁ ପ୍ରକାରର କେତୋଟି ଦାନାପାତ୍ର ଦରକାର ତାହା ସ୍ଥିର କରାଯାଏ । ଆବଶ୍ୟକ ଆକାରର ଓ ଆବଶ୍ୟକ ସଂଖ୍ୟକ ଦାନପାତ୍ର ଓ ଜଳପାତ୍ର ନ ରଖିଲେ ବତକ ଚିଆଁମାନେ ଦରକାର ଅନୁସାରେ ଖାଦ୍ୟ ଖାଇ ପାରନ୍ତି ନାହିଁ କିମ୍ବା ପାଣି ପିଇ ପାରନ୍ତି ନାହିଁ । ଫଳରେ ଶରୀର ବୃଦ୍ଧି ବାଧାପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ପରବର୍ତ୍ତୀ କାଳରେ ଅଣ୍ଡା ଉତ୍ପାଦନ ମଧ୍ୟ କମିଯାଏ । କେଉଁ ବୟସର ବତକମାନଙ୍କୁ କେତେ ଦାନାପାତ୍ର ସ୍ଥାନ ଦରକାର ତାହା ନିମ୍ନରେ ଦିଆଯାଇଅଛି ।



**ଦାନାପାତ୍ରର ସ୍ଥାନ –**

| ବୟସ ସପ୍ତାହରେ | ଦାନାପାତ୍ରର ସ୍ଥାନ ବତକ ପ୍ରତି |
|---|---|
| ୦–୨ | ୧୧/୨ ଇଞ୍ଚ |
| ୨–୪ | ୩–୪ ଇଞ୍ଚ |
| ୪–୭ | ୬–୮ ଇଞ୍ଚ |

**ଜଳପାତ୍ରର ସ୍ଥାନ –**

| | |
|---|---|
| ୦–୨ | ୧/୨ ଇଞ୍ଚ (ଦୁଇଟି କପ୍ ୧୦୦ ଚିଆଁ ପ୍ରତି) |
| ୨–୪ | ୧ ଇଞ୍ଚ (ଚାରି କପ୍ ୧୦୦ ଚିଆଁ ପ୍ରତି) |

ବୟସ ବଢ଼ିବା ସଙ୍ଗେ ସଙ୍ଗେ ଦାନାପାତ୍ର ଓ ଜଳପାତ୍ର ବୃଦ୍ଧି କରିବା ଦରକାର । ଯଦି ବତକ ଚିଆଁ ଡିପ୍ ଲିଟର ପଦ୍ଧତିରେ ରଖାଯାଇଥାଏ ତା ହେଲେ ଲିଟର ଓଦା ନ ହେବା ପାଇଁ ଜଳପାତ୍ରଗୁଡ଼ିକ ଘର ଭିତରେ ପାଣି ନାଳ କରି ମୋଟା ଜାଲିର ଘୋଡଣି ଦେଇ ତା ଉପରେ ଜଳପାତ୍ର ରଖିବାକୁ ହୁଏ । ଫଳରେ ବତକମାନେ ପାଣି ପିଇଲା ବେଳେ ମୁହଁ ଏପଟ ସେପଟ କରି ବହୁତ ପାଣି ଛଟା ଛଟି କରନ୍ତି, ତାହା ଲିଟରରେ ନ ପଡ଼ି ତାର ଜାଲି ଉପରେ ପଡ଼ି ନାଳରେ ଚାଲିଯାଏ । ସେଥିଯୋଗୁଁ ଲିଟର ଓଦା ହୁଏ ନାହିଁ ।

**ବତକ ଚିଆଁ ପାଳନ ପାଇଁ ଆବଶ୍ୟକ ଉପକରଣ –**

୧) ବ୍ରୁଡର କିମ୍ବା ଇନ୍‌ଫ୍ରାରେଡ୍ ବଲ୍‌ବ, ୨) ଚିଆଁ ଘେର, ୩) ଦାନାପାତ୍ର, ୪) ଜଳପାତ୍ର ଓ ୫) ଲିଟର ।

ବ୍ରୁଡ଼ର – ବତକ ମାନଙ୍କୁ କୃତ୍ରିମ ଉପାୟରେ ପାଳନ କଲେ ସେମାନଙ୍କୁ କୃତ୍ରିମ ପଦ୍ଧତିରେ ଉତ୍ତାପ ଯୋଗାଇ ଦିଆଯାଏ । ସେଗୁଡ଼ିକ ହେଲା ୧) ଛତାକୃତି ବ୍ରୁଡ଼ର, ୨) ବ୍ୟାଟେରୀ ବ୍ରୁଡ଼ର, ୩) ଇନ୍‌ଫ୍ରାରେଡ୍ ବ୍ରୁଡ଼ର । ଛତାକୃତି ବ୍ରୁଡ଼ର ଦସ୍ତା, କାଠପଟା କିମ୍ବା ବାଉଁଶ ପାତିଆରେ ତିଆରି କରାଯାଇପାରେ । ଗବେଷଣା ଫାର୍ମ ମାନଙ୍କରେ ବ୍ୟାଟେରୀ ବ୍ରୁଡ଼ରର ବ୍ୟବହାର କରାଯାଏ । ଆଜିକାଲି ବଜାରରେ ଇନ୍‌ଫ୍ରାରେଡ୍ ବଲ୍‌ବ ମିଳୁଛି । ତାହା ସାହାଯ୍ୟରେ ବ୍ରୁଡ଼ିଙ୍ଗ୍ କରାଯାଇପାରେ ।

**ବତକ ଚିଆଁ ଘେର –**

ବତକ ଚିଆଁ ପାଳନରେ ପ୍ରଥମ ଦୁଇ ସପ୍ତାହ ପର୍ଯ୍ୟନ୍ତ ଚିଆଁମାନେ ଅଧିକ ଉତ୍ତାପ ଦରକାର କରନ୍ତି । ଉତ୍ତାପ ଉତ୍ସରୁ ବତକ ଛୁଆମାନେ ବେଶୀ ଦୂରରେ ରହିଲେ ସେମାନଙ୍କୁ ଥଣ୍ଡା ହୁଏ । ତେଣୁ ପ୍ରଥମ ଦୁଇ ସପ୍ତାହ ପର୍ଯ୍ୟନ୍ତ ବ୍ରୁଡ଼ର ଠାରୁ ୨ ଫୁଟ ଛାଡ଼ି ୯ ଇଞ୍ଚରୁ ୧୨ ଇଞ୍ଚ ଉଚ୍ଚତା ବିଶିଷ୍ଟ ଚିଆଁ ଘେର ଗୋଲ ଭାବରେ ରଖାଯାଏ । ପ୍ରତିଦିନ ଘେରକୁ ୨ ଇଞ୍ଚ ବାହାରକୁ ଅପସାରିତ କରି ୧୦ ଦିନ ପରେ ଘେରକୁ ସମ୍ପୂର୍ଣ୍ଣ କାଢ଼ି ଦିଆଯାଏ । ଏହା ଦସ୍ତାଟିଣ, ବାଉଁଶ ପାତିଆ ତଲେଇ କିମ୍ବା କ୍ୟାନ୍‌ଭାସ୍‌ରେ ତିଆରି କରାଯାଇପାରେ ।

**ଦାନାପାତ୍ର ଓ ଜଳପାତ୍ର –**

ଚିଆଁଙ୍କର ବୟସ ଓ ଆକାର ଅନୁସାରେ ବିଭିନ୍ନ ପ୍ରକାରର ଦାନାପାତ୍ର ଓ ଜଳପାତ୍ର ରହିବା ଆବଶ୍ୟକ । ଦସ୍ତା ଚଦର, କାଠପଟା ଓ ମୋଟା ବାଉଁଶରେ ଦାନାପାତ୍ର ତିଆରି କରାଯାଇପାରେ । ସେହିପରି ଦସ୍ତା ଚଦର ନିର୍ମିତ ଓ ପ୍ଲାଷ୍ଟିକ୍ ଜଳପାତ୍ର ବ୍ୟବହାର କରାଯାଇପାରେ । ବତକ ଚିଆଁ ବ୍ରୁଡ଼ିଙ୍ଗ୍ ବେଳେ ସ୍ୱୟଂ ଚାଳିତ ଜଳପାତ୍ର ବ୍ୟବହାର କଲେ ଭଲ । ତେଣୁ ୧୦୦ ଟି ବତକ ଛୁଆ ପାଇଁ ଗୋଟିଏ ପ୍ଲାଷ୍ଟିକ୍ ଚାଳିତ ଜଳପାତ୍ର ରଖାଯାଏ । ଚିଆଁଘେର ଥିଲା ପର୍ଯ୍ୟନ୍ତ ଗୋଟିଏ ପ୍ରକାରର ଦାନାପାତ୍ର ୧୦୦ଟି ବତକ ଛୁଆ ହିସାବରେ ରଖାଯାଇଥାଏ । ଯଥେଷ୍ଟ ସଂଖ୍ୟକ ଦାନାପାତ୍ର ଓ ଜଳପାତ୍ର ବ୍ରୁଡ଼ରକୁ କେନ୍ଦ୍ର କରି ଚକର ଅର ପରି ସମସଜ୍ଜିତ ହୋଇ ରଖାଯାଏ, ଯେପରି ଚିଆଁମାନେ ଦାନା ଓ ପାଣି ପିଇବା ପାଇଁ ଅସୁବିଧାର ସମ୍ମୁଖୀନ ହୁଅନ୍ତି ନାହିଁ ।

**ବତକ ଛୁଆ ଆଣିବା ପୂର୍ବରୁ ବନ୍ଦୋବସ୍ତ –**

ବତକ ଛୁଆ ଆଣିବା ପୂର୍ବରୁ ଚିଆଁ ଘେରକୁ ଓ ଚିଆଁ ଘରର ଉପକରଣ ଗୁଡ଼ିକୁ ଭଲ ଭାବରେ ସଫା କରି, ଫିନାଇଲ୍ ଆଦି ବିଶୋଧନକ ସାହାଯ୍ୟରେ ବିଶୋଧନ କରାଯାଏ । ଘରର ଚଟାଣ, କାନ୍ଥ ଖରାପ ହୋଇଥିଲେ ମରାମତି କରି ଚୂନ ଦିଆଯାଏ । ଚିଆଁ ଆଣିବାର ୨୪ ଘଣ୍ଟା ପୂର୍ବରୁ ପରିଷ୍କାର ବ୍ରୁଡ଼ରକୁ ଘରର ମଝିରେ



ରଖାଯାଏ ଓ ତାପମାନ ଠିକ୍ ଅଛି କି ନାହିଁ ପରୀକ୍ଷା କରି ଦେଖାଯାଏ । ପ୍ରଥମେ ଦେଢ଼ ଇଞ୍ଚ ବହଳର ଲିଟର ଘରର ମଝିରେ ଯେଉଁଠାରେ ବ୍ରୁଡ଼ର ରହିବ ସେଠାରେ ଖୋଳାଯାଏ, ତା ପରେ ଚିଆଁଘେର ବ୍ରୁଡ଼ର ଠାରୁ ୨–୩ ଫୁଟ ଛାଡ଼ି ବ୍ରୁଡ଼ର ଚାରିକଡ଼ରେ ଗୋଲାକାର ଭାବରେ ରଖାଯାଏ । ଲିଟର ଉପରେ ଖବର କାଗଜ ବିଛାଯାଏ । ଯେପରି ବତକଛୁଆ ଲିଟର ଖାଇ ନ ପାରନ୍ତି । ବତକ ଛୁଆ ଆସିବାର ୪ ଘଣ୍ଟା ପୂର୍ବରୁ ଜଳପାତ୍ରରେ ଜଳ ସହ ଆବଶ୍ୟକ ଔଷଧ ମିଶାଇ ରଖାଯାଏ ଓ ବ୍ରୁଡ଼ର ତଳେ ଗୁଣ୍ଡଦାନା ବିଛାଯାଏ ।

**ବତକ ଛୁଆ ଆଣିବା ପରେ ଯତ୍ନ**

**ପ୍ରଥମ ସପ୍ତାହର କାର୍ଯ୍ୟାବଳୀ –**

ପ୍ରଥମ ୪୮ ଘଣ୍ଟା ମଧ୍ୟରେ ବତକଛୁଆଙ୍କ ପାଇଁ ଖାଦ୍ୟ ଏତେ ଜରୁରୀ ନୁହେଁ । ଏହି ସମୟରେ ଚିଆଁ ପେଟ ଭିତରେ ଥିବା କେଶର କୋଷରୁ ଖାଦ୍ୟଯାଏ । ତେଣୁ ବତକ ଚିଆଁକୁ ବ୍ରୁଡ଼ର ତଳେ ରଖିଲା ବେଳେ ସେମାନଙ୍କୁ ପ୍ରଥମେ ପରିଷ୍କାର ପାଣି ପିଇବାକୁ ଦେବା ଦରକାର । ଯଥେଷ୍ଟ ସଂଖ୍ୟକ ଦାନାପାତ୍ର ଓ ଜଳପାତ୍ର ବ୍ରୁଡ଼ରକୁ କେନ୍ଦ୍ର କରି ଚକର ଅର ସମ ସଜ୍ଜିତ ହୋଇ ରଖିବା ଉଚିତ୍ । ପ୍ରଥମ ୭ ଦିନରେ ଚିଆଁଙ୍କର ମୃତ୍ୟୁହାର ଅଧିକ ହୋଇଥିବାରୁ ସେମାନଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ଦେବା ଦରକାର । ପ୍ରଥମ ୧୦ ଦିନ ଚିଆଁଙ୍କର ପିଇବା ପାଣିରେ ଆଣ୍ଟିବାଇଓଟିକ୍ ମିଶାଇବା ଦରକାର । ପ୍ରଥମ ୫ ଦିନ ଦାନାପାତ୍ରରେ ପୂରା ଭାବରେ ଦାନା ଦେଇ ଢାଙ୍କୁଣୀ କଢ଼ାଯାଇଥାଏ । ବ୍ରୁଡ଼ର ତଳେ ଉତ୍ତାପ ୯୦° ଫାରେନ୍‌ହାଇଟ୍ ରଖାଯାଏ । ଶୀତଦିନେ ଚିଆଁଘରର ଝରକାକୁ ଅଖାଦ୍ୱାରା ବନ୍ଦ କରି ଦିଆଯାଏ, ଯେପରି ବାୟୁ ଚାଳନାରେ ବାଧା ନ ହୁଏ । ପଞ୍ଚମ କିମ୍ବା ଷଷ୍ଠ ଦିନ ଖବର କାଗଜକୁ କାଢ଼ି ଦିଆଯାଏ । ପୂର୍ବବର୍ଣ୍ଣିତ ଅନୁସାରେ ଚିଆଁଘେର ଦୈନିକ ୨ ଇଞ୍ଚ ଲେଖାଏଁ ପ୍ରସାରିତ କରାଯାଏ । କୌଣସି ଚିଆଁ ମରିଗଲେ ତୁରନ୍ତ ସେମାନଙ୍କୁ କାଢ଼ି ପୋଷ୍ଟମଟମ୍ ସୁବିଧା ଥିଲେ କରାଯାଏ ।

## ଦ୍ୱିତୀୟ ସପ୍ତାହର କାର୍ଯ୍ୟାବଳୀ –

ବ୍ରୁଡ଼ର ତଳର ୫ ଡିଗ୍ରୀ ଫାରେନ୍‌ହିଟ୍ କମାଯାଇଥାଏ । ଯେପରି ଉତ୍ତାପ ୮୫ ଡିଗ୍ରୀ ଫାରେନ୍‌ହିଟ୍‌ରେ ରହେ । ଚିଆଁଗୁଡ଼ିକ ୫ ଦିନରୁ ୧୫ ଦିନ ହେବା ପର୍ଯ୍ୟନ୍ତ ଦାନାପାତ୍ରରେ ଦାନା ପୂରାଭାବରେ ଦେଇ ଢାଙ୍କୁଣୀ ଘୋଡ଼ାଯାଏ । ତା ପରେ ଦାନାପାତ୍ରରେ ୨–୩ ଭାଗ ପର୍ଯ୍ୟନ୍ତ ଦାନା ଦିଆଯାଏ । କାରଣ ଅଧିକ ଦାନା ଦେଲେ ଦାନା ନଷ୍ଟ ହୁଏ । ଦଶମ ଦିନରେ ଚିଆଁ ଘେରକୁ କାଢ଼ି ଦିଆଯାଏ । ଦାନାପାତ୍ର ଓ ଜଳପାତ୍ରର ଉଚ୍ଚତା ବଢ଼ାଯାଏ । ଯେପରି ଦାନାପାତ୍ର ଓ ଜଳପାତ୍ରର ଧାର ଚିଆଁଙ୍କର ପିଠି ଉଚ୍ଚତାରେ ରହିବ । ଲିଟରକୁ ୨–୩ ଦିନ ବ୍ୟବଧାନରେ ଓଲଟ ପାଲଟ କରାଯାଏ । ଯେପରି ଲିଟର ମୁଣ୍ଡାଳିଆ ନହୁଏ । ଦୁଇ ତିନି ଦିନ ବ୍ୟବଧାନରେ ଜଳପାତ୍ର ଓ ଦାନାପାତ୍ରର ସ୍ଥାନରେ ସାମାନ୍ୟ ପରିବର୍ତ୍ତନ କରାଯାଏ । ଜଳପାତ୍ରକୁ ପ୍ରତ୍ୟେକ ଦିନ ସଫା କରି ପରିଷ୍କାର ପାଣି, ଆଣ୍ଟିବାଇଓଟିକ୍ ଓ ଭିଟାମିନ୍ ମିଶ୍ରଣ ମିଶାଇ ଦିଆଯାଏ । ଏହି ସପ୍ତାହରେ ବତକ ଛୁଆଙ୍କୁ ପ୍ରାରମ୍ଭିକ ଦାନା ଦୁଇ କିମ୍ବା ତିନି ଥର ଦିଆଯାଏ ।

## ତୃତୀୟ ସପ୍ତାହର କାର୍ଯ୍ୟାବଳୀ –

ବ୍ରୁଡ଼ର ତଳର ଉତ୍ତାପ ଆଉ ୫ ଡିଗ୍ରୀ ଫାରେନ୍‌ହିଟ୍ କମାଯାଏ, ଯେପରି ବ୍ରୁଡର ତଳର ଉତ୍ତାପ ୮୦ ଡିଗ୍ରୀ ଫାରେନ୍‌ହିଟ୍‌ରେ ରହିବ । ଅଧିକ ଲିଟର ପକାଯାଏ, ଯେପରି ଲିଟର ଉଚ୍ଚତା ୩ ଇଞ୍ଚ ହେବ । ଛୋଟ ଦାନା ପାତ୍ର ଓ ଜଳପାତ୍ର ବଦଳାଇ ମଧ୍ୟମ ଧରଣର ଦାନାପାତ୍ର ଓ ଜଳପାତ୍ର ବ୍ୟବହାର କରାଯାଏ । ଏହି ସମୟ ଠାରୁ ପ୍ରବର୍ଦ୍ଧକ ଦାନା ଦିଆଯାଏ । ଯଦି ଖାଦ୍ୟ ଗୋଲି ଭାବରେ ମିଳୁଥାଏ, ତା ହେଲେ ଖାଦ୍ୟ ଗୋଲି ଦେବା ଉଚିତ୍ । ଦୁଇ ତିନି ଦିନ ବ୍ୟବଧାନରେ ଲିଟର ତଳ–ଉପର କରାଯାଏ ।

## ଚତୁର୍ଥ ସପ୍ତାହର କାର୍ଯ୍ୟାବଳୀ –

ବ୍ରୁଡ଼ର ତଳ ଉତ୍ତାପ ଆଉ ୫ ଡିଗ୍ରୀ ଫାରେନ୍‌ହିଟ୍ କମାଯାଇ ୭୫ ଡିଗ୍ରୀ ଫାରେନ୍‌ହିଟ୍‌କୁ ଅଣାଯାଏ । ବତକ ଚିଆଁଙ୍କର ବୟସ ବଢ଼ିବା ସଙ୍ଗେ ସଙ୍ଗେ



ସେମାନଙ୍କର ଖାଦ୍ୟ ଓ ପାନୀୟର ପରିମାଣ ବଢ଼େ । ତେଣୁ ଅଧିକ ସଂଖ୍ୟକ ଦାନାପାତ୍ର ଓ ଜଳପାତ୍ର ରଖାଯାଏ, ଯେପରି ବତକମାନେ ଆରାମରେ ଦାନା ଖାଇପାରିବେ ଓ ପାଣି ପିଇପାରିବେ । ବାହାରେ ଅତି ବେଶୀ ଥଣ୍ଡା ପଡୁନଥିଲେ ୪ ସପ୍ତାହର ବ୍ରୁଡ଼ିଂ ବତକ ଚିଆଁଙ୍କ ପାଇଁ ଯଥେଷ୍ଟ ହୋଇଥାଏ । ନଚେତ୍ ଆଉ ଏକ ସପ୍ତାହ ବ୍ରୁଡ଼ିଂ ଦରକାର ପଡ଼ିଥାଏ ।

## ୫ ରୁ ୧୬ ସପ୍ତାହ ପର୍ଯ୍ୟନ୍ତ –

ଚାରି ସପ୍ତାହ ପରେ ବତକ ଛୁଆଙ୍କୁ ନିମ୍ନଲିଖିତ ଯେ କୌଣସି ପ୍ରଣାଳୀରେ ପାଳନ କରାଯାଇପାରେ । (୧) ସଂପୂର୍ଣ୍ଣ ରୂପେ କୋଠରୀରେ ଆବଦ୍ଧ, (୨) ଅଧା ସମୟ ଆବଦ୍ଧ ଓ ଅଧା ସମୟ କୋଠରୀ ବାହାରେ ଆବଦ୍ଧ ପରିବେଶ ମଧ୍ୟରେ ରଖି, (୩) ସଂପୂର୍ଣ୍ଣ ଖୋଲା ପଡ଼ିଆରେ ରଖି ।

ସଂପୂର୍ଣ୍ଣ ଆବଦ୍ଧ କରି ରଖିଲେ ଗୋଟିଏ ବତକ ଛୁଆ ପାଇଁ ୩ ବର୍ଗଫୁଟ ଜାଗା ଦରକାର ହୁଏ । ଅଧା ଆବଦ୍ଧ ଓ ଅଧା ଖୋଲା ପରିବେଶରେ ରଖିଲେ ଛୁଆ ପ୍ରତି ୨–୩ ବର୍ଗଫୁଟ ଓ ଖୋଲା ପରିବେଶରେ ଛୁଆପ୍ରତି ୧୦ ରୁ ୧୫ ବର୍ଗଫୁଟ ଜାଗା ଦରକାର ହୁଏ । ଦାନାପାତ୍ରରେ ୩–୫ ଇଞ୍ଚ ଲମ୍ବର ଜାଗା ପ୍ରତ୍ୟେକ ଛୁଆ ପାଇଁ ଦରକାର ହୁଏ । ସେହିପରି ମାଂସ ପାଇଁ ପାଳନ କରାଯାଉଥିବା ବତକ ଛୁଆମାନଙ୍କୁ ୮ ସପ୍ତାହ ପର୍ଯ୍ୟନ୍ତ ୪ ଇଞ୍ଚ ଜାଗା ଦରକାର ହୁଏ । ପାଣି ପାତ୍ରରେ ପ୍ରତ୍ୟେକ ଛୁଆପାଇଁ ୧.୭୫ ଇଞ୍ଚ ଲମ୍ବର ଜାଗା ଦରକାର ହୁଏ । ସେହିପରି ମାଂସ ପାଇଁ ପାଳନ କରାଯାଉଥିବା ବତକ ଛୁଆମାନଙ୍କ ପାଇଁ ୮ ସପ୍ତାହ ପର୍ଯ୍ୟନ୍ତ ୨ ଇଞ୍ଚ ଲମ୍ବର ଜାଗା ଦରକାର ହୁଏ । ପାଣି ପାତ୍ରର ଗଭୀରତା ୫–୬ ଇଞ୍ଚ ହେବା ଦରକାର । ଫଳରେ ବତକ ଛୁଆ ପାଣି ଭିତରେ ସଂପୂର୍ଣ୍ଣ ରୂପେ ତାର ମୁଣ୍ଡ ବୁଡ଼ାଇ ପାରିବ । ଖୋଲା ପରିବେଶରେ ପାଚେରୀର ଉଚ୍ଚତା ୨ ଫୁଟ ହେଲେ ଯଥେଷ୍ଟ । ଯଦି ସଂପୂର୍ଣ୍ଣ ରୂପେ ଖୋଲା ପରିବେଶ ମଧ୍ୟରେ ବତକ ପାଳନ କରାଯାଏ, ତା ହେଲେ ଏକ ଏକର ଜାଗାରେ ୨୦୦ ବତକ ଛୁଆ ରହିପାରିବେ ।

### ଅଣ୍ଡା ଦେଉଥିବା ବତକ ପାଳନ (୧୬-୭୨ ସପ୍ତାହ ପର୍ଯ୍ୟନ୍ତ) -

ବତକ ସାଧାରଣତଃ ୧୬-୧୮ ସପ୍ତାହର ହେଲେ ଅଣ୍ଡା ଦେବା ଆରମ୍ଭ କରିଦିଏ । ସଂପୂର୍ଣ୍ଣ ଆବଦ୍ଧ କୋଠରୀ ମଧ୍ୟରେ ପ୍ରତ୍ୟେକ ବତକ ପାଇଁ ୪-୫ ବର୍ଗଫୁଟ ଜାଗା ଏବଂ ଅଧା ଆବଦ୍ଧ ଓ ଅଧାଖୋଲା ପ୍ରଣାଳୀରେ ୩ ବର୍ଗଫୁଟ ଜାଗା ଓ ଖୋଲା ଆବଦ୍ଧ ପରିବେଶରେ ବତକ ପିଛା ୧୦-୧୫ ବର୍ଗଫୁଟ ଜାଗା ଦରକାର । ବତକ ଅଣ୍ଡା ଦେବା ପାଇଁ କୋଠରୀ ମଧ୍ୟରେ ଗୋଟିଏ ବସା ଦରକାର । ଅଣ୍ଡାଦେବା ବସାର ଆକାର ୧୨ ଇଞ୍ଚ ୧୪ ଇଞ୍ଚ ୧୫ ଇଞ୍ଚ ହେବା ଉଚିତ୍ । ତିନୋଟି ବତକ ପାଇଁ ଗୋଟିଏ ବସା ଦରକାର ହୁଏ । ପ୍ରତି ୬-୭ ଗୋଟି ମାଈ ବତକ ପାଇଁ ଗୋଟି ଅଣ୍ଡିରା ବତକ ଦରକାର । ସଂପୂର୍ଣ୍ଣ ରୂପେ ଖୋଲା ବତକ ପାଳନ ପ୍ରଣାଳୀରେ ୧ ଏକର ଜାଗାରେ ୧୦୦ଟି ବତକ ପାଳନ କରାଯାଇପାରିବ ।

### ବତକ ଘର -

ବତକ ଘର ଯେତେ ଅଳ୍ପ ଖର୍ଚ୍ଚରେ ହୋଇପାରିବ ସେତେ ଭଲ । କାଠ, ବାଉଁଶ, ତାରଜାଲି ଇତ୍ୟାଦିରେ କାନ୍ଥ ତିଆରି ହୋଇପାରିବ । ଘରର ଛପର ନଡ଼ା, ଟାଇଲ୍ କିମ୍ୱା ଆଜବେଷ୍ଟସ୍ ଦ୍ୱାରା କରାଯାଇପାରିବ । କିନ୍ତୁ ଦେଖିବା କଥା ଯେ, ଘର ଭିତରେ ଯେମିତି ପବନ ଭଲ ଭାବରେ ଚଳପ୍ରଚଳ ହୋଇପାରୁଥିବ । ଏହା ସହିତ ଘର ଶୁଖିଲା ରହୁଥିବ । ମୂଷା ଆସିପାରୁ ନଥିବେ ଏବଂ ଛାତରୁ ପାଣି ଚଳୁନଥିବ ।

ଅଧା ଖୋଲା ଓ ଅଧା ଆବଦ୍ଧ ପ୍ରଣାଳରେ ବତକ ପାଳନ କଲେ ଘରଟି ଉଚ୍ଚା ଜାଗାରେ ଓ ଖୋଲା ଆବଦ୍ଧ ଜାଗାଟି ଘରଠାରୁ ଆସ୍ତେ ଆସ୍ତେ ଗଡ଼ାଣିଆ ହେବା ଦରକାର । ଏହାଦ୍ୱାରା ଘରଟି ଶୁଖିଲା ରହିବ । ଖୋଲାଥିବା ଜାଗାରେ ଯଦି କିଛି ପୋଖରୀ କିମ୍ୱା ଗଡ଼ିଆ ନଥାଏ, ତା ହେଲେ ବତକ ଘରକୁ ସମାନ୍ତରଳ କରି ବତକ ଘରର ଉଭୟ ପାର୍ଶ୍ୱରେ ଦୁଇଟି ପାଣିକୁଣ୍ଡ (୨୦ ଇଞ୍ଚ ଚଉଡ଼ା ଓ ୬-୮ ଇଞ୍ଚ ଗଭୀରତା) ରହିବା ଦରକାର । ଯଦିଓ ବତକ ପହଁରିବା ଜରୁରୀ ନୁହେଁ, ତେବେ ପାଣି ଭିତରେ ତାଙ୍କର ମୁଣ୍ଡ ବୁଡ଼ାଇବା ଦରକାର । ନଚେତ୍ ଆଖିରେ ଏକ ପ୍ରକାର ଅଠାଳିଆ ମଳି ବସି ଅନ୍ଧ ହୋଇଯିବାର ସମ୍ଭାବନା ଥାଏ । ଆହୁରି ମଧ୍ୟ ବତକ ତାର ଥଣ୍ଟକୁ ମଝିରେ ମଝିରେ ସଫା କରିବାକୁ ଚାହେଁ ଏବଂ ଦାନା ଲାଗିଥିଲେ ତାକୁ ମଧ୍ୟ ସଫା କରେ ।



## ବତକ ଖାଦ୍ୟ

ବତକ ପାଳନରେ ଯେତିକି ଖର୍ଚ୍ଚ ହୋଇଥାଏ, ତାର ୭୦-୭୫% ଖର୍ଚ୍ଚ ସେମାନଙ୍କର ଖାଦ୍ୟ ଭାବରେ ହିଁ ହୋଇଥାଏ । ତେଣୁ ଖାଦ୍ୟ ଯେପରି ସୁଷମ ଓ ଶସ୍ତା ହୁଏ, ଆମକୁ ତାହା ଚେଷ୍ଟା କରିବାକୁ ହେବ । କୁକୁଡ଼ା ଦାନାପରି ବତକ ଦାନାରେ ମଧ୍ୟ ସାଧାରଣତଃ ମକା, ଜୁଆର, ବାଜରା, ମାଣ୍ଡିଆ, ବାଦାମ ପିଡ଼ିଆ, ସୋୟାବିନ୍ ପିଡ଼ିଆ, ଗହମ ଚୋକଡ଼, କାଣ୍ଡିଆ ଚାଉଳ କୁଣ୍ଡା, ଶୁଖୁଆ ଗୁଣ୍ଡ, ଲୁଣ, ଖଣିଜ ଲବଣ ଓ ଭିଟାମିନ୍ ଆଦି ମିଶିଥାଏ । ଅଣ୍ଡା ପାଇଁ ବତକ ଦାନା ଓ ମାଂସ ପାଇଁ ବତକ ଦାନାରେ ବିଭିନ୍ନ ଖାଦ୍ୟସାରର ପରିମାଣ ଭିନ୍ନ ଅଟେ । ବତକମାନଙ୍କର ମଧ୍ୟ ବୟସକୁ ନେଇ ଖାଦ୍ୟସାରର ପରିମାଣ ଭିନ୍ନ ହୋଇଥାଏ । ସାଧାରଣତଃ ଆମେ ଖାଦ୍ୟରେ ପ୍ରୋଟିନ୍ ଏବଂ କ୍ୟାଲୋରୀ ପରିମାଣକୁ ଆଖି ଆଗରେ ରଖି ଦାନା ତିଆରି କରିଥାଉ । ବିଭିନ୍ନ ବୟସର ବତକମାନଙ୍କ ପାଇଁ ଦାନାରେ ଦରକାର ହେଉଥିବା ପ୍ରୋଟିନ୍ ଓ ଶକ୍ତିର ପରିମାଣ ଏବଂ ପ୍ରତ୍ୟେକ କିସମର ଦାନାର ନମୂନା ଦିଆଯାଇଅଛି ।

### ଦାନାରେ ରହୁଥିବା ଖାଦ୍ୟସାର

| | ମାଂସ ପାଇଁ | | ଅଣ୍ଡା ପାଇଁ | | |
|---|---|---|---|---|---|
| | ୦-୨ ସପ୍ତାହ | ୩-୮ ସପ୍ତାହ | ୦-୮ ସପ୍ତାହ | ୮-୨୦ ସପ୍ତାହ | ୨୦ ସପ୍ତାହରୁ ଉର୍ଦ୍ଧ୍ୱ |
| ପ୍ରୋଟିନ୍(%) | ୨୦ | ୨୦ | ୨୦ | ୧୬ | ୧୮ |
| ଉର୍ଜ୍ଜା (ଶକ୍ତି) (କିଲୋ କ୍ୟାଲୋରୀ/କେ.ଜି.) | ୨୭୦୦-୩୦୦୦ | ୨୭୦୦-୩୦୦୦ | ୨୭୦୦-୩୦୦୦ | ୨୫୦୦-୨୮୦୦ | ୨୬୦୦-୨୯୦୦ |

ବତକମାନେ ସାଧାରଣତଃ ବହୁତ ଖାଦ୍ୟ ଖାଇଖାଆନ୍ତି । ସେମାନେ ମିଶ୍ରିତ ଦାନା ଖାଇବା ସଙ୍ଗେ ସଙ୍ଗେ ଯଦି ସେମାନଙ୍କୁ ପୋଖରୀକୁ ଛଡ଼ାଯାଏ, ତା ହେଲେ ଗେଣ୍ଡା, ଛୋଟ ମାଛ, ଜିଆ ଓ ଅନ୍ୟାନ୍ୟ ପୋକ ଏବଂ ସବୁଜ ପତ୍ର ଖାଇଥାଆନ୍ତି । ଦିନବେଳା ବାହାରକୁ ଛାଡ଼ି ଓ ରାତିରେ ଘର ଭିତରେ ରଖି ବତକ ପାଳନ କରିବା

ପ୍ରଣାଳୀରେ ପ୍ରଥମେ ବତକ ଛୁଆମାନଙ୍କୁ ୬-୮ ସପ୍ତାହ ପର୍ଯ୍ୟନ୍ତ ଘରେ ରଖିବାକୁ ହୋଇଥାଏ । ସେହି ସମୟରେ ସେମାନଙ୍କୁ ଖୁଦ ଚାଉଳ, ପାଲିସ୍ କୁଣ୍ଡା, ଗହମ, ଚୋକଡ଼ ଏବଂ ରାଶି ପିଡ଼ିଆ ଇତ୍ୟାଦି ଖାଇବାକୁ ଦିଆଯାଏ । ୬-୮ ସପ୍ତାହ ପରେ ସେମାନଙ୍କୁ ଧାନ ବିଲରେ, ପଡ଼ିଆରେ ଓ ପୋଖରୀରେ ବୁଲି ଖାଦ୍ୟ ଖୋଜିବା ପାଇଁ ଛାଡ଼ି ଦିଆଯାଏ । ସନ୍ଧ୍ୟାରେ ସେମାନେ ଘରକୁ ଫେରନ୍ତି । ବତକ ଅଣ୍ଡା ଦେବା ଆରମ୍ଭ କଲେ, ସକାଳୁ ଅଣ୍ଡା ସଂଗ୍ରହ କରିସାରି ତାକୁ ବାହାରକୁ ଛାଡ଼ି ଦିଆଯାଏ ଏବଂ ସନ୍ଧ୍ୟାରେ ପୁଣି ଘରକୁ ଫେରନ୍ତି । ଏହି ପ୍ରଣାଳୀରେ ବତକମାନଙ୍କୁ ଭିନ୍ନ ଭିନ୍ନ ଦିନ ନୂଆ ନୂଆ ସ୍ଥାନକୁ ନେବାର ଆବଶ୍ୟକତା ପଡ଼େ । ବାହାରେ ବୁଲି ସେମାନେ ଧାନ ବିଲରୁ ଧାନ ଅମଳ ସମୟରେ ପଡ଼ିଥିବା ଧାନ, ଗେଣ୍ଡା, ଜିଆ ଓ ଅନ୍ୟାନ୍ୟ ପୋକଜୋକ ଏବଂ ସବୁଜ ପତ୍ର ଆଦି ଖାଇଥାଆନ୍ତି । ଏହି ପ୍ରଣାଳୀରେ ବତକର ଆବଶ୍ୟକତା ଅନୁସାରେ ସମସ୍ତ ଖାଦ୍ୟସାର ପାଉଛି ନା ନାହିଁ ଜାଣିବା କଷ୍ଟକର ।

ଘର ଭିତରେ ଆବଦ୍ଧ କରି ରଖିବା ପ୍ରଣାଳୀରେ ସେମାନଙ୍କୁ ୩ ପ୍ରକାର ଖାଦ୍ୟ ଦିଆଯାଇପାରିବ । ୧) ମିଶ୍ରିତ ଶୁଷ୍କ ଗୁଣ୍ଡଦାନା, ୨) ମିଶ୍ରିତ ଓଦା ଗୁଣ୍ଡଦାନା, ୩) ମିଶ୍ରିତ ଗୋଲ ଆକାରରେ ଦାନା । ମିଶ୍ରିତ ଶୁଷ୍କ ଗୁଣ୍ଡଦାନା ଦେବା ଉଚିତ୍ ନୁହେଁ, କାରଣ ଶୁଷ୍କ ଦାନା ଗିଳିବାରେ ବତକମାନେ ଅସୁବିଧା ଅନୁଭବ କରିଥାଆନ୍ତି । କିନ୍ତୁ ଯେତେବେଳେ ଶୁଖିଲା ଦାନା ଖାଇବାକୁ ଦିଆଯାଏ, ସେମାନେ ତରତରରେ ପାଟିପୁରା ଦାନା ନିଅନ୍ତି । କିନ୍ତୁ ସବୁଗୁଡ଼ିକ ଗିଳି ନପାରି ଅଧିକାଂଶ ନିକଟସ୍ଥ ପାଣିକୁଣ୍ଡରେ ବାହାର କରି ଦିଅନ୍ତି । ଫଳରେ ବହୁତ ଦାନା ନଷ୍ଟ ହୋଇଥାଏ । ଶୁଖିଲା ଦାନାରେ ଅଳ୍ପ ପାଣି ମିଶାଇ ଖାଇବାକୁ ଦେଲେ ଖାଦ୍ୟ ନଷ୍ଟକୁ ଏଡ଼ାଇ ଦିଆଯାଇପାରେ । ଖାଦ୍ୟକୁ ଓଦା କରିଦେଲେ ପ୍ରଥମ ୨ ସପ୍ତାହ ପର୍ଯ୍ୟନ୍ତ ଦିନକୁ ୪-୫ ଥର ଦାନା ଦେବାକୁ ହୋଇଥାଏ । ତୃତୀୟ ସପ୍ତାହ ଠାରୁ ଦିନକୁ ୩-୪ ଥର ଦାନା ଦିଆଯାଏ । ଫଳରେ ଦାନା ପାତ୍ରରେ ଦାନା ବଳେ ନାହିଁ ଏବଂ ଦାନା ନଷ୍ଟ ହେବାର ଆଶଙ୍କା ନଥାଏ । ଏହି ପ୍ରଣାଳରେ ଦାନା ଦେଲେ ପ୍ରତ୍ୟେକ ଥର ୧୦-୨୦ ମିନଟ୍ ଖାଇବା ସମୟ ଦିଆଯାଏ । ଦିନର ଶେଷ ଖାଦ୍ୟ ଦେଲାବେଳେ ଏଇ ସମୟକୁ ବଢ଼ାଇ



ଦେବା ଦରକାର । ଏହି ପ୍ରଣାଳୀରେ ଦାନା ଦେଲେ ବତକମାନଙ୍କର ଦାନା ଖାଇବା ମଧ୍ୟ ବଢ଼ିଯାଇଥାଏ । କିନ୍ତୁ ଏହି ପ୍ରଣାଳୀରେ ବଡ଼ ଫାର୍ମଗୁଡ଼ିକରେ ଦାନା ଦେବା ସମ୍ଭବ ହୋଇନଥାଏ । ଓଦା ଦାନାପାତ୍ରରେ ବଳିପଡ଼ିଲେ ସେଥିରେ ଛତୁ ଫୁଟି ଆଫ୍‌ଲାଟକ୍ସିନ୍ ନାମକ ଏକ ବିଷାକ୍ତ ପଦାର୍ଥ ତିଆରି ହେବାର ସମ୍ଭାବନା ଥାଏ, ଯାହାକି ଅତ୍ୟନ୍ତ ବିଷାକ୍ତ ଅଟେ । ତେଣୁ ଦାନାପାତ୍ର ଭଲ ଭାବରେ ସଫା କରିବା ଦରକାର । ଗୋଲି ଆକାରର ଦାନା ଏବେ ଆମ ଦେଶର ଅଧିକାଂଶ ପ୍ରଦେଶରେ ତିଆରି ହେଉଛି । ତେଣୁ ଏହି ଦାନା ଦେବା ବିଧେୟ । ଗୋଲିର ବ୍ୟାସ ୩-୫ ମି.ମି. ମଧ୍ୟରେ ରହିବା ଆବଶ୍ୟକ । ପ୍ରଥମ ୨ ସପ୍ତାହ ପର୍ଯ୍ୟନ୍ତ ୩ ମି.ମି. ବ୍ୟାସ ବିଶିଷ୍ଟ ଖାଦ୍ୟ ଗୋଲି ଦେବା ଆବଶ୍ୟକ । ଗୋଲି ଆକାରର ଖାଦ୍ୟ ଦେଲେ ଖାଦ୍ୟ ନଷ୍ଟ ହେବାର ସମ୍ଭାବନା ନଥାଏ ଏବଂ ଖାଦ୍ୟ ସୁଷମ ମଧ୍ୟ ହୋଇଥାଏ । ଖାଦ୍ୟର ପୁରା ବିନିଯୋଗ ହୋଇଥାଏ । ଦାନାରେ ଆଫ୍‌ଲା ଟକ୍ସିନ୍ ପ୍ରସ୍ତୁତ ହେବାର ସମ୍ଭାବନା ମଧ୍ୟ ନଥାଏ । ଗୋଲି ଆକାରର ଦାନା ଦେଲେ ଦିନକୁ ୨ ଥର ଦାନା ଦେବା ଉଚିତ୍ । ଥରକୁ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ଖାଇବାକୁ ହେବ । ବତକମାନଙ୍କ ଖାଦ୍ୟର ପରିମାଣ ତାଙ୍କର ପ୍ରଜାତି, ଓଜନ ଓ ଅଣ୍ଡା ଦେବା କ୍ଷମତା ଏବଂ ସବୁଜ ପତ୍ର ଓ ବାହାରୁ ମିଳୁଥିବା ଖାଦ୍ୟ କେତେ ପରିମାଣରେ ମିଳୁଛି, ସେ ସବୁ ଉପରେ ନିର୍ଭର କରେ । ବର୍ଷକୁ ଗୋଟିଏ ଅଣ୍ଡା ଦେଉଥିବା ବତକ ୫୦-୬୦ କେ.ଜି. ପର୍ଯ୍ୟନ୍ତ ଦାନା ଖାଇଥାଏ ଏବଂ ଦିନକୁ ୧୨୦-୧୭୦ ଗ୍ରାମ୍ ପର୍ଯ୍ୟନ୍ତ ଦାନା ଖାଇଥାଏ । ମାଂସ ପାଇଁ ପାଳନ କରାଯାଉଥିବା ବତକ ୧ କିଲୋଗ୍ରାମ୍ ଓଜନ ହେବା ପାଇଁ ୩.୨୨ କିଲୋଗ୍ରାମ୍ ଦାନା ଖାଇଥାଏ ।

**ଅଣ୍ଡାଦିଆ ବତକ ପାଇଁ ଖାଦ୍ୟ ଦେବା ପ୍ରଣାଳୀ**

ସାତ ସପ୍ତାହ ପରେ ଅଣ୍ଡା ଦିଆ ବତକ ମାନଙ୍କୁ ସୀମିତ ପରିମାଣର ଦାନା ଦେବା ଦରକାର । ସୀମିତ ପରିମାଣର ଦାନ ଶରୀରକୁ ଆଖି ଆଗରେ ରଖି ଦିଆଯାଏ । ଅଣ୍ଡା ଦେବା ବେଳକୁ ଗୋଟିଏ ବତକ ଓଜନ ହାରାହାରି ୧.୪ ରୁ ୧.୮ କିଲୋଗ୍ରାମ୍ ହେବା ଦରକାର ।

## ଦାନାର ପରିମାଣ ଏକ ଅଣ୍ଡାଦିଆ ଖାକି କ୍ୟାମ୍ପବେଲ୍ ବତକ ପାଇଁ

| ବୟସ (ସପ୍ତାହ) | ପ୍ରତି ବତକ ପାଇଁ ଦିନକୁ ଦାନା (ଗ୍ରାମ୍) | ସମୁଦାୟ ଦାନା (କି.ଗ୍ରା.) |
|---|---|---|
| ପ୍ରଥମ | ୨୫-୨୮ | ୦.୧୭୫-୦.୧୯୬ |
| ଦ୍ୱିତୀୟ | ୪୦-୪୨ | ୦.୨୮୦-୦.୨୯୪ |
| ତୃତୀୟ | ୬୫-୬୮ | ୦.୪୫୫-୦.୪୭୬ |
| ଚତୁର୍ଥ | ୮୦-୮୫ | ୦.୫୬୦-୦.୫୯୫ |
| ପଞ୍ଚମ-ଅଷ୍ଟମ | ୧୦୦-୧୦୫ | ୨.୮-୨.୯୪ |
| ନବମ-ଦ୍ୱାଦଶ | ୧୨୦-୧୨୫ | ୩.୩୬-୩.୫ |
| ତ୍ରୟୋଦଶ-ଷୋଡ଼ଶ | ୧୩୫-୧୪୦ | ୩.୭୮-୩.୯୨ |
| ଅଷ୍ଟାଦଶ-ବିଂଶ | ୧୪୫-୧୫୦ | ୪.୦୬-୪.୨୦ |
| ବିଂଶରୁ ଊର୍ଦ୍ଧ୍ୱ | ୧୫୦-୧୬୦ | |

## ଅଣ୍ଡାଦିଆ ବତକମାନଙ୍କର ଖାଦ୍ୟର ପରିମାଣ

| ବିବରଣୀ | ଦାନା (କେ.ଜି.) | ପୁଷ୍ଟିସାର ପରିମାଣ | ଊର୍ଜା(ଶକ୍ତି) କି. କ୍ୟାଲୋରୀ/କେ.ଜି. |
|---|---|---|---|
| **ଷ୍ଟାଟର ଦାନା (ପ୍ରାରମ୍ଭିକ ଦାନା)** | | | |
| ୦-୪ ସପ୍ତାହ | ୧.୩୭-୧.୫୬ | ୨୦% | ୨୭୫୦ |
| ୫-୮ ସପ୍ତାହ | ୨.୮-୨.୯୪ | ୨୦% | ୨୭୫୦ |
| **ପ୍ରବର୍ଦ୍ଧକ ଦାନା (ଗ୍ରୋୟର ଦାନା)** | | | |
| ୯-୨୦ ସପ୍ତାହ | ୧୪.୦୦-୧୪.୫୬ | ୧୬% | ୨୫୦୦ |
| **ଅଣ୍ଡାଦିଆ ଦାନା (ଲେୟାର ଦାନା)** | | | |
| ୨୦-୭୨ ସପ୍ତାହ | ୫୪.୬୦-୫୮.୨୪ | ୧୮% | ୨୬୫୦ |

**ସମୁଦାୟ = ୬୯.୯୭-୭୪.୦୬ ବା ୭୦-୭୫ କେ.ଜି./ବତକ**



## ଧଳା ପେକିନ୍ ବତକର ଖାଦ୍ୟ ସାରଣୀ

| ବୟସ (ସପ୍ତାହ) | ଓଜନ (ଗ୍ରାମ୍) | | ସାପ୍ତାହିକ ଦାନା ଖର୍ଚ୍ଚ (କେ.ଜି.) | |
|---|---|---|---|---|
| | ଅଣ୍ଡିରା | ମାଈ | ଅଣ୍ଡିରା | ମାଈ |
| ୦ | ୬୦ | ୬୦ | ୦.୦୦ | ୦.୦୦ |
| ୧ | ୨୭୦ | ୨୭୦ | ୦.୨୨ | ୦.୨୨ |
| ୨ | ୭୮୦ | ୭୪୦ | ୦.୭୭ | ୦.୭୩ |
| ୩ | ୧୩୮୦ | ୧୨୮୦ | ୧.୧୨ | ୧.୧୧ |
| ୪ | ୧୯୬୦ | ୧୮୨୦ | ୧.୨୮ | ୧.୨୮ |
| ୫ | ୨୪୯୦ | ୨୩୨୦ | ୧.୪୮ | ୧.୪୩ |
| ୬ | ୨୯୬୦ | ୨୭୩୦ | ୧.୬୩ | ୧.୫୯ |
| ୭ | ୩୩୪୦ | ୩୦୬୦ | ୧.୬୮ | ୧.୬୩ |
| ୮ | ୩୬୧୦ | ୩୨୯୦ | ୧.୬୮ | ୧.୬୩ |

## ବିଭିନ୍ନ ବୟସର ବତକ ପାଇଁ ଖାଦ୍ୟ ପରିମାଣ (ଶତକଡ଼ା ହିସାବରେ)

| ଉପାଦାନ | ମାଂସ ପାଇଁ ଦାନା | | ଅଣ୍ଡା ପାଇଁ ଦାନା | |
|---|---|---|---|---|
| | ପ୍ରାରମ୍ଭିକ ୦–୨ ସପ୍ତାହ | ପ୍ରବର୍ଦ୍ଧକ ୩ ସପ୍ତାହ | ପ୍ରବର୍ଦ୍ଧକ ୯–୧୮ ସପ୍ତାହ | ଅଣ୍ଡଦିଆ ୧୮ ସପ୍ତାହଠାରୁ |
| ଚୁରା ମକା | ୩୨ | ୩୧ | ୨୦ | ୨୫ |
| ଜୁଆର | ୧୧ | ୧୬ | ୩୦ | ୧୭ |
| ଚୁରା ମାଣ୍ଡିଆ | ୫ | ୬ | ୧୦ | ୬ |
| ସୋୟାବିନ୍ ପିଡ଼ିଆ ଗୁଣ୍ଡ | ୧୨ | ୧୦ | ୭ | ୧୦ |
| ରାଶି ପିଡ଼ିଆ ଗୁଣ୍ଡ | ୧୨ | ୧୦ | ୭ | ୧୦ |
| ଶୁଖୁଆ ଗୁଣ୍ଡ | ୧୦ | ୮ | ୫ | ୮ |
| କାଣ୍ଡିଆ ଚାଉଳ କୁଣ୍ଡା | ୧୪ | ୧୫ | ୧୭ | ୧୬.୫ |
| ଶାମୁକା ଖୋଳ ଗୁଣ୍ଡ | ୧.୫ | ୧.୫ | ୧.୫ | ୫ |
| ବିଶୋଧିତ ହାଡ଼ ଗୁଣ୍ଡ | ୧.୫ | ୧.୫ | ୧.୫ | ୧.୫ |
| ଲୁଣ | ୦.୫ | ୦.୫ | ୦.୫ | ୦.୫ |
| ଲେଶ ଖଣିଜ ମିଶ୍ରଣ | ୦.୨୫ | ୦.୨୫ | ୦.୨୫ | ୦.୨୫ |
| ଭିଟାମିନ୍ କ, ଖ–୨, ଘ–୩ ମିଶ୍ରଣ | ୦.୨୫ | ୦.୨୫ | ୦.୨୫ | ୦.୨୫ |



## ବତକମାନଙ୍କର ରୋଗ ଓ ତାର ପ୍ରତିକାର

**ରୋଗ ହେଲେ ଲକ୍ଷଣ :**

୧. ବତକ ଏବଂ ବତକ ଛୁଆ ଖାଦ୍ୟ ଓ ପାଣିନେବା ବନ୍ଦ କରିଦିଅନ୍ତି ।

୨. ଧିରେ ଧିରେ ଚାଲନ୍ତି ଏବଂ ଗୋଟିଏ ସ୍ଥାନରେ ବସନ୍ତି ।

୩. ପର ମଇଳା ହୋଇଯାଏ ଏବଂ ମଳଦ୍ୱାରା ପାଖପର ମଳ ହୋଇଯାଏ ।

୪. ଝାଡ଼ା ସହିତ ନାକରୁ ପାଣି ବାହାରେ ।

୫. ଗୋଡ଼ ଓ ଡେଣାରେ ପାରାଲିସିସ୍ ଲକ୍ଷଣ ଦେଖାଯାଏ ।

୬. ହଠାତ୍ ମୃତ୍ୟୁ ହୋଇଯାଏ କିମ୍ବା ବେଳେବେଳେ ମୃତ୍ୟୁ ଲାଗିରହେ ।

**ବତକ ପ୍ଲେଗ୍ –**

ଏହା ଏକ ଭୂତାଣୁ ଜନିତ ରୋଗ । ଏହା ପିଇବା ପାଣି ଦ୍ୱାରା ବ୍ୟାପିଥାଏ । ଏହି ରୋଗ ହେଲେ ସବୁଜ ହଳଦିଆ ଝାଡ଼ା ହୁଏ ଏବଂ ସମୟେ ସମୟେ ରକ୍ତ ମଧ୍ୟ ଝାଡ଼ାରେ ଆସେ । ଡେଣାଗୁଡ଼ିକ ତଳକୁ ଝୁଲିପଡ଼େ । ଚଲାବୁଲା କିମ୍ବା ପାଣିରେ ପହଁରିବା ପାଇଁ ସେମାନେ ଇଚ୍ଛା କରନ୍ତି ନାହିଁ । ଆଖିଗୁଡ଼ିକ ଫୁଲିଯାଏ ଏବଂ ସେଥିରୁ ହଳଦିଆ ପଦାର୍ଥ ବାହାରେ । ଫଳରେ କେତେକ ବତକ ଅନ୍ଧ ହୋଇଯାଆନ୍ତି । ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି । ଅଣ୍ଡାଦେବା କମିଯାଏ । ଏହାର ପ୍ରତିକାର ନିମନ୍ତେ ପ୍ରଥମେ ୩ ଥର ପାଇଁ (ଦୁଇ ସପ୍ତାହରେ, ୧୦ ସପ୍ତାହରେ ଏବଂ ୨୪ ସପ୍ତାହରେ) ଏବଂ ତାପରେ ପ୍ରତ୍ୟେକ ୬ ମାସରେ ଥରେ ଟୀକା ଦେବାକୁ ହୁଏ ।

**ବତକମାନଙ୍କର ଭୂତାଣୁ ଜନିତ ଯକୃତ ପ୍ରଦାହ –**

ଏହା ଏକ ଭୂତାଣୁ ଜନିତ ରୋଗ । ପାଞ୍ଚ ସପ୍ତାହ ବୟସ ମଧ୍ୟରେ ବତକ ଛୁଆମାନେ ଏହି ରୋଗରେ ଆକ୍ରମିତ ହୋଇଥାନ୍ତି । ଏହି ରୋଗ ବତକମାନଙ୍କ ଝାଡ଼ା, ବତକମାନଙ୍କ ପାଖରେ କାମ କରୁଥିବା ଲୋକମାନଙ୍କର ପୋଷାକ ଦ୍ୱାରା ବ୍ୟାପିଥାଏ । ଏହି ରୋଗ ଆକ୍ରମଣ କରିବାର ୧–୨ ଘଣ୍ଟା ମଧ୍ୟରେ ଛୁଆଗୁଡ଼ିକ ମରିଯାଆନ୍ତି । ଛୁଆମାନେ ଦଳରୁ ଅଲଗା ହୋଇ ରୁହନ୍ତି । ଚାଲ ବୁଲା କରିବା ବନ୍ଦ

କରି ଦିଅନ୍ତି, ଏକ କଡ଼କିଆ ହୋଇ ପଡ଼ି ରହନ୍ତି । ଉଭୟେ ଗୋଡ଼କୁ ମଝିରେ ମଝିରେ ଚାଟନ୍ତି ଏବଂ ମୁଣ୍ଡକୁ ପଛପଟକୁ ମୋଡ଼ି ହୋଇ ମରିଯାଆନ୍ତି । ଏହାର ପ୍ରତିକାର ମଧ୍ୟ ଟୀକା ଦ୍ୱାରା ହୋଇଥାଏ । ଦିନିକିଆ ବତକ ଛୁଆଙ୍କୁ ଏହା ଦିଆଯାଇଥାଏ । କିନ୍ତୁ ଯଦି ବତକ ଛୁଆର ବାପା ଓ ମାଙ୍କୁ ଟୀକା ଦିଆଯାଇଥାଏ, ତେବେ ବତକ ଛୁଆଙ୍କୁ ଟୀକା ଦେବା ଦରକାର ପଡ଼େ ନାହିଁ । ବଡ଼ ବତକଙ୍କୁ ୧୦-୧୨ ସପ୍ତାହରେ ଥରେ ଏବଂ ଆଉ ଥରେ ଠିକ୍ ଅଣ୍ଡା ଦେବା ଆରମ୍ଭ କଲାବେଳେ ଟୀକା ଦିଆହୁଏ ।

**ରାଣୀକ୍ଷେତ ରୋଗ –**

ଏହା ଏକ ଭୂତାଣୁ ଜନିତ ରୋଗ । ଏହି ରୋଗ ହେଲେ ସବୁଜ ରଙ୍ଗର ଝାଡ଼ା ହୁଏ । ମୁହଁ, ଆଖି ଓ ଗଳା ଫୁଲିଯାଏ । ବତକର ଛିଙ୍କିବା ଓ ଥରିବା ଆରମ୍ଭ ହୋଇଯାଏ । ଗୋଟିଏ କିମ୍ବା ଉଭୟ ଗୋଡ଼ ସ୍ୱାଭାବିତ ଦୁର୍ବଳତା ହେତୁ ଅଚଳ ହୋଇଯାଏ । ଏହି ରୋଗର ପ୍ରତିଷେଧ ପାଇଁ ବତକ ଛୁଆ ଓ ଅଣ୍ଡାଦିଆ ବତକମାନଙ୍କୁ ଟୀକା ଦିଆଯାଏ ।

**ବତକ ବସନ୍ତ –**

ଏହା ଏକ ଭୂତାଣୁ ଜନିତ ରୋଗ । ସମସ୍ତ ବୟସର ବତକ ଏହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି । ଚର୍ମ ବସନ୍ତରେ ଫୋଟକା ମୁଣ୍ଡ, ଗୋଡ଼ ଆଦି ଯାଗାରେ ଦେଖାଯାଏ । ଆଖିରେ ହେଉଥିବା ବସନ୍ତରେ ଆଖିରୁ ପୂଜ ବାହାରେ ଏବଂ ଆଖିପତା ବନ୍ଦ ହୋଇଯାଏ । ସମୟ ସମୟରେ ବତକ ଅନ୍ଧ ହୋଇଯାଏ । ବେଳେ ବେଳେ ପାଟି ଭିତରେ ମଧ୍ୟ ଦେଖାଯାଇଥାଏ । ଅଣ୍ଡା ଦେଉଥିବା ବତକ ଏହି ରୋଗରେ ଆକ୍ରାନ୍ତ ହେଲେ ଅଣ୍ଡା ଦେବା କମିଯାଏ । ଏହି ରୋଗରେ ବତକ ବେଶୀ ମରନ୍ତି ନାହିଁ ।

**ପାରାଟାଇଫଏଡ୍ –**

ଏହା ଏକ ଜୀବାଣୁ ଜନିତ ରୋଗ । ବତକ ଛୁଆ ଏହି ରୋଗରେ ଆକ୍ରାନ୍ତ ହେଲେ ଡେଣା ଗୁଡ଼ିକ ତଳକୁ ଝୁଲିପଡ଼େ । ଖାଇବା କମିଯାଏ । ବେଶି ଶୋଷ ହୁଏ



ଏବଂ ପାଣିଆ ଝାଡ଼ା ହୁଏ । ଛୁଆଗୁଡ଼ିକ ଆଲୁଅ ପାଖରେ ଏକାଠି ରହନ୍ତି ଏବଂ ୨-୩ ସପ୍ତାହ ଭିତରେ ଅଧିକାଂଶ ଛୁଆ ମରିଯାଆନ୍ତି । ଅଣ୍ଡାଦିଆ ବତକମାନଙ୍କୁ ଏହି ରୋଗ ହେଲେ ଅଣ୍ଡାଦେବା କମିଯାଏ ଏବଂ ଅଣ୍ଡା ଭିତରେ ଅଧିକାଂଶ ଛୁଆ ମରିଯାଆନ୍ତି । ଫ୍ୟୁରା ଜଲିଡନ୍ ନାମକ ଏକ ଔଷଧ ଦେଲେ ଅନେକାଂଶରେ ଏହି ରୋଗ ଉପଶମ ହୋଇଥାଏ ।

**ଆଫ୍ଲାଟକ୍ସି କୋସିସ୍ –**

ଏହା ଆଫ୍ଲାଟକ୍ସିନ୍ ନାମକ ଏକ ବିଷାକ୍ତ ପଦାର୍ଥ (ଫିମ୍ପି ଲାଗିଥିବା ଦାନାରେ ଥାଏ) ଖାଇଲେ ହୋଇଥାଏ । ଏହା ଖାଇଲେ ବତକ ଛୁଆ ମରିଯାଆନ୍ତି । ତେଣୁ ଫିମ୍ପି ଲାଗିଥିବା ଦାନା ଖାଇବାକୁ ଦେବେ ନାହିଁ । ବତକ ଘରର ଅଳିଆ ସେଜ ଶୁଖିଲା ରଖିବେ ।

**ଡଙ୍କିଭଙ୍ଗା ରୋଗ –**

ଏହା ଏକ ଜୀବାଣୁ ଦ୍ୱାରା ତିଆରି ହୋଇଥିବା ବିଷ ଖାଇଲେ ହୋଇଥାଏ । ସାଧାରଣତଃ ପଚାମାଂସ ହାଡ଼ରେ ଏହି ଜୀବାଣୁ ବଢ଼ନ୍ତି ଏବଂ ଏପରି ଜିନିଷ ଖାଇଲେ ବତକମାନେ ଏହି ରୋଗରେ ପଡ଼ନ୍ତି । ଏହି ରୋଗ ଦ୍ୱାରା ପକ୍ଷାଘାତରେ ଡଙ୍କି ଭାଙ୍ଗିପଡ଼େ । ତେଣୁ ବତକ ଘରେ, ଚରାଭୂମିରେ ଏବଂ ଜଳାଶୟରେ ପଚାସଢ଼ା ମାଂସ, ହାଡ଼, ମାଛ ଓ ପୋକଜୋକ ରଖିବାକୁ ଦେବେ ନାହିଁ ।

**କକ୍ସିଡ଼ିଓସିସ୍ –**

ଏହା ଏକ ଆଦିଜନ୍ତୁ ଜନିତ ରୋଗ । ଏହି ରୋଗ ସାଧାରଣତଃ ବତକ ଛୁଆମାନଙ୍କୁ ହୋଇଥାଏ । ଏହି ରୋଗରେ ପୀଡ଼ିତ ଛୁଆଗୁଡ଼ିକ ଏକାଠି ରୁଣ୍ଡ ହୋଇ ଆଖି ମୁଦିଦେଇ ଢୁଳାନ୍ତି । ଡେଣା ଝୁଲିପଡ଼େ । ପର ଟାଆଁସ ଦେଖାଯାଏ । ପାଣି ଝାଡ଼ା ହୁଏ । ଝାଡ଼ାରେ ଅଧିକାଂଶ ସମୟରେ ରକ୍ତ ପଡ଼େ । ଆସ୍ତେ ଆସ୍ତେ ଛୁଆଗୁଡ଼ିକ ମରିବାକୁ ଆରମ୍ଭ କରନ୍ତି । ଏହାର ପ୍ରତିରୋଧ କରିବା ପାଇଁ ଦାନାରେ କକ୍ସିଡ଼ିଆ ଆରୋଧି ଔଷଧ ଦାନାରେ ମିଶାଇ ଖାଇବାକୁ ଦେବାକୁ ହେବ ।

## ଅସ୍ପରଜିଲୋସିସ୍ –

ଏହା ଏକ ଫିମ୍ଫି ଜନିତ ରୋଗ । ଏହା ସାଧାରଣତଃ ବତକ ଛୁଆ (ପ୍ରଥମ ଦୁଇ ସପ୍ତାହ ମଧ୍ୟରେ) ଛୁଆମାନଙ୍କୁ ହୋଇଥାଏ । ଏହି ରୋଗରେ ନିଶ୍ୱାସ ପ୍ରଶ୍ୱାସ ନେବା କଷ୍ଟକର ହୋଇଥାଏ, ଖାଇବା କମିଯାଏ ଏବଂ ବତକ ଛୁଆଗୁଡ଼ିକ ମୃତ୍ୟୁମୁଖରେ ପଡ଼ନ୍ତି । ଏହାକୁ ପ୍ରତିରୋଧ କରିବା ପାଇଁ ବତକ ଘର ସଫା ଓ ଶୁଖିଲା ରଖିବେ । ଛୁଆ ଫୁଟାଇବା ପାଇଁ ରଖିଥିବା ଅଣ୍ଡାଗୁଡ଼ିକୁ ଭଲ ଭାବରେ ସଫା କରିବା ଦରକାର ।

## ବତକମାନଙ୍କର ପ୍ରତିଷେଧକ ଟୀକାର ସାରଣୀ

ନିମ୍ନଲିଖିତ ଟୀକା ବତକମାନଙ୍କୁ ଦିଆଯାଏ ।

| ରୋଗ | ଟୀକା | ବୟସ | ପରିମାଣ ଏବଂ ପଥ |
|---|---|---|---|
| ୧. ବତକ ଭୂତାଣୁ | ଲାଇଫ୍ ମଡ଼ିଫାଏଡ଼୍ | ପ୍ରଥମ ଦିନ | ୦.୨ ମି.ଲି. ଚମଡ଼ା କିମ୍ବା ମାଂସ ତଳେ |
| ୨. ହେପାଟାଇଟିସ୍ | * ଚିକ୍ଏମ୍ବ୍ରିଓ ଆଡ଼ାପ୍ଟେଡ଼୍ କିମ୍ବା | ୬–୭ ଦିନ | ୦.୫ ମି.ଲି. ଚମଡ଼ା କିମ୍ବା ମାଂସ ତଳେ |
| | * ଫର୍‌ମାଲିନ୍ ଇନ୍ ଆକ୍ଟିଭେଟେଡ଼୍ ଭୂତାଣୁ | | |
| | ଚିକ୍ଏମ୍ବ୍ରିଓ କିମ୍ବା ବତକ ଏମ୍ବ୍ରିଓ ଆଡାପ୍ଟେଡ଼୍ ଲାଇଭ୍ | ପ୍ରଜନନକ୍ଷମ ବତକଙ୍କୁ ୨–୩ ଥର ପ୍ରତିମାସ ଅନ୍ତରରେ ଟୀକା ଦେବା ଦରକାର | ୦.୫ ମି.ଲି. ଚମଡ଼ା କିମ୍ବା ମାଂସ ତଳେ |
| ୩. ବତକ ପ୍ଲେଗ୍ | * ଲାଇଭ୍ ଆଟିନ୍ୟୁଏଟେଡ଼୍ ଭୂତାଣୁ | ୨ ସପ୍ତାହ | ୦.୫ ମି.ଲି. ଚମଡ଼ା ତଳେ |
| ୪. ବତକ ପ୍ଲେଗ୍ | * ଚିକ୍ ଏମ୍ବ୍ରିଓ ଆଡାପ୍ଟେଡ଼୍ ସେଲ୍ କଲ୍‌ଚର | ୨ ସପ୍ତାହ | ୦.୫ ମି.ଲି. ଚମଡ଼ା ତଳେ |
| ବୁଷ୍ଟର ଟୀକା | * ଚିକ୍ ଏମ୍ବ୍ରିଓ ଆଡାପ୍ଟେଡ଼୍ ସେଲ୍ କଲ୍‌ଚର | ୮ ସପ୍ତାହ | ୦.୫ ମି.ଲି. ଚମଡ଼ା ତଳେ |
| | * ଚିକ୍ ଏମ୍ବ୍ରିଓ ଆଡାପ୍ଟେଡ଼୍ ସେଲ୍ କଲ୍‌ଚର | ପ୍ରତି ୬ ମାସ ଅନ୍ତରରେ | ୦.୫ ମି.ଲି. ଚମଡ଼ା ତଳେ |
| ୫. ବତକ ହଇଜା (ଡକ୍ କଲେରା) | ପାସ୍ଚୁରେଲା ମଲ୍‌ଟୋସିଡ଼ା ଏ ୱାନ୍ ଷ୍ଟ୍ରେନ୍, ଫର୍‌ମାଲିନ୍ କିଲ୍‌ଡ଼୍ | ୩ ରୁ ୪ ସପ୍ତାହ | ୧ ମି.ଲି. ଚମଡ଼ା ତଳେ |
| ବତକ ହଇଜା (ଡକ୍ କଲେରା) ବୁଷ୍ଟର ଟୀକା | ପାସ୍ଚୁରେଲା ମଲ୍‌ଟୋସିଡ଼ା ଏ ୱାନ୍ ଷ୍ଟ୍ରେନ୍, ଫର୍‌ମାଲିନ୍ କିଲ୍‌ଡ଼୍ | ୮ ସପ୍ତାହ | ୧ ମି.ଲି. ଚମଡ଼ା ତଳେ |
| ୬. ବତକ ସେପ୍ଟିସେମିଆ | ଫର୍‌ମାଲିନ୍ କିଲ୍‌ଡ଼୍ ପାସ୍ଚୁରେଲା ଆଣ୍ଟି–ପେଷ୍ଟିଫର୍ | ୨ ସପ୍ତାହ | ୦.୫ ମି.ଲି. ଚମଡ଼ା ତଳେ |
| ବତକ ସେପ୍ଟିସେମିଆ ବୁଷ୍ଟର ଟୀକା | ଫର୍‌ମାଲିନ୍ କିଲ୍‌ଡ଼୍ ପାସ୍ଚୁରେଲା ଆଣ୍ଟି–ପେଷ୍ଟିଫର୍ | ୯ ସପ୍ତାହ | ୧ ମି.ଲି. ଚମଡ଼ା ତଳେ |
| ୭. ଏରିସିପିଲାସ୍ | ଫର୍‌ମାଲିନ୍ କିଲ୍‌ଡ଼୍ ଇ. ଇନ୍‌ସିଡ଼ିଓସା | ୪ ସପ୍ତାହ | ୦.୫–୧ ମି.ଲି. ଚମଡ଼ା ତଳେ କିମ୍ବା ମାଂସ ତଳେ ରୋଗ ଲାଗିଥିବା ସମୟରେ |



(ରୋଗ ଚିକିତ୍ସା ପୂର୍ବରୁ ପଶୁଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ)

*ମୂଳ ବିଷୟ ବସ୍ତୁ*
**ଡଃ ଶରତ ଚନ୍ଦ୍ର ମିଶ୍ର**
**ଡଃ ପ୍ରବୀଣ କୁମାର ଦେହୁରୀ**
**ଡଃ ପ୍ରସନ୍ନ କୁମାର ମିଶ୍ର**

*ସଂଶୋଧିତ ବିଷୟବସ୍ତୁ*
**ଡଃ ପ୍ରସନ୍ନ କୁମାର ମିଶ୍ର**
ପ୍ରଫେସର, କୁକ୍କୁଟ ବିଜ୍ଞାନ ବିଭାଗ
ଓୟୁଏଟି, ଭୁବନେଶ୍ୱର

ଓୟୁଏଟି ପ୍ରେସ୍, ୫୦୦, ୨୦୧୪

ଏଠାରୁ କାଟି ପଠାନ୍ତୁ

# କୁକୁଡ଼ା ପାଳନ (ଷଷ୍ଠ ପାଠ)

# ଦୂରଶିକ୍ଷା କାର୍ଯ୍ୟକ୍ରମ

## ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩

ଦୟାକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଏହି କାଗଜରେ ଲେଖି ୭ ଦିନ ଭିତରେ ଆମ ପାଖକୁ ପଠାନ୍ତୁ ।

***ଆପଣଙ୍କ ପାଇଁ ପ୍ରଶ୍ନ***

ପ୍ର. ୧ –ଗୋଟିଏ ବର୍ଷରେ ବତକ କୁକୁଡ଼ା ଅପେକ୍ଷା କେତେ ଅଧିକ ଅଣ୍ଡା ଦେଇଥାଏ ?

ଉ–

ପ୍ର. ୨– ଅଣ୍ଡା ପାଇଁ ପାଳନ କରାଯାଉଥିବା ଦୁଇଟି କିସମର ବତକର ନାମ ଲେଖନ୍ତୁ ?

ଉ–

ପ୍ର. ୩– ଫିମ୍ପି ଲାଗିଥିବା ଖାଦ୍ୟ ବତକମାନଙ୍କୁ ଖାଇବାକୁ ଦେଲେ କେଉଁ ରୋଗ ହେବାର ସମ୍ଭାବନା ଥାଏ ?

ଉ–

ପ୍ର. ୪–ମାଂସ ପାଇଁ ପାଳନ କରାଯାଉଥିବା ବତକ ଏକ କିଲୋଗ୍ରାମ୍ ଓଜନ ହେବା ପାଇଁ କେତେ ଦାନା ଖାଇଥାଏ ?

ଉ–

ପ୍ର. ୫–ବତକ ପାଳନର ସମୁଦାୟ ଖର୍ଚ୍ଚର କେତେ ଭାଗ ଖାଦ୍ୟ ପାଇଁ ବ୍ୟୟ କରାଯାଇଥାଏ ?

ଉ–

ଚାଷୀଙ୍କ ସ୍ୱାକ୍ଷର –

ଡାକ ଠିକଣା

କ୍ରମିକ ନଂ –

ତାରିଖ –

ସପ୍ତମ ପାଠ

# କୁକୁଡ଼ା ପାଳନ



**ଦୂରଶିକ୍ଷା କାର୍ଯ୍ୟକ୍ରମ**

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩**

ନାମ................................

କ୍ରମିକ ନଂ ........................

## ସପ୍ତମ ପାଠ

## କ୍ୱେଲ୍ ବା ଗୁଣ୍ଡୁରି ଚଢ଼େଇ ପାଳନ

କ୍ୱେଲ୍ ଚଢ଼େଇର ମାଂସ ଅତି ପୁଷ୍ଟିକର ଓ ସୁସ୍ୱାଦୁ । ଏହା ଦୁର୍ମୂଲ୍ୟ ହୋଇଥିବାରୁ ସାଧାରଣତଃ ବଡ଼ ବଡ଼ ହୋଟେଲମାନଙ୍କରେ ଖାଇବା ପାଇଁ ମିଳିଥାଏ । କିନ୍ତୁ ଆଜିକାଲି ଏହାକୁ କୁକୁଡ଼ା ପରି ଘରେ ପାଳନ କରି ଅନେକ ଲୋକ ଲାଭବାନ୍ ହେଉଛନ୍ତି ।

**ଗୁଣ୍ଡୁରି ଚଢ଼େଇର ସ୍ୱାଭାବିକ ଗୁଣ –**

ସାଧାରଣତଃ ମାଈ ଗୁଣ୍ଡୁରି ଚଢ଼େଇ ଅଣ୍ଡିରା ଠାରୁ ଓଜନିଆ ଓ ଆକାରରେ ବଡ଼ ହୋଇଥାଏ । ଛୁଆ ଜନ୍ମ ହେଲା ବେଳକୁ ୬-୭ ଗ୍ରାମ୍, ବଡ଼ ହେଲେ ୧୫୦-୨୦୦ ଗ୍ରାମ୍ ଓଜନ ହୋଇଥାଏ । କ୍ୱେଲ୍ ୫ ସପ୍ତାହ ବୟସରେ ଅଣ୍ଡା ଦେବା ଆରମ୍ଭ କରେ ଓ ୧୦ ସପ୍ତାହ ବେଳକୁ ଶତକଡ଼ା ୮୦ ଭାଗ ଅଣ୍ଡା ଦେଇଥାଏ । କ୍ୱେଲ୍‌ମାନେ ସାଧାରଣତଃ ଶତକଡ଼ା ୭୫ ଭାଗ ଅଣ୍ଡା ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଓ ଅବଶିଷ୍ଟ ୨୫ ଭାଗ ରାତିରେ ଦେଇଥାଆନ୍ତି । ଗୋଟିଏ ଅଣ୍ଡା ହାରାହାରି ୧୦ ଗ୍ରାମ୍ ଓଜନ ହୋଇଥାଏ । ଏହି ଅଣ୍ଡାର ରଙ୍ଗ ଛିଟା ହୋଇଥାଏ । ଆଜିକାଲି ଛିଟା ଅଣ୍ଡା କ୍ୱେଲ୍ ସହିତ ଧଳା ଅଣ୍ଡାଦିଆ କ୍ୱେଲ୍ ମିଧ ମିଳୁଅଛି । ବର୍ତ୍ତମାନ ଆମ ଦେଶରେ ଯେଉଁ କ୍ୱେଲ୍ ଚାଷୀମାନଙ୍କୁ ପାଳନ କରିବାକୁ ଯୋଗାଇ ଦିଆଯାଉଅଛି ତାକୁ ଜାପାନିଜ୍ କ୍ୱେଲ୍ କୁହାଯାଏ । ଏହା ଆମ ଦେଶରେ ପ୍ରଥମେ ଉତ୍ତର ପ୍ରଦେଶର ଇଜତ୍ ନଗରସ୍ଥିତ କେନ୍ଦ୍ରୀୟ ପକ୍ଷୀ ଅନୁସନ୍ଧାନ ସଂସ୍ଥାରେ ପାଳନ କରାଯାଇଥିଲା ।

**କ୍ୱେଲ୍ ଛୁଆ ମିଳିବାର ସ୍ଥାନ –**

(୧) କେନ୍ଦ୍ରୀୟ ପକ୍ଷୀ ଅନୁସନ୍ଧାନ ସଂସ୍ଥା, ଇଜତ୍ ନଗର, ବରେଲି, ଉତ୍ତର

ପ୍ରଦେଶ, (୨) କେନ୍ଦ୍ରୀୟ କୁକ୍କୁଟ ପ୍ରଜନନ ଫାର୍ମ, ଭୁବନେଶ୍ୱର ଓ (୩) ଏ.ଭି.ଏମ୍. ହ୍ୟାଚେରୀ, କୋଇମ୍ବାଟୁର୍ ।

**ପ୍ରଜନନ –**

ମାଈ ଓ ଅଣ୍ଡିରା କ୍ୱେଲ୍‌ମାନଙ୍କୁ ୧୦ ସପ୍ତାହ ବୟସ ହେଲେ ସେମାନେ ପ୍ରଜନନକ୍ଷମ ହୋଇଥାଆନ୍ତି ଏବଂ ଗୋଟିଏ ଅଣ୍ଡିରା କ୍ୱେଲ୍ ୩ଟି ମାଈ କ୍ୱେଲ୍ ସହିତ ସଙ୍ଗମ କରିବା ପାଇଁ ଛଡ଼ାଯାଏ । ଛଅ ସପ୍ତାହ ବେଳକୁ ମାଈ କ୍ୱେଲ୍‌ମାନଙ୍କୁ ପ୍ରଜନନ ଘରେ ରଖାଯାଏ ।

**କ୍ୱେଲ୍‌ର ପାଳନ ପଦ୍ଧତି (୨–୪ ସପ୍ତାହ ପର୍ଯ୍ୟନ୍ତ) –**

କ୍ୱେଲ୍ ଛୁଆମାନଙ୍କୁ କୁକୁଡ଼ା ଛୁଆମାନଙ୍କ ପରି ଘରର ମେଜିଆ କିମ୍ବା ପିଞ୍ଜରାରେ ପାଳନ କରାଯାଇପାରେ । ଛୁଆ ଫୁଟିବା ଠାରୁ ଦୁଇ ସପ୍ତାହ ବୟସ ପର୍ଯ୍ୟନ୍ତ ବିଶେଷ ଯତ୍ନ ନେବା ଦରକାର ପଡ଼େ । କାରଣ ଏହି ସମୟ ମଧ୍ୟରେ ଛୁଆ ମରିଯିବାର ବହୁତ ସମ୍ଭାବନା ଥାଏ । କ୍ୱେଲ୍ ଛୁଆର ଗୋଡ଼ ଅତି ସରୁ ଓ ସୂକ୍ଷ୍ମ । ତେଣୁ ଯଦି ଛୁଆମାନଙ୍କୁ ଘରର ମେଜିଆରେ କରତଗୁଣ୍ଡ ବା ଧାନଚଷୁ ବା ଅନ୍ୟ କୌଣସି ଲିଟର ଉପରେ ପାଳନ କରାଯାଏ, ତେବେ ଏହା ଉପରେ ପ୍ରଥମେ ୭ ଦିନ ପାଇଁ ଗୋଟିଏ ଭାଙ୍ଗଥିବା କାଗଜ ବିଛାଇ ଦେବା ଉଚିତ୍ । ଏହି କାଗଜ ପକାଇଲେ ଛୁଆ ଚାଲିବା ବେଳେ ସେମାନଙ୍କର ଗୋଡ଼ ଖସିଯିବାର ସମ୍ଭାବନା ଥାଏ । ଯଦି ସମତଳ କାଗଜ ପକାଯାଏ, ତାହାହେଲେ ଗୋଡ଼ ଖସିଯାଇ ଛୁଆମାନେ ଛୋଟା ହୋଇଯାଆନ୍ତି ବା ପରେ ମରିଯାଆନ୍ତି ।

**ଉତ୍ତାପ –**

କୁକୁଡ଼ା ଛୁଆପରି କ୍ୱେଲ୍ ଛୁଆମାନେ ପ୍ରଥମ ୧ ମାସ ଉତ୍ତାପ ଦରକାର କରିଥାଆନ୍ତି । ଆରମ୍ଭରୁ ଯେଉଁ ଘରେ ଛୁଆମାନଙ୍କୁ ରଖାଯାଏ ସେ ଘରର ଉତ୍ତାପ ୧୦୦ ଡିଗ୍ରୀ ଫାରେନ୍‌ହିଟ୍ ହେବା ଦରକାର । ତା ପରେ ଆସ୍ତେ ଆସ୍ତେ ଉତ୍ତାପ କମାଇ ତୃତୀୟ ସପ୍ତାହ ବେଳକୁ ୭୦ ଡିଗ୍ରୀ ଫାରେନ୍‌ହିଟ୍‌କୁ ଅଣାଯିବା ଉଚିତ୍ ।



ଏହି ଛୁଆମାନଙ୍କର ଘର ସରୁ ସରୁ ତାରଜାଲି ଦ୍ୱାରା ନିବୁଜ କରି ରଖିଲେ ଏହା ଭିତରେ ମୂଷା ପଶିପାରନ୍ତି ନାହିଁ ବା ଛୁଆମାନେ ଉଡ଼ିପାରନ୍ତି ନାହିଁ । ସାଧାରଣତଃ ୩ ସପ୍ତାହ ବୟସ ପର୍ଯ୍ୟନ୍ତ ୭୫ ବର୍ଗ ସେ.ମି. ମେଜିଆ ଜାଗା ଗୋଟିଏ କ୍ୱେଲ୍ ଛୁଆ ଦରକାର କରିଥାଏ । କିନ୍ତୁ ୩ ରୁ ୬ ସପ୍ତାହ ପର୍ଯ୍ୟନ୍ତ ଯଦି ପିଞ୍ଜରାରେ ରଖାଯାଏ, ତାହାହେଲେ ଗୋଟିଏ କ୍ୱେଲ୍ ଛୁଆ ୧୫୦–୧୭୫ ବର୍ଗ ସେ.ମି. ଦରକାର କରିଥାଏ । କିନ୍ତୁ ଘରେ ତଳେ ଡିପ୍‌ଲିଟରରେ ରଖିଲେ ୨୦୦–୨୫୦ ବର୍ଗ ସେ.ମି. ଜାଗା ଦରକାର କରିଥାଏ । ସାଧାରଣତଃ ଗୋଟିଏ ବର୍ଗଫୁଟ ଜାଗାରେ ୫–୬ଟି କ୍ୱେଲ୍ ପକ୍ଷୀ ଆରାମରେ ରହିପାରନ୍ତି । ଉତ୍ତାପ ପାଇଁ ଇଲେକ୍ଟ୍ରିକ୍ ବଲ୍‌ବ ବ୍ୟବହାର କରାଯାଇପାରେ ।

**ଖାଦ୍ୟ ଓ ପାଣି ଦେବାର ଉପକରଣ ଓ ପଦ୍ଧତି –**

ଏମାନଙ୍କୁ ସୂକ୍ଷ୍ମ ଦାନା ଦେବା ଦରକାର । ପ୍ରଥମ ୩ ଦିନ ଦାନାକୁ କାଗଜ ଉପରେ ବିଛାଇ ଦେଲେ ଭଲ । ତା ପରେ ପାତ୍ରରେ ଦାନା ଦେବା ଦରକାର । ବଜାରରେ ମିଳୁଥିବା ଡାବଲ ପଟାରେ କ୍ୱେଲ୍‌ମାନଙ୍କ ପାଇଁ ଖାଦ୍ୟ ପାତ୍ର ତିଆରି କରାଯାଇପାରେ । ଗୋଟିଏ କ୍ୱେଲ୍ ପାଇଁ ୨–୩ ସେ.ମି. ଲମ୍ବ ଖାଦ୍ୟ ଜାଗା ଦରକାର ହୋଇଥାଏ ।

କ୍ୱେଲ୍ ପକ୍ଷୀଙ୍କୁ ପାଣି ଦେବା ପାଇଁ ବଜାରରେ ମିଳୁଥିବା ଜଳଧାନୀ ବ୍ୟବହାର କରାଯାଇପାରେ । ଜଳଧାନୀ ଘରେ ମଧ୍ୟ ତିଆରି ହୋଇପାରିବ । ସେଥିପାଇଁ ଗୋଟିଏ ଛୋଟ ରସ ଥାଳିଆ ଓ ଖାଲି ଟିଣ ଡବା ଦରକାର । ଟିଣ ଡବାର ଖୋଲମୁହଁରୁ ୧/୪ ଇଞ୍ଚ ଛାଡ଼ି ଦୁଇ କଡ଼ରେ ଦୁଇଟି ଛୋଟ କଣା କରିଦେବ । ତା ପରେ ଟିଣ ଡବାରେ ପାଣି ଭର୍ତ୍ତି କରି ରସ ଥାଳିଆକୁ ଘୋଡ଼ାଇ ଡବାଟିକୁ ଓଲଟାଇ ଦେବେ । ସାଧାରଣତଃ ୩ ସପ୍ତାହ ପର୍ଯ୍ୟନ୍ତ ୧ ସେ.ମି. ଓ ୪ ସପ୍ତାହରୁ ଉର୍ଦ୍ଧ୍ୱ କ୍ୱେଲ୍‌ମାନଙ୍କ ପାଇଁ ୧.୫–୨.୦ ସେ.ମି. ପାଣି ଜାଗା ଦରକାର ହୋଇଥାଏ । ଯେତେବେଳେ କ୍ୱେଲ୍ ଛୁଆମାନେ ବଡ଼ ହୋଇଯିବେ, ସେତେବେଳେ କୁକୁଡ଼ାମାନଙ୍କ ପାଣି ଦେବା ପାତ୍ରରେ ପାଣି ଦେଲେ ଭଲ ।

**ଆଲୋକ –**

ଦୁଇ ସପ୍ତାହ ପର୍ଯ୍ୟନ୍ତ ୨୪ ଘଣ୍ଟା ଓ ୩ ସପ୍ତାହ ଶେଷବେଳକୁ ୧୨ ଘଣ୍ଟା ଆଲୋକ ଦରକାର ହୋଇଥାଏ । ଯଦି ଶୀଘ୍ର ଅଣ୍ଡାଦେବାକୁ ଦରକାର ହେଉଥାଏ, ତାହାଲେ କ୍ୱେଲ୍‌ମାନଙ୍କୁ ୨୪ ଘଣ୍ଟା ଆଲୋକରେ ୬ ସପ୍ତାହ ପର୍ଯ୍ୟନ୍ତ ରଖାଯିବା ଦରକାର । ଆଠ ଘଣ୍ଟା ଆଲୋକ ଓ ୧୬ ଘଣ୍ଟା ଅନ୍ଧାରରେ କ୍ୱେଲ୍‌ମାନଙ୍କୁ ବିକ୍ରୀ କରିବାର ୮ ରୁ ୧୦ ଦିନ ପୂର୍ବରୁ ରଖିଲେ ସେମାନଙ୍କର ଶରୀର ଓଜନ ବଢ଼ିବାରେ ସାହାଯ୍ୟ କରିଥାଏ । ଏହାଛଡ଼ା ମୁକ୍ତ ବାୟୁ ଚଳାଚଳ ଓ ପରିଷ୍କାର ପରିଛନ୍ନତା କ୍ୱେଲ୍ ଘରେ ରହିଲେ, ତାହା ସେମାନଙ୍କର ଶରୀର ଓଜନ ଶୀଘ୍ର ବଢ଼ିବାରେ ସାହାଯ୍ୟ କରିଥାଏ । କ୍ୱେଲ୍‌ମାନଙ୍କର ଥଣ୍ଟ ଅତି ମୁନିଆ ହୋଇଥିବାରୁ, ସେମାନେ ପରସ୍ପର ଭିତରେ ଝଗଡ଼ା କରି ଖଣ୍ଡିଆ ହୋଇଥାଆନ୍ତି । ତେଣୁ ଥଣ୍ଟକୁ ୩–୪ ସପ୍ତାହ ଭିତରେ କାଟି ଦେବା ଦରକାର ।

**ଖାଦ୍ୟ –**

କ୍ୱେଲ୍‌ମାନଙ୍କ ଠାରୁ ଅଧିକ ମାଂସ ବା ଅଣ୍ଡା ପାଇବା ପାଇଁ ସେମାନଙ୍କୁ ସୁଷମ ଖାଦ୍ୟ ଦେବା ଦରକାର । ଗୋଟିଏ କ୍ୱେଲ୍ ୫ ସପ୍ତାହ ପର୍ଯ୍ୟନ୍ତ ୪୦୦ ଗ୍ରାମ୍ ଦାନା ଦରକାର କରିଥାଏ । ଗୋଟିଏ କ୍ୱେଲ୍ ଜନ୍ମ ହେବାଠାରୁ ୫ ସପ୍ତାହ ବୟସ ପର୍ଯ୍ୟନ୍ତ ଗୋଟିଏ ଗ୍ରାମ୍ ଶରୀର ଓଜନ ବୃଦ୍ଧି ପାଇଁ ୩–୪ ଗ୍ରାମ୍ ଦାନା ଦରକାର ହୋଇଥାଏ । କିନ୍ତୁ ଅଣ୍ଡାଦିଆ କ୍ୱେଲ୍ ଅଣ୍ଡାଦେବା ସମୟରେ ଗୋଟିଏ ଗ୍ରାମ୍ ଅଣ୍ଡା ପାଇଁ ୩ ଗ୍ରାମ୍ ଓଜନ ଦାନା ଦରକାର ହୋଇଥାଏ । ସାଧାରଣତଃ ତିନି ପ୍ରକାର ଦାନା କ୍ୱେଲ୍‌ମାନଙ୍କ ପାଇଁ ଦରକାର ହୋଇଥାଏ । ପ୍ରାରମ୍ଭିକ ବା ଷ୍ଟାଟର ଦାନା ୧ ରୁ ୩ ସପ୍ତାହ ପର୍ଯ୍ୟନ୍ତ, ପ୍ରବର୍ଦ୍ଧକ ଦାନା ୪ ରୁ ୫ ସପ୍ତାହ ପର୍ଯ୍ୟନ୍ତ ଏବଂ ଅଣ୍ଡାଦିଆ ବା ପ୍ରଜନନକ୍ଷମ ଦାନା ୫ ସପ୍ତାହରୁ ଉର୍ଦ୍ଧ୍ୱ ପାଇଁ ଦରକାର ହୋଇଥାଏ । କ୍ୱେଲ୍‌ମାନଙ୍କର ଦାନାର ପରିମାଣ କ୍ୱେଲ୍‌ର ବୟସ ଏବଂ ପ୍ରକାର ଉପରେ ନିର୍ଭର କରିଥାଏ । କେଉଁ ସପ୍ତାହରେ କ୍ୱେଲ୍ କେତେ ଦାନା ଦରକାର କରିଥାଏ ତାହା ନିମ୍ନରେ ଦିଆଗଲା ।



| ବୟସ (ସପ୍ତାହ) | ଦିନକୁ ପ୍ରତି କ୍ୱେଲ୍ ପିଛା ଦାନାର ପରିମାଣ |
|---|---|
| ୧ | ୫ ଗ୍ରାମ୍ |
| ୨ | ୧୨ ଗ୍ରାମ୍ |
| ୩ | ୧୫ ଗ୍ରାମ୍ |
| ୪ | ୧୮ ଗ୍ରାମ୍ |
| ୫ | ୨୦ ଗ୍ରାମ୍ |
| ୬ ଏବଂ ଉର୍ଦ୍ଧ୍ୱ | ୨୫ ଗ୍ରାମ୍ |

ଦାନାକୁ ଶୁଖିଲା ଯାଗାରେ ଯତ୍ନର ସହିତ ସାଇତି ରଖିବା ଦରକାର । ଦାନରେ ଫିମ୍ପି ନ ହେବା ପାଇଁ ପ୍ରତି ୧ ଟନ୍ ଦାନାରେ ୨ କିଲୋଗ୍ରାମ୍ କ୍ୟାଲସିୟମ୍ ପ୍ରୋପିଓନେଟ ମିଶାଇବା ଦରକାର । ଦାନାକୁ ବେଶୀଦିନ ସାଇତି ରଖିବା ଉଚିତ୍ ନୁହେଁ ।

**ରୋଗ ଓ ପ୍ରତିକାର –**

କ୍ୱେଲ୍‌ମାନଙ୍କୁ ସାଧାରଣତଃ ରୋଗ ହୁଏ ନାହିଁ । କିନ୍ତୁ ହଠାତ୍ ଜଳବାୟୁ ପରିବର୍ତ୍ତନ ହେଲେ ସେମାନଙ୍କର କିଛିଟା ଅସୁବିଧା ଦେଖାଦିଏ । କ୍ୱେଲ୍‌ମାନେ ସାଧାରଣତଃ ଫିମ୍ପି ଜାତୀୟ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି । ତାକୁ ବ୍ରୁଡ଼ର ନିମୋନିଆ କୁହାଯାଏ । ଯେତେବେଳେ କ୍ୱେଲ୍ ଘରର ଆର୍ଦ୍ରତା ବୃଦ୍ଧିପାଏ, ସେତେବେଳେ ଏହି ରୋଗ ହୋଇଥାଏ । ତେଣୁ ଏହି ରୋଗକୁ ଭଲ କରିବା ପାଇଁ ଘରର ଆର୍ଦ୍ରତାକୁ କମାଇବାକୁ ପଡ଼େ ଓ ପ୍ରତି କେଜି ଦାନା ସହିତ ୨ ଗ୍ରାମ୍ କ୍ୟାଲ୍‌ସିୟମ୍ ପ୍ରୋପିଓନେଟ୍ ମିଶାଇ ଖାଇବାକୁ ଦିଆଯାଏ । କପର ସଲ୍‌ଫେଟ୍ ୧ ଗ୍ରାମ୍ ୨ ଲିଟର ପାଣିରେ ମିଶାଇ ପିଇବାକୁ ଦେଲେ ରୋଗ ଭଲ ହୋଇଯାଏ ।

କ୍ୱେଲ୍‌ମାନଙ୍କ ଅନ୍ତନଳୀରେ ଘାଆ ରୋଗ ହୋଇଥାଏ । ଏହି ରୋଗର ନିରାକରଣ ପାଇଁ ଏକ ଗ୍ରାମ୍ ଷ୍ଟ୍ରେପ୍ଟୋମାଇସିନ୍ ଗୋଟିଏ ଲିଟର ପାଣିରେ ମିଶାଇ ୩ ଦିନ ପିଇବାକୁ ଦେଲେ ଏହି ରୋଗ ଭଲ ହୋଇଯାଏ ।

ଉପରୋକ୍ତ ରୋଗ ବ୍ୟତୀତ ଯେଉଁ ସବୁ ମୁଖ୍ୟ ରୋଗ କ୍ୱେଲ୍‌ମାନଙ୍କୁ ହୁଏ ତାହା ନିମ୍ନରେ ଦିଆଗଲା ।

**୧) ଅଲ୍‌ସରେଟିଭ୍ ଏଣ୍ଟେରାଇଟିସ୍ :**

ଏହା ଏକ ଅନ୍ତଃନଳୀ ରୋଗ ଏବଂ ଏହି ରୋଗ ସାଧାରଣତଃ କମ୍ ବୟସର କ୍ୱେଲ୍‌ମାନଙ୍କ ଠାରେ ଦେଖାଯାଇଥାଏ । ସଂକ୍ରମିତ ଖାଦ୍ୟ ଖାଇଲେ ଏହି ରୋଗ ବ୍ୟାପିଥାଏ । ଏହା ଏକ ଜୀବାଣୁ ଜନିତ ରୋଗ ଅଟେ । ଏହି ରୋଗ ହଠାତ୍ ହେଲେ ବେଳେବେଳେ ଶତକଡ଼ା ୧୦୦ ଭାଗ କ୍ୱେଲ୍ ମରିଯାଆନ୍ତି । ଯେଉଁ କ୍ୱେଲ୍‌ମାନଙ୍କୁ ତଳେ ଲିଟର ଉପରେ ରଖି ପାଳନ କରାଯାଏ, ସେହିମାନଙ୍କ ଠାରେ ଏହି ରୋଗ ବେଶୀ ହୋଇଥାଏ । ଏହି ରୋଗ ହେଲେ ପତଳା ଝାଡ଼ା ହୁଏ ଓ ଝାଡ଼ାରେ ଧଳା ଧଳା ୟୁରେଟ୍ ଥାଏ । କ୍ୱେଲ୍‌ମାନେ ନିସ୍ତେଜ ହୋଇଯାନ୍ତି, ପର ଟାଆଁଶା ହୋଇଯାଏ, ଗୋଟିଏ ଯାଗାରେ ଗୁଣ୍ଡ ହୋଇ ବସନ୍ତି, ଆଖି ଅଧା ମେଲା କରି ବସନ୍ତି । ମଲା କ୍ୱେଲ୍‌କୁ କାଟି ଦେଖିଲେ କ୍ୱେଲ୍‌ମାନଙ୍କ ଅନ୍ତଃନଳୀରେ ଓ ସିକାରେ ଘାଆ ହୋଇଥାଏ । ବେଳେବେଳେ ଅନ୍ତଃନଳୀରେ ମଧ୍ୟ ରକ୍ତ କ୍ଷରଣ ହୋଇଥାଏ । କଳିଜାରେ ହଳଦିଆ ଦାଗ ରହିଥାଏ ଏବଂ କଳିଜାର ଧାର ସଢ଼ିଯାଇଥାଏ । ପ୍ଲିହା ବଡ଼ ହେବା ସହିତ ଏବଂ ରକ୍ତକ୍ଷରଣ ହୋଇଥାଏ ।

**ଚିକିତ୍ସା :**

ଏହି ରୋଗକୁ ପ୍ରତି ୪.୫ ଲିଟର ପାଣିରେ ୨ ଗ୍ରାମ୍ ଷ୍ଟ୍ରେପ୍ଟୋମାଇସିନ୍ ମିଶାଇ ୨୫ ଦିନ ପିଇବାକୁ ଦେଲେ ରୋଗ ଭଲ ହୋଇଥାଏ କିମ୍ବା ୧ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେପ୍ଟୋମାଇସିନ୍ ସଲ୍‌ଫେଟ୍ ୧୦ ଦିନ ଦେଲେ ମଧ୍ୟ ଏହି ରୋଗ ଭଲ ହୋଇଯାଏ । ପ୍ରତିଷେଧକ ହିସାବରେ ୧ ଟନ୍ ଦାନାରେ ୧୦୦ ଗ୍ରାମ୍ ବ୍ୟାସିଟ୍ରାସିନ୍ କିମ୍ବା ୧ ଟନ୍ ଦାନାରେ ୫୦୦ ଗ୍ରାମ୍ କ୍ଲୋରୋମାଇସେଟିନ୍ ମିଶାଇ ଖାଇବାକୁ ଦେଲେ ଏହି ରୋଗ ହୋଇ ନଥାଏ ।

**୨) କ୍ୱେଲ୍ ବ୍ରୋଙ୍କାଇଟିସ୍ :**

ଏହା ଏକ ଭୂତାଣୁ ଜନିତ ରୋଗ । ଏହି ରୋଗ ହଠାତ୍ ଛୁଆମାନଙ୍କୁ ଧରେ ଏବଂ ଶ୍ୱାସଯନ୍ତ୍ରକୁ ଆକ୍ରାନ୍ତ କରେ । ଏହି ରୋଗ ହେଲେ କ୍ୱେଲ୍‌ମାନେ ଛିଙ୍କନ୍ତି, କାଶନ୍ତି କିନ୍ତୁ ନାକରୁ କିଛି ବାହାରେ ନାହିଁ । ଘଡ଼ ଘଡ଼ ଶବ୍ଦ କରନ୍ତି । ବେଳେବେଳେ



ସ୍ନାୟୁଜନିତ ଲକ୍ଷଣ ଦେଖାଯାଇଥାଏ । ଏହି ରୋଗ ୩ ସପ୍ତାହ ପର୍ଯ୍ୟନ୍ତ ରହେ ଏବଂ ଛୋଟ ଛୁଆମାନେ ଶତକଡ଼ା ୮୦ ଭାଗ ମରିଯାଆନ୍ତି । ଏହି ରୋଗ ପାଇଁ ସେମିତି କିଛି ଫଳପ୍ରଦ ଚିକିତ୍ସା ନାହିଁ, କିନ୍ତୁ ଜୈବ ସୁରକ୍ଷା ପ୍ରତି ଧ୍ୟାନ ଦେଲେ ଏହି ରୋଗ ହୋଇ ନଥାଏ ।

**କ୍ୱେଲ୍ ପାଳନର ଲାଭକ୍ଷତି ହିସାବ :**

ଏକ ହଜାର ବ୍ରଏଲର କ୍ୱେଲ୍ ପାଳନ କଲେ ପ୍ରତି ୫ ସପ୍ତାହରେ ମୋଟାମୋଟି ଲାଭ ୨୦୦୦ ରୁ ୨୫୦୦ ଟଙ୍କା ହୋଇଥାଏ । ସେହିପରି ୧ ହଜାର ଅଣ୍ଡାଦିଆ କ୍ୱେଲ୍ ପକ୍ଷୀ ପାଳନ କଲେ, ବର୍ଷରେ ମୋଟାମୋଟି ଲାଭ ୧୦,୦୦୦ ଟଙ୍କାରୁ ୧୧,୦୦୦ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ ।

**ସପ୍ତାହକୁ ୫୦୦ କ୍ୱେଲ୍ (ବ୍ରଏଲର କ୍ୱେଲ୍) ପକ୍ଷୀ ପାଳନରେ ଲାଭକ୍ଷତିର ହିସାବ :**

୧) ପ୍ରତି ସପ୍ତାହରେ ୫୦୦ କ୍ୱେଲ୍ ରଖିଲେ ବର୍ଷକୁ ୨୩,୦୦୦ କ୍ୱେଲ୍ ପ୍ରଥମ ବର୍ଷ ରହିବେ ଏବଂ ପରବର୍ତ୍ତୀ ବର୍ଷରେ ବର୍ଷକୁ ୨୬,୦୦୦ କ୍ୱେଲ୍ ପାଳନ ହେବ ।

୨) ଯେହେତୁ କ୍ୱେଲ୍ ପକ୍ଷୀ ପାଳନ ସମୟରେ ଏହାଙ୍କର ମୃତ୍ୟୁହାର ବେଶୀ, ତେଣୁ ଶତକଡ଼ା ୧୫ ପ୍ରତିଶତ ମୃତ୍ୟୁ ଯୋଗୁଁ ୪୨୫ କ୍ୱେଲ୍ ପ୍ରତିସପ୍ତାହରେ ବିକ୍ରି ପାଇଁ ରହିବେ ।

୩) କ୍ୱେଲ୍ ପାଳନ ବ୍ୟାଟାରୀ ପିଞ୍ଜରାରେ କରାଯିବ, ପ୍ରତି ପିଞ୍ଜରା ପାଞ୍ଚ ଥାକିଆ ହେବ ଏବଂ ପ୍ରତି ଥାକ ୧୬୦ ସେ.ମି. x ୮୦ ସେ.ମି. ମାପରେ ହେବ । ଏହି ଥାକରେ ୧୦୦ ଟି କ୍ୱେଲ୍ ଛୁଆ ପାଳନ ହୋଇପାରିବ । ଏଥିପାଇଁ ୬ ଗୋଟି ପିଞ୍ଜରା ଦରକାର ।

୪) ୫ ସପ୍ତାହ ପରେ ସାଙ୍ଗେ ସାଙ୍ଗେ କ୍ୱେଲ୍‌ମାନଙ୍କୁ ଫାର୍ମରେ ବିକ୍ରି କରିବା ଦରକାର ।

୫) ଜୀବନ୍ତ କ୍ୱେଲ୍ ୫ ସପ୍ତାହ ବୟସରେ ଗୋଟିକୁ ୩୫ ଟଙ୍କା ହିସାବରେ ବିକ୍ରି କରାଯିବ ।

୬) ଉଭୟ ଲିଙ୍ଗ ମିଶ୍ରଣରେ ୫ ସପ୍ତାହ ବୟସରେ ଗୋଟିଏ କ୍ୱେଲ୍‌ର ହାରାହାରି ଓଜନ ୧୩୦ ଗ୍ରାମ୍ ହେବ ।

୭) ଖାଦ୍ୟ ନିଷ୍ପେଷଣ ଦକ୍ଷତା ୧:୪ ରହିବା ଦରକାର । ଅର୍ଥାତ୍ ୧ ଗ୍ରାମ୍ ଓଜନ ବଢ଼ିବା ପାଇଁ ୪ ଗ୍ରାମ୍ ଦାନା ଦରକାର ହେବ ।

୮) ଏକ ଦିନିକିଆ କ୍ୱେଲ୍ ଛୁଆର ଦାମ୍ ୩ ଟଙ୍କା ହେବ ।

୯) ପ୍ରତି ୧୦୦ କ୍ୱେଲ୍ ପାଇଁ ୫୦ ଟଙ୍କା ବିଦ୍ୟୁତ୍ ଓ ଅନ୍ୟାନ୍ୟ ଖର୍ଚ୍ଚ ଲାଗିବ ।

୧୦) ଚାଷୀ ନିଜେ ସବୁ କାମ କରିବେ ।

ଏହି ସବୁ ବିଷୟକୁ ଧ୍ୟାନରେ ରଖି ବ୍ରଏଲର କ୍ୱେଲ୍ ପାଳନର ଲାଭକ୍ଷତି ନିମ୍ନରେ ଦିଆଗଲା ।

**ସ୍ଥାୟୀ ଖର୍ଚ୍ଚ :**

| | |
|---|---|
| ୧) ଘର ତିଆରି ବାବଦରେ ୧୦୦ ମିଟର x ୪୨ ମିଟର = ୪୨୦ ବର୍ଗ ମିଟର ଜାଗା ଦରକାର ଏବଂ ବର୍ଗମିଟର ପ୍ରତି ୮୦୦ ଟଙ୍କା ହିସାବରେ | ଟ.୩,୩୬,୦୦୦/- |
| ୨) ପ୍ରତି ବ୍ୟାଟେରୀ ପିଞ୍ଜରାର ଦାମ୍ ୨୫,୦୦୦/- ଟଙ୍କା ହିସାବରେ ୬ଟିର ଦାମ୍ | ଟ.୧,୫୦,୦୦୦/- |
| **ମୋଟ** | **ଟ.୪,୮୬,୦୦୦/-** |

**ଅସ୍ଥାୟୀ ଖର୍ଚ୍ଚ (ବର୍ଷକ ପାଇଁ)**

| | |
|---|---|
| ୧) ୨୩,୫୦୦ ଦିନିକିଆ କ୍ୱେଲ୍ ଛୁଆର ଦାମ୍ (ଗୋଟିକୁ ୩ ଟଙ୍କା ହିସାବରେ) | ଟ.୭୦,୫୦୦/- |
| ୨) ୧୧,୦୦୦ କି.ଗ୍ରା. ଦାନାର ଖର୍ଚ୍ଚ (କି.ଗ୍ରା. ପ୍ରତି ୨୮ ଟଙ୍କା ହିସାବରେ) (ପ୍ରତି କ୍ୱେଲ୍ ୫୨୦ ଗ୍ରାମ୍ ଦାନା ୧୩୦ ଗ୍ରାମ୍ ଓଜନ ହେବା ପାଇଁ ଖାଇବେ, ୨୧,୧୫୦ କ୍ୱେଲ୍ ପାଇଁ ୧୦ ପ୍ରତିଶତ ମୃତ୍ୟୁ ହିସାବକୁ ନେଇ) | ଟ.୩,୦୮,୦୦୦/- |
| ୩) ବିଦ୍ୟୁତ୍ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଯଥା ଔଷଧ ପାଇଁ ୫୦ ଟଙ୍କା ହିସାବରେ ୧୦୦ କ୍ୱେଲ୍ ପାଇଁ | ଟ.୯,୦୦୦/- |
| **ମୋଟ** | **ଟ.୩,୮୭,୫୦୦/-** |



**ମୂଳଧନ ବିନିଯୋଗ ଖର୍ଚ୍ଚ :**

| | |
|---|---|
| ୧. ସ୍ଥାୟୀ ଖର୍ଚ୍ଚ | ଟ.୪,୮୬,୦୦୦/- |
| ୨. ୨୫୦୦ କ୍ୱେଲ୍ ଛୁଆ | ଟ. ୭,୫୦୦/- |
| ୩. ୫ ସପ୍ତାହ ପାଇଁ (୨୨୫୦ କ୍ୱେଲ୍ ପାଇଁ ୧୧୭୦ କିଲୋଗ୍ରାମ୍ ଦାନା ଖର୍ଚ୍ଚ) | ଟ. ୩୨,୭୬୦/- |
| **ମୋଟ** | **ଟ.୫,୨୬,୨୬୦/-** |

**ଆୟ :**

| | |
|---|---|
| ୧. ୧୯୯୭୫ କ୍ୱେଲ୍ ବିକ୍ରି ବାବଦରେ (ଗୋଟିଏ ୩୫ ଟଙ୍କା ହିସାବରେ) | ଟ.୬,୯୯,୧୨୫/- |
| ୨. ୧୫୫ ଟି ଖାଲି ଦାନା ଅଖା ବିକ୍ରି ବାବଦରେ (ଗୋଟିକୁ ୧୨ ଟଙ୍କା ହିସାବରେ) | ଟ. ୧,୮୬୦/- |
| ୩. ୧୫ ଟନ୍ ଖତ ବିକ୍ରି ବାବଦରେ (ଟନ୍ ପ୍ରତି ୨୦୦ ଟଙ୍କା ହିସାବରେ) | ଟ. ୩,୦୦୦/- |
| **ମୋଟ** | **ଟ.୭,୦୩,୯୮୫/-** |

**ମୋଟ ଲାଭ = ଟ.୭,୦୩,୯୮୫ - ଟ.୩,୮୭,୫୦୦ = ଟ.୩,୧୬,୪୮୫/-**

**ପ୍ରକୃତ ଲାଭ :**

| | |
|---|---|
| ମୋଟ ଲାଭ | ଟ.୩,୧୬,୪୮୫/- |
| * ଘରର ମରାମତି ଖର୍ଚ୍ଚ (ବର୍ଷକୁ ୧୦% ହିସାବରେ) | ଟ.୩୩,୬୦୦/- |
| * ପିଞ୍ଜରା ମରାମତି ଖର୍ଚ୍ଚ (ବର୍ଷକୁ ୧୫% ହିସାବରେ) | ଟ.୨୨,୫୦୦/- |
| * ବିନିଯୋଗ ମୂଳଧନ ଉପରେ (ବର୍ଷକୁ ସୁଧ ୧୨.୫% ହିସାବରେ) | ଟ.୬୫,୭୮୩/- |
| * ବୀମା ଖର୍ଚ୍ଚ (ମୂଳଧନ ବିନିଯୋଗ ଉପରେ ୦.୪% ହିସାବରେ) | ଟ.୨,୧୦୫/- |
| **ମୋଟ** | **ଟ.୧,୨୩,୯୮୮/-** |

**ପ୍ରକୃତ ଲାଭ = ଟ.୩,୧୬,୪୮୫ - ଟ.୧,୨୩,୯୮୮ = ଟ.୧,୯୨,୪୯୭/-**

* ପ୍ରକୃତ ଲାଭ, ମୂଳଧନ ବିନିଯୋଗର ଶତକଡ଼ା ୧୦ ଭାଗ ସୁଝିବା ପରେ,

ଟ.୧,୯୨,୪୯୭ – ଟ. ୫୨,୬୨୬ = ଟ.୧,୩୯,୮୭୧/–

* ଗୋଟିଏ କ୍ୱେଲ୍ ପ୍ରତି ୫ ସପ୍ତାହରେ ପ୍ରକୃତ ଲାଭ

ଟ.୧୩୯୮୭୧ ÷ ଟ.୨୩,୫୦୦ = ଟ. ୫.୯୫/–

* ପ୍ରତି ୫ ସପ୍ତାହରେ ୪୨୫ କ୍ୱେଲ୍‌ରୁ ପ୍ରକୃତ ଲାଭ ଟ.୨,୫୨୮/–

ଗୋଟିଏ ଚାଷୀ ପ୍ରତି ୫ ସପ୍ତାହରେ ୫୦୦ କ୍ୱେଲ୍‌ଛୁଆ ପାଳନ କଲେ ୨୫୦୦ ଟଙ୍କା ଲାଭ ପାଇପାରିବ ।

## ସୁଷମ ଦାନା ତିଆରି କରିବା ପଦ୍ଧତି (ପ୍ରତି ୧୦୦ କେ.ଜି. ଦାନା ପାଇଁ) –

| ଦାନା ପାଇଁ ଜିନିଷ | ଛୁଆ (୧/୩ ସପ୍ତାହ ବୟସ) | ବଢ଼ନ୍ତା ଛୁଆ (୪/୫ ସପ୍ତାହ ବୟସ) | ଅଣ୍ଡାଦିଆ ବା ପ୍ରଜନନକ୍ଷମ (୬ ସପ୍ତାହରୁ ଉର୍ଦ୍ଧ୍ୱ) |
|---|---|---|---|
| ମକାଗୁଣ୍ଡ | ୩୪ କେ.ଜି. | ୩୬ କେ.ଜି. | ୪୮ କେ.ଜି. |
| କାଣ୍ଟିଆ କୁଣ୍ଡା | ୧୦ କେ.ଜି. | ୧୦ କେ.ଜି. | – |
| ଗହମ ଚୋକଡ଼ | – | – | ୫ କେ.ଜି. |
| ବାଦାମ ପିଡ଼ିଆ ଗୁଣ୍ଡ (୪୩ ଭାଗ ପୁଷ୍ଟିସାର ଥିବା) | ୩୨ କେ.ଜି. | ୨୭ କେ.ଜି. | ୨୩ କେ.ଜି. |
| ସୂର୍ଯ୍ୟମୁଖି ପିଡ଼ିଆ ଗୁଣ୍ଡ (୩୭ ଭାଗ ପୁଷ୍ଟିସାର ଥିବା) | ୧୦ କେ.ଜି. | ୧୪ କେ.ଜି. | ୧୦ କେ.ଜି. |
| ଶୁଖୁଆ ଗୁଣ୍ଡ (୪୫ ଭାଗ ପୁଷ୍ଟିସାର ଥିବା) | ୧୨.୫ କେ.ଜି. | ୭ କେ.ଜି. | ୬ କେ.ଜି. |
| ମାଂସ ଗୁଣ୍ଡ | – | ୫ କେ.ଜି. | – |
| ହାଡଗୁଣ୍ଡ | ୫୦୦ ଗ୍ରାମ୍ | ୩୦୦ ଗ୍ରାମ୍ | ୧.୮୦୦ ଗ୍ରାମ୍ |
| ଚୂନ | ୫୦୦ ଗ୍ରାମ୍ | – | ୫.୫୦୦ ଗ୍ରାମ୍ |
| ଲୁଣ | ୧୦୦ ଗ୍ରାମ୍ | ୪୦୦ ଗ୍ରାମ୍ | ୪୦୦ ଗ୍ରାମ୍ |
| ଖଣିଜ ଲବଣ ଓ ଜୀବସାର ମିଶ୍ରଣ | ୪୦୦ ଗ୍ରାମ୍ | ୩୦୦ ଗ୍ରାମ୍ | ୩୦୦ ଗ୍ରାମ୍ |
| **ସମୁଦାୟ** | **୧୦୦ କେ.ଜି.** | **୧୦୦ କେ.ଜି.** | **୧୦୦ କେ.ଜି.** |

# କୁକୁଡ଼ା ପାଳନରେ ସ୍ୱତନ୍ତ୍ର ଯତ୍ନ ଓ ଦୁର୍ଗୁଣ ବିଷୟରେ କେତୋଟି ଜାଣିବା କଥା

**ଖରାଦିନେ କୁକୁଡ଼ା ମାନଙ୍କର ଯତ୍ନ ଓ ପାଳନ –**

ଖରାଦିନେ କୁକୁଡ଼ା ଚାଷୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି । ସେଥିମଧ୍ୟରୁ କୁକୁଡ଼ା ଛୁଆ ନ ମିଳିବା, ଓଜନ କମିଯିବା ଓ ଅତ୍ୟଧିକ ଗରମ ହେତୁ କୁକୁଡ଼ାମାନଙ୍କର ମୃତ୍ୟୁ ସଂଖ୍ୟା ବଢ଼ିଯିବା ଇତ୍ୟାଦି ପ୍ରଧାନ । ଏହି ସବୁକୁ ଆଖି ଅଗାରେ ରଖି ଖରାଦିନେ କୁକୁଡ଼ାମାନଙ୍କର କିପରି ଯତ୍ନ ନେବା ଉଚିତ୍, ତାହା ଏଠାରେ ଆଲୋଚନା କରାଗଲା ।

**(କ) ଖରାର ପ୍ରଭାବ ଯୋଗୁଁ କୁକୁଡ଼ା ମାନଙ୍କର କଣ ପରିବର୍ତ୍ତନ ହୁଏ –**

୧। ଖାଦ୍ୟ ଖାଇବାର ଇଚ୍ଛା କମିଯାଏ ।

୨। ମାଂସ ପାଇଁ କୁକୁଡ଼ା ଓ ଅଣ୍ଡା ଦେବା ପାଇଁ କୁକୁଡ଼ାମାନଙ୍କର ଶରୀରର ଓଜନ କମିଯାଏ ।

୩। ମାଂସ ପାଇଁ କୁକୁଡ଼ାମାନଙ୍କର ଖାଦ୍ୟ ଆନୁପାତରେ ଶରୀରର ଓଜନ କିମଯାଏ ।

୪। ଅଣ୍ଡାଦିଆ କୁକୁଡ଼ାମାନଙ୍କର ଅଣ୍ଡାର ଆକାର ଛୋଟ ହୋଇଯାଏ ।

୫। ଅଣ୍ଡା ଉତ୍ପାଦନ କମିଯାଏ ।

୬। ଭଙ୍ଗା ଅଣ୍ଡା ଓ ନିକୃଷ୍ଟ ମାନର ଅଣ୍ଡା ବେଶି ବାହାରେ ।

୭। ରୋଗ ପ୍ରତିରୋଧକ ଶକ୍ତି କମିଯାଏ ।

୮। ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ରୌଦ୍ରତାପ ଜନିତ ମୃତ୍ୟୁ ହାର ବଢ଼ିଯାଏ ।

**(ଖ)ପରିବେଶର ଉତ୍ତାପକୁ କୁକୁଡ଼ାମାନେ କିପରି ଗ୍ରହଣ କରିଥାଆନ୍ତି –**

୧। ୬୫ ଡିଗ୍ରୀରୁ ୮୦ ଡିଗ୍ରୀ ଫାରେନ୍‌ହିଟ୍ ଉତ୍ତାପରେ କୁକୁଡ଼ାମାନେ ଆରାମରେ ବଢ଼ିଥାଆନ୍ତି ।

୨। ୮୦–୮୫ ଡିଗ୍ରୀ ଫାରେନ୍‌ହିଟ୍ ଉତ୍ତାପରେ କୁକୁଡ଼ାମାନଙ୍କର ଖାଦ୍ୟ ଖାଇବାର ଉଚ୍ଛା କମିଯାଏ ।



୩। ୯୦–୯୫ ଡିଗ୍ରୀ ଫାରେନ୍‌ହିଟ୍ ଉତ୍ତାପରେ, ୮୫ ଡିଗ୍ରୀ ଠାରୁ ପ୍ରତି ୧ ଡିଗ୍ରୀ ଅଧିକ ଉତ୍ତାପରେ କୁକୁଡ଼ାମାନଙ୍କର ଖାଦ୍ୟ ଖାଇବାର ପରିମାଣ ଅଣ୍ଡାର ଆକାର, ଅଣ୍ଡା ଉତ୍ପାଦନ ଶକ୍ତି ଓ ଅଣ୍ଡା ଖୋଳପାର ଗୁଣମାନ ଅତି ଦ୍ରୁତଗତିରେ ହ୍ରାସ ପାଏ ।

୪। ୯୫ ଡିଗ୍ରୀରୁ ୧୦୦ ଡିଗ୍ରୀ ବା ତା ଠାରୁ ଅଧିକ ଉତ୍ତାପ କୁକୁଡ଼ାମାନେ ସହ୍ୟ କରି ପାରନ୍ତି ନାହିଁ । ଏହି ଉତ୍ତାପରେ କୁକୁଡ଼ାମାନେ ଅତ୍ୟଧିକ ଗରମ ହେତୁ ମୃତ୍ୟୁମୁଖରେ ପଡ଼ନ୍ତି ।

(ଗ)ଅଧିକ ଉତ୍ତାପକୁ କୁକୁଡ଼ାମାନେ କିପରି ସହ୍ୟ କରନ୍ତି –

କୁକୁଡ଼ାମାନଙ୍କର ଶରୀରର ବିଭିନ୍ନ ପ୍ରକାର କାର୍ଯ୍ୟ ଯୋଗୁଁ ସେମାନେ ଅତ୍ୟଧିକ ଗରମକୁ ସହ୍ୟ କରିପାରନ୍ତି ।

୧। ଖାଦ୍ୟର ହଜମ ପ୍ରକ୍ରିୟା ଯୋଗୁଁ ଶରୀରରେ ଉତ୍ତାପ ସୃଷ୍ଟି ହୁଏ । ଏହି ଉତ୍ତାପ ଶରୀର ମଧ୍ୟରେ ରହିପାରେ କିମ୍ବା ଶରୀର ବାହାରକୁ ବାହାରି ଯାଇପାରେ । ସାଧାରରତଃ କୁକୁଡ଼ାମାନଙ୍କର ଶରୀର ଉତ୍ତାପ ୧୦୫–୧୦୭ ଡିଗ୍ରୀ ଫାରେନ୍‌ହିଟ୍ ଅଟେ । ଖାଦ୍ୟ ଖାଇଲେ ଯଦି ଏହି ଉତ୍ତାପ ଠାରୁ ଅଧିକ ଉତ୍ତାପ ବାହାରେ, ତାହାହେଲେ ସେହି ଅଧିକ ଉତ୍ତାପକୁ ଶରୀର ବାହାରକୁ ଛାଡ଼ିଦିଏ । କିନ୍ତୁ ଅତ୍ୟଧିକ ଗରମ ଦିନରେ ବାହାରର ଉତ୍ତାପ ଅଧିକ ହୋଇଥିବାରୁ ଖାଦ୍ୟ ହଜମରେ ଉତ୍ପନ୍ନ ହୋଇଥିବା ଉତ୍ତାପକୁ ଶରରର ବାହାରକୁ ଛାଡ଼ିବାରେ ଅସୁବିଧା ହୋଇଥାଏ । ତେଣୁ ଏହି ଉତ୍ତାପକୁ କମାଇବା ପାଇଁ କୁକୁଡ଼ାମାନେ ସାଧାରଣତଃ ଖରାଦିନେ ଖୁବ୍ କମ୍ ଦାନା ଖାଇଥାଆନ୍ତି ।

୨। କୁକୁଡ଼ା ମାନଙ୍କର ଝାଳଗ୍ରନ୍ଥୀ ନାହିଁ । ତେଣୁ ସେମାନେ ଝାଳ ବୁହାଇ ଶରୀରର ଉତ୍ତାପ କମାଇ ପାରନ୍ତି ନାହିଁ । ସେଥିପାଇଁ ସେମାନେ ଅତ୍ୟଧିକ ପାଣି ପିଅନ୍ତି, ଯାହାଦ୍ୱାରା ଶରୀରର ଉତ୍ତାପ କମିଯାଏ ।

୩। ଚାଲିବା ଓ ଦୌଡ଼ାଦୌଡ଼ି କରିବା ଦ୍ୱାରା ଶରୀରରେ ଅଧିକ ଉତ୍ତାପ ସୃଷ୍ଟି ହୋଇଥାଏ । ତେଣୁ ଖରାଦିନେ କୁକୁଡ଼ାମାନେ ଖୁବ୍ କମ୍ ଚାଲବୁଲ ଓ ଦୌଡ଼ାଦୌଡ଼ି କରନ୍ତି ।

୪। ଯେଉଁ କୁକୁଡ଼ାମାନେ ଡିପ୍‌ଲିଟରରେ ରହିଥାଆନ୍ତି, ସେମାନେ ସେହି ଡିପ୍‌ଲିଟରକୁ ନିଜ ଶରୀର ଉପରକୁ ପକାଇ ଥାଆନ୍ତି । କାରଣ ଡିପ୍‌ଲିଟର ଉତ୍ତାପ ଠାରୁ କମ୍, ଯାହାଦ୍ୱାରା କୁକୁଡ଼ାମାନେ ଶରୀରର ଉତ୍ତାପ କିଛି ପରିମାଣରେ କମାଇ ପାରନ୍ତି । କିନ୍ତୁ ଯେଉଁ କୁକୁଡ଼ାମାନେ ତାରଜାଲି କିମ୍ବା ପଞ୍ଜୁରୀ ମଧ୍ୟରେ ରହିଥାଆନ୍ତି ସେମାନେ ଏପରି କରିପାରନ୍ତି ନାହିଁ ।

୫। ଯେତେବେଳେ ବାହାରର ଉତ୍ତାପର ୮୦ ଡିଗ୍ରୀରୁ ଅଧିକ ଥାଏ, ସେତେବେଳେ କୁକୁଡ଼ାମାନେ ନିଜ ଡେଣାକୁ ମେଲାଇ ତଳେ ଶୋଇକରି ପାଟି ମେଲା କରି ଧକେଇ ହୁଅନ୍ତି ଓ ପାଟି ଟେକି ନିଶ୍ୱାସ ପ୍ରଶ୍ୱାସ ନିଅନ୍ତି । ଏହିପରି କରିବା ଦ୍ୱାରା ସେମାନେ ବହୁତ ପରିମାଣରେ ଜଳୀୟବାଷ୍ପ ଓ ଗରମ ପବନ ବାହାରକୁ ଛାଡ଼ନ୍ତି, ଯାହାଦ୍ୱାରା ଶରୀରର ଉତ୍ତାପକୁ କିଛି ପରିମାଣରେ କମାଇ ଦିଅନ୍ତି ।

**ବାହାର ଉତ୍ତାପ ଅଧିକ ଥିଲାବେଳେ କିପରି କୁକୁଡ଼ାମାନଙ୍କୁ ଆରାମରେ ରଖିହେବ–**

ଏ କ୍ଷେତ୍ରରେ ପ୍ରଥମେ ଚିନ୍ତା କରିବା ଉଚିତ୍ ଯେ କିପରି କୁକୁଡ଼ାମାନଙ୍କ ଘରେ ଅଧିକ ଗରମ ହେବ ନାହିଁ । ଯେଉଁସବୁ କାରଣରୁ ଘରମାନଙ୍କରେ ଅଧିକ ଗରମ ହୋଇଥାଏ, ସେ ସବୁ ଜାଣିଗଲା ପରେ ସେହି ସବୁ କାରଣକୁ ଦୂର କରାଯିବା ଉଚିତ୍ । ସେହି ସବୁ କାରଣ ହେଲା –

୧। କୁକୁଡ଼ାମାନେ ନିଜ ଶରୀରରୁ ଅଧିକ ଉତ୍ତାପ ବିକିରଣ କରିବା ଦ୍ୱାରା ଘର ଭିତରେ ଅଧିକ ଗରମ ହୋଇଥାଏ ।

୨। ଘରର ଛାତ ଆଜବେଷ୍ଟସ୍ କିମ୍ବା ଟିଣ କିମ୍ବା କଂକ୍ରିଟ୍ ହୋଇଥିଲେ ଘରର ଛାତମାନଙ୍କରୁ ଉତ୍ତାପ ବିକିରଣ ହୋଇଥାଏ ।

୩। ପାର୍ଶ୍ୱବର୍ତ୍ତୀ ସ୍ଥାନ ବା ଅନ୍ୟ କୌଣସି ଉପକରଣ ଘର ପାଖରେ ଥିଲେ, ସେଥିରୁ ଉତ୍ତାପ ବିକିରଣ ହୋଇ ଘର ଭିତରେ ଅଧିକ ଉତ୍ତାପ ସୃଷ୍ଟି କରିଥାଏ ।

୪। ଘର ମଧ୍ୟ ଦେଇ ଗରମ ପବନ ପ୍ରବାହିତ ହେଉଥିଲେ ।

୫। ଘର ମଧ୍ୟରେ ମୁକ୍ତ ବାୟୁ ଚଳାଚଳ କରିବାର ବାଟ ନଥିଲେ ।



**ଖରାଦିନେ କି ପ୍ରକାର ପଦକ୍ଷେପ ନେବା ଉଚିତ୍ –**

୧। କୁକୁଡ଼ା ଘର ତିଆରି କଲାବେଳେ ଘର ଭିତରକୁ ଯେପରି ମୁକ୍ତ ବାୟୁ ଚଳାଚଳ କରିପାରିବ, ଉଚ୍ଚାଛାତ ଓ ପାର୍ଶ୍ୱକାନ୍ଥ ନିଚ୍ଚା ହେବ, ସେଥିପ୍ରତି ଦୃଷ୍ଟି ଦେବା ଉଚିତ୍ ।

୨। ଯେପରି ପ୍ରତ୍ୟକ୍ଷ ସୂର୍ଯ୍ୟକିରଣ ଘର ଭିତରକୁ ନ ପଡ଼େ ସେଥିପ୍ରତି ଦୃଷ୍ଟି ଦେବା ଉଚିତ୍ ।

୩। ଘରର ଛାତ ଉପରକୁ ବହଳିଆ ଚୂନଦ୍ୱାରା ଧଉଳାଇବା ଉଚିତ୍ ।

୪। ସାଧାରଣତଃ କେତେକ ଚାଷୀ ସେମାନଙ୍କ କୁକୁଡ଼ାଘରର ଛାତ ଉପରେ କଖାରୁ ଗଛକୁ ମଡାଇ ଦେଇଥାଆନ୍ତି । ଖରାଦିନେ କଖାରୁ ଗଛ ଲଗାଇଲେ ଗଛ ଭଲ ବଢ଼େ ଓ ପତ୍ର ବହଳିଆ ହୋଇ ଘରର ଛାତକୁ ଥଣ୍ଡା ରଖେ ।

୫। ଘରର ଛାତ ଉପରେ ପାଣି ଛିଞ୍ଚିବା ଯନ୍ତ୍ର ସାହାଯ୍ୟରେ ପାଣି ଛିଞ୍ଚିଲେ ୫–୧୦ ଡିଗ୍ରୀ ପର୍ଯ୍ୟନ୍ତ ଉତ୍ତାପ କମାଇଦିଏ ।

୬। ଆବଶ୍ୟକ ସ୍ଥଳେ ଅତି ସୂକ୍ଷ୍ମ ପାଣି ଛିଞ୍ଚା ଯନ୍ତ୍ର ସାହାଯ୍ୟରେ କୁକୁଡ଼ାମାନଙ୍କର ଉପରେ ମଧ୍ୟ ପାଣି ଛିଞ୍ଚାଯାଇଥାଏ । କିନ୍ତୁ ପାଣି ଏପରି ଛିଞ୍ଚିବା ଉଚିତ୍ ଯେ, ଯେପରି ଲିଟର ଓଦା ହେବା ପୂର୍ବରୁ ତାହା ବାୟୁରେ ମିଶିଯିବ ।

୭। ସବୁଠାରୁ ଶସ୍ତା ଓ ସୁବିଧା ଉପାୟ ହେଲା, ଅଖାବସ୍ତାକୁ ଓଦା କରି ଘରର ଜାଲିମାନଙ୍କରେ ଟାଙ୍ଗି ଦେବା ଉଚିତ୍ । କାରଣ ପବନ ସେଇ ଓଦା ଅଖା ମଧ୍ୟ ଦେଇ ଘର ଭିତରକୁ ପ୍ରବେଶ କରିବା ଦ୍ୱାରା ଘର ଭିତର ଥଣ୍ଡା ରହେ ।

୮। ଘରର ଛାତକୁ ଘାସ କିମ୍ବା ନଡ଼ିଆ ବାହୁଙ୍ଗା କିମ୍ବା ତାଳପତ୍ରରେ ଘୋଡ଼ାଇ ଦେଲେ ଘର ଭିତରର ଗରମ କମିଯାଏ ।

୯। ଘର ଭିତରର ଲିଟରକୁ ବାରମ୍ବାର ଘାଣ୍ଟିଦେବା ଉଚିତ୍, ଯେପରି ଲିଟର ମୁଣ୍ଡା ହୋଇନଯାଏ । କାରଣ ଲିଟର ମୁଣ୍ଡା ହୋଇଗଲେ, ତାହା ଉତ୍ତାପ ସୃଷ୍ଟି କରିଥାଏ ।

୧୦। ଗୋଟିଏ ଘରେ ଅଧିକ କୁକୁଡ଼ା ରଖିବେ ନାହିଁ ।

୧୧। ଘର ଭିତରେ ଯଦି ଅନ୍ୟ କୌଣସି ପଦାର୍ଥ ଯଥା ଇଟା, ଲୁହାଖଣ୍ଡ, ରବର

ଇତ୍ୟାଦି ଥାଏ, ତେବେ ସେଗୁଡ଼ିକୁ ବାହାର କରିଦେବା ଉଚିତ୍ । କାରଣ ସେଗୁଡ଼ିକ ଗରମ ହୋଇ ଘର ଭିତରକୁ ଅଧିକ ଗରମ କରଥାନ୍ତି ।

୧୨। ଘରର ଚାରିପାଖରେ ବହଳିଆ ପତ୍ର ଥିବା ଗଛ ଲଗାଇବା ଉଚିତ୍ । କାରଣ ଗଛର ଛାଇ ଦ୍ୱାରା ଘରର ଗରମ କମିଯାଇଥାଏ । କିନ୍ତୁ ଗଛ ଏପରି ଭାବରେ ଲଗାଇବା ଉଚିତ୍ ଯେ, ଯେପରି ଏହି ଗଛ ଦ୍ୱାରା ଘର ଭିତରକୁ ଯାଉଥିବା ପବନ ଓ ଆଲୋକ ବାଧାପ୍ରାପ୍ତ ହେବ ନାହିଁ ।

**ଖରାଦିନେ ପାଣି ଦେବାର ପଦ୍ଧତି –**

୧। ମନେ ରଖିବା ଉଚିତ୍ ଯେ, କୁକୁଡ଼ାମାନେ ଥଣ୍ଡା ପାଣି ପିଇବା ଦ୍ୱାରା ଶରୀରରୁ ଅଧିକ ଉତ୍ତାପ ବାହାରକୁ ଛାଡ଼ିଦିଅନ୍ତି ।

୨। ବାହାରେ ୭୦ ଡିଗ୍ରୀ ଫାରେନ୍‌ହିଟ୍ ଉତ୍ତାପ ସମୟରେ ପ୍ରତି ଏକ କିଲୋଗ୍ରାମ୍ ଦାନା ଖାଇବା ବେଳେ କୁକୁଡ଼ାମାନେ ୨ ଲିଟର କରି ପାଣି ପିଇଥାଆନ୍ତି ।

୩। ୭୫ ଡିଗ୍ରୀ ଫାରେନ୍‌ହିଟ୍ ଉତ୍ତାପ ଠାରୁ ପ୍ରତି ୧ ଡିଗ୍ରୀ ଅଧିକ ଉତ୍ତାପ ପାଇଁ କୁକୁଡ଼ାମାନେ ଶତକଡ଼ା ୪ ଭାଗ ଅଧିକ ପାଣି ପିଇଥାଆନ୍ତି ।

୪। ସାଧାରଣତଃ ଖାଦ୍ୟ ଓ ପାଣିର ଆନୁପାତିକ ହାର ହେଲା ୧:୨ । କିନ୍ତୁ ଯେତେବେଳେ ବାହାରର ଉତ୍ତାପ ୯୫ ଡିଗ୍ରୀ ଫାରେନ୍‌ହିଟ୍‌ରୁ ଅଧିକ ଥାଏ, ସେତେବେଳେ ଏହି ଆନୁପାତିକ ହାର ୧:୪ ହୋଇଥାଏ ।

୫। କୁକୁଡ଼ାମାନେ ୪୦–୮୦ ଫାରେନ୍‌ହିଟ୍ ଉତ୍ତାପ ମଧ୍ୟରେ ଥଣ୍ଡାଥିବା ପାଣି ପିଇବା ପାଇଁ ପସନ୍ଦ କରିଥାଆନ୍ତି । କେବେଳ ଦିନିକିଆ ଛୁଆଙ୍କ ବ୍ୟତୀତ ସବୁବେଳେ ପିଇବା ପାଣିର ଉତ୍ତାପ ଘରର ଉତ୍ତାପ ଠାରୁ କମ୍ ରହିବା ଉଚିତ୍ ।

୬। ଖରାଦିନେ ଅଧିକ ପାଣିଧାନୀ ଓ ଅଧିକ ଥର ଥଣ୍ଡାପାଣି ପିଇବାକୁ ଦେବା ଉଚିତ୍ ।

୭। ଯେଉଁଠାରେ କୁକୁଡ଼ାମାନେ ତାରଜାଲି ମଧ୍ୟରେ ରହିଥାଆନ୍ତି, ସେଠାରେ ସବୁବେଳେ ସ୍ୱଚ୍ଛ ଥଣ୍ଡାପାଣି ପ୍ରବାହିତ ହେବାର ବ୍ୟବସ୍ଥା କରିବା ଉଚିତ୍ ।



୮। ଖରାଦିନେ ଯେତେବେଳେ ପାଣିରେ ଔଷଧ ଦେବାର ଥାଏ, ସେତେବେଳେ ଔଷଧ ପରିମାଣ କମାଇ ଦେବା ଉଚିତ୍ । କାରଣ କୁକୁଡ଼ାମାନେ ଅଧିକ ପାଣି ଖରାଦିନେ ପିଇଥାଆନ୍ତି । ସେଥିପାଇଁ ଶରୀରରେ ଔଷଧର ପରିମାଣ ଅଧିକ ହେବାର ସମ୍ଭାବନା ଥାଏ । କ୍ଲାନ୍ତହାରିଣୀ ଔଷଧ ପାଣିରେ ମିଶାଇ ପିଇବାକୁ ଦେବା ଉଚିତ୍ ।

**ଖରାଦିନେ ଖାଦ୍ୟ ଦେବା ପଦ୍ଧତି –**

୧। ଦିନର ଥଣ୍ଡା ସମୟରେ ଖାଦ୍ୟ ଦେବା ଭଲ । ତେଣୁ ଅତି ପ୍ରତ୍ୟୁଷରୁ କିମ୍ବା ରାତିରେ ଖାଦ୍ୟ ଦେବା ଉଚିତ୍ ।

୨। ଖାଦ୍ୟକୁ ସବୁବେଳେ ଓଲଟପାଲଟ କରିବା ଉଚିତ୍, ଯାହାଦ୍ୱାରା କୁକୁଡ଼ାମାନେ ଖାଦ୍ୟପ୍ରତି ଆକୃଷ୍ଟ ହୁଅନ୍ତି ଓ ଖାଦ୍ୟ ଖାଇବାର ସ୍ପୃହା ବଢ଼ିଯାଏ ।

୩। ଦାନା ବ୍ୟତୀତ ଅଧିକ କ୍ୟାଲ୍‌ସିୟମ୍ କୁକୁଡ଼ାମାନଙ୍କୁ ଦେବା ଉଚିତ୍ । କାରଣ ତାହାଦ୍ୱାରା କୁକୁଡ଼ାମାନଙ୍କର ଅଣ୍ଡାର ଖୋଳ କେତେକ ପରିମାଣରେ ଶକ୍ତ ହୋଇଥାଏ । ଯେହେତୁ ଖରାଦିନେ କୁକୁଡ଼ା କମ୍ ଖାଦ୍ୟ ଖାଆନ୍ତି, ତେଣୁ ଦରକାର ମୁତାବକ ଶକ୍ତି ପାଇବା ପାଇଁ ଦାନାରେ ଅଧିକ ଶକ୍ତି, କମ୍ ପୁଷ୍ଟିସାର (ମାତ୍ର ସନ୍ତୁଳିତ) ଏବଂ ଅଧିକ ଭିଟାମିନ୍ ଓ ଖଣିଜ ଲବଣ ମିଶାଇବା ଦରକାର ।

କୁକୁଡ଼ା ଘରର ଉତ୍ତାପ ଜାଣିବା ପାଇଁ ଗୋଟିଏ ଥର୍ମୋମିଟର ଘର ଭିତରେ ଯେ କୌଣସି ସ୍ଥାନରେ ରଖି ବିଭିନ୍ନ ସମୟରେ ଉତ୍ତାପକୁ ଗୋଟିଏ କାଗଜରେ ଲେଖି ରଖାଯାଏ । ଯେଉଁ ସମୟରେ ଉତ୍ତାପ ଅଧିକ ହୋଇଥାଏ, ସେହି ସମୟରେ ଗରମର ପ୍ରତିକାର ପାଇଁ ତୁରନ୍ତ ପଦକ୍ଷେପ ନେବା ଉଚିତ୍ । ଯାହାଦ୍ୱାରା ଗରମ ଜନିତ ଦୁର୍ଘଟଣାରୁ କୁକୁଡ଼ାମାନଙ୍କୁ ରକ୍ଷା କରାଯାଇ ପାରିବ ।

**ବର୍ଷାଦିନେ କୁକୁଡ଼ାମାନଙ୍କର କିପରି ଯତ୍ନ ନେବା ଉଚିତ୍ –**

ପ୍ରଚଣ୍ଡ ଗ୍ରୀଷ୍ମ ଯୋଗୁଁ କୁକୁଡ଼ାମାନେ ଗ୍ରୀଷ୍ମଜନିତ କ୍ଲାନ୍ତ ହୋଇ ପଡ଼ିଥାଆନ୍ତି । ଏହି ଗ୍ରୀଷ୍ମଜନିତ କ୍ଲାନ୍ତ ଅବସ୍ଥା ପରେ ପରେ ଆମ ଦେଶରେ ବର୍ଷା ଋତୁ ଆସିଥାଏ । ବର୍ଷା ଋତୁରେ ପ୍ରଚୁର ବର୍ଷା ଏହି ଗ୍ରୀଷ୍ମଜନିତ କ୍ଲାନ୍ତ ଅବସ୍ଥାକୁ ଦ୍ୱିଗୁଣିତ କରିଥାଏ ।

ଏଥିଯୋଗୁଁ କୁକୁଡ଼ା ପାଳନରେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ । ଏହିସବୁ ସମସ୍ୟା ସାଧାରଣତଃ ବର୍ଷାର ପରିମାଣ ଓ ସେହି ସମୟରେ ବାୟୁମଣ୍ଡଳରେ ଆର୍ଦ୍ରତାର ପରିମାଣ ଉପରେ ନିର୍ଭର କରିଥାଏ ।

ବର୍ଷାଦିନେ ସାଧାରଣତଃ ଶ୍ୱାସଜନିତ ରୋଗ ଓ କୋଲିବ୍ୟାସିଲୋସିସ୍ ନାମକ ଆନ୍ତ୍ରିକ ରୋଗ ହୋଇଥାଏ । ଏହି ରୋଗ ବର୍ଷା ବାୟୁମଣ୍ଡଳର ଅତ୍ୟଧିକ ଆର୍ଦ୍ରତା ଓ ଅପରିଷ୍କାର ଏବଂ ଦୂଷିତ ପାଣି ଯୋଗୁଁ ହୋଇଥାଏ । ସାଧାରଣତଃ ଚାଷୀମାନେ କୁକୁଡ଼ାମାନଙ୍କ ଘରେ ପାଣି ନ ପଶିବା ପାଇଁ କୁକୁଡ଼ା ଘରର ଜାଲି, ଝରକା ସବୁ ଅଖା କିମ୍ବା ପର୍ଦ୍ଦା ଦେଇ ବନ୍ଦ କରି ଦେଇଥାଆନ୍ତି । କୁକୁଡ଼ା ଘର ମାନଙ୍କରେ ମୁକ୍ତବାୟୁ ଚଳାଚଳ ହୋଇପାରେ ନାହିଁ । ଯାହାଦ୍ୱାରା କୁକୁଡ଼ା ଘରେ ଆମୋନିଆ ବାଷ୍ପର ସାନ୍ଦ୍ରତା ଅଧିକ ହୋଇଥାଏ । ଏ କୁକୁଡ଼ାମାନେ ବିଭିନ୍ନ ପ୍ରକାର ଜୀବାଣୁ ଓ ଭୂତାଣୁ ଜନିତ ରୋଗ ଆକ୍ରାନ୍ତ ହୋଇଥାଆନ୍ତି । କୁକୁଡ଼ାମାନେ ମଧ ଅଧିକ ଆମୋନିଆ ବାଷ୍ପ ଯୋଗୁଁ ଆଖି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି ।

ବର୍ଷାଦିନେ ପିଇବା ପାଣି କୁକୁଡ଼ାମାନଙ୍କ ଠାରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ । ସାଧାରଣତଃ ଚାଷୀମାନେ କୂଅ, ପୋଖରୀ କିମ୍ବା ନିକଟସ୍ଥ ନଦୀ ମାନଙ୍କରୁ ପାଣି ଆଣି ଫାର୍ମରେ ବ୍ୟବହାର କରିଥାଆନ୍ତି । ଯଦି ବର୍ଷା ଦିନେ ପାଣିର ଉପଯୁକ୍ତ ଯତ୍ନ ନିଆ ନଯାଏ, ତାହାହେଲେ ବର୍ଷାପାଣି ବିଭିନ୍ନ ସଂକ୍ରମିତ ପଦାର୍ଥ ଓ ଅନ୍ୟ ଜୈବିକ ପଦାର୍ଥ ସହିତ ମିଶି ଦୂଷିତ ହେବା ସଙ୍ଗେ ସଙ୍ଗେ ଏହି କୂଅ ଓ ପୋଖରୀ ପାଣିରେ ମିଶି ଏହାକୁ ଦୂଷିତ କରିଥାଏ । ଫଳରେ କୂଅ ଓ ପୋଖରୀ ପାଣି କର୍ଦ୍ଦମକ୍ତ ହୋଇ ଗୋଳିଆ ହୋଇଯାଏ । ଦୂଷିତ ପାଣିକୁ ଫାର୍ମରେ ବ୍ୟବହାର କରିବା ଦ୍ୱାରା କୁକୁଡ଼ାମାନେ ସାଧାରଣତଃ ଇ-କୋଲି ଓ ଅନ୍ୟ ଜୀବାଣୁ ଜନିତ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି ।

ବର୍ଷାଦିନେ ବାରମ୍ବାର କୁକୁଡ଼ା ଘରର ଲିଟର ଓଦା ହୋଇଯାଏ ଓ ବର୍ଷାଯୋଗୁଁ ବାହାରର ଆର୍ଦ୍ରତା ଅତ୍ୟଧିକ ହୋଇଥିବା ହେତୁ ଏହା କୁକୁଡ଼ାମାନଙ୍କ ଠାରେ କକ୍ସିଡ଼ିଆ ଓ ଅନ୍ୟାନ୍ୟ କୃମିଜନିତ ରୋଗ ସୃଷ୍ଟି କରାଇଥାଏ । ଏହା ସଙ୍ଗେ ସଙ୍ଗେ ଓଦାଳିଆ



ଲିଟର ଓ ଲିଟରରେ ପଡ଼ିଥିବା ଖାଦ୍ୟ ଓଦା ହୋଇ ବିଭିନ୍ନ ପ୍ରକାର ଫିମ୍ପିଜାତୀୟ ରୋଗ ସୃଷ୍ଟି କରାଇଥାଏ । ତେଣୁ ଏହିସବୁ ସମସ୍ୟାକୁ ଆଖି ଆଗରେ ରଖି ଆମକୁ କୁକୁଡ଼ା ଘରର ସୁପରିଚାଳନା ଓ କୁକୁଡ଼ାଙ୍କର ଯତ୍ନ ପାଇଁ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ ।

୧। କୁକୁଡ଼ା ଘରର ଖୋଲାଥିବା ପାର୍ଶ୍ୱକୁ ବର୍ଷାର ପରିମାଣ ଓ ବେଗ ଦେଖି ଏପରି ଭାବରେ ବନ୍ଦ କରିବାକୁ ହେବ, ଯେପରି ଘରେ ମୁକ୍ତ ବାୟୁ ଚଳାଚଳ ବାଧାପ୍ରାପ୍ତ ହେବ ନାହିଁ ଏବଂ ଘର ଭିତରକୁ ବର୍ଷା ପାଣିର ଛିଟା ପଡ଼ିବ ନାହିଁ । ଯାହାଦ୍ୱାରା କୁକୁଡ଼ାମାନଙ୍କୁ ଥଣ୍ଡା ଓ ଅନ୍ୟାନ୍ୟ ଅସୁବିଧାରୁ ରକ୍ଷା କରାଯାଇପାରିବ ।

୨। କୁକୁଡ଼ା ଘରର ଲିଟରକୁ ବାରମ୍ବାର ଘାଣ୍ଟିବାକୁ ହେବ, ଯାହା ଦ୍ୱାରା ଏହା ଶୁଖିଲା ରହିବ । ଯଦି ଘର ଭିତରେ କୌଣସି ଜାଗାରେ ଲିଟର ଓଦାଳିଆ ଥାଏ, ତେବେ ତାକୁ ଘର ଭିତରୁ କାଢ଼ିଦେଇ ତାହା ଜାଗାରେ ଶୁଖିଲା ଲିଟର ପକାଇବା ଉଚିତ୍ ।

୩। ଖାଦ୍ୟ ପଦାର୍ଥକୁ ଗୋଟିଏ ଉଚ୍ଚ ଜାଗାରେ ଘୋଡ଼ାଇ ରଖିବା ଉଚିତ୍ । ଫଳରେ ଏହା ଓଦା ନ ହୋଇ ଶୁଖିଲା ରହିବ ।

୪। ପିଇବା ପାଣିର ନଳୀ ବା ପାଇପ୍‌କୁ ଭଲ ଭାବରେ ସଫା କରିବାକୁ ହେବ । ଯାହାଫଳରେ ଏଥିରେ ଶିଉଳି ଲାଗି ପାଣିକୁ ଦୂଷିତ କରିପାରବି ନାହିଁ ।

୫। ବର୍ଷାପାଣିକୁ କିମ୍ବା ନଈପାଣିକୁ ପୋଖରୀ ମାନଙ୍କରେ ଗଚ୍ଛିତ କରି ରଖିବା ଓ ନିୟମିତ ଫିଟିକିରି କିମ୍ବା ପଟାସ୍ କିମ୍ବା ବ୍ଲିଚିଂ ପାଉଡରରେ ବିଶୋଧନ କରିବା ଉଚିତ୍ । ମନେ ରଖିବା ଉଚିତ୍ ଯେ ଯେଉଁ ସମୟରେ କୁକୁଡ଼ାମାନଙ୍କୁ ଟୀକା ଦିଆଯାଉଥିବ, ସେହି ସମୟରେ ବ୍ଲିଚିଂ ପାଉଡରରେ ବିଶୋଧିତ ପାଣିକୁ ପିଇବାକୁ ଦେବା ଉଚିତ୍ ନୁହେଁ । ସାଧାରଣତଃ ୫ ଘନଫୁଟ ପାଣିକୁ ୧ ଗ୍ରାମ୍ ବ୍ଲିଚିଂ ପାଉଡର ହିସାବରେ ବିଶୋଧନ କରାଯାଇଥାଏ ।

୬। ସମୟେ ସମୟେ ପିଇବା ପାଣିକୁ ବିଜ୍ଞାନଗାରରେ ବିଭିନ୍ନ ପ୍ରକାର ଜୀବାଣୁ ଓ ଇଲେକ୍ଟ୍ରୋଲାଇଟ୍ ଅଛି କି ନାହିଁ ପରୀକ୍ଷା କରି ଦେଖିବା ଉଚିତ୍ ।

୭। କୁକୁଡ଼ା ଖାଦ୍ୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ବର୍ଷାଦିନ ମାନଙ୍କରେ ମାଂସ ପାଇଁ ଅଣ୍ଡାଦିଆ କୁକୁଡ଼ାମାନଙ୍କ ପାଇଁ କେଉଁ ପ୍ରକାର ଖାଦ୍ୟ ଆବଶ୍ୟକ ତାହା ଠିକ୍ କରିବା ଉଚିତ୍ ।

୮। କ୍ଳାନ୍ତ ଦୂର କରିବା ଔଷଧ ବର୍ଷାଦିନରେ ଦେବା ଉଚିତ୍ । ବର୍ଷା ଦିନମାନଙ୍କରେ କୁକୁଡ଼ା ଘରକୁ ବେଶି ଚଳପ୍ରଚଳ କରିବା କିମ୍ବା ବେଶୀ ଜିନିଷପତ୍ର ନେବା ଆଣିବା କରିବା ଉଚିତ୍ ନୁହେଁ ।

୯। ମଲା କୁକୁଡ଼ା ବା କୌଣସି ସଂକ୍ରମିତ ପଦାର୍ଥ ଏଣେତେଣେ ନ ଫୋପାଡ଼ି ପୋତି ଦେବା କିମ୍ବା ପୋଡ଼ି ଦେବା ଉଚିତ୍ ।

୧୦। ସାଧାରଣତଃ ବିଭିନ୍ନ କୀଟ ପତଙ୍ଗମାନେ ଭୂତାଣୁଜନିତ ରୋଗର ବାହକ ହୋଇଥାଆନ୍ତି । ଏମାନଙ୍କ ଦ୍ୱାରା ଭୂତାଣୁଜନିତ ରୋଗ କୁକୁଡ଼ାମାନଙ୍କୁ ବ୍ୟାପିଥାଏ । ଏଥିପାଇଁ କୁକୁଡ଼ା ଘରର ଚାରି ପାଖରୁ ଅତି କମ୍‌ରେ ୧୦-୧୫ ଫୁଟ ଜାଗାରୁ ଅନାବନା ଗଛ ଓ ଘାସ ପୋଡ଼ି ସଫା କରିଦେବା ଉଚିତ୍ ଏବଂ କକ୍‌ସିଡ଼ିଆ ନ ହେବା ପାଇଁ ଦାନାରେ ପ୍ରତିଷେଧକ ଔଷଧ ଦେବା ଉଚିତ୍ । ସାଧାରଣତଃ ବର୍ଷା ଦିନେ ମାଛିମାନଙ୍କର ବଂଶବୃଦ୍ଧି ହୋଇଥାଏ । ଏହି ମାଛିମାନେ ବିଭିନ୍ନ କୃମିଜନିତ, ଜୀବାଣୁଜନିତ ଓ ଭୂତାଣୁଜନିତ ରୋଗର ବାହକ ରୂପେ କାର୍ଯ୍ୟ କରିଥାଆନ୍ତି । ତେଣୁ କୁକୁଡ଼ା ଘରେ ମାଛି ଏବଂ କୀଟପତଙ୍ଗକୁ ମାରିବା ପାଇଁ ନିୟମିତ କୀଟନାଶକ ଔଷଧ ସ୍ପ୍ରେ କରିବା ଉଚିତ୍ ।

ଏହି ସବୁ ବିଷୟ ପ୍ରତି ଦୃଷ୍ଟି ଦେଲେ ଆମ୍ଭେ ବର୍ଷାଦିନେ କୁକୁଡ଼ାମାନଙ୍କୁ ଭଲ ଭାବରେ ପାଳନ କରିପାରିବା ସଙ୍ଗେ ସଙ୍ଗେ ବିଭିନ୍ନ ରୋଗମାନଙ୍କ ପ୍ରାଦୁର୍ଭାବରୁ କୁକୁଡ଼ାମାନଙ୍କୁ ରକ୍ଷା କରିପାରିବା ଓ କୁକୁଡ଼ା ପାଳନରେ ଲାଭବାନ୍ ହୋଇପାରିବା ।

**ଶୀତଦିନେ କୁକୁଡ଼ାମାନଙ୍କର ଯତ୍ନ ଓ ପାଳନ –**

ସାଧାରଣତଃ ଶୀତଦିନ ଆସିଲେ ଅନେକ କୁକୁଡ଼ାପାଳକ ଖୁସି ହୋଇଥାଆନ୍ତି । କାରଣ ଗ୍ରୀଷ୍ମ ଦିନେ ସେମାନେ ଯେଉଁ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି, ତାହା



ଶୀତଦିନମାନଙ୍କରେ ହେବାର ଭୟ ନଥାଏ । କିନ୍ତୁ କେତେକ କୁକୁଡ଼ା ପାଳକ ଶୀତଦିନେ ଅସୁବିଧାର ସମ୍ମୁଖୀନ ହୋଇ ଭାବନ୍ତି ଯେ, ଖରାଦିନେ ଶୀତଦିନ ଅପେକ୍ଷା ଭଲ ।

**ଉତ୍ତାପ ହ୍ରାସ –**

ସାଧାରଣତଃ ଶୀତଦିନେ ବାୟୁମଣ୍ଡଳର ଉତ୍ତାପ ହ୍ରାସ ପାଇଥାଏ । ଏହି ଉତ୍ତାପ କୁକୁଡ଼ାମାନଙ୍କର ଶରୀରର ଉତ୍ତାପ ଠାରୁ କମ୍ ହୋଇଥାଏ । ଯାହା ଫଳରେ କି କୁକୁଡ଼ାମାନେ ବାୟୁମଣ୍ଡଳକୁ ଉତ୍ତାପ ଛାଡ଼ି ଥାଆନ୍ତି । ସେହି ସମୟରେ ମଧ୍ୟ କୁକୁଡ଼ା ଘରର ଚଟାଣରେ ଉତ୍ତାପ କମ୍ ଥାଏ । ଏହା ମଧ୍ୟ କୁକୁଡ଼ା ଶରୀର ଉତ୍ତାପକୁ ହ୍ରାସ କରାଇଥାଏ । ଯାହାଫଳରେ କୁକୁଡ଼ାମାନେ ଆରାମ ପାଆନ୍ତି ନାହିଁ । ସମୟେ ସମୟେ ଶୀତଦିନେ ବର୍ଷା ହେବା ଯୋଗୁଁ ବାୟୁ ମଣ୍ଡଳର ଆର୍ଦ୍ରତା ଅଧିକ ଥାଏ । ଏହି କୁକୁଡ଼ା ଶରୀରରୁ ଉତ୍ତାପ ଗ୍ରହଣ କରି କୁକୁଡ଼ାମାନଙ୍କର ଶରୀର ଉତ୍ତାପ ହ୍ରାସ କରାଇଥାଏ । ଯାହା ଫଳରେ କୁକୁଡ଼ାମାନେ ଆରାମ କରିପାରନ୍ତି ନାହିଁ । ଶୀତଦିନେ କୁକୁଡ଼ା ମାଂସ ଓ ଅଣ୍ଡାର ଦାମ୍ ଅତ୍ୟଧିକ ହୋଇଥାଏ । ତେଣୁ ଯେପରି କୁକୁଡ଼ା ମାନେ ଅଧିକ ଅଣ୍ଡା ଦେବା ଓ ଶୀଘ୍ର ବଢ଼ି ମାଂସ ଉପଯୋଗୀ ହୋଇପାରିବେ ସେଥିପ୍ରତି ଦୃଷ୍ଟି ହେବା ଉଚିତ୍ । ତେଣୁ ଶୀତଦିନ ଯୋଗୁଁ ଉତ୍ତାପ ହ୍ରାସଜନିତ ସମସ୍ୟା ଗୁଡ଼ିକର ନିରାକରଣ କରିବା ଉଚିତ୍ ।

୧। ଶୀତଦିନେ କୁକୁଡ଼ାମାନଙ୍କ ଶରୀରରୁ ଅଧିକ ଜଳୀୟ ପଦାର୍ଥ ନିର୍ଗତ ହୋଇଥାଏ । କୁକୁଡ଼ାମାନଙ୍କ ମଳରେ ୭୦-୮୦ ପ୍ରତିଶତ ଜଳୀୟ ପଦାର୍ଥ ଥାଏ । ଏହି ମଳରୁ ୨୦ ପ୍ରତିଶତ ଜଳୀୟ ପଦାର୍ଥ ବାୟୁରେ ମିଶିଥାଏ । ଓ ଅବଶିଷ୍ଟ ଜଳୀୟ ପଦାର୍ଥ କୁକୁଡ଼ା ଘର ଅଳିଆରେ ମିଶି ଏହାକୁ ଓଦା କରିଥାଏ ଓ ଲିଟର ମୁଣ୍ଡା ହୋଇଯାଏ । ସେଥିପାଇଁ କୁକୁଡ଼ା ଘର ଅଳିଆକୁ ପ୍ରତି ୨ ଦିନରେ ଥରେ ଘାଣ୍ଟିଦେବାକୁ ହୋଇଥାଏ । ଯାହାଦ୍ୱାରା ଏହି ଲିଟର ଶୁଖିଲା ରହେ ।

୨। ଝରକା ବନ୍ଦ କରିବା – ଶୀତଦିନେ ପବନ ଯିବା ପାଇଁ ଝରକାର ତଳଭାଗ ଓ ପାର୍ଶ୍ୱଜାଲିକୁ ଭଲ ଭାବରେ ବନ୍ଦ କରିବା ଉଚିତ୍, ଯେପରି ଘର ଭିତରକୁ ବାୟୁ ଚଳାଚଳ ବ୍ୟାହତ ନ ହୁଏ ।

୩। ଘରର ତାରଜାଲିକୁ ପର୍ଦ୍ଦା ବା ଅଖା ଦ୍ୱାରା ବନ୍ଦ କରିବା ଉଚିତ । ଏହା ଦିନରେ ଖୋଲି ଦିଆଯାଇଥାଏ ଓ ରାତିରେ ବନ୍ଦ କରାଯାଇଥାଏ । ଘରର ଗୋଟିଏ ପାର୍ଶ୍ୱ ବା ସବୁ ପାର୍ଶ୍ୱରେ ଜାଲିକୁ ଶୀତର ପ୍ରକୋପ ଅନୁସାରେ ବନ୍ଦ କିମ୍ବା ଖୋଲା ରଖାଯାଇଥାଏ ।

୪। ଜାଲି ଉପରିଭାଗ ଖୋଲା ରହିବା ଉଚିତ୍ । ଏହାଦ୍ୱାରା ଘର ଭିତରେ ବାୟୁ ଚଳାଚଳ ହେବା ସଙ୍ଗେ ସଙ୍ଗେ ଘର ଭିତରୁ ଜଳୀୟବାଷ୍ପ ଓ କାରବାନ୍ ଡାଇଅକ୍ସାଇଡ୍ ବାହାର କରି ଦେଇଥାଏ ।

୫। ଶୀତଦିନେ ସାଧାରଣତଃ କୁହୁଡ଼ି ହୋଇଥାଏ । ତେଣୁ କୁକୁଡ଼ି ଦିନ ମାନଙ୍କରେ ସକାଳେ କୁକୁଡ଼ା ଘରେ ଆଲୁଅ ଦେବାର ବ୍ୟବସ୍ଥା କରିବା ଉଚିତ୍ ।

୬। ଶୀତଦିନେ କୁକୁଡ଼ାମାନଙ୍କୁ ଶକ୍ତିବର୍ଦ୍ଧକ ଦାନା ଖାଇବାକୁ ଦେବା ଉଚିତ୍ ।

୭। ଯଦି ଶୀତଦିନେ କୁକୁଡ଼ାମାନେ ଅଧିକ ଥଣ୍ଡାଯୋଗୁଁ ଗୋଟିଏ ଜାଗାରେ ଜାକି ହୋଇ ବସି ରହିଥାନ୍ତି, ତା ହେଲେ ସେମାନଙ୍କୁ ହୁରୁଡ଼ାଇ ସଚେତନ କରି ଚଳଚଞ୍ଚଳ କରିବା ଉଚିତ୍ ।

୮। ସାଧାରଣତଃ କୁକୁଡ଼ାମାନେ ସକାଳ ହେବା ମାତ୍ରେ ଓ ଦାନା ଖାଇଲା ବେଳେ ଅଧିକ ଚଳଚଞ୍ଚଳ ଓ କାର୍ଯ୍ୟକ୍ଷମ ହୋଇଥାଆନ୍ତି । ସେଥିପାଇଁ ପ୍ରତି ସନ୍ଧ୍ୟାରେ କୁକୁଡ଼ାମାନଙ୍କ ଘରେ ଉପଯୁକ୍ତ ପରିମାଣର ଦାନା ଓ ଜଳ ଦେବା ଦରକାର । ଯେପରି ସକାଳର ଜଳପାତ୍ରରେ ଓ ଦାନାପାତ୍ରରେ ଜଳ ଦାନ ଥିବ ।

୯। କୁକୁଡ଼ାମାନଙ୍କର ଦାନାକୁ ଶୀତଦିନେ ଓଦାଳିଆ କରି ଖାଇବାକୁ ଦେବା ଉଚିତ୍ ନୁହେଁ । କୁକୁଡ଼ା ଦାନାପାତ୍ରକୁ ସବୁବେଳେ ଝାଡ଼ି ସଫାକରି ରଖିବା ଉଚିତ୍ । କେବେହେଲେ ଦାନାକୁ ମୁଣ୍ଡ ହେବା ପର୍ଯ୍ୟନ୍ତ ରଖିବା ଉଚିତ୍ ନୁହେଁ ।

୧୦। କୁକୁଡ଼ା ଘରର ଛାତ ସାଧାରଣତଃ ଟିଣ କିମ୍ବା ଆଜବେଷ୍ଟସ୍ ଦ୍ୱାରା ହୋଇଥାଏ । ଏହାର ନଟ୍ ଓ ବୋଲ୍ଟ କଣ୍ଟା ଦ୍ୱାରା ଅଣ୍ଟାଯାଇ ଥାଏ । ବେଳେବେଳେ ଶୀତଦିନେ ଏହି ନଟ୍ ବୋଲ୍ଟ ବାଟେ ପାଣି ଜକେଇ ଘରେ ପଡ଼ିଥାଏ । ତେଣୁ ଏହି ଜାଗାକୁ ଭଲ ଭାବରେ ବନ୍ଦ କରି ଦେବା ଉଚିତ୍ ।



୧୧। କୁକୁଡ଼ାମାନଙ୍କର ଘରର ଚାରି ପାଖରେ ଥିବା ଅନାବନା ଗଛ ଓ ଘାସମାନଙ୍କୁ ଉପାଡ଼ି ଦେବା ଉଚିତ୍ ଏବଂ ସମୟେ ସମୟେ ବିଭିନ୍ନ କୀଟନାଶକ ଔଷଧ ସ୍ପ୍ରେ କରିବା ଉଚିତ୍ । ଯାହାଦ୍ୱାରା ବିଭିନ୍ନ କୀଟମାନଙ୍କର ବଂଶବୃଦ୍ଧି ହ୍ରାସ ପାଏ ।

୧୨। ଶୀତଦିନେ ସାଧାରଣତଃ ଫିମ୍ପି ଜାତୀୟ ଶ୍ୱାସଜନିତ ରୋଗ ଦେଖାଯାଏ । ଏହି ରୋଗ ନ ହେବା ପାଇଁ ଉପଯୁକ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଉଚିତ୍ ।

**କୁକୁଡ଼ାଙ୍କ ଦୁର୍ଗୁଣ ଓ ତାର ବ୍ୟବହାର –**

ସାଧାରଣତଃ କୁକୁଡ଼ା ଫାର୍ମରେ ପରିଚାଳନାଗତ ଦୋଷତ୍ରୁଟିରୁ ଚାରି ପ୍ରକାର ଦୁର୍ଗୁଣ ଦେଖାଯାଏ ।

୧। ସ୍ୱଜାତି ଭକ୍ଷଣ  ୨। ଅଣ୍ଡା ଭକ୍ଷଣ

୩। ପର ଖୁମ୍ପିବା  ୪। ଅଣ୍ଡା ଲୁଚାଇବା

ଏହି ଚାରିପ୍ରକାର ଦୁର୍ଗୁଣ ମଧ୍ୟରେ ସ୍ୱଜାତି ଭକ୍ଷଣ ଅତ୍ୟନ୍ତ କ୍ଷତିକାରକ ।

**ସ୍ୱଜାତି ଭକ୍ଷଣ –**

କୁକୁଡ଼ାମାନଙ୍କର ପରସ୍ପର ଖୁମ୍ପାଖୁମ୍ପି, ହଣାହଣି ହେବାକୁ ସ୍ୱଜାତି ଭକ୍ଷଣ କୁହାଯାଏ । ବିଭିନ୍ନ ପ୍ରକାରର ସ୍ୱଜାତି ଭକ୍ଷଣ ଦେଖାଯାଏ । କୌଣସି ଗୋଟିଏ କୁକୁଡ଼ାର ସ୍ୱଜାତି ଭକ୍ଷଣ ଦୁର୍ଗୁଣ ଆରମ୍ଭ ହେଲେ ଅନ୍ୟ କୁକୁଡ଼ାମାନେ ଖୁବ୍ ଶୀଘ୍ର ଅନୁକରଣ କରନ୍ତି ଓ ଏହା ତୀବ୍ର ଆକାର ଧାରଣ କରନ୍ତି ।

**୧। ମୁଣ୍ଡ ଖୁମ୍ପାଖୁମ୍ପି –**

କୁକୁଡ଼ାମାନେ ପରସ୍ପର ମଧ୍ୟରେ ଖୁମ୍ପାଖୁମ୍ପି କଲାବେଳେ ଯଦି କୌଣସି କୁକୁଡ଼ାର ଚୂଳ କିମ୍ବା ଫୁଲିରୁ ରକ୍ତ ବାହାରେ, ତେବେ ଅନ୍ୟ କୁକୁଡ଼ାମାନେ ଅତି ତୀବ୍ର ଭାବରେ ତାର ମୁଣ୍ଡକୁ ଓ କ୍ଷତ ଯାଗାକୁ ଖୁମ୍ପିବାକୁ ଆରମ୍ଭ କରନ୍ତି । ଯାହା ଫଳରେ ସେହି କୁକୁଡ଼ା ମୃତ୍ୟୁ ମୁଖରେ ପଡ଼େ ।

**୨। ପଦାଙ୍ଗୁଳି ଖୁମ୍ପାଖୁମ୍ପି –**

ସାଧାରଣତଃ କୁକୁଡ଼ାମାନେ ପଦାଙ୍ଗୁଳି ଖୁମ୍ପାଖୁମ୍ପି ହୁଅନ୍ତି । ଯଦି ସେହି ଅବସ୍ଥାରେ କୌଣସି କୁକୁଡ଼ାର ପଦାଙ୍ଗୁଳି ଆଘାତ ପ୍ରାପ୍ତ ହୋଇ ରକ୍ତସ୍ରାବ ହୁଏ, ଅନ୍ୟ କୁକୁଡ଼ାମାନେ ସେଠାରେ ଆଘାତ କରନ୍ତି ଓ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ କୁକୁଡ଼ାର ମୃତ୍ୟୁ ହୁଏ । ସେହିପରି (୩) ଡେଣା ଏବଂ ପୁଚ୍ଛ ଖୁମ୍ପାଖୁମ୍ପି, (୪) ଥଣ୍ଟ ଖୁମ୍ପାଖୁମ୍ପି, (୫) ମଳଦ୍ୱାରା ତଳିପେଟ ଖୁମ୍ପାଖୁମ୍ପି, (୬) ପର ଖୁମ୍ପିବା ଯୋଗୁଁ ଆଘାତ ପ୍ରାପ୍ତ କୁକୁଡ଼ାର କ୍ଷତ ହୁଏ ।

**କାରଣ –**

୧। ସ୍ଥାନାଭାବ – କୁକୁଡ଼ା ଘରେ ରହିବା ପାଇଁ ସ୍ଥାନାଭାବ ପଡ଼ିଲେ ସେମାନେ ଠେଲାପେଲା ହୋଇ ପରସ୍ପର ଖୁମ୍ପାଖୁମ୍ପି ହୁଅନ୍ତି ।

୨। ଦାନାଧାନୀ ଓ ଜଳଧାନୀ ଅଭାବ – କୁକୁଡ଼ାଙ୍କ ସଂଖ୍ୟା ଅନୁସାରେ ଯଦି କମ୍ ସଂଖ୍ୟକ ଦାନାଧାନୀ ଓ ଜଳଧାନୀ ଥାଏ, ତେବେ ଖାଇବା ପାଇବା ପାଇଁ ଓ ପାଣି ପିଇବା ପାଇଁ ପରସ୍ପର ମଧ୍ୟରେ ପ୍ରତିଯୋଗିତା ହୋଇ ଖୁମ୍ପାଖୁମ୍ପି ହୁଅନ୍ତି ।

୩। ଖାଦ୍ୟାଭାବ – ଆନୁପାତିକ ସଂଖ୍ୟାରେ ଦାନାଧାନୀ ଓ ଜଳଧାନୀ ଥାଇ ଯଦି କମ୍ ଦାନା ଓ ଜଳ ଥାଏ, ତେବେ ମଧ୍ୟ ଏହି ଦୁର୍ଗୁଣ ଦେଖାଯାଏ ।

୪। ଖାଦ୍ୟସାର ଅଭାବ – ଆବଶ୍ୟକୀୟ ପରିମାଣରେ ଦାନା ଥାଇ ଯଦି ଦାନା ସନ୍ତୁଳିତ ହୋଇ ନଥାଏ ।

(କ) ଆହାରରେ ବିଶେଷତଃ ପୁଷ୍ଟିସାର ଖାଦ୍ୟ କମ୍ ପରିମାଣରେ ଥାଏ କିମ୍ବା ଆବଶ୍ୟକୀୟ ପରିମାଣର ପୁଷ୍ଟିସାର ପାଇ ମଧ୍ୟ ଯଦି ଉପଯୁକ୍ତ ପରିମାଣର ଏମିନୋଏସିଡ୍ ଯଥା ମିଥାୟୋନିନ୍, ଲାଇସିନ୍ ଇତ୍ୟାଦି ନ ଥାଏ ।

(ଖ) ଦାନାରେ ଉପଯୁକ୍ତ ପରିମାଣର ଖାଇବା ଲୁଣ, ମାଙ୍ଗାନିଜ କିମ୍ବା ଧାତବ ଲବଣ ନ ଥିଲେ ଅନ୍ୟ କୁକୁଡ଼ାକୁ ଖୁମ୍ପି ତାର ରକ୍ତ ମାଂସ ଖାଇ ଅଭାବ ପଡ଼ିଥିବା ଖାଦ୍ୟସାରମାନଙ୍କୁ ପୂରଣ କରିବାକୁ ଚେଷ୍ଟାକରେ ।



୫। ଅଧିକ ଆଲୋକ – କୁକୁଡ଼ା ଘରେ ଆବଶ୍ୟକ ପରିମାଣର ଆଲୋକ ଠାରୁ ଯଦି ଅତ୍ୟଧିକ ଆଲୋକର ବ୍ୟବସ୍ଥା କରାଯାଇଥାଏ ।

୬। ମନ୍ଦ ପ୍ରକୃତି – ଯଦି କୁକୁଡ଼ା ଘରେ କୌଣସି କୁକୁଡ଼ାର ସ୍ୱଜାତି ଭକ୍ଷଣ ହିଂସ୍ର ପ୍ରକୃତି ଦେଖାଯାଏ, ତାହା କ୍ରମଶଃ ଅନ୍ୟ କୁକୁଡ଼ାମାନଙ୍କ ଠାରେ ଅନୁକରଣ ହୋଇ ବ୍ୟାପେ ।

୭। ଫାର୍ମରେ କୌଣସି କୁକୁଡ଼ା ଦେହରେ କ୍ଷତ ହୋଇ ଯଦି ରକ୍ତସ୍ରାବ ହୁଏ, ଘାଆ କିମ୍ବା ଅଣ୍ଡା ଦେଇଥିବା ବେଳେ କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ଯଦି ମଳଦ୍ୱାର ପଦାକୁ ବାହାରି ପଡ଼େ, ଅନ୍ୟ କୁକୁଡ଼ା ସେହି ଅଂଶକୁ ଖୁମ୍ପିବାକୁ ଆରମ୍ଭ କରି ମାଂସ ଓ ରକ୍ତର ସ୍ୱାଦ ଚାଖି ଗଲାପରେ ଅନ୍ୟ କୁକୁଡ଼ାଙ୍କୁ ଖୁମ୍ପି ଖଣ୍ଡିଆ କରି ମାଂସ ଓ ରକ୍ତ ଖାଇବାକୁ ଭଲ ପାଆନ୍ତି ।

**ପ୍ରତିକାର –**

୧। କୁକୁଡ଼ା ଘରେ କୁକୁଡ଼ାଙ୍କର ବୟସ, ଜାତି ପ୍ରଜାତି ଓ ପାଳିବାର ଉଦ୍ଦେଶ୍ୟକୁ ଆଖି ଆଗରେ ରଖି କୁକୁଡ଼ାଙ୍କ ସଂଖ୍ୟା ନିର୍ଣ୍ଣୟ କରାଯିବା ଉଚିତ୍ ।

୨। କୁକୁଡ଼ାଙ୍କର ବୟସ, ସଂଖ୍ୟା ଓ ପ୍ରକାର ଅନୁସାରେ ଆବଶ୍ୟକୀୟ ସଂଖ୍ୟକ ଓ ଆକାରର ଦାନାଧାନୀ ଓ ଜଳଧାନୀ ନିର୍ଦ୍ଦିଷ୍ଟ ବ୍ୟବଧାନରେ ରଖିବା ଉଚିତ୍ ।

୩। କୁକୁଡ଼ାଙ୍କ ଆବଶ୍ୟକୀୟ ପରିମାଣର ସନ୍ତୁଳିତ ଦାନା ଦେବା ଉଚିତ୍ । ଦାନାରେ ଉନ୍ନତ ମାନର ଶୁଖୁଆଗୁଣ୍ଡ, ମାଂସଗୁଣ୍ଡ ଇତ୍ୟାଦି ପ୍ରାଣୀଜ ପୁଷ୍ଟିସାର ମିଶାଇବା ଦରକାର । ମିଥାୟୋନିନ୍‌ର ଅଭାବ ପୂରଣ ପାଇଁ ଅଧା ରାଶି ପିଡ଼ିଆ ଓ ଅଧା ଚିନାବାଦାମ ପିଡ଼ିଆ ଦାନାରେ ମିଶାଇବା ଦରକାର । କାରଣ ଚିନାବାଦାମ ପିଡ଼ିଆରେ ମିଥାୟୋନିନ୍ ନ ଥାଏ । ଯଦି ରାଶି ପିଡ଼ିଆ ନ ମିଳେ, ତେବେ ବଜାରରେ ମିଳୁଥିବା ମିଥାୟୋନିନ୍ ମିଶାଯାଇପାରେ । ସେହିପରି ଭଲ ଶୁଖୁଆଗୁଣ୍ଡ ନ ମିଳିଲେ ଲାଇସିନ୍‌ର ଅଭାବ ପୂରଣ ପାଇଁ କିଛି ସୋୟାବିନ୍ ପିଡ଼ିଆ ମିଶାଯାଏ କିମ୍ବା ବଜାରରେ ମିଳୁଥିବା ଲାୟୋସିନ୍ ଓ ବି–୧୨ ଜୀବନିକା ମିଶାଯାଏ ।

୪। ଶୁଖୁଆ ଗୁଣ୍ଡରେ ଯଦି ଲୁଣ ମିଶାଯାଇ ନଥାଏ, ତେବେ ଦାନାରେ ୦.୫ ପ୍ରତିଶତ ଖାଇବା ଲୁଣ ମିଶାଯାଇପାରେ ।

୫। ମାଙ୍ଗାନିଜ୍, ଧାତବ ଲବଣ ଅଭାବ ପୂରଣ ପାଇଁ କାଣ୍ଡିଆ କୁଣ୍ଡା କିମ୍ବା ପ୍ରତି କ୍ୱିଣ୍ଟାଲ ଦାନାରେ ୨୫ ଗ୍ରାମ୍ ମାଙ୍ଗାନିଜ୍ ସଲ୍‌ଫେଟ୍ ମିଶାଯାଏ ।

୬। କୁକୁଡ଼ା ଘରେ ଯଦି ଅତ୍ୟଧିକ ଆଲୋକ କିମ୍ବା ମରକୁରୀ ଲାଇଟ୍ ଇତ୍ୟାଦି ଥାଏ, ତା ହେଲେ ତାକୁ ତୁରନ୍ତ ବାହାର କରିଦେବା ଉଚିତ୍ ।

୭। କୁକୁଡ଼ା ଘରେ ଯଦି କୌଣସି କୁକୁଡ଼ା ଠାରେ ରକ୍ତସ୍ରାବ ବା ଘା ହୁଏ କିମ୍ବା ମଳଦ୍ୱାରା ଅବସ୍ଥୁରରୁ ପଦାକୁ ବାହାରି ଆସେ, ତେବେ ସେ କୁକୁଡ଼ାକୁ ବାହାରକୁ ଆଣି ଅନ୍ୟତ୍ର ରଖାଯାଏ । ଯଦି ଅନ୍ୟତ୍ର ରଖିବାର ସୁବିଧା ନଥାଏ, ତାହାହେଲେ କୁକୁଡ଼ା ଘରେ ଅଳ୍ପ ଉଜ୍ଜ୍ୱଳ ବିଶିଷ୍ଟ ନାଲି ଆଲୁଅ ଜଳାଯାଏ ।

୮। କୁକୁଡ଼ା ଘରେ କୌଣସି କୁକୁଡ଼ା ଅନ୍ୟ କୁକୁଡ଼ାକୁ ଖୁମ୍ପିବାକୁ ଚେଷ୍ଟା କରୁଥିଲେ, ତାକୁ ବାହାର କରି ଅଲଗା ରଖାଯାଏ ।

୯। ସ୍ୱଜାତି ଭକ୍ଷଣ ତୁରନ୍ତ ପ୍ରତିରୋଧ ପାଇଁ ଉପରୋକ୍ତ ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ପଶୁ ଚିକିତ୍ସକଙ୍କ ସାହାଯ୍ୟରେ କୁକୁଡ଼ାଙ୍କର ଚଞ୍ଚୁ ଛେଦନ କରାଯାଏ । ଯେ କୌଣସି ବୟସରେ ୨ ମାସରେ ଥରେ ଓ ୪ ମାସରେ ଆଉଥରେ ଚଞ୍ଚୁ ଛେଦନ କରାଯାଏ । କୁକୁଡ଼ାର ଉପର ଚଞ୍ଚୁର ଏକ ତୃତୀୟାଂଶକୁ କଇଁଚି ସାହାଯ୍ୟରେ କଟାଯାଇପାରେ ଏବଂ କଟାସ୍ଥାନରେ ଟିଙ୍କଚର୍ ଆୟୋଡିନ୍ ଲଗାଯାଇ ରକ୍ତସ୍ରାବ ବନ୍ଦ କରାଯାଏ । କିନ୍ତୁ ଏବେ ବିଦ୍ୟୁତ, ଚଞ୍ଚୁ ଛେଦନ ସାହାଯ୍ୟରେ ଚଞ୍ଚୁ ଛେଦନ କରାଯାଉଅଛି । ଯାହା ଫଳରେ ଚଞ୍ଚୁକୁ କାଟିବା ସମୟରେ ଲାଲ ଗରମପାତ ଦ୍ୱାରା ପୋଡ଼ି ହୋଇଯିବା ଯୋଗୁଁ ରକ୍ତସ୍ରାବ ବନ୍ଦ ହୋଇଯାଏ । ଉପର ଚଞ୍ଚୁକ କାଟିବା ସଙ୍ଗେ ସଙ୍ଗେ ତଳ ଚଞ୍ଚୁର ମୁନକୁ ଲାଲ ଗରମ ପାତରେ ଘସି ମୁଣ୍ଡିଆ କରିଦିଆଯାଏ ।



**ଅଣ୍ଡା ଭକ୍ଷଣ –**

ଫାର୍ମରେ କୁକୁଡ଼ାମାନଙ୍କର ଅଣ୍ଡା ଭକ୍ଷଣ ଅନ୍ୟ ଏକ ଦୁର୍ଗୁଣ । ଏହି ଦୁର୍ଗୁଣ ଗୋଟିଏ କୁକୁଡ଼ା ଠାରୁ ଅନ୍ୟ କୁକୁଡ଼ାକୁ ଅନୁକରଣ ଦ୍ୱାରା ବ୍ୟାପିଥାଏ । ଫଳରେ ବହୁତ କ୍ଷତି ହୋଇଥାଏ । ଏହି ଦୁର୍ଗୁଣ ଥରେ ଆରମ୍ଭ ହେଲେ, ଏହା ଏକ ଅଭ୍ୟାସରେ ପରିଣତ ହୋଇଥାଏ ।

*କାରଣ –*

**୧। ଖାଦ୍ୟସାର ଅଭାବ –**

ଦାନା ସନ୍ତୁଳିତ ନ ହୋଇଥିଲେ, କେତେକ ପ୍ରକାର ଖାଦ୍ୟସାର ଅଭାବ ହୁଏ । ତେଣୁ କୁକୁଡ଼ାମାନେ ଅଣ୍ଡା ଭକ୍ଷଣ କରି ଖାଦ୍ୟସାର ଅଭାବ ପୂରଣ କରିବାକୁ ଚେଷ୍ଟା କରନ୍ତି ।

(କ) ସାଧାରଣତଃ ଦାନାରେ ଯଦି ପୁଷ୍ଟିସାର କମ୍ ପରିମାଣରେ ଥାଏ କିମ୍ବା ଆବଶ୍ୟକୀୟ ପରିମାଣର ପୁଷ୍ଟିସାର ଥାଇ ଯଦି ଆବଶ୍ୟକୀୟ ଏମିନୋ ଅମ୍ଳ ଯଥା – ମିଥୋୟୋନିନ୍ ଓ ଲାଇସିନ୍‌ର ଅଭାବ ଥାଏ, ତେବେ କୁକୁଡ଼ାଙ୍କର ଅଣ୍ଡା ଭକ୍ଷଣ ଦୁର୍ଗୁଣ ଦେଖାଯାଏ ।

(ଖ) ଦାନାରେ ଯଦି କ୍ୟାଲ୍‌ସିୟମ୍ ଓ ଫସ୍‌ଫରସ୍ ଧାତବ ଲବଣ ଅଭାବ ଥାଏ କିମ୍ବା ଉକ୍ତ ଦୁଇ ଧାତବ ଲବଣ ଉପଯୁକ୍ତ ଅନୁପାତରେ ନ ଥାନ୍ତି, ତାହେଲେ କୁକୁଡ଼ାଙ୍କର ଅଣ୍ଡା ଭକ୍ଷଣ ପ୍ରକୃତି ଜାତ ହୋଇଥାଏ ।

(ଗ) ଦାନାରେ ଯଦି ଜୀବନିକା ବା ଖାଦ୍ୟସାର ଘ ର ଅଭାବ ଥାଏ, ତେବେ ଏହି ଦୁର୍ଗୁଣ ଦେଖାଯାଏ ।

**୨। ଅଣ୍ଡାଦେବା ବସା ସଂଖ୍ୟାର ଅଭାବ –**

ଯଦି କୁକୁଡ଼ା ଘରେ ଅଣ୍ଡା ଦେବା ବସା କୁକୁଡ଼ାଙ୍କ ସଂଖ୍ୟା ଅନୁପାତରେ କମ୍ ଥାଏ, ତେବେ କୁକୁଡ଼ାଙ୍କର ଅଣ୍ଡା ଭକ୍ଷଣ ଦୁର୍ଗୁଣ ଦେଖାଦିଏ । କାରଣ କୁକୁଡ଼ା ଏଣେତେଣେ ଅଣ୍ଡାଦିଏ । ଯାହାଫଳରେ ଅଣ୍ଡା ଭାଙ୍ଗିଯାଏ । କୁକୁଡ଼ା ଥରେ ଅଣ୍ଡାର ସ୍ୱାଦ ଚାଖିଲା ପରେ ଏହା ଅଭ୍ୟାସରେ ପଡ଼ିଥାଏ ।

**୩। ଅଣ୍ଡାଦେବା ବସାରେ ତ୍ରୁଟି –**

ଯଦି ଅଣ୍ଡାଦିଆ ବସା ଟିକିଏ ଅନ୍ଧାରୁଆ ହୋଇ ନଥାଏ, ତେବେ କୁକୁଡ଼ା ଅଣ୍ଡା ଖୁମ୍ପିବାର ସମ୍ଭାବନା ଅଧିକ ହୁଏ । ଅଣ୍ଡାଦିଆ ବାକ୍ସରେ ଅଳ୍ପ କରତ ଗୁଣ୍ଡ ପକାଇ ଦେବା ଉଚିତ୍ । କାରଣ କୁକୁଡ଼ା ଅଣ୍ଡା ଦେଲାବେଳେ ଅଣ୍ଡା ଯେପରି ଭାଙ୍ଗି ନ ଯାଏ ।

**୪। ଠିକ୍ ସମୟରେ ଅଣ୍ଡା ସଂଗ୍ରହ ହେଉ ନ ଥିଲେ –**

ଅଣ୍ଡା ସାଧାରଣତଃ ଦିନକୁ ୨ ଥର ସଂଗ୍ରହ କରିବା ଦରକାର । ଯଦି ଏଥିରେ ତ୍ରୁଟି ପରିଲକ୍ଷିତ ହୁଏ, ତେବେ କୁକୁଡ଼ା ଅଣ୍ଡାଦିଆ ବାକ୍ସ ଭିତରେ ଅଣ୍ଡା ଉପରେ ବସି ପୁନଶ୍ଚ ଅଣ୍ଡା ଦିଅନ୍ତି । ସେତେବେଳେ ଅଣ୍ଡା ଭାଙ୍ଗିଯିବାର ସମ୍ଭାବନା ଅଧିକ ଥାଏ ।

**୫। କୋମଳ ଖୋଳ ଅଣ୍ଡା –**

(କ) କ୍ୟାଲ୍‌ସିୟମ୍, ଫସ୍‌ଫରସ୍, ଧାତବ ଲବଣ ଅଭାବ ଓ ଅସନ୍ତୁଳିତ ଯୋଗୁଁ ଅଣ୍ଡା ଖୋଳ କୋମଳ ହୁଏ ।

(ଖ) ହରମୋନ୍ ଅସ୍ଥିରତା ଯୋଗୁଁ ମଧ୍ୟ କୁକୁଡ଼ା କୋମଳ ଅଣ୍ଡା ଦିଏ । ଏହି କୋମଳ ଅଣ୍ଡାକୁ କୁକୁଡ଼ା ଖାଇବାକୁ ଭଲ ପାଏ । ତେଣୁ ଅଣ୍ଡାର ସ୍ୱାଦ ଚାଖିଲା ପରେ କୁକୁଡ଼ା ଭଲ ଅଣ୍ଡାକୁ ମଧ୍ୟ ଭାଙ୍ଗି ଖାଇବାକୁ ଇଚ୍ଛା କରେ ।

**୬। ଖରାପ ପ୍ରକୃତିର କୁକୁଡ଼ା –**

କୁକୁଡ଼ା ଫାର୍ମରେ ଯଦି ଦୁର୍ଗୁଣ ପ୍ରକୃତି ବା ହିଂସ୍ର ପ୍ରକୃତିର କୁକୁଡ଼ା ଥାଆନ୍ତି, ତେବେ ସେମାନେ ଅନ୍ୟ କୁକୁଡ଼ାକୁ ବା ଅଣ୍ଡାକୁ ଖୁମ୍ପନ୍ତି ଏବଂ ବହୁ ସଂଖ୍ୟାରେ ଅଣ୍ଡା ଭାଙ୍ଗି ଭକ୍ଷଣ ଆରମ୍ଭ କରନ୍ତି । ତାଙ୍କଠାରୁ ଶିଖି ଭଲ କୁକୁଡ଼ା ମଧ୍ୟ ଅଣ୍ଡା ଭାଙ୍ଗି ଖାଇବାକୁ ଆରମ୍ଭ କରନ୍ତି ।

***ପ୍ରତିକାର –***

୧। କୁକୁଡ଼ାମାନଙ୍କ ବୟସ ଓ ସ୍ତର ଅନୁଯାୟୀ ସନ୍ତୁଳିତ ଦାନା ଦେବା ଆବଶ୍ୟକ ।

୨। ଦାନାରେ କ୍ୟାଲ୍‌ସିୟମ୍ ଓ ଫସ୍‌ଫରସ୍ ସନ୍ତୁଳନ ଅଣ୍ଡାଦିଆ କୁକୁଡ଼ାଙ୍କ ପକ୍ଷରେ ଅପରିହାର୍ଯ୍ୟ ।



୩। ଦାନାରେ ଆବଶ୍ୟକ ପରିମାଣର ଭିଟାମିନ୍ 'ଘ'ର ମିଶ୍ରଣ ନିହାତି ଦରକାର ।

୪। ଅଣ୍ଡା ଭକ୍ଷଣକାରୀ ଦୁର୍ଗୁଣ କୁକୁଡ଼ାଙ୍କୁ ଦେଖିଲା ମାତ୍ରେ କୁକୁଡ଼ା ଘରୁ ବାହାର କରି ଆଣିବା ଦରକାର ।

୫। କୁକୁଡ଼ ଘରେ ଯଥେଷ୍ଟ ସଂଖ୍ୟକ ଅଣ୍ଡାଦିଆ ବସା ରଖିବା ଦରକାର ।

୬। କୁକୁଡ଼ା ଘରେ ଅଣ୍ଡାଦିଆ ବସାକୁ ଟିକିଏ ଅନ୍ଧାରୁଆ କରିବା ଓ ବସା ଭିତରେ କିଛି ପରିମାଣରେ କରତଗୁଣ୍ଡ ରଖିବା ଦରକାର ।

୭। କୁକୁଡ଼ାମାନଙ୍କର ଥଣ୍ଟ ଯଥା ସମୟରେ କାଟିବା ଦରକାର ।

୮। କୁକୁଡ଼ା ଘରର କୋଣରେ ଧଳା ରଙ୍ଗର କିମ୍ବା ଅଳ୍ପ ଲାଲ ରଙ୍ଗର କାଠ ଅଣ୍ଡା ରଖିଲେ କୁକୁଡ଼ାମାନେ ଅଣ୍ଡା ଭକ୍ଷଣରୁ ନିବୃତ୍ତ ହୁଅନ୍ତି ।

**ପର ଖୁମ୍ପିବା –**

କୁକୁଡ଼ା ଫାର୍ମରେ ଗୋଟିଏ କୁକୁଡ଼ା ଅନ୍ୟ କୁକୁଡ଼ାର ପର ଖୁମ୍ପିବା ବା ନିଜର ପର ଖୁମ୍ପି ଖାଇବା ଅନ୍ୟ ଏକ ଦୁର୍ଗୁଣ ।

***କାରଣ –***

୧। ସ୍ଥାନାଭାବ – ଫାର୍ମରେ ଗୋଟିଏ ଘରେ କୁକୁଡ଼ାର ଜାତି, ପ୍ରଜାତି ଓ ଅବସ୍ଥା ଅନୁଯାୟୀ ଯେତିକି କୁକୁଡ଼ା ରହିବା କଥା ଯଦି ତାହାଠାରୁ ଅଧିକ ରଖାଯାଏ, ତେବେ ସ୍ଥାନ ପାଇଁ କୁକୁଡ଼ାମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇ ଖୁମ୍ପାଖୁମ୍ପି ହୁଅନ୍ତି ଏବଂ ପର ଖୁମ୍ପିବାକୁ ଆରମ୍ଭ କରନ୍ତି ।

୨। ଖାଦ୍ୟସାର ଅଭାବ – ଦାନାରେ ତନ୍ତୁ ଆବଶ୍ୟକ ପରିମାଣରେ ନ ଥିଲେ, କୁକୁଡ଼ା ଅନ୍ୟ କୁକୁଡାର ପର ଖୁମ୍ପିବାକୁ ଆରମ୍ଭ କରେ ।

୩। ଧାତବ ଲବଣ ଅଭାବ – ଦାନାରେ ଆବଶ୍ୟକ ପରିମାଣର କ୍ୟାଲ୍‌ସିୟମ ଓ ଫସ୍‌ଫରସ୍ ନ ଥିଲେ, କୁକୁଡ଼ାଙ୍କର ଅନ୍ୟ ଦୁର୍ଗୁଣ ସହ ପର ଖୁମ୍ପିବାକୁ ଚେଷ୍ଟା କରେ ।

**ପ୍ରତିକାର –**

୧। କୁକୁଡ଼ାଙ୍କର ଜାତି, ପ୍ରଜାତି ଓ ସ୍ତର ଅନୁଯାୟୀ ଆବଶ୍ୟକ ପରିମାଣର ସ୍ଥାନର ବ୍ୟବସ୍ଥା ନିତାନ୍ତ ଦରକାର ।

୨। କୁକୁଡ଼ା ଦାନାରେ ସାଧାରଣତଃ ସାତ ପ୍ରତିଶତ (ଶତକଡ଼ା ସାତ ଭାଗ ପର୍ଯ୍ୟନ୍ତ) ତନ୍ତୁ ରଖିବା ଉଚିତ୍ । ତାହାଠାରୁ ଅଧିକ ରଖିବା ଉଚିତ୍ ନୁହେଁ ।

୩। କୁକୁଡ଼ା ଦାନାରେ ଆବଶ୍ୟକ ପରିମାଣ ଓ ଅନୁପାତର କ୍ୟାଲ୍‌ସିୟମ୍ ଓ ଫସ୍‌ଫରସ୍ ରଖିବା ଆବଶ୍ୟକ ।

୪। ଯେଉଁ କୁକୁଡ଼ାର ପରଖୁମ୍ପା ହୋଇଥାଏ, ସେହି ଜାଗାରେ ଖୁମ୍ପା ପ୍ରତିରୋଧକ ମଲମ ଲଗାଇବା ଦରକାର ।

୫। ଆଘାତ ପ୍ରାପ୍ତ କୁକୁଡ଼ାଙ୍କୁ ଫାର୍ମରୁ ଅଲଗା ରଖିବା ଦରକାର । ସେହିପରି ଯେଉଁ କୁକୁଡ଼ାଙ୍କ ଠାରେ ପର ଖୁମ୍ପିବା ଦୁର୍ଗୁଣ ଦେଖାଦିଏ, ତାକୁ ତୁରନ୍ତ ବହିଷ୍କାର କରିବା ଦରକାର ।

**ଅଣ୍ଡା ଲୁଚାଇବା –**

ଏହା କୁକୁଡ଼ାମାନଙ୍କର ଏକ ଆଦିମ ପ୍ରବୃତି । ଯେତେବେଳେ କୁକୁଡ଼ା ବ୍ୟବସାୟିକ ଭିତ୍ତିରେ ଆବଦ୍ଧ ଅବସ୍ଥାରେ ପାଳନ କରାଯାଉ ନଥିଲେ, ସେତେବେଳେ କୁକୁଡ଼ାମାନେ ବାହାରେ ବୁଲି ରହୁଥିଲେ । ତେଣୁ ସେମାନେ ବାହାରେ କୌଣସି ଏକ ଅନ୍ଧାରୁଆ ସ୍ଥାନରେ କିମ୍ବା ବୁଦା କଡ଼ରେ ଅଣ୍ଡା ଦିଅନ୍ତି । ଅଣ୍ଡାକୁ କୌଣସି ହିଂସ୍ରଜନ୍ତୁ ଖାଇଯିବା ଭୟରେ ବା କେହି ନେଇଯିବା ଭୟରେ କୁକୁଡ଼ା ତାର ଅଣ୍ଡାଟିକୁ ଲୁଚାଇଦିଏ । କିନ୍ତୁ ଆବଦ୍ଧ ଅବସ୍ଥାରେ କୁକୁଡ଼ା ପାଳନ ଫଳରେ କୁକୁଡ଼ାର ସେପରି ଅଭ୍ୟାସ ଦୂର ହେଉଛି । ତେଣୁ ଉପଯୁକ୍ତ ପରିମାଣର ଅଣ୍ଡାଦିଆ ବସା କୁକୁଡ଼ା ଘରେ ରଖିଲେ କୁକୁଡ଼ା ନିୟମିତ ସେଠାରେ ଅଣ୍ଡାଦିଏ । ତେଣୁ ଅଣ୍ଡା ବସାଟି ଅନ୍ଧାରୁଆ ଓ ବସାରେ ଅଳିଆ ଶେଯ ଥିବା ଦରକାର । ପ୍ରତ୍ୟେକ ଚାରୋଟି କିମ୍ବା ପାଞ୍ଚୋଟି ପେଣ୍ଠି ପାଇଁ ଗୋଟିଏ ଅଣ୍ଡାବସା ଦରକାର । ବସାର ଆକାର ୮" x ୧୨" x ୧୨" ହେବା ଦରକାର । ଅଣ୍ଡା ଗୋଟାଇବାର ସୁବିଧା ପାଇଁ ଅଣ୍ଡାଦିଆ ବସାକୁ ମେଜିଆ ଠାରୁ ଦେଢ଼ଫୁଟ ଉପରେ



ରଖାଯାଏ ଏବଂ କୁକୁଡ଼ା ବସା ଭିତରକୁ ଯିବାପାଇଁ ଉପଯୁକ୍ତ ପାହାଚ ଥିବା ଦରକାର । ଯଦି ଆବଶ୍ୟକୀୟ ପରିମାଣର ଅଣ୍ଡାଦିଆ ବାକ୍ସ ନଥାଏ, ତାହାହେଲେ କୁକୁଡ଼ା ଘରର କୌଣସି କଣରେ ଅଣ୍ଡା ଦେଇ ଘୋଡ଼ାଇ ଦିଏ । ତେଣୁ ଅଣ୍ଡା ସଂଗ୍ରହ କରିବାରେ ଅସୁବିଧା ହୁଏ । ସମୟ ସମୟରେ କେତେକ ଅଣ୍ଡା ମଧ୍ୟ ସଂଗ୍ରହ କରାନ ଯାଇ ରହିଯାଏ କିମ୍ବା ଅଣ୍ଡା ସଂଗ୍ରହ କଲାବେଳେ ଗୋଡ଼ ପଡ଼ି ଭାଙ୍ଗିଯିବାର ଆଶଙ୍କା ଥାଏ ।

*****

*ମୂଳ ବିଷୟ ବସ୍ତୁ*
**ଡଃ ଶରତ ଚନ୍ଦ୍ର ମିଶ୍ର**
**ଡଃ ପ୍ରବୀଣ କୁମାର ଦେହୁରୀ**
**ଡଃ ପ୍ରସନ୍ନ କୁମାର ମିଶ୍ର**

*ସଂଶୋଧିତ ବିଷୟବସ୍ତୁ*
**ଡଃ ପ୍ରସନ୍ନ କୁମାର ମିଶ୍ର**
ପ୍ରଫେସର, କୁକ୍କୁଟ ବିଜ୍ଞାନ ବିଭାଗ
ଓୟୁଏଟି, ଭୁବନେଶ୍ୱର

ଓୟୁଏଟି ପ୍ରେସ୍, ୫୦୦, ୨୦୧୪

## କୁକୁଡ଼ା ପାଳନ (ସପ୍ତମ ପାଠ)

# ଦୂରଶିକ୍ଷା କାର୍ଯ୍ୟକ୍ରମ

### ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩

ଦୟାକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଏହି କାଗଜରେ ଲେଖି ୭ ଦିନ ଭିତରେ ଆମ ପାଖକୁ ପଠାନ୍ତୁ ।

***ଆପଣଙ୍କ ପାଇଁ ପ୍ରଶ୍ନ***

ପ୍ର. ୧-କେତେ ସପ୍ତାହର ହେଲେ କ୍ୱେଲ୍ ପ୍ରଜନନକ୍ଷମ ହୁଏ ?

ଉ-

ପ୍ର. ୨- କ୍ୱେଲ୍ ଛୁଆ ରଖିବା ପାଇଁ ପ୍ରଥମେ ଘରର ଉତ୍ତାପ କେତେ ହେବା ଦରକାର ?

ଉ-

ପ୍ର. ୩- ତୃତୀୟ ସପ୍ତାହ ଶେଷବେଳକୁ କ୍ୱେଲ୍ କେତେ ଘଣ୍ଟା ଆଲୋକ ଦରକାର କରିଥାଏ ?

ଉ-

ପ୍ର. ୪- ଅଣ୍ଡାଦେବା ସମୟରେ ଗୋଟିଏ ଗ୍ରାମ୍ ଅଣ୍ଡା ପାଇଁ କ୍ୱେଲ୍ କେତେ ଦାନା ଦରକାର କରିଥାଏ ?

ଉ-

ପ୍ର. ୫- ଏକ ହଜାର ବ୍ରୟଲର କ୍ୱେଲ୍ ପାଳନ କଲେ କେତେ ଲାଭ ମିଳେ ?

ଉ-

ଚାଷୀଙ୍କ ସ୍ୱାକ୍ଷର -

ଡାକ ଠିକଣା

କ୍ରମିକ ନଂ -

ତାରିଖ -

ଏଠାରୁ ଚିରନ୍ତୁ